

ମହିଳା ବିଶ୍ୱକପ୍ ସେମିରେ ଭାରତ
▶ପୃଷ୍ଠା ୧୨ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 43 •ISSUE-117 •FRIDAY •24 OCTOBER 2025 •PAGE-12 •₹ 6.00 | BHUBANESWAR | •ବର୍ଷ-୪୩ •ସଂଖ୍ୟା-୧୧୭ •ଶୁକ୍ରବାର •୨୪ ଅକ୍ଟୋବର ୨୦୨୫ •ପୃଷ୍ଠା-୧୨ •ଟ.୬.୦୦


## ପୁଲିସ ଚାକିରି ବେପାର

# ମାମଲା ରୁଜୁ କଲା ସିବିଆଇ

## ମାମଲା ସମ୍ପର୍କିତ ଦସ୍ତାବିଜ୍ ହସ୍ତାନ୍ତର କଲା କ୍ରାଇମବ୍ରାଞ୍ଚ

■ **ଭୁବନେଶ୍ୱର, ୨୩।୧୦ (ସମିସ):** ପୁଲିସ ଏସ୍‌ଆଇ ଚାକିରି ବିକ୍ରି ମାମଲାରେ ମୁଖ୍ୟମନ୍ତ୍ରୀଙ୍କ ସୁପାରିସ କ୍ରମେ ଆଜି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ ବା ସିବିଆଇ ମାମଲା ରୁଜୁ କରିଥିବା ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଛି। ସିବିଆଇର ଏକ ଦୁଇ ଜଣିଆ ଟିମ୍ କ୍ରାଇମବ୍ରାଞ୍ଚ ଅଫିସ୍ ଯାଇ ମାମଲା ସମ୍ପର୍କିତ ଏକାଧିକ ଦସ୍ତାବିଜ୍ ସଂଗ୍ରହ କରିଛି। ଦସ୍ତାବିଜ୍‌କୁ ପରଖିବା ପରେ ସିବିଆଇ ଆଇନଗତ ପ୍ରସ୍ତୁତି ଆରମ୍ଭ କରିବା ସହ ୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ କରିଥିବା ଜଣାପଡ଼ିଛି। ଖୁବ୍‌ଶୀଘ୍ର କୋର୍ଟରୁ ଅନୁମତି ନେଇ ସିବିଆଇ ମୁନା ଏବଂ ଅନ୍ୟ ଦଲାଲଙ୍କୁ ଜେଲ୍ ଭିତରେ ପଚରାଉଚରା କରିବ ବୋଲି ସୂଚନା ମିଳିଛି।

**୧୨ଟି ସ୍ଥାନରେ ଚଢ଼ଉ ପାଇଁ ତାଲିକା ପ୍ରସ୍ତୁତ**

ଏହି ମାମଲାରେ ଅଦ୍ୟାବଧି ହୋଇଥିବା କ୍ରାଇମବ୍ରାଞ୍ଚ ତଦନ୍ତରୁ ଦୁର୍ନୀତିର ଚେର ଆନ୍ଧ୍ରପ୍ରଦେଶ ଓ ପଶ୍ଚିମବଙ୍ଗକୁ ଲମ୍ବିଥିବା ଜଣାପଡ଼ିଛି। ଏଥିରେ ସଂଗଠିତ ଆନ୍ତଃରାଜ୍ୟ ଅପରାଧୀ ଗ୍ୟାଙ୍ଗର ସଂପୃକ୍ତି ଥିବା ମଧ୍ୟ ସନ୍ଦେହ କରାଯାଉଛି। ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲାରେ ଆଜି ସୁଦ୍ଧା ୧୨୩ ଜଣଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିବା ବେଳେ ସେମାନଙ୍କ ମଧ୍ୟରେ ୯ ଜଣ ଦଲାଲ୍ ଅଛନ୍ତି।

## ସନ୍ଦେହ ଘେରରେ ତ୍ରିନାଥ, ସୁନିଲ୍ ଓ ଗୋବିନ୍ଦର ଭୂମିକା

■ **ଭୁବନେଶ୍ୱର, ୨୩।୧୦(ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ମାମଲାର ତଦନ୍ତ ଦାୟିତ୍ୱ ସିବିଆଇ ହାତକୁ ଯିବା ପରେ ରାଜ୍ୟ ବାହାରେ ବସିଥିବା ଦଲାଲ୍‌ଙ୍କ ନିଦ ହଜିଛି। ଅନୁସନ୍ଧାନରୁ ଜଣାପଡ଼ିଛି ଯେ ଦଲାଲ୍ ମୁନ୍ନା ମହାନ୍ତିର ପ୍ରତ୍ୟକ୍ଷ ତତ୍ୱାବଧାନରେ ଆନ୍ଧ୍ର ପ୍ରଦେଶର ଗୋବିନ୍ଦ ରେଡ୍ଡି ନାମକ ଜଣେ ବ୍ୟକ୍ତି ପରୀକ୍ଷାର୍ଥୀଙ୍କ ପାଇଁ ସମସ୍ତ ବ୍ୟବସ୍ଥା କରିବା ସହ ତାଙ୍କର ଜଣେ ଖାସ୍ ସହଯୋଗୀ ଭାବେ ସେ ସବୁ ବୁଝାବୁଝି କରୁଥିଲା। ଏପରିକି ଗୋବିନ୍ଦ ହିଁ ପ୍ରଶ୍ନପତ୍ର ପ୍ରିଣ୍ଟିଂ ସ୍ଥାନରୁ ଆଣିବା ଦାୟିତ୍ୱ ନେଇଥିବା ଜଣାପଡ଼ିଛି। ଘଟଣା ପରେ ଗୋବିନ୍ଦ ଦିଲ୍ଲୀରେ ଡେରା ପକାଇ ସୁପ୍ରିମ୍‌କୋର୍ଟରେ ଆଗୁଆ ଜାମିନ୍ ପାଇଁ ଆବେଦନ କରିବାକୁ ବିଚାରବିମର୍ଶ କରିଥିଲା। ହେଲେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ ପରିସରରେ ସେ ଆସୁ ନ ଥିବା ପ୍ରାୟ ନିଶ୍ଚିତ ହେବା ପରେ ସେ ଆଗୁଆ ଜାମିନ୍ ଆବେଦନ କରି ନ ଥିଲା। ଏବେ ସିବିଆଇକୁ ମାମଲା ହସ୍ତାନ୍ତର ହେଉଥିବା ଆଗୁଆ ଖବର ପାଇବା ପରେ ଗୋବିନ୍ଦ ଓ ତା'ର ଘନିଷ୍ଠ ସହଯୋଗୀ ତ୍ରିନାଥ ଦେଶ ବାହାରକୁ ପଳାଇଯିବାକୁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।

ଅନ୍ୟପକ୍ଷରେ ୨୦୨୩ ସିଭିଲ୍ ଜେଇଇ ପ୍ରଶ୍ନପତ୍ର ପ୍ରଘଟ ମାମଲାରେ ଗିରଫ ହୋଇଥିବା ପଙ୍ଗା ସୁନିଲ୍ ଓ ଗୋବିନ୍ଦ ତ୍ରୀପାଠୀ ମଧ୍ୟ ପୁଲିସ ଏସ୍‌ଆଇ ଚାକିରି ବିକ୍ରିରେ ସମ୍ପୃକ୍ତ ଥିବା ଅନୁସନ୍ଧାନରୁ ଜଣାପଡ଼ିଛି। ୧୧୦ ଜଣ ପରୀକ୍ଷାର୍ଥୀଙ୍କୁ ନେଇ ପ୍ରସ୍ତୁତ ହୋଇଥିବା ଦୀଘା ମଡେଲ୍ ଘଟଣାରେ ଗିରଫ ଅରବିନ୍ଦକୁ ଏମାନେ ସହଯୋଗ କରୁଥିଲେ। ଖାସ୍ କରି ପରୀକ୍ଷାର୍ଥୀଙ୍କୁ ଯୋଗାଡ଼ କରିବାରେ ଏମାନେ ପ୍ରମୁଖ ଭୂମିକା ନେଇଥିଲେ। ଭଦ୍ରକ ଜିଲ୍ଲାର ଜଣେ ପରୀକ୍ଷାର୍ଥୀ ୨ଲକ୍ଷ ଟଙ୍କା ଅଗ୍ରୀମ ଦେଇଥିଲେ। ଅବଶିଷ୍ଟ ଟଙ୍କା ଦୀଘାରେ ଦେବାକୁ କହିଥିଲେ। ଯୋଜନା ଭଣ୍ଡୁର ହେବାରୁ ସମ୍ପୃକ୍ତ ପରୀକ୍ଷାର୍ଥୀଙ୍କୁ ସମସ୍ତ ଟଙ୍କା ତୁରନ୍ତ ଫେରାଇ ଦେଇଥିବା ମଧ୍ୟ ସୂଚନା ମିଳିଛି। ଏପରିକି ତାଙ୍କ ନାମ କହିଲେ ପରୀକ୍ଷାର୍ଥୀଙ୍କୁ ମଧ୍ୟ ପୁଲିସ୍ ବାନ୍ଧିବ ବୋଲି ଚେତାବନୀ ଦେଇଥିଲେ। ହେଲେ କ୍ରାଇମ୍‌ବ୍ରାଞ୍ଚ ଡିଜି ପରୀକ୍ଷାର୍ଥୀଙ୍କୁ ତଥ୍ୟ ଦେବାକୁ ଆହ୍ୱାନ କରିବା ପରେ ପରୀକ୍ଷାର୍ଥୀ ଜଣକ ନିଜଆଡ଼ୁ ତଥ୍ୟ ଦେବାକୁ ଆଗ୍ରହୀ ଅଛନ୍ତି। ପଞ୍ଚସଫ୍ଟର ମାଲିକ ଶଙ୍କର ପୃଷ୍ଟିକୁ ହିଁ ମାଷ୍ଟରମାଇଣ୍ଡ ବୋଲି କ୍ରାଇମ୍‌ବ୍ରାଞ୍ଚ ଅଭିହିତ କରି ତଦନ୍ତକୁ ସୀମିତ ରଖିଥିବାରୁ ବିଭିନ୍ନ ଅନାଲୋଚିତ ଦିଗ ଉନ୍ମୋଚନ ହୋଇ ପାରି ନ ଥିବା ଆଇନଜ୍ଞମାନେ ମତବ୍ୟକ୍ତ କରୁଛନ୍ତି।

## କାରବାଇଡ୍ ବନ୍ଧୁକ ବାଣ ହେଲା କାଳ

# ଦୃଷ୍ଟିଶକ୍ତି ହରାଇଲେ ୧୪ ଶିଶୁ





■ **ଭୋପାଳ, ୨୩।୧୦ (ଏଜେନ୍ସି):** ମଧ୍ୟପ୍ରଦେଶରେ ଦୀପାବଳି ଉତ୍ସବ ପାଳନ ବେଳେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି। ବାଣ ଫୁଟାଇବାର ମଜା ନେବାଲାଗି ପିଲାମାନେ କାରବାଇଡ୍ ବନ୍ଧୁକ ବ୍ୟବହାର କରିବାରୁ ଏହା ସେମାନଙ୍କ ଲାଗି ଘାତକ ସାବ୍ୟସ୍ତ ହୋଇଛି। ଏହି ବନ୍ଧୁକରେ ବାଣ ଫୁଟାଇବାରୁ ବିସ୍ଫୋରଣ ହୋଇ ୧୨୨ ଶିଶୁ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧୪ ଶିଶୁଙ୍କର ଆଖି ନଷ୍ଟ ହୋଇଯାଇଛି। ମଧ୍ୟପ୍ରଦେଶର ବିଭିନ୍ନ ସ୍ଥାନରୁ ଏଭଳି କଷ୍ଟଦାୟକ ଖବର ମିଳିବାରେ ଲାଗିଛି।

**୧୨୨ ଶିଶୁ ମେଡିକାଲରେ ଭର୍ତ୍ତି**

ପ୍ରତିବର୍ଷ ଦୀପାବଳିରେ ବାଣ ଫୁଟାଇବା ଲାଗି ବିଭିନ୍ନ ପ୍ରକାର ସରଞ୍ଜାମ ବଜାରକୁ ଆସେ। ସେହିଭଳି ଏଥର ମଧ୍ୟପ୍ରଦେଶର ବିଭିନ୍ନ ବଜାରରେ କାରବାଇଡ୍ ଗନ୍ ବା ଦେଶୀ ବନ୍ଧୁକ ବାଣ ଆସିଥିଲା। ପ୍ଲାଷ୍ଟିକ୍ ଓ ଟିଣ ପାଇପ୍‌ରେ ନିର୍ମିତ ଏହି ବାଣରେ ଗନପାଉଡର, କାଲସିୟମ କାରବାଇଡ୍ ଓ ମାଚିସ୍ ଭର୍ତ୍ତି ହୋଇ ରହିଥାଏ। ଏଥିରେ ନିଆଁ ଲଗାଇବା ମାତ୍ରେ ଭୀଷଣ ବିସ୍ଫୋରଣ କରେ। ଏହି କାରବାଇଡ୍ ଗନଗୁଡ଼ିକ ମାରାତ୍ମକ ହୋଇଥିବାରୁ ଏହାର ତିଆରି ଓ ବିକ୍ରି ଉପରେ ମଧ୍ୟପ୍ରଦେଶ ସରକାର ଗତ ୧୮ ତାରିଖରେ କଟକଣା ଜାରି କରିଥିଲେ। ଏହାସତ୍ତ୍ୱେ ବିଭିନ୍ନ ଦୋକାନ ବଜାରରେ ଖେଳନା ଭଳି ଏହାର ବିକ୍ରି ହୋଇଥିଲା। ୧୫୦ରୁ ୨୦୦ ଟଙ୍କା ଭିତରେ ବିକ୍ରି ହୋଇଥିବା ▶ପୃଷ୍ଠା-୭

## ବିକ୍ରମ ପଣ୍ଡାଙ୍କୁ ନ୍ୟାୟ ଓ ବିଚାରବିଭାଗୀୟ ତଦନ୍ତ ଦାବି

# ପ୍ରତିବାଦ ସଭାରେ ଗର୍ଜିଲା ବିଜେଡି

■ **ବ୍ରହ୍ମପୁର, ୨୩।୧୦ (ସମିସ):** ରାଜ୍ୟରେ ଶାସକ ଦଳର ହାତବାରିସି ସାଜି ଦଳୀୟ ନେତାଙ୍କ ଇଙ୍ଗିତରେ କାର୍ଯ୍ୟ କରୁଛି ପୁଲିସ। ନୂଆପଡ଼ା ଉପ-ନିର୍ବାଚନରେ ବିଜେଡି ପ୍ରତି ମିଳୁଥିବା ଜନସମର୍ଥନରେ ଅସହ୍ୟ ହୋଇ ବିକ୍ରମ ପଣ୍ଡାଙ୍କ ଭଳି ଜଣେ ଉଦୀୟମାନ ନେତାଙ୍କୁ ଗିରଫ କରାଯାଇଛି। ବିଜେଡିକୁ ବଦନାମ କରିବା ଓ ବିକ୍ରମଙ୍କ ରାଜନୈତିକ କ୍ୟାରିଅର୍‌କୁ ନଷ୍ଟ କରିବା ଉଦ୍ଦେଶ୍ୟରେ ଶାସକ ବିଜେପି ପୁଲିସର ଏମିତି ଅପବ୍ୟବହାର କରିଛି। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବ୍ରହ୍ମପୁରଠାରେ ଆଜି ଆୟୋଜିତ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଓ ପ୍ରତିବାଦ ସଭାରେ ଏମିତି ସଂଗିନ୍ ଅଭିଯୋଗ ଆଣି ରାଜ୍ୟ ବିଜେପି ସରକାର ଉପରେ ଭୀଷଣ ଗର୍ଜିଛି ବିଜେଡି। ବିକ୍ରମ ପଣ୍ଡାଙ୍କୁ ନ୍ୟାୟ ପ୍ରଦାନ ଓ ହାଇକୋର୍ଟର ଜଣେ ବିଚାରପତିଙ୍କ ଜରିଆରେ ଏହାର ବିଚାର ବିଭାଗୀୟ ତଦନ୍ତ କରାଯାଉ ବୋଲି ବିଜେଡି ଦାବି କରିଛି। ପୂର୍ବତନ ସାଂସଦ ତଥା ବିଜେଡିର ବରିଷ୍ଠ



**ମନ୍ତ୍ରୀଙ୍କୁ ଖସାଇବାକୁ ଯାଇ ବିଜେଡି ନେତାଙ୍କୁ ଫସାଇ ଦିଆଯାଇଛି**

**ସମଗ୍ର କାହାଣୀର ସ୍କ୍ରିପ୍ଟ ଲେଖିଛନ୍ତି ରାଜ୍ୟ ବିଜେପି ସଭାପତି**

ରାଜ୍ୟ ଉପ-ସଭାପତି ଚନ୍ଦ୍ରଶେଖର ସାହୁଙ୍କ ନେତୃତ୍ୱରେ ଆୟୋଜିତ ଶୋଭଯାତ୍ରା ସ୍ଥାନୀୟ ହିଲପାଟଣାସ୍ଥିତ ସଂସ୍କୃତିଭବନ ନିକଟରୁ ବାହାରି ସହର ପରିକ୍ରମା କରିବା ପରେ ଗାନ୍ଧିନଗର ଛକଠାରେ ପହଞ୍ଚିଥିଲା। ପରେ ସେଠାରେ ବିଜେଡିର ମୁଖପାତ୍ର ତୁମ୍ବନାଥ ପଣ୍ଡାଙ୍କ ସଂଯୋଜନାରେ ପ୍ରତିବାଦ ସଭା କରାଯାଇଥିଲା। ଏଥିରେ ସାମିଲ ସହସ୍ରାଧିକ ଦଳୀୟ ନେତା ଓ କର୍ମୀ କଳାବ୍ୟାଜ୍ ପିନ୍ଧି ପ୍ରତିବାଦ ଜଣାଇଥିଲେ। ବିକ୍ରମ ପଣ୍ଡାଙ୍କ ଅନ୍ୟାୟପୂର୍ଣ୍ଣ ଗିରଫଦାରୀର ପ୍ରତିବାଦ କରିଥିଲେ।

ସଭାରେ ବରିଷ୍ଠ ନେତା ଭୃଗୁ ବକ୍ସିପାତ୍ର ସିଧାସଳଖ ପୁଲିସର ତଦନ୍ତ ଓ ଜେରାକୁ ଟାର୍ଗେଟ୍ କରିଥିଲେ। ତଦନ୍ତ ନିରପେକ୍ଷ ନୁହେଁ, ବରଂ ଶାସକ ବିଜେପି ଦଳ ଦ୍ୱାରା ରଚିତ ଷଡ଼୍‌ଯନ୍ତ୍ର ବୋଲି ଅଭିଯୋଗ କରିଥିଲେ। ମନ୍ତ୍ରୀଙ୍କୁ ଖସାଇବାକୁ ଯାଇ ବିଜେଡି ନେତାଙ୍କୁ ଫସାଇ ଦିଆଯାଇଛି। ରାଜ୍ୟ ବିଜୁ ଯୁବ ଜନତା ଦଳର ସଭାପତି ଚିନ୍ମୟ ସାହୁ କହିଥିଲେ, ▶ପୃଷ୍ଠା-୭

## 'କ୍ରିପ୍ଟୋ କରେନ୍ସି' ମହାଠକେଇ

# କଟକରୁ ୩୨ ସନ୍ଦିଗ୍ଧ ଗିରଫ

## ୪ଟି ପଶ୍ଚିମବଙ୍ଗ କାର୍, ଗୋଟିଏ କ୍ରିପ୍ଟୋ-ୱାଲେଟ୍ ମେସିନ୍, ୩୫ଟି ମୋବାଇଲ୍, ମାଳମାଳ ଆଧାର ଓ ପାନ୍‌କାର୍ଡ ଜବତ

■ **କଟକ, ୨୩।୧୦ (ସମିସ):** କ୍ରିପ୍ଟୋରେ ନିବେଶ ଆଳରେ ପଶ୍ଚିମବଙ୍ଗରୁ ପାଖାପାଖି ୧୦୦ କୋଟି ଟଙ୍କା ଚୂନ ମାରିବା ପରେ ଓଡ଼ିଶାମୁହାଁ ହୋଇଥିଲେ। ଏଠି ବି ଲୋକଙ୍କୁ ସେଇ ସ୍ୱପ୍ନ ଦେଖାଇଥିଲେ। ବୁଢ଼ିଆଣୀ ଜାଲ ଭଳି ରାତାରାତି କୋଟିପତି ହେବାର ସ୍ୱପ୍ନ ଦେଖାଇ ଠକିବା ପାଇଁ ଜାଲ ବିଛାଇଥିଲେ। ଏଥର କିନ୍ତୁ ଲକ୍ଷ୍ୟ ଆହୁରି ବଡ଼ ଥିଲା। ସେଥିପାଇଁ ନେଟ୍‌ୱାର୍କ ତିଆରି କରିଥିଲେ। କିଛି ଲୋକଙ୍କୁ ପାଲରେ ପକାଇଥିଲେ। ପୁରୀ ନେଇ ବୁଲାବୁଲି କରାଇବା ସହ ହୋଟେଲରେ ରଖିଥିଲେ। କିନ୍ତୁ ସବୁ ଫସର ଫାଟିଗଲା; ଠିକ୍ ବେଳେ ପୁଲିସ ମାଡ଼ି ବସିଲା। ଚାଉଳିଆଗଞ୍ଜ ପୁଲିସ ଆଜି ଶିଖରପୁର ଛକରେ ଥିବା ଜସ୍ମିନ୍ ହୋଟେଲ୍‌ରେ ଚଢ଼ଉ କରି ୩୨ଜଣଙ୍କୁ ଗିରଫ କରିଛି। ସମସ୍ତଙ୍କ ଘର କୋଲକାତାରେ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ଓଡ଼ିଆ ଯୁବକ। ଏମାନଙ୍କ ମଧ୍ୟରେ ୨ଜଣ ମାଷ୍ଟରମାଇଣ୍ଡ ଥିବା ଜଣାଯାଇଛି। ସେମାନଙ୍କଠାରୁ ୩୫ଟି ମୋବାଇଲ୍, ୪ଟି କାର୍, ଗୋଟିଏ କ୍ରିପ୍ଟୋ ୱାଲେଟ୍ ମେସିନ୍ ଏବଂ ମାଳମାଳ ଆଧାର ଓ ପ୍ୟାନ୍‌କାର୍ଡ ଜବତ କରାଯାଇଛି। ଖୁବ୍‌ଶୀଘ୍ର ମାମଲା ରୁଜୁ କରାଯାଇ ସମସ୍ତ ଅଭିଯୁକ୍ତଙ୍କୁ ଜେଲ୍ ପଠାଯିବ ବୋଲି ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓ ସୂଚନା ଦେଇଛନ୍ତି। ▶ପୃଷ୍ଠା-୭



## ଆଇନଜୀବୀ ପୀତବାସ ହତ୍ୟା ମାମଲା


# କୁରୁପତିକୁ ଆଶ୍ରୟ ଦେଇଥିବା ଫାର୍ମ ହାଉସ୍ ମାଲିକ ଗିରଫ

■ **ବ୍ରହ୍ମପୁର, ୨୩।୧୦ (ସମିସ):** ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ପୁଲିସ ଆଜି ଆଉ ଜଣେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ, ଜୟପୁରର ଫାର୍ମହାଉସ୍ ମାଲିକ ସୁନୀଲ ହୋତା। ଏହି ମାମଲାରେ ସୁଦର୍ଶନ ଜେନା ନାମକ ଅନ୍ୟ ଜଣେ ବ୍ୟକ୍ତି ଏସ୍‌ପି ସର୍ବଣା ବିବେକ ଏମ୍‌ଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଗୁରୁବାର ସନ୍ଧ୍ୟାରେ ବୈଦ୍ୟନାଥପୁର ଥାନାରେ ସୁଦର୍ଶନଙ୍କୁ ୩ ଘଣ୍ଟା ଜେରା ପରେ ଛାଡ଼ିଦିଆଯାଇଛି। ସୁଦର୍ଶନ ତଦନ୍ତରେ ସହଯୋଗ କରୁଛନ୍ତି ବୋଲି ଏସ୍‌ପି କହିଛନ୍ତି।

**ଥାନାରେ ଜେରା ପରେ ସୁଦର୍ଶନଙ୍କୁ ଛାଡ଼ିଲା ପୁଲିସ**

**ବିକ୍ରମଙ୍କ ସମେତ ୩ ଜଣଙ୍କ ଜାମିନ ଆବେଦନ**

ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମଲାରେ ବର୍ତ୍ତମାନ ସୁଦ୍ଧା ଗିରଫଙ୍କ ସଂଖ୍ୟା ୧୩କୁ ବୃଦ୍ଧି ପାଇଛି। ମାମଲାର ଦୁଇ ମୁଖ୍ୟ ଅଭିଯୁକ୍ତ କୁରୁପତି ଭୂୟାଁ ଓ ଉମା ବିଷୋୟୀ ଏବେ ବି ଫେରାର ରହିଛନ୍ତି। କୁରୁପତି ପୀତବାସଙ୍କୁ ଗୁଳି କରିବା ପରେ ଜୟପୁର ଚାଲିଯାଇଥିଲା। ଯିବା ବେଳେ ସାଥିରେ ଉମାଙ୍କୁ ବି ନେଇଥିଲା। ସେଠାରେ ପହଞ୍ଚିବା ପରେ ସୁନୀଲ ହୋତାଙ୍କ ଫାର୍ମ ହାଉସ୍‌ରେ ଉଭୟ ଆଶ୍ରୟ ନେଇଥିଲେ। ହତ୍ୟା ମାମଲାରେ କୁରୁପତି ଓ ଉମା ସମ୍ପୃକ୍ତ ଥିବା ଜାଣି ମଧ୍ୟ ସୁନୀଲ ସେମାନଙ୍କୁ ନିଜ ଫାର୍ମହାଉସରେ ଆଶ୍ରୟ ଦେଇଥିବାରୁ ପୁଲିସ ସୁନୀଲଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ଗୁରୁବାର ବିକ୍ରମ ପଣ୍ଡା, ମଳୟ ବିଶୋୟୀ ଓ ମଦନ ଦଳେଇ ନିଜ ଓକିଲଙ୍କ ଜରିଆରେ ବ୍ରହ୍ମପୁର ଏସ୍‌ଡିଜେଏମ୍ କୋର୍ଟରେ ଜାମିନ ଆବେଦନ କରିଛନ୍ତି। ସେମାନଙ୍କ ସପକ୍ଷରେ ଶତାଧିକ ଆଇନଜୀବୀ ତଳ କୋର୍ଟରେ ଓକିଲାତିନାମା ଦାଖଲ କରିଛନ୍ତି।

## ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ଜଙ୍ଗଲ ରାଜ ଫେରିବ: ପ୍ରଶାନ୍ତ କିଶୋର



ପାଟନା, ୨୩।୧୦ (ଏଜେନ୍ସି): ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣାକୁ ନେଇ ଜନ ସୁରାଜ ଦଳର ମୁଖିଆ ତଥା ନିର୍ବାଚନ ରଣନୀତିକାର ପ୍ରଶାନ୍ତ କିଶୋର ଇଣ୍ଡିଆ ମହାମେଣ୍ଟକୁ ତୀବ୍ର ସମାଲୋଚନା କରିଛନ୍ତି। ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେଲେ ଜଙ୍ଗଲ ରାଜ ଫେରିବ ବୋଲି ସେ କହିଛନ୍ତି। ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତର ଦେଇ ପ୍ରଶାନ୍ତ କହିଥିଲେ ଯେ ଯଦି ଲାଲୁ ଯାଦବଙ୍କ ଜଙ୍ଗଲ ରାଜ ପୁଣି ଫେରେ ତେବେ ତେଜସ୍ୱୀ ମୁଖ୍ୟମନ୍ତ୍ରୀ ହେବେ ବୋଲି ଆଶା କରାଯାଉଥିଲା। ତେଣୁ ଏଥିରେ କିଛି ନୂଆ ନାହିଁ। ଆଉ କିଛି ଦିନ ପରେ ବିହାରକୁ ସୁନାର ଲଙ୍କା କରିଦେବେ ବୋଲି ତେଜସ୍ୱୀ ଘୋଷଣା କରିବେ। ଲାଲୁଙ୍କ ଭୟରୁ ବାହାରିବା ପାଇଁ ଲୋକେ ବିଜେପିକୁ ଭୋଟ ଦେଉଛନ୍ତି। ଆଉ କୌଣସି କାରଣ ପାଇଁ ଲୋକେ ବିଜେପିକୁ ଭୋଟ ଦେଉନାହାନ୍ତି। କିନ୍ତୁ ଏବେ ଲୋକଙ୍କ ପାଖରେ ଜନସୁରାଜ ଦୃଢ଼ ବିକଳ୍ପ ଭାବେ ଛିଡ଼ା ହୋଇଛି। ତେଣୁ ଚଳିତ ଥର ଲୋକେ କୌଣସି ଭୁଲ୍ କରିବେ ନାହିଁ ବୋଲି ପ୍ରଶାନ୍ତ କିଶୋର କହିଛନ୍ତି।

## ଦିଲ୍ଲୀରେ ବିହାରର ୩ ଅପରାଧୀଙ୍କୁ ଏନ୍‌କାଉଣ୍ଟର

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଦିଲ୍ଲୀରେ ୪ ଅପରାଧୀଙ୍କୁ ଏନ୍‌କାଉଣ୍ଟର କରାଯାଇଛି। ଏମାନଙ୍କ ମଧ୍ୟରୁ ୩ ଜଣ ବିହାର ସୀତାମଢ଼ୀର ବାସିନ୍ଦା। ଦିଲ୍ଲୀ କ୍ରାଇମ ବ୍ରାଞ୍ଚ ଏବଂ ବିହାର ପୁଲିସର ମିଳିତ ଟିମ୍ ଏହି ଏନ୍‌କାଉଣ୍ଟର କରିଛି। ପ୍ରାଣ ହରାଇଥିବା ଏହି ଦୁର୍ଦ୍ଦାନ୍ତ ଆତଙ୍କବାଦୀ ବିହାର ନିର୍ବାଚନରେ ଆତଙ୍କ ମଚାଇବାକୁ ଯୋଜନା କରିଥିଲେ ବୋଲି ବିହାର ଡିଜିପି ବିନୟ କୁମାର କହିଛନ୍ତି। ବୁଧବାର ବିଳମ୍ବିତ ରାତି ପ୍ରାୟ ୨ଟା ୨୦ରେ ବାହାଦୂର ଶାହା ମାର୍ଗର ଡ. ଆମ୍ବେଦକର ଛକରୁ ପନ୍‌ସାଲି ଛକ ମଧ୍ୟରେ ଏହି ଏନ୍‌କାଉଣ୍ଟର ହୋଇଥିଲା। ଅପରାଧୀ ଏବଂ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ଏଥିରେ ରଞ୍ଜନ ପାଠକ (୨୫), ବିମଲେଶ ମହତୋ (୨୫), ମନୀଷ ପାଠକ (୩୩) ଏବଂ ଅମନ ଠାକୁର (୨୧) ଦେହରେ ଗୁଳି ବାଜିଥିଲା। ସମସ୍ତଙ୍କୁ ରୋହିଣୀ ସ୍ଥିତ ଡ. ବିଏସଏ ହସ୍ପିଟାଲକୁ ନିଆଯାଇଥିଲା। ମାତ୍ର ଡାକ୍ତର ସେଠାରେ ସମସ୍ତଙ୍କୁ ମୃତ ଘୋଷଣା କରିଥିଲେ। ରଞ୍ଜନ, ବିମଲେଶ ଏବଂ ମନୀଷ ବିହାରର ବାସିନ୍ଦା ଥିଲେ। ଏମାନଙ୍କ ନିକଟରୁ ମାରଣାସ୍ତ୍ର ଜବତ କରାଯାଇଛି ବୋଲି ଡିଜିପି କହିଛନ୍ତି। ଏହି ଅପରାଧୀ 'ସିଗ୍‌ମା ଆଣ୍ଡ କମ୍ପାନୀ' ଗ୍ୟାଙ୍ଗ ଚଳାଇ ଥିଲେ। ରଞ୍ଜନ ପାଠକ ଏହାର ମୁଖ୍ୟ ଥିଲା।

## ଅଭିଭାବକଙ୍କ ବେଆଇନ ସମ୍ପତ୍ତି କାରବାରକୁ ଖାରଜ କରିପାରିବେ ନାବାଳକ: ସୁପ୍ରିମକୋର୍ଟ

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ନାବାଳକଙ୍କ ସମ୍ବନ୍ଧିତ ସମ୍ପତ୍ତି କାରବାରକୁ ନେଇ ସୁପ୍ରିମକୋର୍ଟ ବଡ଼ ରାୟ ଦେଇଛନ୍ତି। ଯଦି କୌଣସି ନାବାଳକଙ୍କ ସମ୍ପତ୍ତିକୁ ଅଭିଭାବକ କୋର୍ଟଙ୍କ ଅନୁମତି ବିନା ବିକ୍ରି କରିଦେଇଛନ୍ତି ତେବେ ସେ ସାବାଳକ ହେବା ପରେ ନିଜେ ଏହାକୁ ଖାରଜ କରିପାରିବେ। ଏଥିପାଇଁ ତାଙ୍କୁ କୋର୍ଟରେ ଅଲଗା ଭାବେ ମାମଲା ରୁଜୁ କରିବାର ଆବଶ୍ୟକତା ନାହିଁ। ଏହାକୁ ଅସ୍ୱୀକାର କରିବାକୁ ଆଇନଗତ ଭାବେ ବୈଧ ବୋଲି ଧରାଯିବ। ଜଷ୍ଟିସ ପଙ୍କଜ ମିତ୍ତଲ ଏବଂ ଜଷ୍ଟିସ ପିଭି ବରାଲେଙ୍କ ଖଣ୍ଡପୀଠ କହିଥିଲେ ଯେ ହିନ୍ଦୁ ସଂଖ୍ୟାଲଘୁ ଏବଂ ଅଭିଭାବକ ନିୟମ-୧୯୫୬ର ଧାରା ୭ ଏବଂ ୮ ଅଧିନରେ ପ୍ରକୃତ ଅଭିଭାବକଙ୍କ ଦ୍ୱାରା ନାବାଳକଙ୍କ ଅସ୍ଥାବର ସମ୍ପତ୍ତିକୁ କୋର୍ଟଙ୍କ ବିନା ଅନୁମତିରେ ବିକ୍ରିକୁ ରଦ୍ଦ ଧରାଯିବ। ନାବାଳକ ସାବାଳକ ହେବା ପରେ ମକଦ୍ଦମା ଦାଏର କରି କିମ୍ବା ନିଜ ଆଚରଣରେ ଏଭଳି ମାମଲା ରଦ୍ଦ କରିପାରିବେ। ସେ ଏହାକୁ ନିଜେ ବି ବିକ୍ରି କରିପାରିବେ। କୋର୍ଟଙ୍କ ଏହି ନିଷ୍ପତ୍ତି ଗତ କିଛି ବର୍ଷ ହେଲା ଚାଲି ଆସୁଥିବା ଆଇନଗତ ଅସ୍ପଷ୍ଟତାକୁ ଦୂର କରୁଛି। ପୂର୍ବରୁ ଏଭଳି ମାମଲାରେ ନାବାଳକ ମକଦ୍ଦମା ଦାଏର କରିବା ଜରୁରୀ କି ନୁହେଁ ତାହା ସ୍ପଷ୍ଟ ହୋଇ ନ ଥିଲା।

### ଘରେ ଲାଗିଲା ନିଆଁ; ଖୋଲିଲାନି ଲକ୍

## କଂଗ୍ରେସ ନେତାଙ୍କ ମୃତ୍ୟୁ

ଇନ୍ଦୋର, ୨୩।୧୦ (ଏଜେନ୍ସି): ନିର୍ମଦା ସେନାର ଅଧ୍ୟକ୍ଷ ତଥା କଂଗ୍ରେସର ବରିଷ୍ଠ ନେତା ପ୍ରବେଶ ଅଗ୍ରୱାଲଙ୍କ ଇନ୍ଦୋର ସ୍ଥିତ ପେଣ୍ଟ ହାଉସରେ ଶୁକ୍ରବାର ସକାଳେ ନିଆଁ ଲାଗି ଯାଇଛି। ଏଥିରେ ଶ୍ୱାସରୁଦ୍ଧ ହୋଇ ତାଙ୍କର ମୃତ୍ୟୁ ହୋଇଛି। ତାଙ୍କ ବଡ଼ ଝିଅ ସୌମ୍ୟା ମଧ୍ୟ ଆହତ ହୋଇଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ରହିଛି। ସୂଚନା ଅନୁଯାୟୀ, କଂଗ୍ରେସ ନେତା ପ୍ରବେଶ ଲାସୁଡିଆ ଅଞ୍ଚଳରେ ଥିବା ସୌମ୍ୟା ମହିନ୍ଦ୍ରା କାର ଶୋ'ରୁମ୍ ମାଲିକ। ପ୍ରବେଶଙ୍କ ପରିବାର ଶୋ'ରୁମ୍ ଉପରେ ଥିବା ପେଣ୍ଟହାଉସ୍‌ରେ ରୁହନ୍ତି। ଅଗ୍ନିକାଣ୍ଡ ସମୟରେ ପ୍ରବେଶ, ତାଙ୍କ ସ୍ତ୍ରୀ ଶ୍ୱେତା ଏବଂ ସେମାନଙ୍କର ଦୁଇ ଝିଅ ସୌମ୍ୟା (୧୫) ଏବଂ ମାଇରା (୧୦) ସେଠାରେ ଉପସ୍ଥିତ ଥିଲେ। ଶ୍ୱାସରୁଦ୍ଧ ହେବାରୁ ପ୍ରବେଶ ଅଗ୍ରୱାଲଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବାବେଳେ ସୌମ୍ୟାଙ୍କୁ ଗୁରୁତର ଅବସ୍ଥାରେ ବମ୍ବେ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ନିଆଁ ଲାଗିବା ପରେ କଂଗ୍ରେସ ନେତାଙ୍କ ପତ୍ନୀ ଶ୍ୱେତା ଏବଂ ସାନ ଝିଅ ମାଇରାଙ୍କୁ ଗାର୍ଡମାନେ ସୁରକ୍ଷିତ ଭାବରେ ବାହାରକୁ ଆଣିଥିଲେ। ଏହି ଦୁର୍ଘଟଣା ପାଇଁ ଉଚ୍ଚ ସୁରକ୍ଷା ବ୍ୟବସ୍ଥାକୁ ଦାୟୀ କରାଯାଉଛି। ଘର ଭିତରେ ଏୟାର କଣ୍ଡିସନିଂ ଏବଂ ଡିଜିଟାଲ୍ ଲକ୍ ଥିଲା। ଏହାକୁ କେବଳ ରିମୋଟ୍ କିମ୍ବା ଆଙ୍ଗୁଠି ଛାପରେ ଖୋଲାଯାଇପାରିବ। ସକାଳେ ଧୂଆଁ ଯୋଗୁଁ ଏହି ତାଲା ଖୋଲିପାରି ନ ଥିଲା।

# ବିହାରରେ ତୁଟିଲା ମହାମେଣ୍ଟ ବିବାଦ

## ତେଜସ୍ୱୀ ହେବେ ମୁଖ୍ୟମନ୍ତ୍ରୀ ଚେହେରା: ଏନ୍‌ଡିଏ ସ୍ଥିତି ଅସ୍ପଷ୍ଟ

ପାଟନା, ୨୩।୧୦ (ଏଜେନ୍ସି): ବିହାର ନିର୍ବାଚନକୁ ନେଇ ବିରୋଧୀଙ୍କ ମହାମେଣ୍ଟ 'ଇଣ୍ଡିଆ'ରେ ଦୀର୍ଘ ଦିନ ହେଲା ଜାରି ଟଣା ଓଟରା ଶେଷ ହୋଇଛି। ଆଜି ପାଟନାରେ ମହାମେଣ୍ଟ ଶକ୍ତି ପ୍ରଦର୍ଶନ କରିଛି। ବିରୋଧୀ ଦଳ ତଥା ଆରଜେଡି ନେତା ତେଜସ୍ୱୀ ଯାଦବଙ୍କୁ ମହାମେଣ୍ଟ ଗୁରୁବାର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରିଛି। ନିର୍ବାଚନ ବୈତରଣୀ ପାର୍ କରି ବିଜୟୀ ହେଲେ କିଏ ଉପ-ମୁଖ୍ୟମନ୍ତ୍ରୀ ହେବ ତାହା ମଧ୍ୟ ମହାମେଣ୍ଟ ପୂର୍ବରୁ ସ୍ଥିର କରିଦେଇଛି। ଆସନକୁ ନେଇ ମୂଳଚାଲ କରୁଥିବା ଭିକାଶଶୀଳ ଇନସାନ ପାର୍ଟି (ଭିଆଇପି)ର ମୁଖ୍ୟ ମୁକେଶ ସାହାନୀଙ୍କୁ ଉପ-ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଘୋଷଣା କରାଯାଇଛି। ପାଟନାରେ ମହାମେଣ୍ଟରେ ସାମିଲ ସବୁ ଦଳର ନେତା ସାମ୍ବାଦିକ ସମ୍ମିଳନୀ କରି ଏହି ସୂଚନା ଦେଇଛନ୍ତି। ମହାମେଣ୍ଟରେ ଲାଗି ରହିଥିବା ସମସ୍ୟାର ସମାଧାନ ପାଇଁ ସଙ୍କଟମୋଚକ ଭାବେ ପାଟନାରେ ପହଞ୍ଚିଥିବା କଂଗ୍ରେସର ବରିଷ୍ଠ ନେତା ଅଶୋକ ଗେହଲଟ କହିଥିଲେ ଯେ ସବୁ ବରିଷ୍ଠ ନେତାଙ୍କ ସହ ଆଲୋଚନା ପରେ ତେଜସ୍ୱୀଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବାକୁ ନିଷ୍ପତ୍ତି ନିଆଯାଇଛି। ସେହିପରି ଅନ୍ୟ ସମାଜରୁ ଆଉ ଜଣେ ଉପ-ମୁଖ୍ୟମନ୍ତ୍ରୀ ହେବେ। ପ୍ରଥମ ପର୍ଯ୍ୟାୟ ମତଦାନକୁ ଆଉ ମାତ୍ର ଦୁଇ ସପ୍ତାହ ବାକି ଥିବାବେଳେ ମହାମେଣ୍ଟ ଏକତା ପ୍ରଦର୍ଶନ କରିଛି। ସବୁ ନେତା ଏକାଠି ଜୋରସୋରରେ ପ୍ରଚାର କରିବେ ବୋଲି କୁହାଯାଇଛି। ଏହା ସହିତ କ୍ଷମତାସୀନ ଏନ୍‌ଡିଏ ମେଣ୍ଟକୁ ପ୍ରଶ୍ନବାଣ ମରାଯାଇଛି। ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କିଏ ହେବ ବୋଲି ପଚରା ଯାଇଛି। ଏଠାରେ ଗେହଲଟ ଅଭିଯୋଗ କରିଥିଲେ ଯେ ବିଜେପି ଧନବଳରେ ନିର୍ବାଚନ ଜିତୁଛି। ନିର୍ବାଚନ କମିଶନ ସରକାରଙ୍କ କାଠ କଣ୍ଢେଇ ପାଲଟି ଯାଇଛନ୍ତି।

ପାଟନାର ମୌର୍ଯ୍ୟା ହୋଟେଲରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀ ୫୦ ମିନିଟ ପର୍ଯ୍ୟନ୍ତ ଚାଲିଥିଲା। ଏଥିରେ ଆରଜେଡି, କଂଗ୍ରେସ, ଭିଆଇପି ସମେତ ୭ ଦଳର ୧୪ ନେତା ସାମିଲ ଥିଲେ। ଆରଜେଡିର ତେଜସ୍ୱୀ, ଅବଦୁଲ ବାରି ସିଦ୍ଦିକି, ମନୋଜ ଝା, ସଞ୍ଜୟ ଯାଦବ, କଂଗ୍ରେସର ଗେହଲଟ, ରାଜେଶ ରାମ, କୃଷ୍ଣା ଅଲ୍ଲାବରୁ, ପବନ ଖେଡ଼ା, ଅଭୟ ଦୁବେ, ସିପିଆଇଏମଏଲର ଦୀପଙ୍କର ଭଟ୍ଟାଚାର୍ଯ୍ୟ, ଭିଆଇପିର ମୁକେଶ ସାହାନୀ, ସିପିଆଇଏମର ରାମନେରଶ ପଣ୍ଡା, ଅଲ୍ ଇଣ୍ଡିଆ ପାନ ମହାସଭା ନ୍ୟାସନାଲର ଆଇପି ଗୁପ୍ତା ମଞ୍ଚରେ ରହିଥିଲେ। ତେବେ ଏହାକୁ ନେଇ ବିବାଦ ସୃଷ୍ଟି ହୋଇଛି। ସାମ୍ବାଦିକ ସମ୍ମିଳନୀରେ ମରା ଯାଇଥିବା ପୋଷ୍ଟରେ କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଫଟୋ ଦେଖିବାକୁ ମିଳି ନ ଥିଲା। ଏହା ସହିତ ସର୍ବଦା ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ପ୍ରସଙ୍ଗକୁ ଏଡ଼ାଇ ଚାଲିଥିବା କଂଗ୍ରେସ ବ୍ୟାକ୍‌ଫୁଟକୁ ଚାଲି ଯାଇଛି। ଭୋଟର ଅଧିକାର ଯାତ୍ରା ଶେଷ ହେବା ପରେ କଂଗ୍ରେସ ନେତା ଦିଗବିଜୟ ସିଂହ କହିଥିଲ ଯେ ବହୁମତ ଯେଉଁ ଦଳକୁ ମିଳିବ, ସେହି ଦଳରୁ ମୁଖ୍ୟମନ୍ତ୍ରୀ ହେବେ। ଏ ବିଷୟରେ ଆଗୁଆ କହି ହେବ ନାହିଁ। କିନ୍ତୁ ଶେଷରେ କଂଗ୍ରେସକୁ ହିଁ ନଇଁବାକୁ ପଡ଼ିଲା।

### ବ୍ୟାପକ ଆଲୋଚନା ପରେ ନରମିଲା କଂଗ୍ରେସ

### ମେଣ୍ଟ ଜିତିଲେ ମୁକେଶ ହେବେ ଉପମୁଖ୍ୟମନ୍ତ୍ରୀ



ଅନ୍ୟପଟେ ମହାମେଣ୍ଟରେ ଥିବା ଆସନ ବଣ୍ଟନ ଅଡୁଆକୁ ନେଇ ଏହି ସାମ୍ବାଦିକ ସମ୍ମିଳନୀରେ କିଛି କୁହାଯାଇ ନ ଥିଲା। ୧୨ ଆସନରେ ମହାମେଣ୍ଟରେ ସାମିଲ ଦଳ ପରସ୍ପର ବିରୋଧରେ ପ୍ରାର୍ଥୀ ଦେଇଛନ୍ତି। ଆରଜେଡି ୧୪୩, କଂଗ୍ରେସ ୬୧ ଆସନରେ ପ୍ରାର୍ଥୀ ଦେଇଛି। ଅନ୍ୟ ଆସନଗୁଡିକୁ ସିପିଆଇ (ଏମଏଲ), ଭିଆଇପି ଏବଂ ଅନ୍ୟ ଦଳ ପାଇଁ ଛଡ଼ା ଯାଇଛି। ଆଜି ପ୍ରାର୍ଥିପତ୍ର ପ୍ରତ୍ୟାହାରର ଶେଷ ଦିନ ଥିଲା। ସାମ୍ବାଦିକ ସମ୍ମିଳନୀ ପରେ ଏ ଦିଗରେ ପଦକ୍ଷେପ ନିଆଯାଉଛି। କଂଗ୍ରେସ ପ୍ରାର୍ଥୀ ପ୍ରାଣପୁର ଏବଂ ବାରସିଲଗଞ୍ଜରୁ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିଛନ୍ତି। ସେହିପରି ମଧୁବନୀ ଜିଲ୍ଲାର ବାବୁବରହିରୁ ଭିଆଇପି ପ୍ରାର୍ଥି ହଟିଛନ୍ତି। ଏହି ତିନି ସ୍ଥାନରେ ଆରଜେଡି ପ୍ରାର୍ଥିଙ୍କ ସହ ମୁକାବିଲା ହେବାର ଥିଲା।

ସାମ୍ବାଦିକ ସମ୍ମିଳନୀରେ ତେଜସ୍ୱୀ ଜଙ୍ଗଲରାଜର ଛବିରୁ ବାହାରିବାକୁ ପ୍ରୟାସ କରିଥିଲେ। ନିଜ ଛାଇ ଭୁଲ କଲେ ବି ଦଣ୍ଡ ଦେବି ବୋଲି ସେ କହିଥିଲେ। ସେ ଅଭିଯୋଗ ଲଗାଇ ଥିଲେ ଯେ ନୀତୀଶଙ୍କ ୨୦ ବର୍ଷର ସରକାରରେ ୭୦ ହଜାର ହତ୍ୟା ହୋଇଛି। ବିକାଶ ଜମାରୁ ହୋଇନି। ବିହାର ଲୋକ ଆମକୁ ୨୦ ମାସ ସମୟ ଦେଲେ ସବୁ କାମ କରିଦେବୁ। ଚଳିତ ଥର ଏନ୍‌ଡିଏ ଆଉ ନୀତୀଶଙ୍କୁ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ କରିବ ନାହିଁ। ଏହା ତାଙ୍କର ଶେଷ ନିର୍ବାଚନ। ଏ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀଙ୍କୁ ନେଇ କାହିଁକି ଘୋଷଣା ହୋଇନି ତାହା ଅମିତ ଶାହା ସ୍ପଷ୍ଟ କରନ୍ତୁ। ଜେଡିୟୁର କିଛି ନେତା ଦଳକୁ ନିପାତ କରିବା ପାଇଁ ବିଜେପି ସହ କାମ କରୁଛନ୍ତି ବୋଲି ତେଜସ୍ୱୀ ଅଭିଯୋଗ କରିଥିଲେ।

# କ୍ୱାଲାଲମ୍ପୁର ଯିବେନି ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଆସନ୍ତା ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ କ୍ୱାଲାଲମ୍ପୁରରେ ଆସିଆନ ସମ୍ମିଳନୀ ଅନୁଷ୍ଠିତ ହେବାକୁ ଯାଉଛି। ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବ ବୋଲି ଚର୍ଚ୍ଚା ହେଉଛି। କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଅନୱର ଇବ୍ରାହିମ ଏହି ଚର୍ଚ୍ଚାରେ ବିରାମ ଲଗାଇଛନ୍ତି। ଏଠାରେ ଟ୍ରମ୍ପ ଏବଂ ମୋଦୀଙ୍କ ମଧ୍ୟରେ ସାକ୍ଷାତ ଆଲୋଚନା ହେବ ନାହିଁ। କାରଣ ଏହି ସମ୍ମିଳନୀରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀ ମାଲେସିଆ ଯିବେ ନାହିଁ। ୧୨ ଥର ସାମିଲ ହେବା ପରେ ପ୍ରଥମ ଥର ପାଇଁ ମୋଦୀ ଏହି ବୈଠକରୁ ବିରତ ରହିବେ। ପ୍ରଧାନମନ୍ତ୍ରୀଙ୍କ ବଦଳରେ ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ଏହି ସମ୍ମିଳନୀରେ ସାମିଲ ହେବା ପାଇଁ କ୍ୱାଲାଲମ୍ପୁର ଯିବେ।



ଆସିଆନ ସମ୍ମିଳନୀରେ ହେବନି ମୋଦୀ-ଟ୍ରମ୍ପ ଭେଟ

କିନ୍ତୁ ମାଲେସିଆ ପ୍ରଧାନମନ୍ତ୍ରୀ ଆଜି କହିଥିଲେ ଯେ ସେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ ଫୋନ୍‌ରେ କଥା ହୋଇଛନ୍ତି। ଉଭୟେ ଭାରତ-ମାଲେସିଆ ସମ୍ବନ୍ଧକୁ ମଜବୁତ କରିବା ପାଇଁ ଚର୍ଚ୍ଚା କରିଥିଲେ। ଏହି ସମ୍ମିଳନୀରେ ଅନ୍‌ଲାଇନରେ ସାମିଲ ହେବେ ବୋଲି ମୋଦୀ କହିଥିଲେ। ଏହାକୁ ନେଇ ଭାରତରେ ରାଜନୀତି ଆରମ୍ଭ ହୋଇଯାଇଛି। କଂଗ୍ରେସ ନେତା ଜୟରାମ ରମେଶ ଦାବି କରିଛନ୍ତି ଯେ ଟ୍ରମ୍ପଙ୍କ ପାଇଁ ମୋଦୀ ଏପରି ନିଷ୍ପତ୍ତି ନେଇଛନ୍ତି। ଟ୍ରମ୍ପଙ୍କ ଦ୍ୱାରା ମୋଦୀ କୋଣଠେସା ହେବାକୁ ଚାହାନ୍ତି ନାହିଁ। ସେ ଟ୍ରମ୍ପଙ୍କ ସାମ୍ନାକୁ ଆସିବାକୁ ଚାହାନ୍ତି ନାହିଁ। ମୋଦୀ ଏଥିପାଇଁ କିଛି ଦିନ ତଳେ ଇଜିପ୍ଟରେ ଅନୁଷ୍ଠିତ ଗାଜା ଶାନ୍ତି ଶିଖର ସମ୍ମିଳନୀରେ ଯୋଗଦେବାକୁ ମଧ୍ୟ ମନା କରିଦେଇଥିଲେ। ସାମାଜିକ ଗଣମାଧ୍ୟମରେ ଟ୍ରମ୍ପଙ୍କ ପ୍ରଶଂସା କରିବା ଏବଂ ସାମ୍ନାରେ ଛିଡ଼ାହେବା ଅଲଗା ବିଷୟ। ଯେଉଁ ବ୍ୟକ୍ତି ୫୩ ଥର 'ଅପରେସନ ସିନ୍ଦୂର' ରୋକିବା ନେଇ ଏବଂ ରୁଷରୁ ତୈଳ କ୍ରୟ ବନ୍ଦ ନେଇ ୫ ଥର ପ୍ରତିଶ୍ରୁତି ଦେଇଥିବା ବ୍ୟକ୍ତିଙ୍କ ସହ ଛିଡ଼ା ହେବା ମୋଦୀଙ୍କ ପାଇଁ ବିପଦପୂର୍ଣ୍ଣ। ଏବେ ବୋଧେ ପ୍ରଧାନମନ୍ତ୍ରୀ ପୁରୁଣା ବଲିଉଡ ଗୀତ 'ବଚ କେ ରେହନାରେ ବାବା, ବଚକେ ରେହନା' ଗୀତକୁ ମନେ ପକାଉଛନ୍ତି ବୋଲି ଜୟରାମ ରମେଶ କହିଥିଲେ।

ଗତ ମାସରେ ଟ୍ରମ୍ପ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି କହିଥିଲେ ଯେ ସେ କିଛି ସପ୍ତାହ ମଧ୍ୟରେ ମୋଦୀଙ୍କୁ ଭେଟିବାକୁ ଉତ୍ସାହିତ ଅଛନ୍ତି। ଶୁଳ୍କ ଏବଂ ରୁଷ୍ ସହ ତୈଳ କାରବାରକୁ ନେଇ ଭାରତ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ଲାଗି ରହିଛି। ଏହି ବୈଠକରେ ସମ୍ପର୍କ ସୁଧାରିବା ପାଇଁ ଚର୍ଚ୍ଚା ହୋଇପାରେ ବୋଲି କୁହାଯାଉଥିଲା। ଏହାକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା। ଆସିଆନ ସମ୍ମିଳନୀରେ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହେବ ବୋଲି କୁହାଯାଉଥିଲା।

## ଜଷ୍ଟିସ ସୂର୍ଯ୍ୟକାନ୍ତ ହୋଇପାରନ୍ତି ନୂଆ ପ୍ରଧାନ ବିଚାରପତି

ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଭାରତର ପରବର୍ତ୍ତୀ ପ୍ରଧାନ ବିଚାରପତି (ସିଜେଆଇ) ନିଯୁକ୍ତି ପାଇଁ ସରକାର ପ୍ରକ୍ରିୟା ଆରମ୍ଭ କରିଛନ୍ତି। ବର୍ତ୍ତମାନର ସିଜେଆଇ ବିଆର ଗଭାଇ ଆସନ୍ତା ୨୩ ତାରିଖରେ ଅବସର ନେବାକୁ ଯାଉଛନ୍ତି। ଖୁବଶୀଘ୍ର ଆଇନମନ୍ତ୍ରୀ ଜଷ୍ଟିସ ଗଭାଇଙ୍କୁ ଚିଠି ଲେଖି ନିଜ ଉତ୍ତରାଧିକାରୀଙ୍କ ନାମ ସୁପାରିସ କରିବାକୁ କହିବେ। ଏହି ଚିଠି ଶୁକ୍ରବାର ସୁଦ୍ଧା ପଠା ଯାଇପାରେ। ବର୍ତ୍ତମାନର ନିୟମ ଅନୁଯାୟୀ ସୁପ୍ରିମକୋର୍ଟର ସବୁଠୁ ବରିଷ୍ଠ ବିଚାରପତିଙ୍କୁ ସିଜେଆଇ ଭାବେ ଚୟନ କରାଯାଏ। ସାଧାରଣତଃ ସିଜେଆଇଙ୍କ ଅବସରର ପ୍ରାୟ ମାସେ ପୂର୍ବରୁ ଏହି ପ୍ରକ୍ରିୟା ଆରମ୍ଭ ହୋଇଥାଏ। ଏବେ ଜଷ୍ଟିସ ସୂର୍ଯ୍ୟକାନ୍ତ ସୁପ୍ରିମକୋର୍ଟର ସବୁଠାରୁ ବରିଷ୍ଠ ବିଚାରପତି ଅଛନ୍ତି। ସେ ପରବର୍ତ୍ତୀ ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି। ଯଦି ତାଙ୍କୁ ନିଯୁକ୍ତି ଦିଆଯାଏ ତେବେ ନଭେମ୍ବର ୨୩ରେ ସେ ଭାରତର ୫୨ ତମ ସିଜେଆଇ ହେବେ। ୨୦୨୭ ଫେବୃଆରୀ ୯ ଯାଏଁ, ପ୍ରାୟ ୧୫ ମାସ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ। ଅନ୍ୟପକ୍ଷରେ ଜଷ୍ଟିସ ସୂର୍ଯ୍ୟକାନ୍ତ ଦେଇଥିବା ଏକ ଟିପ୍ପଣୀ ସାମାଜିକ ଗଣମାଧ୍ୟମରେ ଖୁବ୍ ଭାଇରାଲ ହେବାରେ ଲାଗିଛି। ଏଥିରେ ସେ କହିଥିଲେ ଯେ 'ପୁରାତନ ସମୟରେ କେବଳ ମହିଳାଙ୍କୁ ଗୋଲାମ କରି ରଖିବା ପାଇଁ ବିବାହ ଭଳି ବ୍ୟବସ୍ଥାକୁ ବ୍ୟବହାର କରାଯାଉଥିଲା। ଆଇନ ଏବଂ ସାମାଜିକ ସୁଧାର ଯୋଗୁଁ ଆଜି ବିବାହ ବ୍ୟବସ୍ଥାରେ ସମ ଭାବନା ବିକଶିତ ହେଉଛି'।



# ଆମେରିକାକୁ ଭେନେଜୁଏଲାର ଚାଲେଞ୍ଜ

## ମୁତୟନ କଲାଣି ୫ ହଜାର ରୁଷ୍ କ୍ଷେପଣାସ୍ତ୍ର

କାରକାସ, ୨୩।୧୦ (ଏଜେନ୍ସି): ଭେନେଜୁଏଲା ଏବଂ ଆମେରିକା ମଧ୍ୟରେ ଉତ୍ତେଜନା ବଢ଼ିବାରେ ଲାଗିଛି। ବୁଧବାର ଏକ ଟିଭି କାର୍ଯ୍ୟକ୍ରମରେ ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଆମେରିକାକୁ ଧମକ ଦେଇଛନ୍ତି। ଆମେରିକାଠାରୁ ସୃଷ୍ଟି ହୋଇଥିବା ବିପଦର ମୁକାବିଲା ପାଇଁ ୫ ହଜାର ରୁଷ୍ ଇଗ୍ଲା-ଏସ୍ କ୍ଷେପଣାସ୍ତ୍ର ମୁତୟନ କରି ରଖିଛୁ। ଦେଶ ପାଖରେ ଥିବା ଏହି କ୍ଷେପଣାସ୍ତ୍ର ଗୁଡିକ ଶାନ୍ତି ଏବଂ ସ୍ୱାଧୀନତାର ସୁରକ୍ଷା କରିବେ। ଆକାଶ ମାର୍ଗରୁ ଆସୁଥିବା ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରକୁ ରୋକିବା ପାଇଁ ଏଗୁଡିକୁ ମୁତୟନ କରାଯାଇଛି। କୌଣସି ସାମ୍ରାଜ୍ୟବାଦୀ ବିପଦର ଜବାବ ଦେବା ପାଇଁ ଏହା ରହିଛି। ନିଜ ମାତୃଭୂମିର ପ୍ରତ୍ୟେକ ଇଞ୍ଚ ଜମିକୁ ସୁରକ୍ଷିତ ରଖିବା ପାଇଁ ଭେନେଜୁଏଲା ସେନା ପ୍ରସ୍ତୁତ ଅଛି।



### ସାମ୍ରାଜ୍ୟବାଦୀ ବିପଦକୁ ଜବାବ ଦେବୁ: ରାଷ୍ଟ୍ରପତି

### ମାତୃଭୂମିର ପ୍ରତ୍ୟେକ ଇଞ୍ଚ ଜମି ପାଇଁ ଲଢ଼ିବୁ

ସୂଚନା ଅନୁଯାୟୀ ଦୀର୍ଘ ବର୍ଷ ହେଲା ମାଦୁରୋଙ୍କୁ ଆମେରିକା ବିରୋଧ କରୁଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଭେନେଜୁଏଲା ଉପକୂଳ ନିକଟକୁ କିଛି ନୌସୈନିକଙ୍କୁ ପଠାଇଛନ୍ତି। ଏହାକୁ ଆମେରିକା ନିଶାଦ୍ରବ୍ୟ ବିରୋଧୀ ଅଭିଯାନ ନାମ ଦେଇଛି। କିଛି ମାସ ହେଲା ଭେନେଜୁଏଲାର ଅନେକ ବୋଟକୁ ନୌସେନା ନଷ୍ଟ କରିଦେଇଛି। ଏହା ମାଧ୍ୟମରେ ଡ୍ରଗ୍ସ ନିଆଯାଉଥିବା ଅଭିଯୋଗ କରାଯାଇଛି। ତେବେ ଭେନେଜୁଏଲା ଏ ସବୁ ଅଭିଯୋଗକୁ ଖାରଜ କରିଆସିଛି। ଆମେରିକାର ଏହି ଅଭିଯାନ ଦେଶର ସ୍ୱାଧୀନତା ଉପରେ ଆକ୍ରମଣ ବୋଲି କୁହାଯାଇଛି। ଅନ୍ୟପଟେ ଆମେରିକା ପ୍ରଶାସନ ମାଦୁରୋଙ୍କୁ ଡ୍ରଗ୍ସ ଚାଲାଣକାରୀ କହିଛି। ସେ ନିଶାଦ୍ରବ୍ୟ ଚାଲାଣକାରୀଙ୍କ ସହ ମିଶି ଟ୍ରମ୍ପ ଦେଶକୁ ଫେଣ୍ଟାନାଇଲ ମିଶ୍ରିତ କୋକେନ ପଠାଉଥିବା ଅଭିଯୋଗ ଲଗାଯାଇଛି। ମାଦୁରୋଙ୍କ ପାଖରେ ୭ ଟନ୍ କୋକେନ ରହିଛି। ଏହାକୁ ସେ ଆମେରିକା ପଠାଇବାକୁ ପ୍ରସ୍ତୁତି କରୁଛନ୍ତି ବୋଲି ଆମେରିକା ଅଧିକାରୀମାନେ କହିଛନ୍ତି। ଏହାକୁ ନେଇ ଗତ ଅଗଷ୍ଟ ୭ ତାରିଖରେ ମାଦୁରୋଙ୍କ ଉପରେ ଆମେରିକା ୫୦ ନିୟୁତ ଡଲାର ଅର୍ଥାତ୍ ପ୍ରାୟ ୪୨୦ କୋଟି ଟଙ୍କା ଜୋରିମାନା ଲଗାଇ ଥିଲା।

**● ଆମେରିକାର ଭାରତୀୟ ବଂଶୋଦ୍ଭବଙ୍କ ଉନ୍ମତ୍ତ କାଣ୍ଡ**

## ନିଶାରେ ଟ୍ରକ୍ ଚଳାଇ ୩ ଜଣଙ୍କୁ ହତ୍ୟା



ୱାସିଂଟନ, ୨୩।୧୦ (ଏଜେନ୍ସି): ଭାରତୀୟ ବଂଶୋଦ୍ଭବ ଟ୍ରକ୍ ଡ୍ରାଇଭର ଜିସନପ୍ରୀତ ସିଂହ ଆମେରିକା କାଲିଫର୍ଣ୍ଣିଆର ଅଣ୍ଟାରିଓରେ ଆତଙ୍କ ସୃଷ୍ଟି କରିଛନ୍ତି। ସେ ନିଶାସକ୍ତ ଅବସ୍ଥାରେ ଟ୍ରକ୍ ଚଳାଇ ପ୍ରାୟ ୧୦ଟି ଗାଡ଼ିକୁ ଧକ୍କା ଦେଇଛନ୍ତି। ଅନ୍ୟ ଗାଡିଗୁଡିକୁ ଟ୍ରକ୍ ଧକ୍କା ଦେଉଥିବା ସତ୍ତ୍ୱେ ସେ ବ୍ରେକ୍ ଲଗାଇ ନ ଥିଲେ। ଏଥିଯୋଗୁଁ ଘଟଣାସ୍ଥଳରେ ୩ ଜଣଙ୍କ ଜୀବନ ଯାଇଛି। ୪ରୁ ଅଧିକ ଆହତ ହୋଇଛନ୍ତି। ପୁଲିସ ଏହି ମାମଲାରେ ଜିସନଙ୍କୁ ଗିରଫ କରିଛି। ଗତ ୨୨ ତାରିଖରେ ଏହି ଘଟଣା ଘଟିଥିବାବେଳେ ଗୁରୁବାର ଭିଡିଓ ସାମ୍ନାକୁ ଆସିଛି। ଅଭିଯୁକ୍ତ ଜିସନ (୨୧) ପଞ୍ଜାବର ବାସିନ୍ଦା। ସେ ୨୦୨୨ରେ ବେଆଇନ ଭାବେ ଆମେରିକାରେ ପ୍ରବେଶ କରିଥିବା କୁହାଯାଉଛି। ଆମେରିକା ପୁଲିସର ସୂଚନା ଅନୁଯାୟୀ କାଲିଫର୍ଣ୍ଣିଆର ଆଇ-୧୦ ଫ୍ରିୱେରେ ଜିସନଙ୍କ ଟ୍ରକ୍ ନିୟନ୍ତ୍ରଣ ହରାଇ ଥିଲା। ପ୍ରଥମେ ଏହା ରାସ୍ତା ମଝିରେ ଥିବା କାର୍‌ଗୁଡିକୁ ଧକ୍କା ଦେଇଥିଲା। ପରେ ପାର୍ଶ୍ୱରେ ଥିବା ଗାଡ଼ିକୁ ଧକ୍କା ମାରିଥିଲା। ସାମ୍ନାରେ ଟ୍ରାଫିକ ଜାମ୍ ଥିବା ସତ୍ତ୍ୱେ ଜିସନ ଗାଡ଼ିକୁ ଅଟକାଇ ନ ଥିଲା। କାରଣ ସେ ନିଶାସକ୍ତ ଥିଲା। ତାକୁ ବର୍ଣ୍ଣାଡିନୋ କାଉଣ୍ଟି ସେରିଫ ବିଭାଗର ହେପାଜତରେ ରଖାଯାଇଛି। ଏଥିରେ ୧୦ଟି ଗାଡ଼ି କ୍ଷତିଗ୍ରସ୍ତ ହୋଇଛି। ୨୦୨୨ରେ ଆମେରିକାରେ ଧରା ପଡ଼ିଥିଲା। କିନ୍ତୁ ପରେ ତାକୁ ମୁକ୍ତ କରିଦିଆଯାଇଥିଲା।

# ବଞ୍ଚିଥିବା ଲୋକଙ୍କୁ ମୃତ ଦର୍ଶାଇ ନେଇଗଲେ ଶହେ କୋଟି

### ୧୨ ରାଜ୍ୟକୁ ବ୍ୟାପିଛି ବୀମା ଗ୍ୟାଙ୍ଗର ଚେର

### ବୀମା ପାଇଁ କରାଯାଉଛି ହତ୍ୟା

### ଦିଆଯାଉଛି ସଡ଼କ ଦୁର୍ଘଟଣାର ରୂପ



ନୂଆଦିଲ୍ଲୀ, ୨୩।୧୦ (ଏଜେନ୍ସି): ଜ୍ଞାନକୌଶଳ ଏବଂ ପ୍ରଯୁକ୍ତିବିଦ୍ୟା ଯେତେ ଉନ୍ନତ ହେଉଛି ଠକେଇ ସେତେ ବଢ଼ି ବଢ଼ି ଚାଲିଛି। ଏହା ଜମାରୁ କମ୍ ହେଉନାହିଁ। ଅନ୍‌ଲାଇନ ଯୋଗୁଁ ଠକ୍ ସୁବ୍ୟବସ୍ଥିତ ଭାବେ ଷଡ଼ଯନ୍ତ୍ର କରି କୋଟି କୋଟି ଟଙ୍କା ଠକି ନେଉଛନ୍ତି। ଏବେ ବୀମା ଦାବି ପାଇଁ ଏପରି କରାଯାଉଛି। ପ୍ରଥମେ ଠକେଇ ପାଇଁ ଗରିବ, ଅନାଥ, ବୃଦ୍ଧ ଏବଂ ରୋଗୀ ଆଦିଙ୍କ ବୀମା କରାଯାଉଛି। ମୃତବ୍ୟକ୍ତିଙ୍କୁ ମଧ୍ୟ ଜୀବିତ କରିଦିଆଯାଉଛି। କାଗଜପତ୍ରରେ ଜୀବିତ ଥିବା ଦର୍ଶା ଯାଉଛି। ପରେ ସେମାନେ ଚିକିତ୍ସିତ ହେଉଥିବାର ଜାଲ ପ୍ରମାଣପତ୍ର ପ୍ରସ୍ତୁତ କରାଯାଉଛି। ପୌରପାଳିକା ଆଦି ସଂସ୍ଥା ମଧ୍ୟ ମୃତ୍ୟୁ ପ୍ରମାଣପତ୍ର ପ୍ରଦାନ କରିଦେଉଛନ୍ତି। ଶେଷରେ ନୋମିନିଙ୍କ ମାଧ୍ୟମରେ ବୀମା ଦାବି କରାଯାଉଛି। ଆଉ ବିନା ଦ୍ୱିଧାରେ କମ୍ପାନୀ ମଧ୍ୟ ଏହି ବୀମା ଦାବିକୁ ପାରିତ କରିଦେଉଛି। ଠକମାନେ ଏହି ଅର୍ଥ ନେଇ ଫୁର୍ ହେଇଯାଉଛନ୍ତି। ଏହି ଜାଲ୍ ବୀମା ପାଇଁ ହତ୍ୟା ମଧ୍ୟ କରାଯାଇଥିବାର ନଜିର ରହିଛି। ହତ୍ୟାକୁ ଦୁର୍ଘଟଣାର ରୂପ ଦିଆଯାଉଛି। ପୁଲିସ ରେକର୍ଡରେ ସାମାନ୍ୟ ସଡ଼କ ଦୁର୍ଘଟଣା ହୋଇଥିବା ଦର୍ଶାଯାଉଛି। ଦେଶରେ ୧୨ଟି ରାଜ୍ୟରେ ଏଭଳି ବୀମା ଗ୍ୟାଙ୍ଗ କାର୍ଯ୍ୟ କରୁଛି। ଏମାନେ ଜାଲ୍ ବୀମା କରି ୧୦୦ କୋଟିରୁ ଅଧିକ ଠକେଇ କରିଥିବା ସୂଚନା ମିଳିଛି। ଉତ୍ତର ପ୍ରଦେଶରୁ ପ୍ରଥମେ ଏହି ମାମଲା ସାମ୍ନାକୁ ଆସିଥିଲା। ଚଳିତବର୍ଷ ପ୍ରାରମ୍ଭରେ ସମ୍ବଲ ପୁଲିସ ଏକ କାର୍‌କୁ ଜବତ କରି ଦୁଇ ଜଣଙ୍କୁ ଗିରଫ କରିଥିଲା। ଏହି କାର୍‌ରୁ ଦେଢ଼ ଲକ୍ଷ ଟଙ୍କା, ୧୭ କ୍ରେଡିଟ କାର୍ଡ ଏବଂ ୩୦ ହଜାରରୁ ଅଧିକ ଜାଲ୍ କାଗଜପତ୍ର ମିଳିଥିଲା। ଏହାର ତଦନ୍ତରୁ ଏଭଳି ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି।

ସୂଚନା ଅନୁଯାୟୀ ଦିଲ୍ଲୀର ଏହି ଗ୍ୟାଙ୍ଗ ଦିଲ୍ଲୀର ସାଲିମାର ଗାର୍ଡେନରେ ରହୁଥିବା ତ୍ରିଲୋକ କୁମାରଙ୍କୁ ୬ ମାସ ମଧ୍ୟରେ ଦୁଇ ଥର ମାରି ଦିଆଯାଇଥିଲା। ପ୍ରଥମେ ୨୦୨୪ ଜୁନ୍ ୧୯ରେ କର୍କଟରେ ଏବଂ ସେହି ବର୍ଷ ଡିସେମ୍ବର ୨୬ରେ ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ହୋଇଥିଲା। ଦୁଇ ଥର ଯାକ ଦିଲ୍ଲୀ ପୌରନିଗମ ତାଙ୍କ ମୃତ୍ୟୁ ପ୍ରମାଣପତ୍ର ଜାରି କରିଥିଲା। ଏହି ପ୍ରମାଣପତ୍ରରେ ୨୦ ଲକ୍ଷର ବୀମା ଦାବି ପାରିତ ହୋଇଯାଇଥିଲା। ଏଭଳି କାରନାମା କରିଥିବା ବୀମା ଗ୍ୟାଙ୍ଗ ଉପରେ ସମ୍ବଲ ପୁଲିସ ୧୦ ମାସ ହେଲା ତଦନ୍ତ କରୁଛି। ତଦନ୍ତରୁ ଠକେଇର ଅନେକ ମାମଲା ସାମନାକୁ ଆସିଛି। ଏ ପର୍ଯ୍ୟନ୍ତ ଏହି ମାମଲାରେ ୬୮ ଜଣଙ୍କୁ ଗିରଫ କରାଗଲାଣି।

ମୃତ ତ୍ରିଲୋକଙ୍କ ପତ୍ନୀ କହିଥିଲେ ଯେ ଜୁନ୍ ୧୯ରେ ସ୍ୱାମୀଙ୍କ ମୃତ୍ୟୁ ହୋଇଥିଲା। ତିନି ମାସ ପରେ କିଛି ଲୋକ ତାଙ୍କୁ ଯୋଗାଯୋଗ କରି ସରକାରଙ୍କ ପକ୍ଷରୁ ଆର୍ଥିକ ସହାୟତା ମିଳିବ ବୋଲି କହିଥିଲେ। ଏଥିପାଇଁ ସେ କାଗଜପତ୍ର ଦେଇଥିଲେ। ସମ୍ବଲ ପୁଲିସ ଯାଞ୍ଚ କରିବାକୁ ପହଞ୍ଚିବା ପରେ ଏ ବିଷୟରେ ସେ ଜାଣିବାକୁ ପାଇଥିଲେ।

## ଅଟୋ-ବାଇକ୍ ଧକ୍କା; ୨ ମୃତ

ଖଇରପୁଟ, ୨୩।୧୦ (ସମିସ): କୋରାପୁଟ ଜିଲ୍ଲା ଖଇରପୁଟ ବ୍ଲକ୍ ଗୋବିନ୍ଦପାଲି ପଞ୍ଚାୟତର ସିନ୍ଧିଗୁଡ଼ା ଛକ ନିକଟରେ ଆଜି ଏକ ଦୁର୍ଘଟଣା ୨ଜଣଙ୍କ ଜୀବନ ନେଇଛି। ଅଟୋ ଓ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ଏହି



ଅଘଟଣ ଘଟିଛି। ମୃତକଦ୍ୱୟ ହେଲେ, ନୂଆଗୁଡ଼ା ଗାଁର ଅଟୋ ଚାଳକ ସମରା ଗୋଲୋରୀ ଓ ଓରାଙ୍ଗି ଗାଁର ବାଇକ୍ ଆରୋହୀ ଶିବ ପଲାଶି। ଏହାବ୍ୟତୀତ ଏହି ଦୁର୍ଘଟଣାରେ ଅନ୍ୟ ୨ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନେ ହେଲେ, କୃଷ୍ଣ ଗୌଡ଼ ଓ ବାସନ୍ତୀ ଗୋଲପେଦା। ସେମାନଙ୍କୁ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସୂଚନାନୁସାରେ, ଗୋବିନ୍ଦପାଲିରୁ ସମରା ଗୋଲୋରୀ ଅଟୋ ଯୋଗେ ଯାଉଥିବା ବେଳେ ସାମ୍ନାପଟୁ ଆସୁଥିବା ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

## ଚାକିରି ଦେବା ଆଳରେ ଠକେଇ

# ୨ ହଜାର ଲୋକଙ୍କଠାରୁ ଠକିଛନ୍ତି ୨ କୋଟି

ସମ୍ବଲପୁର, ୨୩।୧୦ (ସମିସ): ଗ୍ରାମରେ ଛୋଟଛୋଟ ବୈଠକ କରୁଥିଲେ। ସ୍ଥାନୀୟ ଲୋକଙ୍କୁ ନିଯୁକ୍ତି ଦେବା ପାଇଁ ପରାମର୍ଶ ଦେଉଥିଲେ। ଦିନକୁ ମାତ୍ର ୧ଘଣ୍ଟା କାମ କଲେ ପାରିଶ୍ରମିକ ୪୦୦ ଟଙ୍କା ମିଳିବ ବୋଲି ଲୋଭ ଦେଖାଉଥିଲେ। ଖାଲି ସେତିକି ନୁହେଁ, ୧୨ହଜାର ଟଙ୍କା ଦେଲେ ସମ୍ବଲପୁର ମହାନଗର ନିଗମରେ ଚାକିରି କରାଇଦେବେ ବୋଲି

- ମହିଳାଙ୍କ ସମେତ ୨ ଗିରଫ
- ୬୨ ଲକ୍ଷ ଟଙ୍କା, ମୋବାଇଲ, କାଗଜପତ୍ର ଜବତ
- ସମ୍ବଲପୁର, ସୋନପୁର, ବରଗଡ଼ ଓ ବୌଦ୍ଧରେ ଚାଲିଥିଲା ରାକେଟ୍





କହୁଥିଲେ। ଏମିତି ଉପାୟରେ ପାଖାପାଖି ୨ ହଜାର ଲୋକଙ୍କଠାରୁ ୨ କୋଟି ଟଙ୍କା ଠକି ନେଇଥିବା ଏକ ରାକେଟ୍‌ର ପର୍ଦ୍ଦାଫାସ କରିଛି ବୁର୍ଲା ପୁଲିସ। ଜଣେ ମହିଳା ସମେତ ମୋଟ ଦୁଇଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, କ୍ଷେତରାଜପୁର ଥାନା ବଡ଼ବଜାରର ରାହୁଲ ଓରଫ ସମ୍ରାଟ ରାୟ(୩୨) ଓ ବୁର୍ଲା ଥାନା ସତୁପାଲିର ପଦ୍ମାବତୀ ଓରଫ ପଦ୍ମାଳୟା ତାଣ୍ଡି(୩୪)। ଅନ୍ୟ ଜଣେ ଅଭିଯୁକ୍ତ ଭୁବନେଶ୍ୱରର ସୌମ୍ୟ ସାହୁ ଫେରାର ରହିଛି। ସେମାନଙ୍କ ନିକଟରୁ ପୁଲିସ ୬୨ଲକ୍ଷ ଟଙ୍କା, ୨ଟି ମୋବାଇଲ ସହ ବିଭିନ୍ନ କାଗଜପତ୍ର ଜବତ କରିଛି। ପଦ୍ମାଳୟା ନାମରେ ଥିବା ଗୋଟାଏ ଟାଟା ମ୍ୟାଜିକ୍ ଭ୍ୟାନ ଓ ରାହୁଲ ନାମରେ ଥିବା କାର୍‌କୁ ମଧ୍ୟ ଜବତ କରିଛି।

ସୂଚନାନୁସାରେ, କିଛି ଦିନ ପୂର୍ବରୁ ସମ୍ବଲପୁର ମହାନଗର ନିଗମ (ଏସଏମସି)ରେ ସଫେଇ କର୍ମଚାରୀ ଭାବେ ନିଯୁକ୍ତି ଦେବା ପାଇଁ ଜଣକ ପିଛା ୧୨ହଜାର ଟଙ୍କା ନିଆଯାଉଥିଲା। ଏସଏମସି ଓ ଆରମାକ୍ସ ପ୍ରା. ଲିଃ ନାମକ ଏକ ସଂସ୍ଥା ଲୋକଙ୍କ ପାଖରୁ ଟଙ୍କା ନେଇ ମିଛି ନିଯୁକ୍ତି ଦେଉଥିଲା। ଏ ସଂକ୍ରାନ୍ତରେ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା। ହେଲେ ଥାନାରେ କୌଣସି ମାମଲା ଦାଖଲ ହୋଇ ନଥିଲା। ପୁଲିସ ନିଜଆଡ଼ୁ ଏହି ମାମଲାର ତଦନ୍ତ ଜାରି ରଖିଥିଲା। ଗତକାଲି ଚିପଲିମା ଅଞ୍ଚଳରେ ଏକ ବିରାଟ ସମାବେଶ ହୋଇଥିଲା। ରାହୁଲ ଓ ପଦ୍ମାଳୟା ବିରାଟକାୟ ବୈଠକର ଆୟୋଜନ କରିଥିଲେ। ସମ୍ବଲପୁର, ବରଗଡ଼, ବୌଦ୍ଧ ଓ ସୋନପୁର ଜିଲ୍ଲାରୁ ୨ରୁ ୩ ହଜାର ଲୋକଙ୍କ ସମାବେଶ ହୋଇଥିଲା। ଏକ ପ୍ରକାରର ନିଯୁକ୍ତି ମେଳା ଆୟୋଜିତ ହୋଇଥିଲା। ପୁଲିସ ଖବର ପାଇ ଉଭୟଙ୍କ ବୁର୍ଲା ଥାନାକୁ ଆଣି ଅଟକ ରଖିଥିଲା। ଏହି ଦୁଇ ଅଭିଯୁକ୍ତ ଲୋକଙ୍କ ଏପରି ଭରସା ଜିତିଥିଲେ ଯେ ସାଧାରଣ ମହିଳାମାନେ ସେମାନଙ୍କୁ ଛାଡ଼ି ଦେବା ପାଇଁ ଥାନା ଘେରାଉ କରିଥିଲେ। ପୁଲିସ ବୁଝାସୁଝା କରିବା ପରେ ମହିଳା ମାନେ ଶାନ୍ତ ପଡ଼ିଥିଲେ।

ଏହି ଦୁଇ ଅଭିଯୁକ୍ତ ନିଯୁକ୍ତି ଆଳରେ ଲୋକଙ୍କ ପାଖରୁ ପ୍ରଥମେ ୧୨ ହଜାର ନେଉଥିଲେ। ଜଣକ ପାଖରୁ ନେଇ ଅନ୍ୟମାନଙ୍କ ଦରମା ଆକାରରେ ମଧ୍ୟ ଦେଉଥିଲେ। ଲୋକଙ୍କ ବିଶ୍ୱାସ ଭରସା ସୃଷ୍ଟି କରିବା ପାଇଁ ଏହି ପ୍ରୟାସ ଜାରି ରଖିଥିଲେ। ରାହୁଲ ପୂର୍ବରୁ ଡେଲିଭରି ବୟ ଭାବେ କାମ କରୁଥିବା ବେଳେ ପଦ୍ମାଳୟା ସହ ସମ୍ପର୍କରେ ଆସିଥିଲେ। ଲୋକଙ୍କୁ ଏଭଳି ନିଯୁକ୍ତି ଦେବା କହି ଯୋଜନା କରିଥିଲେ। କେବଳ ସଫେଇ କର୍ମଚାରୀ ନୁହେଁ, ସୁପରଭାଇଜର୍, ଫିଲ୍ଡ ଅଫିସର ଭାବେ ନିଯୁକ୍ତି ଦେଇ ନୂତନ ଲୋକଙ୍କୁ ମଧ୍ୟ ଯୋଡୁଥିଲେ ବୋଲି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସମ୍ବଲପୁର ଏସ୍‌ପି ମୁକେଶ ଭାମୁ କହିଛନ୍ତି।

## ନୂଆପଡ଼ା ଉପ-ନିର୍ବାଚନ

## ୨୧ ନେତାଙ୍କୁ ଗୁରୁଦାୟିତ୍ୱ ଦେଲେ ନବୀନ

ଭୁବନେଶ୍ୱର, ୨୩।୧୦(ସମିସ): ନୂଆପଡ଼ା ଉପ-ନିର୍ବାଚନରେ ଦଳୀୟ ପ୍ରାର୍ଥୀଙ୍କ ବିଜୟ ସୁନିଶ୍ଚିତ କରିବା ପାଇଁ ବିଜେଡି ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରିଛି। ଦଳ ସେହି ଅନୁଯାୟୀ ସଂଗଠନକୁ କ୍ରିୟାଶୀଳ କରୁଛି। ନିର୍ବାଚନରେ

**ସାଂଗଠନିକ କାର୍ଯ୍ୟକଳାପ ସଂଯୋଜନା କରିବେ**



ଜୋନ୍‌ରୁ ଆରମ୍ଭ କରି ଏନ୍‌ଏସି ଏବଂ ବ୍ଲକ୍ ପର୍ଯ୍ୟନ୍ତ ଭିନ୍ନଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି। ଏହି କ୍ରମରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ଆଉ ୨୧ଜଣ ନେତାଙ୍କୁ ଗୁରୁଦାୟିତ୍ୱ ଦେଇଛନ୍ତି। ଏହି ନେତାମାନେ ଦଳ ପକ୍ଷରୁ ବିଭିନ୍ନ କ୍ଷେତ୍ରରେ ସାଂଗଠନିକ କାର୍ଯ୍ୟକଳାପକୁ ସଂଯୋଜନା କରିବେ। ଦଳ ପକ୍ଷରୁ ପ୍ରକାଶିତ ନିର୍ଦ୍ଦେଶନାମା ଅନୁଯାୟୀ, ଏହି ଦାୟିତ୍ୱରେ ପ୍ରମିଳା ମଲ୍ଲିକ, ନିରଞ୍ଜନ ବିଶି, ଟୁକୁନି ସାହୁ, ସୁବାସ ସିଂ, ରମେଶ ମାଝୀ, ଲତିକା ପ୍ରଧାନ, ପ୍ରକାଶ ମାଝୀ, ଅଳକା ମହାନ୍ତି, ଡଲି ମାଝୀ, ମହମ୍ମଦ ଆଦାମ, ଏସ.କେ ନିଜାମୁଦ୍ଦିନ, ପ୍ରଫୁଲ୍ଲ ସିଂ, ଭାନୁପ୍ରତାପ ସିଂ ମାଝୀ, ସଞ୍ଜିତ ମହାନ୍ତି, ଗିରିରାଜ ସିଂ ମାଝୀ, ଗୌରହରି ମିଶ୍ର, ଭୀଷ୍ମଦେବ ସରଫ, ରାଜୁ ଘିବେଲା, ନନ୍ଦଲାଲ ସିଂ, ଜାପାନ ମହାପାତ୍ର ଓ ପ୍ରବୀର ମହାନ୍ତି ରହିଛନ୍ତି।

■ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା

## ୨୮ ସୁଦ୍ଧା ସିଡି ଦାଖଲ ପାଇଁ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ

ବ୍ରହ୍ମପୁର, ୨୩।୧୦(ସମିସ): ପୁଲିସ ଏସ୍‌ଆଇ ପରୀକ୍ଷା କେଲେଙ୍କାରୀ ମାମଲା ଭିଜିଲାନ୍ସ କୋର୍ଟରେ ବିଚାରାଧୀନ ରହିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ୧୧୩ଜଣ ଜାମିନ ଆବେଦନର ଶୁଣାଣି ଗୁରୁବାର ଥିଲା। କିନ୍ତୁ କ୍ରାଇମବ୍ରାଞ୍ଚ ପକ୍ଷରୁ ସମୟ ମଗାଯାଇଥିବାରୁ କୋର୍ଟ ଏହାକୁ ଗ୍ରହଣ କରି ଅନୁମତି ଦେଇଥିବା ଜଣାପଡ଼ିଛି। ଏସଆଇ ନିଯୁକ୍ତି କେଲେଙ୍କାରୀ ମାମଲାରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଗୁରୁବାର ବ୍ରହ୍ମପୁର ସ୍ୱତନ୍ତ୍ର ଦୁର୍ନୀତି ନିବାରଣ ଅଦାଲତରେ କେସ ଡାଏରୀ ଦାଖଲ କରିବାର ଥିଲା। କିନ୍ତୁ କୌଣସି କାରଣବଶତଃ କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲାର ସିଡି ଦାଖଲ କରାଯାଇନାହିଁ। ଏନେଇ ଚଳିତ ମାସ ୨୮ ତାରିଖ ସୁଦ୍ଧା କେସ ଡାଏରୀ ଦାଖଲ କରିବାକୁ କୋର୍ଟ କ୍ରାଇମବ୍ରାଞ୍ଚକୁ ନିର୍ଦ୍ଦେଶ ଦେଇଥିବା ଜଣାପଡ଼ିଛି। ୨୮ ତାରିଖରେ ମାମଲାର ସିଡି ପ୍ରଦାନ ନକଲେ ମାନ୍ୟବର କୋର୍ଟ ନିଜସ୍ୱ ପ୍ରତିକ୍ରିୟା ରଖିବେ ବୋଲି ଆଇନଜୀବୀ ଦୀପକ କୁମାର ପଟ୍ଟନାୟକ ଓ ଚକ୍ରପାଣି ନାହାକ ସୂଚନା ଦେଇଛନ୍ତି। ସେପଟେ ଏହି ମାମଲାରେ ଅନ୍ୟ ଅଭିଯୁକ୍ତମାନେ ଗିରଫ ହୋଇ କୋର୍ଟଚାଲାଣ ହୋଇଥିବାରୁ କ୍ରାଇମବ୍ରାଞ୍ଚ ସିଡି ଦାଖଲ ପାଇଁ ଅଧିକା ସମୟ ମାଗିଥିବା ସରକାରୀ ପିପି ବିଶ୍ୱଜିତ ବରାଳ କହିଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ଅନିଲ ଅଗ୍ରୱାଲ

# ଓଡ଼ିଶାରେ ୧ ଲକ୍ଷ କୋଟିର ପୁଞ୍ଜିନିବେଶ କରିବ ବେଦାନ୍ତ

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜିନିବେଶ କରିବ ବେଦାନ୍ତ ଗ୍ରୁପ। ଏହି ଅର୍ଥକୁ କମ୍ପାନୀ ଢ଼େଙ୍କାନାଳରେ ପ୍ରତିଷ୍ଠା ହେବାକୁ ଥିବା ତାର ବୃହତ୍ ଆଲୁମିନିୟମ୍ ପ୍ରକଳ୍ପରେ ଖଟାଇବ। ବାର୍ଷିକ ୩ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଏହି ଆଲୁମିନିୟମ୍ ପ୍ରକଳ୍ପରେ କମ୍ପାନୀ ଏକ ୪୯୦୦ ମେଗାୱାଟ୍‌ର ପାୱାର ପ୍ଲାଣ୍ଟ ମଧ୍ୟ ସ୍ଥାପନ କରିବ ବୋଲି ଗୁରୁବାର ବେଦାନ୍ତ ଗ୍ରୁପ୍ ଅଧକ୍ଷ ଅନିଲ ଅଗ୍ରୱାଲ ସୂଚନା ଦେଇଛନ୍ତି।

ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶ୍ରୀ ଅଗ୍ରୱାଲ ଭେଟିଛନ୍ତି। ଏହି ଅବସରରେ ସେ ରାଜ୍ୟରେ ଗ୍ରୁପ ପକ୍ଷରୁ ପ୍ରସ୍ତାବିତ କେତେକ ନୂଆ ଶିଳ୍ପ ପ୍ରକଳ୍ପ ବିଷୟରେ ଆଲୋଚନା କରିଛନ୍ତି। ଏହି ଅନୁଯାୟୀ, ଆଗାମୀ ଦିନରେ ବେଦାନ୍ତ ପକ୍ଷରୁ ଓଡିଶାରେ ପ୍ରାୟ ୧ ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ କରାଯିବ। ଏହାଦ୍ୱାରା ରାଜ୍ୟରେ ୧ ଲକ୍ଷରୁ ଅଧିକ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଏଥିପାଇଁ



ଗ୍ରୁପ ରାଜ୍ୟ ସରକାରଙ୍କଠାରୁ ସମସ୍ତ ପ୍ରକାର ସହଯୋଗ ଆଶା କରୁଥିବା ଶ୍ରୀ ଅଗ୍ରୱାଲ କହିଛନ୍ତି। ଏହି ନିବେଶ ପାଇଁ ଆବଶ୍ୟକ ଜମି ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ ବୋଲି ରାଜ୍ୟ ସରକାରଙ୍କ ପକ୍ଷରୁ କମ୍ପାନୀକୁ ଭରସା ଦିଆଯାଇଛି। ଏହାସହିତ ବିଶ୍ୱର ମେଟାଲ ଭାଲ୍ୟୁ-ଚେନ୍‌ରେ ଓଡିଶାର ପ୍ରତିଷ୍ଠା ବୃଦ୍ଧି ପାଇଁ କେନ୍ଦୁଝରଠାରେ ଗ୍ରୁପ ଏକ ଅତ୍ୟାଧୁନିକ ଫେରୋ-ଆଲଏଜ୍ ପ୍ଲାଣ୍ଟ ପ୍ରତିଷ୍ଠା କରାଯିବାକୁ ଯୋଜନା କରୁଛି। ଏଥିରେ ବେଦାନ୍ତ ପକ୍ଷରୁ ୨

- ଢେଙ୍କାନାଳରେ ପ୍ରତିଷ୍ଠା ହେବ ବୃହତ୍ ଆଲୁମିନିୟମ୍ ପ୍ରକଳ୍ପ
- କେନ୍ଦୁଝରରେ ୨୦୦୦ କୋଟିର ଫେରୋ-ଆଲଏଜ୍ ପ୍ଲାଣ୍ଟ

ହଜାର କୋଟି ଟଙ୍କାର ପୁଞ୍ଜି ବିନିଯୋଗ କରାଯିବ।

ସୂଚନାନୁଯାୟୀ, ବେଦାନ୍ତ ପକ୍ଷରୁ ରାଜ୍ୟରେ ଦୁଇଟି ନୂଆ ଆଲୁମିନିଅମ୍ ପାର୍କ ମଧ୍ୟ ପ୍ରତିଷ୍ଠା କରାଯିବ। ଝାରସୁଗୁଡାରେ ଥିବା କମ୍ପାନୀର ଆଲୁମିନିଅମ୍ ପ୍ଲାଣ୍ଟ ନିକଟରେ ଗୋଟିଏ ନୂଆ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା ଯୋଜନା ରହିଛି। ଏହାସହିତ ରାଜ୍ୟର ଅନ୍ୟ ସ୍ଥାନରେ ଯେଉଁଠି ରାଜ୍ୟ ସରକାର ଜମି ଯୋଗାଇଦେବେ, ସେଠାରେ ମଧ୍ୟ ଆଉଏକ ଆଲୁମିନିଅମ୍ ପାର୍କ ପ୍ରତିଷ୍ଠା କରାଯିବ। ଏହି ଦୁଇଟି ଅତ୍ୟାଧୁନିକ ପାର୍କରେ ଅତ୍ୟନ୍ତ ଉନ୍ନତ ଗ୍ରେଡ୍‌ର ଆଲୁମିନିଅମ୍ ଆଲୟ ପ୍ରସ୍ତୁତ କରାଯିବ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଓଡିଶାର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହି ପୁଞ୍ଜି ନିବେଶ ଏକ ଗେମ୍-ଚେଞ୍ଜର ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ବେଦାନ୍ତ ଅଧକ୍ଷ ଶିଳ୍ପ ପ୍ରକଳ୍ପ ଗୁଡିକୁ ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ସରକାରଙ୍କ ସହଯୋଗ ପାଇଁ ଧନ୍ୟବାଦ ପ୍ରଦାନ କରିଥିଲେ। ଏଥିରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଖଣି ଓ ଇସ୍ପାତ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେନ୍ଦ୍ର କୁମାର ଏବଂ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ନୂଆପଡ଼ା ଉପନିର୍ବାଚନ

# ପଣ୍ଡା ପିତାପୁତ୍ରଙ୍କ ଗତିବିଧିକୁ ନେଇ ଦ୍ୱନ୍ଦ୍ୱରେ ବିଜେପି

ଭୁବନେଶ୍ୱର, ୨୩।୧୦ (ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ବିଜେଡି, ବିଜେପି ଓ କଂଗ୍ରେସ ନିଜର ପ୍ରଚାର ଅଭିଯାନକୁ ଜୋରଦାର କରିଛନ୍ତି। ଏହି ଆସନକୁ ହାତେଇବା ଏବେ ୩ ଦଳ ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବା ବେଳେ ଏଥିଲାଗି ୩ ଦଳ ମଧ୍ୟରେ ପ୍ରାଣମୂର୍ଚ୍ଛା ଉଦ୍ୟମ ଆରମ୍ଭ ହୋଇଛି। ତେବେ ରାଜ୍ୟରେ ଶାସନ ସମ୍ଭାଳିବାର ୧୫ ମାସ ପରେ ବିଜେପି ପ୍ରଥମଥର ଉପ-ନିର୍ବାଚନର ସମ୍ମୁଖୀନ ହେଉଥିବାରୁ ଦଳ ପାଇଁ ଏକ ପ୍ରକାର ଅଗ୍ନିପରୀକ୍ଷା ପାଲଟିଛି। ଗତ ୧୫ ମାସରେ ରାଜ୍ୟ ସରକାରଙ୍କ ଶାସନରେ ଲୋକେ କେତେ ମାତ୍ରାରେ ସନ୍ତୁଷ୍ଟ ଅଛନ୍ତି, ତାହା ଏହି ଉପ ନିର୍ବାଚନ ଫଳାଫଳରେ ପ୍ରତିଫଳିତ ହେବା ଆଶଙ୍କାରେ ଏହାକୁ ନେଇ ବିଜେପି ନେତୃତ ବେଶ୍ ଚିନ୍ତିତ। କଳ, ବଳ ଏବଂ କୌଶଳ ଲଗାଇ କିପରି ବିଜେପି ଜିତାପଟ୍ କରିବ ସେନେଇ ଜୋରଦାର ପ୍ରୟାସ ଦଳ କରୁଥିବା ବେଳେ ନୂଆପଡ଼ା ବିଜେପିର ପରିଚୟ କୁହାଯାଉଥିବା ବସନ୍ତ ପଣ୍ଡା ଏବଂ ତାଙ୍କ ପୁଅ ଅଭିନନ୍ଦନ ବିଜେପି ପାଇଁ ଏବେ ଚିନ୍ତାର କାରଣ ପାଲଟିଛନ୍ତି। ଉଭୟ ବାପ-ପୁଅ ଦଳ ପାଇଁ ପ୍ରଚାର କରୁଥିଲେ ହେଁ ଜୟ ଢୋଲକିଆଙ୍କୁ ଖୋଲା ହୃଦୟରେ ଗ୍ରହଣ କରିପାରୁ ନାହାନ୍ତି। ଉଭୟେ ବିଜେପି ଜିନ୍ଦାବାଦ ନାରା ପକାଉଥିଲେ ହେଁ ଜୟ ଜିନ୍ଦାବାଦ କହିବାକୁ ସେମାନଙ୍କ ଜିଭ ଲେଉଟୁନାହିଁ।

ଜୟ ଢୋଲକିଆ ବିଜେପିରେ ମିଶିବା ପୂର୍ବରୁ ଭୁବନେଶ୍ୱର ରାଜ୍ୟ ଅତିଥି ଭବନରେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ସଂଗଠନ ମହାମନ୍ତ୍ରୀ ମାନସ ମହାନ୍ତି ବସନ୍ତ ପଣ୍ଡାଙ୍କୁ ନେଇ କବାଟ କିଳା ବୈଠକ କରିଥିଲେ। ଏକାଧିକ ଲୋଭନୀୟ ପ୍ରତିଶ୍ରୁତି ପରେ ବସନ୍ତ ନିରବ ରହିବା ସହ ଜୟଙ୍କ ମିଶ୍ରଣ ମଞ୍ଚ ଉପରେ ଚଢ଼ିବାକୁ ରାଜି ହୋଇଥିଲେ। ଏହାପରେ ଜୟଙ୍କୁ ଦଳୀୟ ପ୍ରାର୍ଥୀ କରାଯାଇଥିଲେ ହେଁ ଏହାକୁ ଉଭୟେ ବାପ-ପୁଅ ଯୋଡ଼ି ଖୋଲା ହୃଦୟରେ ଗ୍ରହଣ କରିପାରୁ ନାହାନ୍ତି। ବିଶେଷକରି ନିଜର ରାଜନୈତିକ ପରିଚୟ ସଂକଟରେ ଥିବାନେଇ ଅନୁମାନ କରି ଉଭୟେ ଏବେ ସୁଚିନ୍ତିତ ଯୋଜନା ସହ ଆଗକୁ ବଢୁଛନ୍ତି। ପ୍ରଚାରଠାରୁ ଆରମ୍ଭ କରି ଦଳୀୟ ବୈଠକ ଯାଏଁ ବସନ୍ତ-ଅଭିନନ୍ଦନ ସବୁଥିରେ ଅଂଶଗ୍ରହଣ କରୁଛନ୍ତି। ମାତ୍ର ଜୟଙ୍କର ଜୟକାର କରିବାକୁ ତାଙ୍କ ହୃଦୟ ଚାହୁଁନାହିଁ। ନିଜର ପ୍ରତିଟି ଭାଷଣରେ ବସନ୍ତ ମୋଦୀ-ଶାହା, କେନ୍ଦ୍ର ସରକାରଙ୍କୁ ପ୍ରଶଂସାରେ ପୋତୁଛନ୍ତି। ମାତ୍ର ପ୍ରାର୍ଥୀଙ୍କ ପାଇଁ ପଦୁଟିଏ ପାଟି ଫିଟାଉ ନାହାନ୍ତି। ସେହିପରି ଅଭିନନ୍ଦନ ମଧ୍ୟ ପ୍ରଚାର ବେଳେ ଜୟଙ୍କ ଅପେକ୍ଷା ନିଜର ପ୍ରଚାର ପ୍ରସାରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଉଭୟଙ୍କର ଗତିବିଧିକୁ ଲକ୍ଷ୍ୟ କଲେ ଏହା ଦଳ ପାଇଁ ଶୁଭ ଲକ୍ଷଣ ନୁହେଁ ବୋଲି ସ୍ଥାନୀୟ ଅଞ୍ଚଳର ବିଜେପି ସମର୍ଥକମାନେ ମତ ଦେଉଛନ୍ତି।

**ସଭା ସମିତିରେ ଜୟଙ୍କ ନାଁ ନେଉନାହାନ୍ତି ବସନ୍ତ**

**ବିଜେପିର ଜୟ-ଜୟକାର; ଜୟଙ୍କ ପାଇଁ କୁଣ୍ଠକୁଣ୍ଠ**

ନିକଟରେ ମୁଖ୍ୟମନ୍ତ୍ରୀଙ୍କ ସମାବେଶ ଏବଂ ଜୟ ଢୋଲକିଆଙ୍କ ନାମାଙ୍କନ ଦାଖଲ ଦିନ ଦଳର ଆଶାଠାରୁ ଖୁବ୍ କମ ଲୋକେ ଏକତ୍ରିତ ହେଇଥିଲେ। ଏପରିକି ମୁଖ୍ୟମନ୍ତ୍ରୀଙ୍କ ସଭାରେ ଲୋକ ହୋଇନଥିବା ବେଳେ ସେମାନଙ୍କ ପାଇଁ ପ୍ରସ୍ତୁତ ଖାଦ୍ୟ ବାହାରେ ଫୋପଡ଼ାଯାଇଥିବା ଲକ୍ଷ୍ୟ କରାଯାଇଥିଲା। ଏହା ପଛରେ ବସନ୍ତ-ଅଭିନନ୍ଦନଙ୍କ ନିରବତାକୁ ଦାୟୀ କରିଛନ୍ତି ସ୍ଥାନୀୟ ବିଜେପି କର୍ମୀ। ଜଣେ କର୍ମୀ କହିଛନ୍ତି ଯେ ଆମେ ମୂଳରୁ ବସନ୍ତ ପଣ୍ଡାଙ୍କୁ ସମର୍ଥନ କରିଆସୁଛୁ। ମୁଖ୍ୟମନ୍ତ୍ରୀଙ୍କ ସଭାକୁ ଯିବା ପାଇଁ ଆମକୁ ବସନ୍ତ ବାବୁ କିମ୍ବା ଅଭିନନ୍ଦନ ବାବୁଙ୍କ ପକ୍ଷରୁ କୌଣସି ସୂଚନା ନଥିଲା। ଫଳରେ ଆମେ ସଭାକୁ ଯାଇନଥିଲୁ।

ଅପରପକ୍ଷେ ରାଜନୈତିକ ସମୀକ୍ଷକଙ୍କ ଅନୁଯାୟୀ ନୂଆପଡ଼ାରେ ବସନ୍ତ-ଅଭିନନ୍ଦନଙ୍କ ଗୁରୁତ୍ୱକୁ ବେଶ୍ ଭଲ ଭାବେ ଆକଳନ କରିଛନ୍ତି ରାଜ୍ୟ ନେତୃତ୍ୱ। ବସନ୍ତ ନୂଆପଡ଼ାରୁ ଦୁଇଥର ବିଧାୟକ ହୋଇଥିବା ବେଳେ ତାଙ୍କ ପୁଅ ମଧ୍ୟ ଗତ ନିର୍ବାଚନରେ ପ୍ରାୟ ୪୫ ହଜାର ଭୋଟ ପାଇଥିଲେ। ଏପରିକି ନୂଆପଡ଼ା ବ୍ଲକରେ ଅଭିନନ୍ଦନ ପଣ୍ଡାଙ୍କର ଭଲ ସମର୍ଥକ ରହିଛନ୍ତି। ତେଣୁ ଉଭୟଙ୍କୁ ବାଦି ଦେଇ ଦଳୀୟ ରଣନୀତି ପ୍ରସ୍ତୁତ କରିବା ଏକପ୍ରକାର ଅସମ୍ଭବ ହୋଇପଡୁଥିବା ବେଳେ ଉଭୟଙ୍କୁ ସବୁ କ୍ଷେତ୍ରରେ ଗୁରୁତ୍ୱ ଦିଆଯାଉଛି। ଏହାସତ୍ତ୍ୱେ ପଣ୍ଡା ପରିବାରର ଓଲଟା ଚାଲି ବିଜେପି ନେତୃତ୍ୱଙ୍କୁ ଚିନ୍ତାରେ ପକାଇଥିବା ଜଣାପଡ଼ିଛି।

## ଆତ୍ମସମର୍ପଣ କଲେ ୫୦ ମାଓବାଦୀ

ମାଲକାନଗିରି, ୨୩।୧୦ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡ଼ରେ ମୂଳପୋଛ ହେବାରେ ଲାଗିଛି ମାଓ ସଂଗଠନ। କ୍ରମାଗତ ଭାବେ ଶହଶହ ମାଓବାଦୀ ସଂଗଠନ ଛାଡ଼ି ଆତ୍ମସମର୍ପଣ କରୁଛନ୍ତି। ଏହି କ୍ରମରେ ଆଜି ପୁଣି ୫୦ କୁଖ୍ୟାତ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏମାନେ ମାଓ ସଂଗଠନରେ ସକ୍ରିୟ ରହିଥିବା ବେଳେ ଅନେକ ହିଂସାକାଣ୍ଡର ନେତୃତ୍ୱ ନେଇଥିଲେ। ସୂଚନାନୁଯାୟୀ, ସଙ୍ଗଠନର କେନ୍ଦ୍ରୀୟ କମିଟି ମେମ୍ବର ରାମଧରଙ୍କ ନେତୃତ୍ୱରେ ଛତିଶଗଡ଼ର ପୁଖାଞ୍ଜୁର ଜିଲ୍ଲାର ମହଲା ସୁରକ୍ଷା କ୍ୟାମ୍ପରେ ଆଜି ଏହି ମାଓବାଦୀମାନେ ଆତ୍ମସମର୍ପଣ କରିଛନ୍ତି। ଏହାସହ ୩୦ରୁ ଅଧିକ ଅସ୍ତ୍ରଶସ୍ତ୍ର ପୁଲିସକୁ ପ୍ରଦାନ କରିଛନ୍ତି। ଏହା ମାଓଦମନ ଅଭିଯାନକୁ ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଆତ୍ମସମର୍ପଣକାରୀ ମାଓନେତା ରାମଧରଙ୍କ ନାମରେ ସରକାର ୫୦ ଲକ୍ଷ ଟଙ୍କାର ପୁରସ୍କାର ଘୋଷଣା କରିଥିଲେ।

# ଆଜି ଲଘୁଚାପ, ଘନୀଭୂତ ହେବା ଆଶଙ୍କା

ଭୁବନେଶ୍ୱର, ୨୩।୧୦ (ସମିସ): ବଙ୍ଗୋପସାଗରରେ ଦାନା ବାନ୍ଧୁଛି ଆଉ ଏକ ଲଘୁଚାପ। ବୁଧବାରଠାରୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ପାର୍ଶ୍ୱବର୍ତ୍ତୀ ଦକ୍ଷିଣ ଆଣ୍ଡାମାନ ସାଗର ଉପରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ଗୁରୁବାର ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗରରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ପଶ୍ଚିମ-ଉତ୍ତର ପଶ୍ଚିମ ଦିଗରେ ଗତି କରିବ। ତେବେ କେତେ ଘନୀଭୂତ ହେବ ଓ କେଉଁଠାରେ ସ୍ଥଳଭାଗ ଅତିକ୍ରମ କରିବ ତାହା ସ୍ପଷ୍ଟ ହୋଇନାହିଁ ବୋଲି ପାଣିପାଗ କେନ୍ଦ୍ର କହିଛି।

**୨୭ରୁ ବର୍ଷା, ୨୮ରେ ବଢ଼ିବ**

**ଆନ୍ଧ୍ର-ଓଡ଼ିଶା ଉପରେ ପଡ଼ିବ ପ୍ରଭାବ**

ପାଣିପାଗ ବିଜ୍ଞାନୀଙ୍କ କହିବା କଥା, ଏହି ଲଘୁଚାପଟି ଶକ୍ତିଶାଳୀ ହୋଇ ଅବପାତରେ ପରିଣତ ହେବା ଏକପ୍ରକାର ନିଶ୍ଚିତ ଥିବା ବେଳେ ଯଦି ପାଣିପାଗ ସ୍ଥିତି ଅନୁକୂଳ ହୁଏ ତେବେ ଗଭୀର ଅବପାତ/ବାତ୍ୟା ଆଶଙ୍କାକୁ ମଧ୍ୟ ଏଡ଼ାଯାଇ ନପାରେ। ସେହିପରି ପ୍ରାଥମିକ ଭାବେ ଏହା ଆନ୍ଧ୍ର ଉପକୂଳମୁହାଁ ହେବା ନେଇ ଆକଳନ କରାଯାଉ ଥିଲେ ମଧ୍ୟ ଓଡ଼ିଶା ଉପରେ ଏହାର ପରୋକ୍ଷ ଓ ପ୍ରତ୍ୟକ୍ଷ ପ୍ରଭାବ ରହିବ। ଯଦି ଏହା ଉତ୍ତର ଆନ୍ଧ୍ରରେ ସ୍ଥଳଭାଗ ଅତିକ୍ରମ କରେ ତେବେ ରାଜ୍ୟର ସମସ୍ତ ଉପକୂଳବର୍ତ୍ତୀ ଜିଲ୍ଲାରେ ବର୍ଷା ସାଙ୍ଗକୁ ସମ୍ପୂର୍ଣ୍ଣ ଦକ୍ଷିଣ ଓଡ଼ିଶା ଓ ଉପକୂଳ ସଂଲଗ୍ନ ଜିଲ୍ଲାଗୁଡ଼ିକରେ ମଧ୍ୟ ବର୍ଷାର ପ୍ରଭାବ ରହିପାରେ। ସେହିପରି ଲଘୁଚାପ ଅଧିକ ଶକ୍ତିଶାଳୀ ହେଲେ, ଓଡ଼ିଶା ଆଡ଼କୁ ମୁହାଁଇବାର ସମ୍ଭାବନା ବଢ଼ିଯିବ। ତେଣୁ ରାଜ୍ୟରେ ଅଧିକ ଅଞ୍ଚଳରେ ବର୍ଷା ସାଙ୍ଗକୁ ପବନ ଦେଖାଦେଇପାରେ। ଅନ୍ୟପଟେ ଆସନ୍ତା ୨୭ତାରିଖ ବେଳକୁ ଗୋଟିଏ ପଶ୍ଚିମା ଝଡ଼ର ପ୍ରଭାବ ଆରମ୍ଭ ହେବ। ସାଧାରଣତଃ ପଶ୍ଚିମା ଝଡ଼ ଦ୍ୱାରା ଉପରିଭାଗରେ ବାୟୁ ଚଳାଚଳର ତାରତମ୍ୟ ଅବପାତ/ବାତ୍ୟାଗୁଡ଼ିକର ଦିଗ ପରିବର୍ତ୍ତନ କରାଇବାରେ ସହାୟକ ହୋଇଥାଏ। ତେଣୁ ବର୍ତ୍ତମାନ ଉଭୟ ଆନ୍ଧ୍ର ଓ ଓଡ଼ିଶା ଉପରେ ସମ ପରିମାଣର ବର୍ଷା-ପବନ ଭୟ ରହୁଛି। ଏହି ସ୍ଥିତି ଯୋଗୁଁ ଆସନ୍ତା ୨୭ରୁ ରାଜ୍ୟର ବିଭିନ୍ନ ସ୍ଥାନରେ ବର୍ଷା ଆରମ୍ଭ ହେବ। ୨୮ ଓ ୨୯ରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବାର ସମ୍ଭାବନା ରହିଛି।

ଦୁଇଦିନ ପୂର୍ବେ ସୃଷ୍ଟ ଲଘୁଚାପ ବର୍ତ୍ତମାନ ଓଡ଼ିଶାଠାରୁ ଦୂରକୁ ଚାଲିଯାଇଛି। ମାତ୍ର ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଅନୁଭୂତ ହୋଇଛି। ଗତ ୨୪ ଘଣ୍ଟାରେ ରାୟଗଡ଼ାରେ ୧୬ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ କୋରାପୁଟରେ ୮ ଓ ଜଗତସିଂହପୁରରେ ୯ ମିମି ବର୍ଷା ରେକର୍ଡ ହୋଇଛି। ଶୁକ୍ରବାର ୧୧ଟି ଜିଲ୍ଲାର କିଛି ସ୍ଥାନରେ ସ୍ୱଳ୍ପ ବର୍ଷା ଆଶଙ୍କା ରହିଥିବା ନେଇ ପାଣିପାଗ କେନ୍ଦ୍ର ସୂଚନା ଦେଇଛି।

# ଜେଲ୍‌ରେ ଚାଲିଛି ଅପରାଧୀଙ୍କ ରାଜ୍

ଭୁବନେଶ୍ୱର,୨୩।୧୦(ସମିସ): ରାଜ୍ୟରେ ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା ବ୍ୟବସ୍ଥା। ଦିନକୁ ଦିନ ବଢ଼ି ଚାଲିଛି ଅପରାଧୀଙ୍କ ରାଜ। ଜେଲ ବି ଏଥିରୁ ବାଦ ପଡ଼ିନାହିଁ। ଜେଲ ଭିତରେ ମାରପିଟ୍, ଗ୍ୟାଙ୍ଗୱାର, ମର୍ଡର ଓ ଡ୍ରଗ୍ସ କାରବାର କର୍ତ୍ତୃପକ୍ଷଙ୍କ ନିଦ ହଜାଇ ଦେଇଥିବା ବେଳେ ଏବେ ଜେଲରୁ କଏଦୀ ଚମ୍ପଟ ମାରିବାକୁ ଆରମ୍ଭ କଲେଣି। ଜେଲ ଭିତରେ ବଢୁଥିବା ଏପରି ଅରାଜକତା ପାଇଁ ଦାୟୀ କିଏ? ଏହାର କାରଣ ଖୋଜି ବାହାର କରିବା ବଦଳରେ ତଳିଆ କର୍ମଚାରୀଙ୍କୁ ଦୋଷ ଦେଇ ଖସିବାକୁ ଉଦ୍ୟମ ଚାଲିଛି।

ଚୌଦ୍ୱାର ଜେଲରୁ ଫେରାର ଦୁଇ ହାର୍ଡକୋର କଏଦୀ ଧରାପଡ଼ିନଥିବା ବେଳେ ପୁଣି ବାଲେଶ୍ୱର ସୋର ଜେଲରୁ ଆଉ ୨ଜଣ କଏଦୀ ଫେରାର ହୋଇଛନ୍ତି। ଏହି ଦୁଇ ଘଟଣାରେ କେବଳ ଜେଲ ୱାର୍ଡରଙ୍କୁ ନିଲମ୍ବିତ କରି ଦୋଷ ଖସାଇ ଦେଉଛି ଜେଲ ବିଭାଗ। ଏବେ ପୁଣି ଚୌଦ୍ୱାର ଜେଲରେ କଇଦୀଙ୍କ ମଧ୍ୟରେ ଗ୍ୟାଙ୍ଗୱାର ଘଟଣା ସାମନାକୁ ଆସିଛି। ଏହାର ସିସିଟିଭି ଫୁଟେଜ ଏବେ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବାରେ ଲାଗିଛି। ଜେଲ ବିଭାଗ ଘର ସଜାଡ଼ିବା ବଦଳରେ ସିସିଟିଭି ଫୁଟେଜ ବାହାରକୁ କିଏ ଛାଡ଼ିଲା, ଉକ୍ତ କର୍ମଚାରୀଙ୍କୁ ଧରିବାକୁ ଖୋଳତାଡ଼ କରୁଛି। କିଛିମାସ ମଧ୍ୟରେ ରାଜ୍ୟର ବିଭିନ୍ନ ଜେଲରେ ୩୦ରୁ ଅଧିକ ଏଭଳି ଘଟଣା ଘଟିଲାଣି।

ଜେଲ ଏବେ କାଳ କୋଠରୀ ନୁହେଁ, ବରଂ ସୁଧାର ଗୃହ। ଏଭଳି ଏକ ଗଠନମୂଳକ ପ୍ରୟାସ

- ବଢୁଛି ମାରପିଟ୍, ନିଶା କାରବାର
- ଚମ୍ପଟ ମାରୁଛନ୍ତି କଏଦୀ, କର୍ତ୍ତୃପକ୍ଷ ବେଫିକର

ନେଇ କିଛି ଦିନ ତଳେ ଆଗେଇ ଚାଲିଥିଲା ଜେଲ ବିଭାଗ। ଏବେ କିନ୍ତୁ ଜେଲ ବିଭାଗ ଗୋଟିଏ ପରେ ଗୋଟିଏ କଳଙ୍କ ମୁଣ୍ଡେଇବାରେ ଲାଗିଛି। ଗତକାଲି ଚୌଦ୍ୱାର ସର୍କଲ ଜେଲରେ ଘଟିଥିଲା ତୁମୁଳକାଣ୍ଡ। କବି ସେଠ ନାମକ ଅନ୍ତେବାସୀଙ୍କୁ ମାଡ଼ ମାରି ଲହୁଲୁହାଣ କରିଛନ୍ତି ଅନ୍ୟ ଅନ୍ତେବାସୀ। ଏହା ଗ୍ୟାଙ୍ଗୱାରର ପରିଣାମ ବୋଲି କୁହାଯାଉଛି। ସେହିପରି ଆଜି ସକାଳୁ ଏକ ପକସୋ ମାମଲାର ଅଭିଯୁକ୍ତଙ୍କ ଦେହରେ କରେଣ୍ଟ ଲାଗିବା ଦ୍ୱାରା ବରଗଡ଼ ଜେଲରେ ତାଙ୍କର ମୃତ୍ୟୁ ହୋଇଛି। ହାଇ ସିକ୍ୟୁରୀଟି ମଧ୍ୟରେ ଜଣେ ଅନ୍ତେବାସୀ ବିଦ୍ୟୁତ ତାରକୁ କେମିତି ଧରିଲେ ତାକୁ ପ୍ରଶନ ଉଠିଲାଣି। ସେହିପରି ଗତ ୩ ତାରିଖରୁ ଚୌଦ୍ୱାର ଜେଲର ସେଲ କାଟି ଚମ୍ପଟ ମାରିଥିବା ଦୁଇ ହତ୍ୟାକାରୀ କଏଦୀଙ୍କ ସମ୍ପର୍କରେ ମଧ୍ୟ କୌଣସି ସୂଚନା ଏଯାଏଁ ମିଳିନାହିଁ। ଯାହାକୁ ନେଇ ଚିନ୍ତା ପ୍ରକଟ କରିଛନ୍ତି ବିଶେଷଜ୍ଞ।

ସେଣ୍ଟ୍ରାଲ ଜେଲ ଭଳି ସୁବିଧା ସୁଯୋଗ ଥିବା ଚୌଦ୍ୱାର ସର୍କଲ ଜେଲ ମଧ୍ୟ ଆଦୌ ସୁରକ୍ଷିତ ନୁହେଁ। କିନ୍ତୁ ଏପଟେ ଲୋକବଳ ଅଭାବକୁ ଢାଲ କରିଛି ଜେଲ ବିଭାଗ। ଜେଲ କର୍ମଚାରୀଙ୍କୁ ବଡି କ୍ୟାମେରା, ପୁରସ୍କାର ଆଦି ବ୍ୟବସ୍ଥା କରାଯାଉଥିଲେ ମଧ୍ୟ ସେମାନଙ୍କ ଘନିଷ୍ଠତା କଏଦୀଙ୍କ ସହ ବଢୁଛି। ଯାହା ଫଳରେ କାରାଗାର ଭିତରକୁ ବେଧଡକ ପଶୁଛି ଗଞ୍ଜେଇ, ଅଫିମ ଓ ମାଦକ ଦ୍ରବ୍ୟ। ବିସ୍କୁଟ ମିକ୍‌ସ୍‌ଚର ପ୍ୟାକେଟ ଭିତରେ ଯା ଆସ କରୁଛି ମୋବାଇଲ। ସୁ ଉଚ୍ଚ କାନ୍ଥକୁ ଭେଦ କରି ଟେନିସ ବଲ ଜରିଆରେ ଜେଲ ଭିତରକୁ ଫିଙ୍ଗା ଯାଉଛି ଆବଶ୍ୟକ ସାମଗ୍ରୀ। ଆଉ ଏସବୁକୁ ରୋକିବା ପାଇଁ ଆକ୍ସନ ପ୍ଲାନ ହୋଇଥିବା ସଫେଇ ଦେଉଛି ବିଭାଗ। କିନ୍ତୁ ବାସ୍ତବରେ ଜେଲ ବିଭାଗର ଏକ ପ୍ରକାର କୋମାରେ ରହିଯାଇଥିବା କୁହାଯାଉଛି। ବଡ଼ କଥା ହେଲା ଜେଲରୁ କଏଦୀ ଫେରାର ହେବା ପାଇଁ ମୁଖ୍ୟତଃ ଜେଲ ୱାର୍ଡର ଦାୟୀ। ସେମାନେ ଗୋଟିଏ ଜେଲରେ ଦୀର୍ଘ ବର୍ଷ ରହୁଥିବାରୁ ହାର୍ଡକୋର କଏଦୀଙ୍କୁ ପରୋକ୍ଷରେ ସହଯୋଗ କରୁଛନ୍ତି। ସେମାନଙ୍କ ନିକଟକୁ ମୋବାଇଲ, ଗଞ୍ଜେଇ ଏବଂ ଅନ୍ୟାନ ଜରୁରୀ ସାମଗ୍ରୀ ଦେଉଛନ୍ତି। ଆହୁରି ମଧ୍ୟ କିଭଳି ଜେଲରୁ ଫେରାର ହେବ, ତାହାର ବାଟ ମଧ୍ୟ ବତାଉଛନ୍ତି। ଯାହାକି ଚୌଦ୍ୱାର ଜେଲରୁ ସ୍ପଷ୍ଟ ହୋଇଛି। କାରଣ ଚୌଦ୍ୱାର ଜେଲ ପଛରେ ରେଲୱେ ଷ୍ଟେସନ ଥିବା କିଭଳି କଏଦୀ ଜାଣି ଉକ୍ତ ପଛ ବାଟ ଦେଇ ଫେରାର ହୋଇଥିଲେ। ତେଣୁ ଏସବୁ ଘଟଣା ପଛରେ ଜେଲ ୱାର୍ଡରଙ୍କ ହାତ ରହିଥିବା କୁହାଯାଉଛି।

## ଜି.ଉଦୟଗିରିରେ ବ୍ଲକସ୍ତରୀୟ 'ସୁରଭି'



ଜି.ଉଦୟଗିରି,୨୩।୧୦(ସମିସ): ଜି.ଉଦୟଗିରି ସ୍ଥିତ ହବାକ୍ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ ସମାରୋହରେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଫିତା କାଟି ଉଦ୍‌ଘାଟନ କରିଥିଲେ। ବିଇଓ ମିହିର କୁମାର ପ୍ରଧାନ, ଶିକ୍ଷକ ନିବେଦିତ ପ୍ରଧାନ, ପ୍ରଫୁଲ୍ଲ ସାହୁ, ହବାକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ରଞ୍ଜିତ ପାଟମାଝି, ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଳୟକାନ୍ତ ନାୟକ, ବରିଷ୍ଠ ସାମ୍ବାଦିକ ଅରୁଣ କୁମାର ଷଡ଼ଙ୍ଗୀ, ଓଏଭି ପ୍ରିନ୍ସିପାଲ ଶୁଭମ୍ ଶାଶ୍ୱତ ସାହୁ ଓ ଶିକ୍ଷକ ବିଜୟ କୁମାର ମିଶ୍ର ଅତିଥି ଭାବରେ ମଞ୍ଚାସୀନ ଥିଲେ। ଶିକ୍ଷକ ପ୍ରସନ୍ନ ପ୍ରଧାନଙ୍କ ପରିଚାଳନାରେ ଛାତ୍ରଛାତ୍ରୀ ଅତିଥିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ୍ ପ୍ରଦାନ କରି ସମ୍ମାନିତ କରିଥିଲେ। ପରେ ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମର ଆରମ୍ଭ ହୋଇଥିଲା।ବ୍ଲକ ଅନ୍ତର୍ଗତ ୯ କ୍ଲଷ୍ଟରରୁ ଆସିଥିବା ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ନିଜ ପ୍ରତିଭା ପ୍ରଦର୍ଶନ କରିଥିଲେ। କ୍ଲଷ୍ଟରସ୍ତରରେ କୃତିତ୍ୱ ଦେଖାଇଥିବା ପ୍ରତିଯୋଗୀ ବ୍ଲକସ୍ତରୀୟ ମଞ୍ଚରେ ଅଂଶଗ୍ରହଣ କରିଥିଲେ।ଅପରାହ୍ନରେ ଅନୁଷ୍ଠିତ ସମାବର୍ତ୍ତନ ସମାରୋହ ବିଇଓ ମିହିର କାନ୍ତ ପ୍ରଧାନଙ୍କ ନେତୃତ୍ୱରେ ହୋଇଥିଲା। ହବାକ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁଖ୍ୟ ଅତିଥି ଭାବେ ମଞ୍ଚାସୀନ ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ରଟିଙ୍ଗିଆ ପଞ୍ଚାୟତ ହାଇସ୍କୁଲ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ସାହୁ ଓ ଜି.ଉଦୟଗିରି ପ୍ରେସ କ୍ଲବ୍ ସଭାପତି ରାମକୃଷ୍ଣ ଚୌଧୁରୀ ଯୋଗ ଦେଇଥିଲେ। କୃତି ପ୍ରତିଭାଙ୍କୁ ଟ୍ରଫି ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରସନ୍ନ ପ୍ରଧାନ ପରିଚାଳନା କରିଥିବା ବେଳେ ବିଭିନ୍ନ ସ୍କୁଲରୁ ଆସିଥିବା ସିଆରସି, ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ଥିଲେ।

## ସଦାରାମ ପୋଖରୀର ସୀମା ପୁନଃନିର୍ଦ୍ଧାରଣ ଆରମ୍ଭ



ପାରଳାଖେମୁଣ୍ଡି,୨୩।୧୦(ସମିସ): ପାରଳାଖେମୁଣ୍ଡି ସ୍ଥିତ ସଦାରାମ ପୋଖରୀର ସୀମା ପୁନଃନିର୍ଦ୍ଧାରଣ ପାଇଁ ଜିଲ୍ଲାପାଳ ନିର୍ଦ୍ଦେଶ ଦେବା ପରେ ଆରମ୍ଭ ହୋଇଛି ପ୍ରକ୍ରିୟା। ସମାଜସେବୀ ପ୍ରନୋଜ କୁମାର ପଟ୍ଟନାୟକ ଗତ ସେପ୍ଟେମ୍ବର ୩ରେ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଥିଲେ। ଜିଲ୍ଲାପାଳ ସୀମା ପୁନଃନିର୍ଦ୍ଧାରଣ ପାଇଁ ୧୯ ତାରିଖରେ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଳମ୍ବ ହୋଇଥିଲେ ମଧ୍ୟ ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକ ନେତୃତ୍ୱରେ ଚାରିଜଣିଆ ଟିମ୍ ଗୁରୁବାର ଅପରାହ୍ନରେ ପୋଖରୀର ସୀମା ପୁନଃନିର୍ଦ୍ଧାରଣ କରିଥିଲେ। କାର୍ଯ୍ୟକ୍ରମ ଜାରି ରହିଥିବା ବେଳେ ଉକ୍ତ ଟିମ୍ ନଜରରେ ଜଣେ ବାସିନ୍ଦାଙ୍କ ଘର ସଦାରାମ ବନ୍ଧ ପରିସୀମା ଭିତରେ କିଛି ଫୁଟ ଜବରଦଖଲ ହୋଇଥିବା ସନ୍ଦେହ ହୋଇଥିଲା। ଯାହାକୁ ନେଇ ଉକ୍ତ ଘର ମାଲିକଙ୍କୁ ଘରର ଦସ୍ତାବିଜ ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକ ପ୍ରଦାନ କରିବାକୁ କହିଛନ୍ତି। ଏହି ଅବସରରେ ୩ନମ୍ବର ୱାର୍ଡର କାଉନସିଲର ବିଭୂତି ଭୂଷଣ ବେହେରାଙ୍କ ସମେତ ବହୁ ଅଞ୍ଚଳବାସୀ ଉପସ୍ଥିତ ଥିଲେ। ଉକ୍ତ ସୀମା ପୁନଃନିର୍ଦ୍ଧାରଣରେ ପାରଳାଖେମୁଣ୍ଡି ପୌର ପରିଷଦର ଅମୀନ, ପାରଳାଖେମୁଣ୍ଡି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟର ଅମୀନ ସାମିଲ ହୋଇଥିଲେ। କିଛି ସ୍ଥାନୀୟ ବାସିନ୍ଦା ସଦାରାମ ପୋଖରୀର ଚାଲିଥିବା ଉନ୍ନତି ମୂଳକ କାମରେ ଦୁଇରୁ ତିନି ଫୁଟ ଜାଗା ଛାଡ଼ି ଆଲୋକିକରଣ ପାଇଁ ହେଉଥିବା ବ୍ୟବସ୍ଥାକୁ ବିରୋଧ କରିଛନ୍ତି। ଯଦି ପୋଲ ଗୁଡ଼ିକ ଏପରି ପୋତାଯାଏ ତେବେ ଆଗାମୀ ଦିନରେ ଜବରଦଖଲ ନିୟନ୍ତ୍ରଣ ବାହାରେ ହେବ ବୋଲି ଆଶଙ୍କା କରିଛନ୍ତି।

## ଛତୁଆ ପ୍ରସ୍ତୁତ କେନ୍ଦ୍ରରେ ଉପଜିଲ୍ଲାପାଳଙ୍କ ଯାଞ୍ଚ

ପାରଳାଖେମୁଣ୍ଡି/ଗୁମ୍ମା, ୨୩।୧୦(ସମିସ): ପାରଳାଖେମୁଣ୍ଡି ଉପଜିଲ୍ଲାପାଳ ଅନୁପ ପଣ୍ଡା ଗୁମ୍ମା ବ୍ଲକର ବିଭିନ୍ନ ଛତୁଆ ପ୍ରସ୍ତୁତ କେନ୍ଦ୍ର ପରିଦର୍ଶନ କରି ଛତୁଆ ପ୍ରସ୍ତୁତି ଲାଗି ଶୁଖିଲା ସାମଗ୍ରୀର ମାନ ଯାଞ୍ଚ ସହ ସଠିକ୍ ପରିମାଣ ମିଶ୍ରଣର ତଦାରଖ କରିଥିଲେ। ମହିଳା ଓ ଶିଶୁ ବିକାଶ ବିଭାଗର ହିତାଧିକାରୀ ତଥା ଗର୍ଭବତୀ ମହିଳା, ପ୍ରସୂତୀ ମା', ୬ ମାସରୁ ୩ ବର୍ଷର ଶିଶୁଙ୍କ ନିମନ୍ତେ ଘରକୁ ନିଆ ଯାଉଥିବା ଶୁଖିଲା ଖାଦ୍ୟ, ଛତୁଆ ମିଶ୍ରଣ ହେଉଥିବା ଗୁମ୍ମା ବ୍ଲକ ଅନ୍ତର୍ଗତ ୨ ଛତୁଆ ପ୍ରସ୍ତୁତ କେନ୍ଦ୍ର ଶ୍ରୀ



ପଣ୍ଡା ପରିଦର୍ଶନ କରିଥିଲେ। ପରେ ମୁନିସିଂ ପଞ୍ଚାୟତର ଦୁର୍ଗମ ଅଞ୍ଚଳରେ ଥିବା ଅଙ୍ଗନବାଡ଼ି କେନ୍ଦ୍ର ବାରସିଂ 'କ' ଏବଂ ବାରସିଂ 'ଖ' ପରିଦର୍ଶନ କରିଥିଲେ। ଅଙ୍ଗନବାଡି କେନ୍ଦ୍ରର କୋଠା ମାନ ଓ ଶିଶୁଙ୍କ ଓଜନ ଉଚ୍ଚତାକୁ ନିରୀକ୍ଷଣ କରିଥିଲେ। ଏହାସହ କେନ୍ଦ୍ରର ପରିଷ୍କାର ପରିଚ୍ଛନ୍ନତା ଏବଂ ବିଭିନ୍ନ ରେଜିଷ୍ଟର ଯାଞ୍ଚ କରିଥିଲେ। ସେହିପରି ଶୁଖିଲା ଖାଦ୍ୟ ସମସ୍ତ ହିତାଧିକାରୀ ସଠିକ୍ ସମୟରେ ପାଉଛନ୍ତି କି ନାହିଁ ତାହାର ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଉପଖଣ୍ଡ ପ୍ରୋଗ୍ରାମ ଅଧିକାରୀ ସ୍ନିଗ୍ଧାରାଣୀ ଭୂୟାଁ, ଗୁମ୍ମା ବ୍ଲକର ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ପୁଷ୍ପାଞ୍ଜଳି ସାହୁଙ୍କ ସମେତ ମଣ୍ଡଳ ପରିଦର୍ଶିକା ଓ ସ୍ଥାନୀୟ ସମ୍ପୃକ୍ତ ଅଙ୍ଗନବାଡି କେନ୍ଦ୍ରର କର୍ମୀ ଉପସ୍ଥିତ ଥିଲେ।

### ଶୁଖିଲା ଗଛ ପଡ଼ି ଯୁବଚାଷୀଙ୍କ ମୃତ୍ୟୁ ଘଟଣା

# କ୍ଷତିପୂରଣ ଦାବିରେ ମୃତଦେହ ରଖି ରାସ୍ତାରୋକ

ମୋହନା,୨୩।୧୦(ସମିସ)



ସାଙ୍ଗ ମାନଙ୍କ ସହ ବୁଧବାର ବିଲକୁ ଯାଉଥିବା ବେଳେ ରାସ୍ତା କଡ଼ରେ ଥିବା ଏକ ବିରାଟକାୟ ଶୁଖିଲା ଆମ୍ବଗଛର ଡ଼ାଳ ପଡି ଯୁବକଙ୍କ ମୃତ୍ୟୁ ହୋଇଥିଲା। ମୃତକଙ୍କ ପରିବାରକୁ କ୍ଷତିପୂରଣ ଦାବିରେ ଗୁରୁବାର ରାମଗିରି ହାଟପଦା ସ୍ଥିତ ଗାନ୍ଧୀ ଛକରେ ତାଙ୍କ ପରିବାର ସମେତ ଗ୍ରାମର ଶତାଧିକ ମହିଳା ପୁରୁଷ ଏବଂ ଯୁବକ ରାସ୍ତା ଉପରେ ମୃତଦେହ ରଖି ରାସ୍ତାରୋକ କରିଥିଲେ। ଫଳରେ ରାମଗିରି ଦେଇ ଯାତାୟାତ କରୁଥିବା ସମସ୍ତ ଗାଡ଼ିମୋଟର ଅଟକି ରହିଥିଲା। କେବଳ ଜରୁରିକାଳୀନ ସେବା ଯାନ ବ୍ୟତୀତ ଅନ୍ୟସବୁ ଗାଡ଼ି ଅଟକି ରହିଥିଲା। ତହସିଲଦାର ଜ୍ୟୋତିର୍ମୟୀ ଦାସ ଏବଂ ରା.ଉଦୟଗିରି ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଲୋରିମନ ଖୋରସେଲ ଘଟଣା ସ୍ଥଳରେ ପହଞ୍ଚି ଶୋକାକୁଳ ପରିବାର ବର୍ଗ ଏବଂ କ୍ଷତିପୂରଣ ଦାବି କରୁଥିବା ଲୋକଙ୍କୁ ବୁଝାସୁଝା କରି ରେଡ଼କ୍ରସ ତରଫରୁ କୋଡିଏ ହଜାର, ଆରଡ଼ି ତରଫରୁ ୩୦ ହଜାର, ବନ ବିଭାଗ ତରଫରୁ ୨୦ ହଜାର, ପଞ୍ଚାୟତ କାର୍ଯ୍ୟାଳୟ ତରଫରୁ ୧୦ ହଜାର, ହରିଶ୍ଚନ୍ଦ୍ର ଯୋଜନାରେ ୩ ହଜାର ଏବଂ ସ୍ଥାନୀୟ ଠିକାଦାରଙ୍କ ତରଫରୁ ୧୦ ହଜାର ମୋଟ ୯୩ ହଜାର ଟଙ୍କା ଆର୍ଥିକ ସହାୟତା ଦେବା ସହିତ ଅନ୍ତୋଦୟ ଯୋଜନାରେ ସାମିଲ, ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଏବଂ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୩ ଲକ୍ଷ ଟଙ୍କା ପ୍ରଦାନ ପ୍ରତିଶ୍ରୁତି ଦେବା ପରେ ରାସ୍ତାରୋକ ହଟିଥିଲା। ସୁରକ୍ଷା ଦୃଷ୍ଟିରୁ ରାମଗିରି ଏବଂ ରା. ଉଦୟଗିରି ପୁଲିସ ମୁତୟନ ଥିଲେ।

## ଦୁର୍ଘଟଣାରେ ଆଖି ବୁଜିଲେ ଅବସରପ୍ରାପ୍ତ ଶିକ୍ଷକ

ଛତ୍ରପୁର,୨୩।୧୦(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଟାଙ୍ଗଣାପଲ୍ଲୀର ଅବସରପ୍ରାପ୍ତ ଶିକ୍ଷକ ଗୋଦାବରୀ ପଣ୍ଡାଙ୍କ ଏକ ଅଜଣା ଗାଡି ଧକ୍କାରେ ମୃତ୍ୟୁ ଘଟିଛି। ଗତ ୨୨ ତାରିଖରେ ସେ ମନ୍ଦିର ନିକଟସ୍ଥ ପୋଖରୀ ଆଡ଼େ ଯାଇ ଫେରିବାବେଳେ ଏକ କାର ଧକ୍କା ଦେଇଥିଲେ। ତାଙ୍କର ପୁଅ ସଞ୍ଜୟ, ଗ୍ରାମର ସ୍ୱେଚ୍ଛାସେବୀ ରଞ୍ଜୀବ ବିଶୋଇ ଆମ୍ବୁଲାନ୍ସରେ ବ୍ରହ୍ମପୁର ବଡ଼ ମେଡିକାଲକୁ ଆଣିଥିଲେ। କିନ୍ତୁ ଅବସ୍ଥା ଗୁରୁତର ଥିବାରୁ ବିଶାଖାପାଟଣା ନିଆଯାଇଥିଲା। ହେଲେ ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ମୃତ୍ୟୁରେ ଅବସରପ୍ରାପ୍ତ ଶିକ୍ଷକ ଓ କର୍ମଚାରି ସଂଘ ତରଫରୁ ଗଭୀର ଶୋକ ପ୍ରକାଶ କରାଯାଇଛି। ଦୁର୍ଘଟଣା ଘଟାଇ ଖସି ଯାଇଥିବା ଗାଡିକୁ ପୁଲିସ ଧରି କ୍ଷତିପୂରଣ ବ୍ୟବସ୍ଥା କରିବାକୁ ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

## ଗୋଷ୍ଠୀ ସଂଘର୍ଷ ଘଟଣାରେ ୨ ଗିରଫ

ପୋଲସରା,୨୩।୧୦(ସମିସ): ପୋଲସରା ଥାନା ଅନ୍ତର୍ଗତ ମଧୁପଲ୍ଲୀ ଗ୍ରାମରେ ଘଟିଥିବା ରାଜନୈତିକ ଗୋଷ୍ଠୀ ସଂଘର୍ଷ ଘଟଣାରେ ପୁଲିସ ଆଉ ଦୁଇ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇ ଜଣ ହେଲେ ସେହି ଗ୍ରାମର ବସନ୍ତ ପ୍ରଧାନ ଓ ରାଜେନ୍ଦ୍ର ପ୍ରଧାନ। ପୂର୍ବରୁ ପୁଲିସ ଏହି ମାମଲାରେ ୭ ଜଣକୁ ଗିରଫ କରିଛି। ମଧୁପଲ୍ଲୀ ଗ୍ରାମରେ ପୂର୍ବ ରାଜନୈତିକ ଶତ୍ରୁତାକୁ ନେଇ ଗତ ୧୪ ତାରିଖ ରାତିରେ ଦୁଇ ଗୋଷ୍ଠୀ ମଧ୍ୟରେ ରକ୍ତାକ୍ତ ସଂଘର୍ଷ ଘଟି ଉଭୟ ଗୋଷ୍ଠୀର ପାଞ୍ଚ ଜଣ ଗୁରୁତର ଆହତ ହୋଇଥିଲେ। ଏନେଇ ପୋଲସରା ଥାନାରେ ପ୍ରଦୀପ ପ୍ରଧାନଙ୍କ ଅଭିଯୋଗ କ୍ରମେ ପୁଲିସ ଏକ ମାମଲା ରୁଜୁ କରି ୭ ଜଣକୁ କୋର୍ଟ ଚାଲାଣ କରିଥିଲା। ସେହିପରି କୁନି ପ୍ରଧାନଙ୍କ ପାଲଟା ଏତଲା କ୍ରମେ ଆଉଏକ ମାମଲା ରୁଜୁ ହୋଇଥିଲା। ବୁଧବାର ରାତିରେ ଉପରୋକ୍ତ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିବା ଥାନା ଅଧିକାରୀ କୌଶିକ ମାଝୀ କହିଛନ୍ତି।

## ଅଜଣା ବ୍ୟକ୍ତିଙ୍କ ମୃତଦେହ ଉଦ୍ଧାର; ହତ୍ୟା ସନ୍ଦେହ

ଗଞ୍ଜାମ,୨୩।୧୦(ସମିସ): ଗଞ୍ଜାମ ଜିଲ୍ଲା ଋଷିକୁଲ୍ୟା ନଦୀତଟ ପଙ୍କାଳ ନିକଟରେ ଗୁରୁବାର ସନ୍ଧ୍ୟାରେ ଜଣେ ଅଜଣା ବ୍ୟକ୍ତିର ମୃତଦେହ ଠାବ ହୋଇଛି। ସ୍ଥାନୀୟ ଲୋକେ ଶବ ଦେଖି ପୁଲିସକୁ ଖବର ଦେଇଥିଲେ। ହତ୍ୟା କରି ମୃତଦେହ ଫିଙ୍ଗି ଦିଆଯାଇଥିବାର ସନ୍ଦେହ କରାଯାଉଛି। ପୁଲିସ ଓ ଅଗ୍ନିଶମ ବିଭାଗର ଏକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ମୃତଦେହରେ କେବଳ ଗୋଟିଏ ଗଞ୍ଜି ଓ ଜିନ୍ସ ଥିବା ଦେଖାଯାଇଛି। ଦେହ ଫୁଲିଯାଇଥିବା ସହ ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ଚିହ୍ନ ରହିଛି। ପୁଲିସ ମୃତକର ପରିଚୟ ଓ ହତ୍ୟାର କାରଣ ଜାଣିବାକୁ ତଦନ୍ତ ଜାରି ରଖିଛି। ଘଟଣା ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳାଇ ଦେଇଛି।

## ଭାରୀଯାନ ଚଳାଚଳ ବନ୍ଦ ଦାବି

ଛତ୍ରପୁର,୨୩।୧୦(ସମିସ): କାଳିଆବାଲି ଜାତୀୟ ରାଜପଥ ଠାରୁ ବଡ଼ମାଧପୁର ଯାଉଥିବା ରୋଡ଼ରେ ଅତ୍ୟଧିକ ମାଲ ପରିବହନ କରି ବିପଜ୍ଜନକ ଭାବେ ଯାଉଥିବା ଗାଡି ଗୁଡିକୁ ବନ୍ଦ କରିବା ନିମନ୍ତେ ଦାବି ହୋଇଛି। ଏନେଇ ଯଜ୍ଞଶାଳା ଗ୍ରାମ୍ୟ କମିଟି ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଓଭର ଲୋଡ଼ ଟ୍ରକ ଯାତାୟତ କରିବା ଦ୍ୱାରା ବିଦ୍ୟାର୍ଥୀମାନେ ବିଦ୍ୟାଳୟକୁ ଯାତାୟତ ସମୟରେ ଭୟଭୀତ ହେଉଛନ୍ତି। ବର୍ତ୍ତମାନ ଉକ୍ତ ରାସ୍ତାଟି ଜରାଜୀର୍ଣ୍ଣ ଅବସ୍ଥାରେ ଅଛି। ଏଣୁ ଏହି ରାସ୍ତାରେ ଭାରୀଯାନ ଗାଡି ଯାତାୟତ ବନ୍ଦ କରିବା ସହ ମରାମତି ପାଇଁ ସ୍ମାରକପତ୍ରରେ ଉଲ୍ଲେଖ କରାଯାଇଛି।

## ଜିଲ୍ଲାପାଳ ବୁଲି ଦେଖିଲେ ଚାଷୀଙ୍କ ଫସଲ

ଜି.ଉଦୟଗିରି,୨୩।୧୦(ସମିସ): କନ୍ଧମାଳ ଜିଲ୍ଲାପାଳ ବେଦଭୂଷଣ ଜି.ଉଦୟଗିରି ଗସ୍ତରେ ଆସି ବିଭିନ୍ନ ଯୋଜନାରେ ଲୋକେ କିପରି ଉପକୃତ ହେଉଛନ୍ତି ତାହା ବୁଲି ଦେଖିଛନ୍ତି।

କଟିଙ୍ଗିଆ ପଞ୍ଚାୟତର ଲାବୁରି ଅଞ୍ଚଳର ବିଭିନ୍ନ ସ୍ଥାନରେ ସରକାରଙ୍କ ବିଭିନ୍ନ ଯୋଜନାରେ ସାମିଲ ହୋଇ ଚାଷୀଙ୍କ ଦ୍ୱାରା ଉତ୍ପାଦିତ ଫସଲ ବୁଲି



ଦେଖିଥିଲେ ଜିଲ୍ଲାପାଳ। ଏହି ଅବସରରେ ପିଏ ଆଇଟିଡିଏ କୃପାସିନ୍ଧୁ ବେହେରା, ବିଡ଼ିଓ ଶରତ କୁମାର ମଲ୍ଲିକ ଓ ବହୁ ପଦାଧିକାରୀ ଉପସ୍ଥିତ ଥିଲେ। ବିଶେଷ କରି ବିନ୍ସ ଚାଷ କରି ଚାଷୀ କିପରି ଲାଭବାନ ହୋଇପାରିବେ ସେ ନେଇ କିଛି ଚାଷୀଙ୍କ ସହ ଆଲୋଚନା କରିଥିଲେ ଜିଲ୍ଲାପାଳ।

## ଆଦାନୀ ଫାଉଣ୍ଡେସନର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା




ଛତ୍ରପୁର,୨୩।୧୦(ସମିସ): ଆଦାନୀ ଫାଉଣ୍ଡେସନ ଓ ହେଲ୍ପଏଜ୍ ଇଣ୍ଡିଆର ମିଳିତ ସହଯୋଗରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯାନର ଶୁଭାରମ୍ଭ କରାଯାଇଛି। ଗୋପାଳପୁର ବନ୍ଦର ପରିସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଛତ୍ରପୁର ତହସିଲଦାର ଦିବ୍ୟା ମହାନ୍ତି ଓ ଗୋପାଳପୁର ବନ୍ଦରର ବ୍ୟବସାୟ ମୁଖ୍ୟ ପ୍ରଶାନ୍ତ କୁମାର ପାତ୍ର ଏହାର ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହେଲପେଜ୍ ଇଣ୍ଡିଆର ରାଜ୍ୟ ମୁଖ୍ୟ ଭାରତୀ ଚକ୍ର ଏବଂ ନିକଟସ୍ଥ ଗ୍ରାମ ପଞ୍ଚାୟତର ପ୍ରତିନିଧି ଏବଂ ବନ୍ଦରର ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଆଦାନୀ ଫାଉଣ୍ଡେସନ ଦ୍ୱାରା ନୂତନ ଭାବରେ ପରିଚାଳିତ ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ସେବା ଯାନରେ ଡାକ୍ତର (ଭେଷଜ ବିଶେଷଜ୍ଞ), ଫାର୍ମାସିଷ୍ଟ ଏବଂ ସାମାଜିକ ସୁରକ୍ଷା ସଂଯୋଜକ ରହିବେ। ସମସ୍ତ ବୟସର ଲୋକମାନଙ୍କୁ ବିଶେଷକରି ବରିଷ୍ଠ ନାଗରିକ, ଦିବ୍ୟାଙ୍ଗ ବ୍ୟକ୍ତି ଏବଂ ଶଯ୍ୟାଶାୟୀ ରୋଗୀ ଯେଉଁମାନେ ଚିକିତ୍ସା ପାଇଁ ମେଡ଼ିକାଲ ଆସିବା ପାଇଁ ଅକ୍ଷମ ସେମାନଙ୍କ ପାଖରେ ପହଞ୍ଚି ନିରନ୍ତର ସ୍ୱାସ୍ଥ୍ୟ ସେବା ଯୋଗାଇବା ଏହାର ମୁଖ୍ୟ ଉଦେଶ୍ୟ ଅଟେ। ଏହି ଭ୍ରାମ୍ୟମାଣ ସ୍ୱାସ୍ଥ୍ୟସେବା ଯାନ ମୁଖ୍ୟତଃ ଆର୍ଯ୍ୟପଲ୍ଲୀ, କଣମଣା, କାଳିପଲ୍ଲୀ ଏବଂ ଶ୍ରୀରାମଚନ୍ଦ୍ରପୁର ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ପାଖାପାଖି ୨୭ ଖଣ୍ଡ ଗ୍ରାମକୁ ସେବା ପ୍ରଦାନ କରିବ।

## ଗୋବରାରେ ଜମୁଛି ଶ୍ୟାମାକାଳୀଙ୍କ ପୂଜା

ବେଲଗୁଣ୍ଠା,୨୩।୧୦(ସମିସ): ବେଲଗୁଣ୍ଠା ବ୍ଲକ୍ ଗୋବରା ମୁଖ୍ୟ ସଡ଼କରେ କପିଳେଶ୍ୱର ଯୁବକ ସଂଘ ଆନୁକୂଲ୍ୟରେ ଚାଲିଛି ମା' ଶ୍ୟାମାକାଳୀଙ୍କ ପୂଜା। ସନ୍ଧ୍ୟା ଆଳତି ସମୟରେ ବହୁ ଶ୍ରଦ୍ଧାଳୁଙ୍କ ଉପସ୍ଥିତିରେ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହେଉଛି। ବୁଧବାର ରାତ୍ରିରେ ସୋରଡା ବିଧାୟକ ନୀଳମଣି ବିଶୋୟୀ ମା'ଙ୍କୁ ଦର୍ଶନ କରି ପୂଜାର୍ଚ୍ଚନା କରିବା ସହିତ ଅଞ୍ଚଳର ପ୍ରଗତି ପାଇଁ ଆଶୀର୍ବାଦ ଭିକ୍ଷା କରିଛନ୍ତି। ଗାଙ୍ଗପୁର ଥାନା ଅଧିକାରୀ ବନବିହାରୀ ପ୍ରଧାନଙ୍କ ନେତୃତ୍ୱରେ ପୁଲିସ୍ ବାହିନୀ ଆଇନ୍‌ଶୃଙ୍ଖଳା ପରିସ୍ଥିତିର ତଦାରଖ କରୁଛନ୍ତି। କପିଳେଶ୍ୱର ଯୁବକ ସଂଘ ସଭାପତି ସବ୍ୟସାଚୀ ନାୟକ, ଉପସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସମ୍ପାଦକ ସୁଶାନ୍ତ କୁମାର ଜେନା, କୋଷାଧ୍ୟକ୍ଷ ଏ. ଜିତେନ୍ଦ୍ର ପାତ୍ର, ଉପଦେଷ୍ଟା କୈଳାସ ଚନ୍ଦ୍ର ସାହୁଙ୍କ ନେତୃତ୍ୱରେ କପିଳେଶ୍ୱର ଯୁବକ ସଂଘର ସମସ୍ତ ସଦସ୍ୟ, ଗୋବରା ଗ୍ରାମବାସୀ, ବାସୁଦେବପୁର ଗ୍ରାମବାସୀ ସହଯୋଗ କରୁଛନ୍ତି।

## ପୋଲ ତଳକୁ ଖସି ବାଇକ୍ ଚାଳକ ମୃତ

ଦିଗପହଣ୍ଡି,୨୩।୧୦(ସମିସ): ଦିଗପହଣ୍ଡି ଥାନା ମୌଳାଭଞ୍ଜା ଗ୍ରାମ ନିକଟରେ ଥିବା ଘୋଡାହାଡ଼ ନଦୀ ପୋଲ ତଳକୁ ଖସି ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପାଟପୁର ଥାନା ସାନଖେମୁଣ୍ଡି ବ୍ଲକ ଧରମପୁର ଗ୍ରାମର ଏସ୍. ଦିନବନ୍ଧୁ ଦୋରାଙ୍କ ପୁଅ ଏସ୍. ସୁଶାନ୍ତ ଦୋରା ଓରଫ ମିଥୁନ (୨୫)। ବୁଧବାର ବିଳମ୍ବିତ ରାତିରେ ମିଥୁନ ନିଜ ବାଇକ ଯୋଗେ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ପୋଲର ପାଚେରି ଭାଙ୍ଗି ପ୍ରାୟ ୫୦ ଫୁଟ ତଳକୁ ନଦୀ ମଧ୍ୟକୁ ବାଇକ ସହ ଖସି ପଡିଥିଲେ। ଏହି ସମୟରେ ନଦୀପଠାରେ ମୌଳାଭଞ୍ଜା ଗ୍ରାମର ଜଣେ ବ୍ୟକ୍ତିଙ୍କ ମୃତଦେହକୁ ସତ୍କାର୍ଯ୍ୟ ସତ୍କାର କରୁଥିବାବେଳେ ଏହି ଘଟଣା ଦେଖି ଦିଗପହଣ୍ଡି ଥାନାକୁ ଖବର ଦେଇଥିଲେ। ଖବରପାଇ ପୁଲିସ ଟିମ୍ ରାତି ପ୍ରାୟ ୧୨ଟାରେ ପହଞ୍ଚି ନଦୀ ମଧ୍ୟରୁ କ୍ଷତବିକ୍ଷତ ଯୁବକଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗୁରୁବାର ସକାଳୁ ପୁଲିସ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା।

ସେହିପରି ବୁଧବାର ରାତିରେ ଦିଗପହଣ୍ଡି -ବ୍ରହ୍ମପୁର ୧୭ ନଂ ରାଜ୍ୟ ରାଜପଥର ଦିଗପହଣ୍ଡି ହନୁମାନ ବାଟିକା ନିକଟରେ ଦୁଇଟି ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଥିବା ବେଳେ ଏଥିରେ ୩ ଜଣ ଗୁରୁତର ହୋଇଥିଲେ। ଦିଗପହଣ୍ଡି ପୁଲିସ ସମସ୍ତ ଗୁରୁତରଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ ବ୍ରହ୍ମପୁର ବଡ଼ମେଡ଼ିକାଲ ସ୍ଥାନାନ୍ତରିତ କରାଯାଇଥିଲେ ମଧ୍ୟ ସେମାନଙ୍କ ପରିଚୟ ମିଳିନଥିବାରୁ ଏନେଇ ଥାନାରେ କୌଣସି ମାମଲା ହୋଇନଥିବା ଭାରପ୍ରାପ୍ତ ଥାନା ଅଧିକାରୀ ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି। ପୁଲିସ ଦୁର୍ଘଟଣାଗ୍ରସ୍ତ ଦୁଇଟି ବାଇକ୍‌କୁ ଜବତ କରି ତଦନ୍ତ ଚଳାଇଛନ୍ତି।

## ମେଡିକାଲ ଟିମ୍‌ର ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ପରିଦର୍ଶନ

କୋଦଳା,୨୩।୧୦(ସମିସ): ବେଗୁନିଆପଡ଼ା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ପଞ୍ଚାୟତର ରାହାଡା ସ୍ଥିତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରକୁ ବୁଧବାର ଦିନ ଗଞ୍ଜାମ ଜିଲ୍ଲା ମୁଖ୍ୟ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏକ ଟିମ୍ ପରିଦର୍ଶନ ପାଇଁ ଆସିଥିଲେ। ଏଥିରେ ଆଇସି/ବିସିସି ଆସିଷ୍ଟାଣ୍ଟ ମ୍ୟାନେଜର ପ୍ରଦୀପ କୁମାର ସାହୁ, ଏନ୍‌ଟିଇପି ବିଭାଗ ଆକାଉଣ୍ଟାଣ୍ଟ ଲୋକନାଥ ପଣ୍ଡା, ପିପିପି ଜିଲ୍ଲା ସଂଯୋଜକ ସୁଧୀରକାନ୍ତ ବେହେରା, କୋଦଳା ସ୍ୱାସ୍ଥ୍ୟ କେନ୍ଦ୍ରମୁଖ୍ୟ ଡ଼ାକ୍ତର, ବିପି ଏମ୍, ବିଏମ, ଏଡିଇଓ ସମେତ ଅନ୍ୟମାନେ ପରିଦର୍ଶନ କରିବା



ସହ ବାର୍ଷିକ କାର୍ଯ୍ୟଶୈଳୀ ନିର୍ଦ୍ଧାରଣ କରିଥିଲେ। ଏହି ପରିଦର୍ଶନ ସମୟରେ ରାହାଡ଼ା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସମସ୍ତ କର୍ମଚାରୀ ଉପସ୍ଥିତ ରହିବା ସହ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏହି ଟିମ୍ ରାହାଡା ମେଡ଼ିକାଲର ସର୍ବାଙ୍ଗୀନ ଉନ୍ନତିକରଣ ସକାଶେ ପ୍ରତିଶୃତି ଦେବା ସହ ସମସ୍ତ କର୍ମଚାରୀଙ୍କୁ ନିଷ୍ଠାପର ସେବା ଯୋଗେଇ ଦେବା ନିମନ୍ତେ ପରାମର୍ଶ ଦେଇଥିଲେ।

### ବଢୁଛି କଳିଙ୍ଗା ଘାଟି ଯନ୍ତ୍ରଣା

# ୩୭ ଦିନ ବିତିଲା; ସ୍ୱାଭାବିକ ହେଉନି ଯାତାୟାତ



ଜି.ଉଦୟଗିରି,୨୩।୧୦(ସମିସ): ଭୂସ୍ଖଳନ ପରେ କଳିଙ୍ଗା ଘାଟିରେ ଯାତାୟାତ ବନ୍ଦ ହେବା ଫଳରେ ଦିନକୁ ଦିନ ଲୋକଙ୍କ ଯନ୍ତ୍ରଣା ବଢ଼ିବାରେ ଲାଗିଛି। ୩୭ ଦିନ ପରେ ବି ସ୍ୱାଭାବିକ ହୋଇପାରିନି ଯାତାୟାତ। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ତଳ ରାସ୍ତା କଂକ୍ରିଟ କାମ ଶେଷ ହୋଇଥିବା ବେଳେ ଆଜି ପାହାଡ଼ ଉପରେ ଥିବା ବଡ଼ ବଡ଼ ପଥର ବ୍ଲାଷ୍ଟିଂ କରାଯାଇଛି। ସେ ସବୁ ପଥର ହଟାଯିବ ପରେ ଯାତାୟାତ ସ୍ୱାଭାବିକ ହେବ ବୋଲି କୁହାଯାଉଛି। ଏଭଳି ସ୍ଥିତିରେ ଲୋକଙ୍କ ଦୁଃଖ ଦୁର୍ଦ୍ଦଶା ବଢ଼ିବାରେ ଲାଗିଛି। ପୁରା କନ୍ଧମାଳ ଜିଲ୍ଲା ପ୍ରଭାବିତ ହୋଇଥିବା ବେଳେ ଘାଟି ଉପରେ ସମ୍ପୂର୍ଣ୍ଣ ନିର୍ଭର କରି ରହୁଥିବା କଳିଙ୍ଗା,



୨୦ କିମି ସାଇକଲରେ ଯାଇ ଚାଉଳ ଆଣିଲେ ବୃଦ୍ଧ

ଦୁର୍ଗା ପ୍ରସାଦ ସହ ଅନ୍ୟ ଅଞ୍ଚଳବାସୀଙ୍କ ପେଟକୁ ଦାନା ମିଳିବା କଷ୍ଟକର ହୋଇପଡିଛି। ଆଜି ଜଣେ ୭୦ ବର୍ଷୀୟ ବୃଦ୍ଧ ଅରୁଣ ପ୍ରଧାନ ୨୦ କିଲୋମିଟର ସାଇକଲରେ ଯାଇ ଚାଉଳ ଆଣିଛନ୍ତି। ତାଙ୍କ ଘର ଦଦରାଲୁଣ୍ଡା ହୋଇଥିବା ବେଳେ ସେ କଳିଙ୍ଗାରେ ପୁଅ ପାଖରେ ରହୁଥିଲେ। କିନ୍ତୁ ମିଳୁଥିବା ପିଡିଏସ୍ ଚାଉଳ ଆଜି ସାଇକଲରେ କଳିଙ୍ଗା ଘାଟି ଦେଇ ଦାଦାରାଲୁଣ୍ଡା ଯାଇ ଆଣିଥିଲେ। ବସ୍ ଯିବା ଆସିବା ସମୟରେ ସେ ବସ୍‌ରେ ଯାଇ ଆଣୁଥିବା ବେଳେ ଯାତାୟାତ ବନ୍ଦ କାରଣରୁ ଆଜି ସାଇକଲରେ ଯାଇ ଆଣିବାକୁ ପଡ଼ିଲା, ହାଲିଆ ଲାଗୁଥିବାରୁ ରହି ରହି ଆସୁଛି ବୋଲି କହିଛନ୍ତି। ଏଭଳି ଘଟଣା ଦିନକୁ ଦିନ ବଢ଼ିବାରେ ଲାଗିଛି। ଯାତାୟାତ ଶୀଘ୍ର ସ୍ୱାଭାବିକ କରିବାକୁ ଦାବି ହେଉଛି।


**NATIONAL COMPETITIVE BIDDING THROUGH e-Procurement** O-1094
**Tel. No.06752222092, e-mail id-eerwpuri@gmail.com**

**TCN NO. TENDER ONLINE - 09 OF 2025-26**
**No. 8445 / Dt. 10.10.2025**

The Superintending Engineer, Rural Works Division, Puri on behalf of Government of Odisha invites percentage rate tenders through e-procurement for 74 Nos. of work for the year 2025-26 in the District of Puri.

1.Total no. of works: **74 nos.**
2 .Tender cost of packages: Amount varies from **Rs.5.04 lakh to Rs.42.02 lakh**
3.Class of contractor: **As per DTCN.**
4.Period of completion: **2 (Two) Calendar months.**
5. Period of availability of tenders on-line/ Date & time of bidding on-line/ last date of seeking clarification/ Date of opening of tender papers.

| Procurement Officer | Bid identification No. | Availability of tender on-line for bidding | | Last date & time of seeking tender clarification | Date, time & venue of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Superintending Engineer Rural Works Division, Puri. | Online- 09 | 29.10.2025 at 11.00 A.M. | 12.11.2025 up to 5.00 P.M. | 11.11.2025 up to 1.30 P.M. | 13.11.2025 at 11.30 A.M. Office of the S.E.,R.W. Division, Puri. |

6. Other details can be seen in the bidding documents, which is available in website "https://tendersodisha.gov.in".

Superintending Engineer,
R.W., Division, Puri

OIPR-25065/11/0029/2526













## ପୂର୍ବତନ ବିଧାୟକ ବିକ୍ରମ ପଣ୍ଡାଙ୍କ ଗିରଫକୁ ବିରୋଧ କରି ବ୍ରହ୍ମପୁରରେ ବିଜେଡ଼ି ପକ୍ଷରୁ ବିଶାଳ ଶୋଭାଯାତ୍ରା

# ଏମ୍‌କେସିଜିରେ ଖୁବ୍‌ଶୀଘ୍ର ୧୦ ଶଯ୍ୟା ବିଶିଷ୍ଟ ଏମ୍‌ଏନ୍‌ସିୟୁ

### ଏକାଠି ଚିକିତ୍ସିତ ହେବେ ମା' ଓ ନବଜାତକ

### ଭିତ୍ତିଭୂମି ଯୋଗାଇବ ଏନ୍‌ଏଚ୍‌ଏମ୍ ଓ ୟୁନିସେଫ୍

ବ୍ରହ୍ମପୁର,୨୩।୧୦(ସମିସ)




ଅସୁସ୍ଥ ମା' ଓ ନବଜାତ ଶିଶୁଙ୍କୁ ଏକାଠି ଚିକିତ୍ସା କରିବା ନିମନ୍ତେ ଏମକେସିଜି ମେଡ଼ିକାଲରେ ପ୍ରକ୍ରିୟା ଆରମ୍ଭ ହୋଇଛି। ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗର ୫ମ ମହଲାରେ ଖୁବଶୀଘ୍ର ଏମଏନସିୟୁ(ମାତୃ ଓ ନବଜାତ ଶିଶୁ ଯତ୍ନ ୟୁନିଟ) ଆରମ୍ଭ ହେବାକୁ ଯାଉଛି। ଫଳରେ ଚିକିତ୍ସା ସମୟରେ ଉଭୟ ମା ଓ ଶିଶୁ ଏକାଠି ଚିକିତ୍ସା ସେବା ପାଇପାରିବେ ବୋଲି ଏମକେସିଜି ମେଡିକାଲ ଅଧୀକ୍ଷକ ପ୍ରଫେସର ଡା. ଦୁର୍ଗାମାଧବ ଶତପଥୀ କହିଛନ୍ତି। ରାଜ୍ୟରେ ଅନ୍ୟ କୌଣସି ସରକାରୀ ହସ୍ପିଟାଲରେ ମାତୃ ଓ ନବଜାତ ଶିଶୁଙ୍କ କେୟାର ୟୁନିଟ ନଥିବା ବେଳେ ଏମ୍‌କେସିଜି ମେଡ଼ିକାଲରେ ଏହି ସେବା ପ୍ରଥମ କରି ଆରମ୍ଭ ହେବାକୁ ଯାଉଛି।

ପୂର୍ବରୁ ମେଡ଼ିକାଲରେ ନବଜାତଙ୍କ ଚିକିତ୍ସା ନିମନ୍ତେ ଏସ୍‌ଏନ୍‌ସିୟୁ(ସ୍ୱତନ୍ତ୍ର ନବଜାତ ଯତ୍ନ ୟୁନିଟ୍) ରହିଥିବା ବେଳେ ଏଠାର ଗୁରୁତର ନବଜାତ ଶିଶୁଙ୍କ ଚିକିତ୍ସା କରାଯାଏ। କିନ୍ତୁ ଏହି ସମୟରେ ଉକ୍ତ ଶିଶୁଙ୍କ ମା'ମାନଙ୍କ ରହିବା ଏବଂ ଚିକିତ୍ସା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ। ଏଭଳି କ୍ଷେତ୍ରରେ ଉଭୟ ମା' ଓ ଶିଶୁଙ୍କୁ ପୃଥକ ପୃଥକ ବିଭାଗରେ ରଖି ଚିକିତ୍ସା କରାଯାଉଥିଲା। ଫଳରେ ଚିକିତ୍ସିତ ମା' ଆବଶ୍ୟକ ସ୍ଥଳେ ଶିଶୁଙ୍କୁ ସାକ୍ଷାତ କରିବା ସହ ସ୍ତନ୍ୟପାନ କରାଇବାରେ ସମସ୍ୟା ରହିଥିଲା।

ଯାହାକୁ ଦୃଷ୍ଟିରେ ରଖି ଜାତୀୟ ସ୍ୱାସ୍ଥ୍ୟ ମିଶନ (ଏନଏଚଏମ) ଓ ୟୁନିସେଫର ମିଳିତ ଆନୁକୁଲ୍ୟରେ ଏମକେସିଜି ମେଡିକାଲରେ ୧୦ଶଯ୍ୟା ବିଶିଷ୍ଟ ନୂତନ ଏମଏନସିୟୁ ସ୍ଥାପନ ହେବାକୁ ଯାଉଛି। ଏନେଇ ଗୁରୁବାର ୟୁନିସେଫ ଟିମ ମେଡିକାଲ ଅଧୀକ୍ଷକଙ୍କ ସହ ଆଲୋଚନା କରିଛନ୍ତି। ଏହା ସହ ମେଡ଼ିକାଲର ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ କୋଠାରେ ହେବାକୁ ଥିବା ୟୁନିଟ ପରିଦର୍ଶନ କରିଛନ୍ତି। ନୂତନ ଏମ୍‌ଏନ୍‌ସିୟୁ କେଉଁ ଢାଞ୍ଚାରେ ନିର୍ମାଣ ହେବ ସେନେଇ ବିଭିନ୍ନ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ଆଗାମୀ ଦୁଇମାସ ମଧ୍ୟରେ ଏହି ଏମ୍‌ଏନ୍‌ସିୟୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବାକୁ ଲକ୍ଷ୍ୟ ରହିଛି। ଏଥିନିମନ୍ତେ ଆବଶ୍ୟକ ସମସ୍ତ ଭିତ୍ତିଭୂମି ଏନ୍‌ଏଚ୍‌ଏମ୍ ଓ ୟୁନିସେଫ ପକ୍ଷରୁ ଯୋଗାଇଦିଆଯିବ ବୋଲି ଜଣାପଡିଛି। ସେହିପରି ଗୁରୁତର ଶିଶୁଙ୍କ ନିମନ୍ତେ ଫଟୋ ଥେରାପି ୟୁନିଟ ସହ ମା'ଙ୍କ ପାଇଁ ଉନ୍ନତମାନର କିଚେନର ବ୍ୟବସ୍ଥା କରାଯିବ ବୋଲି ଜଣାପଡିଛି। ଏଭଳି ଭାବେ ନୂତନ ମାତୃ ଓ ନବଜାତ ଶିଶୁ କେୟାର ୟୁନିଟକୁ ସମସ୍ତ ଅତ୍ୟାବଶ୍ୟକୀୟ ଉପକରଣ ଯୋଗାଇ ଦିଆଯିବ। ସେହିପରି ଉଭୟ ମା' ଓ ଶିଶୁଙ୍କ ଚିକିତ୍ସା ପାଇଁ ପ୍ରସୂତି ଓ ସ୍ତ୍ରୀରୋଗ ବିଭାଗ ଓ ଶିଶୁରୋଗ ବିଭାଗର ଡାକ୍ତର ଉକ୍ତ ସ୍ଥାନରେ ନିୟୋଜିତ ହେବେ। ଏହି ୟୁନିଟ୍ କାର୍ଯ୍ୟକ୍ଷମ ଦ୍ୱାରା ଉଭୟ ମା ଓ ଶିଶୁ ଏକା ସାଙ୍ଗରେ ଗୋଟିଏ ସ୍ଥାନରେ ଚିକିତ୍ସିତ ହୋଇପାରିବେ। ଫଳରେ ବହୁ ସମସ୍ୟା ସମାଧାନ ହେବ ବୋଲି ଆଶା କରାଯାଇଛି।

# ବ୍ରହ୍ମପୁରରୁ ଏମ୍ ଫାର୍ମା ଛାତ୍ର ନିଖୋଜ

**● ପୁଅର ଫଟୋ ଧରି ଖୋଜୁଛନ୍ତି ବାପା**

ବ୍ରହ୍ମପୁର,୨୩।୧୦(ସମିସ): ବ୍ରହ୍ମପୁରରେ ଜଣେ ଏମ୍ ଫାର୍ମା ଦ୍ୱିତୀୟ ବର୍ଷର ଛାତ୍ର ମଙ୍ଗଳବାର ଠାରୁ ନିଖୋଜ ହୋଇଯାଇଥିବା ଅଭିଯୋଗ ହୋଇଛି। ନିଖୋଜ ଛାତ୍ର ହେଲେ ଅନୁଗୁଳ ଜିଲ୍ଲା କଳମଛୁଇଁ ଗ୍ରାମର ରଞ୍ଜିତ ସାହୁଙ୍କ ପୁଅ ଦେବାଶିଷ ସାହୁ (୨୩)। ପୁଅର ଖୋଜଖବର ନମିଳିବାରୁ ବାପା ରଞ୍ଜିତ ସାହୁ ବ୍ରହ୍ମପୁର ସହରରେ ନିଖୋଜ ପୁଅର ଫଟୋକୁ ଧରି ଖୋଜାଖୋଜି କରୁଥିବା ଦେଖିବାକୁ ମିଳିଛି।

ସୂଚନା ଅନୁଯାୟୀ, ଦେବାଶିଷ ରୟାଲ କଲେଜରେ ଏମ୍ ଫାର୍ମା ଦ୍ୱିତୀୟ ବର୍ଷର ଛାତ୍ର ଏବଂ କଲେଜ ନିକଟସ୍ଥ ତାରିଣୀ ନିବାସରେ ଭଡ଼ାରେ ରହୁଥିଲେ। ବାପା ରଞ୍ଜିତ ପୁଅକୁ ଫୋନ କରିବାରୁ ତାହା ସୁଇଚ୍ ଅଫ୍ ଥିଲା। ପରେ ସେ ଗୃହମାଲିକଙ୍କୁ ଫୋନ୍ କରିବାରୁ ଦେବାଶିଷ ବୁଧବାର ଘରକୁ ଯିବେ ବୋଲି କହୁଥିବା ସେ କହିଥିଲେ। ତେବେ ଦେବାଶିଷ ଘରକୁ ଯାଇନଥିଲେ। ଫଳରେ



ମଙ୍ଗଳବାର ଠାରୁ ଦେବାଶିଷ ରହୁଥିବା ଭଡ଼ା ଘରୁ ନିଖୋଜ ଥିବା ନେଇ ବାପା ରଞ୍ଜିତ ଗୋଷାଣିନୂଆଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୁଲିସ ଦେବାଶିଷଙ୍କୁ ଖୋଜାଖୋଜି କରୁଛି। ସେପଟେ ପୁଅର ସନ୍ଧାନରେ ବାପା ରଂଜିତ ମଧ୍ୟ ଫଟୋ ଧରି ବିଭିନ୍ନ ସ୍ଥାନରେ ବୁଲି ଖୋଜୁଛନ୍ତି।

# ଏମ୍‌କେସିଜିରେ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଦାବି

ବ୍ରହ୍ମପୁର,୨୩।୧୦(ସମିସ)




ଏମ୍‌କେସିଜି ମେଡିକାଲ୍ ଉପରେ ଦୈନିକ ହଜାର ହଜାର ରୋଗୀ ଚିକିତ୍ସା ପାଇଁ ନିର୍ଭର କରିଥାନ୍ତି। ରୋଗୀଙ୍କ ଭିଡ଼କୁ ନିୟନ୍ତ୍ରଣ କରିବାରେ ଏବଂ ଏଥିରେ ସୁଧାର ଆଣିବାରେ ମେଡିକାଲ୍ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ଦୃଷ୍ଟିଗୋଚର ହେଉଥିବା ଅଭିଯୋଗ ହୋଇଛି। ମେଡ଼ିକାଲକୁ ଚିକିତ୍ସା ନିମନ୍ତେ ଆସୁଥିବା ବରିଷ୍ଠ ନାଗରିକମାନେ ନିଦାନ ପଞ୍ଜୀକରଣ କାଉଣ୍ଟର(ଆର୍‌ଡିସି) ଠାରୁ ଆରମ୍ଭ କରି ପ୍ରତ୍ୟେକ କାଉଣ୍ଟରରେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡୁଛି।

ଏଭଳି ସ୍ଥିତିରେ ଚିକିତ୍ସା ଆଶାରେ ମେଡ଼ିକାଲକୁ ଆସିଥିବା ବରିଷ୍ଠ ନାଗରିକମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ସମାଧାନ ସ୍ୱରୂପ ପୂର୍ବରୁ ମାନବ ଅଧିକାର ସୁରକ୍ଷା ମଞ୍ଚର ଦାବି ଫଳରେ ପୂର୍ବତନ ମେଡିକାଲ୍ ଅଧୀକ୍ଷକ ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର କାଉଣ୍ଟର ଖୋଲି ବୃଦ୍ଧ ବୃଦ୍ଧାଙ୍କ ପାଇଁ ସୁବିଧା କରିଥିବା ବେଳେ ବର୍ତ୍ତମାନ ଏହି ସୁବିଧା ବନ୍ଦ ରହିଥିବା ମଞ୍ଚ ଅଭିଯୋଗ କରିଛି। ଫଳରେ ଚିକିତ୍ସା ନିମନ୍ତେ ଆସୁଥିବା ବରିଷ୍ଠ ନାଗରିକଙ୍କୁ ପୁଣିଥରେ ଭିଡ଼ ମଧ୍ୟରେ ଘଣ୍ଟା ଘଣ୍ଟା ଧରି ଛିଡା ହେବାକୁ ପଡୁଛି। ମେଡିକାଲ ପକ୍ଷରୁ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟାବସ୍ଥା ଓ ବୟସକୁ ଆଦୌ ଦୃଷ୍ଟି ଦିଆଯାଉନାହିଁ। ଏଣୁ ବରିଷ୍ଠ ନାଗରିକଙ୍କ ପାଇଁ ଆରଡିସିରେ ତୁରନ୍ତ ଏକ ସ୍ୱତନ୍ତ୍ର କାଉଣ୍ଟର ଖୋଲିବାକୁ ଓଡିଶା ରାଜ୍ୟ ଅବସରପ୍ରାପ୍ତ କର୍ମଚାରୀ ମହାସଂଘର ଉପଦେଷ୍ଟା କେ. ନନ୍ଦେସୁ ସେନାପତି ଦାବି କରିଛନ୍ତି।

## ବ୍ରହ୍ମପୁର ଜେଲ୍‌ରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ରହିଛି ବିପଦ!

# ଫୁଲବାଣୀ ଜେଲ୍‌କୁ ସ୍ଥାନାନ୍ତର ପାଇଁ କୋର୍ଟରେ ଜେଲର୍‌ଙ୍କ ଆବେଦନ

ବ୍ରହ୍ମପୁର,୨୩।୧୦(ସମିସ): ବ୍ରହ୍ମପୁର ଜେଲରେ ପୂର୍ବତନ ମେୟର ପିଣ୍ଟୁ ଦାଶଙ୍କ ଜୀବନ ପ୍ରତି ବିପଦ ରହିଛି। ଏଭଳି ଆଶଙ୍କା କରି ପିଣ୍ଟୁଙ୍କୁ ଅନ୍ୟତ୍ର ସ୍ଥାନାନ୍ତର କରିବାକୁ ସ୍ଥାନୀୟ ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଆବେଦନ କରିଛନ୍ତି ବ୍ରହ୍ମପୁର ମଣ୍ଡଳ କାରାଗାରର ଜେଲର ଲକ୍ଷ୍ମୀକାନ୍ତ ଧାଙ୍ଗେଡା ମାଝି। ପୀତବାସ ପଣ୍ଡା ହତ୍ୟା ମାମଲାରେ ଗିରଫ ହୋଇ ଜେଲରେ ଅଛନ୍ତି ପୂର୍ବତନ ମେୟର ଶିବଶଙ୍କର ଦାଶ ଓରଫ ପିଣ୍ଟୁ ଦାଶ। ତେବେ ପିଣ୍ଟୁଙ୍କ ଅତ୍ୟନ୍ତ ଘନିଷ୍ଠ ସହଯୋଗୀ ଶାନ୍ତି ମିଶ୍ର ହତ୍ୟାକାଣ୍ଡ ଘଟଣାରେ ସମ୍ପୃକ୍ତ ତଥା ପିଣ୍ଟୁଙ୍କ ଉପରକୁ ପୂର୍ବରୁ ବିଭିନ୍ନ ସମୟରେ ହୋଇଥିବା ଗୁଳିକାଣ୍ଡ ଓ ବୋମାମାଡ ଘଟଣାର ଅଭିଯୁକ୍ତମାନେ ବର୍ତ୍ତମାନ ଜେଲରେ ସଜା କାଟୁଛନ୍ତି।

ସେମାନଙ୍କ ଠାରୁ ପିଣ୍ଟୁଙ୍କ ଜୀବନ ପ୍ରତି ବିପଦ ଥିବା ଆଶଙ୍କା କରି ପିଣ୍ଟୁଙ୍କୁ ବ୍ରହ୍ମପୁର ଜେଲରୁ ଫୁଲବାଣୀ କାରାଗାରକୁ ସ୍ଥାନାନ୍ତର



କରିବାକୁ ଜେଲର କୋର୍ଟରେ କରିଥିବା ଆବେଦନକୁ କୋର୍ଟ ଗ୍ରହଣ କରିଥିବା ଜଣାପଡିଛି। ଫଳରେ ଦିନେ କିମ୍ବା ଦୁଇଦିନ ମଧ୍ୟରେ ପିଣ୍ଟୁଙ୍କୁ ଫୁଲବାଣୀ ସ୍ଥାନାନ୍ତର କରାଯାଇପାରେ ବୋଲି ଜେଲ ସୂତ୍ରରୁ ସୂଚନା ମିଳିଛି।

# ବୃନ୍ଦାବନ ନାୟକଙ୍କ ଜୟନ୍ତୀ ପାଳିତ, ସ୍ମରଣିକା ଉନ୍ମୋଚିତ


ବ୍ରହ୍ମପୁର,୨୩।୧୦(ସମିସ): ହିଲପାଟଣା ସ୍ଥିତ ଏସ୍‌ଏମଆଇଟି ସମ୍ମିଳନୀ କକ୍ଷରେ ବୃନ୍ଦାବନ ନାୟକ ସ୍ମୃତି କମିଟି ପକ୍ଷରୁ କର୍ମବୀର ବୃନ୍ଦାବନ ନାୟକଙ୍କ ୧୧୫ତମ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ସଭାପତି ଡ. ଭଗବାନ ଗନ୍ତାୟତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ଡ଼ା. ରମେଶ ଚନ୍ଦ୍ର ଚ୍ୟାଉପଟ୍ଟନାୟକ ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ବାୟାମନୁ ଚର୍ଚ୍ଚି ଓ ସମ୍ମାନୀତ ଅତିଥି ଭାବେ ପୂର୍ବତନ କାଜୁ ନିଗମ ଅଧ୍ୟକ୍ଷ ସୁବାସ ମହାରଣା ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ବୃନ୍ଦାବନ ନାୟକଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ।

ଏହି ଅବସରରେ କମିଟି ପକ୍ଷରୁ ଏକ ସ୍ମରଣିକା ଉନ୍ମୋଚନ ସହ ବହୁ ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ପକ୍ଷରୁ କମାପଲ୍ଲୀ ଛକ ନିକଟରେ ଥିବା ବୃନ୍ଦାବନ ନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଦୈନିକ ଆଶା ସମ୍ପାଦକ ପ୍ରମୋଦ କୁମାର ପଣ୍ଡା କାର୍ଯ୍ୟକ୍ରମରେ ସଂଯୋଜନା କରିଥିବାବେଳେ ଏସ୍‌ଏମଆଇଟି ସଂପାଦକ ଜାମୁଲା ଶଙ୍କର ନାରାୟଣ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଡ. ସୋନାଲି ଗନ୍ତାୟତ, ଏସଏମଆଇଟିର ଅଧ୍ୟକ୍ଷ ଡ଼. ହରିଶ ବେହେରା, ପ୍ରଭାକର ସାହୁ ଓ ରବି ପଟ୍ଟନାୟକଙ୍କ ସମେତ ବହୁ କର୍ମଚାରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ସେହିପରି ସଂସ୍କାରବାଦୀ ପକ୍ଷରୁ ମଧ୍ୟ ବୃନ୍ଦାବନ ନାୟକଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଗଠନର ସଭାପତି ତ୍ରିନାଥ ମହାରଣାଙ୍କ ଅଧ୍ୟକ୍ଷତରେ କମାପଲ୍ଲୀ ଛକରେ ପୁଷ୍ପମାଲ୍ୟା ଅର୍ପଣ କରାଯାଇ ସ୍ମୃତିଚାରଣ କରାଯାଇଥିଲା। ଶେଷରେ ଲଳିତ ମୋହନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ପ୍ରଭାତ କୁମାର ମିଶ୍ର, ବୃନ୍ଦାବନ ଖଟେଇ, ପ୍ରଭାତ କୁମାର ମିଶ୍ର, ସୁରେଶ ଜେନା, କବିରାଜ ସାହୁ, ବିଜୟ କୁମାର ବେହେରା, କାହ୍ନୁ ଚରଣ ପତି, ପ୍ରଣବ କୁମାର ପଣ୍ଡା, ଶିବ ପ୍ରସାଦ ମିଶ୍ର, ଅଶୋକ ଦଳାଇ, ଭଗବାନ ଗନ୍ତାୟତ, ପ୍ରମୋଦ କୁମାର ସାହୁ, ବିଦ୍ୟାଧର ମହାରଣା, ଟି. ସଦାନନ୍ଦ ରାଓ, ଟି. ଗୋପୀ, ଶରତ ରଞ୍ଜନ ପଟ୍ଟନାୟକଙ୍କ ସମତେ ଅନ୍ୟମାନେ ଉପସ୍ଥିତ ଥିଲେ।






# ସମ୍ପାଦକୀୟ



ମୋ ସଫଳତାର ରହସ୍ୟ ହେଲା ଜୀବନରେ ସମ୍ମୁଖୀନ ହୋଇଥିବା ସମସ୍ତ ବିପର୍ଯ୍ୟୟକୁ ସୁଯୋଗରେ ପରିଣତ କରିବାକୁ ଚେଷ୍ଟା କରିଛି।

-ଜନ୍ ଡି ରକ୍‌ଫେଲର

ସକାଳ
THE SAKALA

## ଜଗିବ କିଏ?

କୃତ୍ରିମ ବୁଦ୍ଧିମତ୍ତା(ଏଆଇ) ପ୍ରକ୍ରିୟାକୃତ ଉଦ୍ଭଟ, ଅତିରଞ୍ଜିତ ଓ ନକଲି ଦୃଶ୍ୟଶ୍ରାବ୍ୟର ପ୍ରଚାର/ପ୍ରସାରକୁ ନିୟନ୍ତ୍ରଣ ଓ ନିରୁତ୍ସାହିତ କରିବା ପାଇଁ କେନ୍ଦ୍ର ସରକାର ପ୍ରଚଳିତ ସୂଚନା ପ୍ରଯୁକ୍ତି ବିଦ୍ୟା(ଅନ୍ତରୀଣ ମାର୍ଗଦର୍ଶିକା ଏବଂ ଡିଜିଟାଲ୍ ମିଡିଆ ନୀତି ସଂହିତା) ନିୟମ - ୨୦୨୧ରେ କେତେକ ସମୟୋପଯୋଗୀ ସଂଶୋଧନ ଆଣିବାକୁ ଯାଉଛନ୍ତି। ସରକାର ଜାରି କରିଥିବା ଚିଠା ଅଧିନିୟମ ଅନୁଯାୟୀ ଏଣିକି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ ହେଉଥିବା ଦୃଶ୍ୟଶ୍ରାବ୍ୟ(ଭିଡିଓ/ଅଡିଓ), ଚିତ୍ର(ଫଟୋ)ଗୁଡ଼ିକ 'ଏଆଇ ପ୍ରକ୍ରିୟାକୃତ କି ନୁହେଁ' ତାହା ବ୍ୟବହାରକାରୀମାନେ ଏକ ଘୋଷଣାନାମା ଜରିଆରେ ନିଶ୍ଚିତ କରିବେ। ଉକ୍ତ ଭିଡିଓ/ଫଟୋ ଏଆଇ ପ୍ରକ୍ରିୟାକୃତ ହୋଇଥିଲେ ସେଥିରେ ଏକ ପ୍ରତୀକ ବା ଲେବଲ୍ ରହିବା ବାଧ୍ୟତାମୂଳକ, ଯାହା ଉକ୍ତ ଅପ୍‌ଲୋଡ୍ ବିବରଣୀର ଅତିକମ୍‌ରେ ୧୦% ସ୍ଥାନରେ ଦୃଶ୍ୟମାନ ହେଉଥିବ।

ଅଧୁନା ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏଭଳି ବିଭ୍ରାନ୍ତିକର ମିଛ(ଡିପ୍‌ଫେକ୍) ଭିଡିଓ/ଫଟୋ/ବାର୍ତ୍ତାଗୁଡ଼ିକ ଜାତି-ଧର୍ମ-ବର୍ଣ୍ଣ-ଦଳ-ବୟସ-ବର୍ଗ-ଲିଙ୍ଗ ନିର୍ବିଶେଷରେ ଉତ୍କଟ ପାରିବାରିକ-ସାମାଜିକ-ରାଜନୈତିକ-ଅର୍ଥନୈତିକ ସମସ୍ୟା ସୃଷ୍ଟି କରୁଛି ଏବଂ ଦେଶର ପ୍ରତିରକ୍ଷା ଓ ସାର୍ବଭୌମତ୍ୱ ପ୍ରତି ବିପଦ ଡାକି ଆଣୁଛି। ତେଣୁ ଏହାର ପ୍ରତିକାର ପାଇଁ ସବୁମହଲରୁ ଦାବି ହୋଇଆସୁଛି। ଚୀନ୍ ସମେତ କେତେକ ବିକଶିତ ଓ ବିକାଶଶୀଳ ରାଷ୍ଟ୍ର ଏ ଦିଗରେ ପୂର୍ବରୁ ପଦକ୍ଷେପ ନେଇସାରିଥିବା ବେଳେ ବିଳମ୍ବରେ ହେଲେ ମଧ୍ୟ ଭାରତ ସରକାରୀଙ୍କ ପଦକ୍ଷେପ ନିଶ୍ଚୟ ସ୍ୱାଗତଯୋଗ୍ୟ। ସାମାଜିକ ଗଣମାଧ୍ୟମର ଅପବ୍ୟବହାର, ଦୁରୁପଯୋଗର ନିୟନ୍ତ୍ରଣ ପାଇଁ କେନ୍ଦ୍ର ସରକାର ଆଇନ ପ୍ରଣୟନ କରିଛନ୍ତି ଏବଂ ନିୟମିତ ବ୍ୟବଧାନରେ ସେଥିରେ ଆବଶ୍ୟକ ସଂଶୋଧନ କରୁଛନ୍ତି। କିନ୍ତୁ କାର୍ଯ୍ୟାନ୍ୱୟନରେ ଶିଥିଳତା ଓ ପ୍ରୟୋଗାତ୍ମକ ବିଫଳତା କାରଣରୁ ଗଳାବାଟର ଫାଇଦା ଉଠାଇ ଡିପ୍‌ଫେକ୍ ପ୍ରଭାବ ବିସ୍ତାର କରିଚାଲିଛି। ତେଣୁ ନୂଆ ପ୍ରୟାସକୁ ଚୂଡ଼ାନ୍ତ ରୂପରେଖ ଦେବା ପୂର୍ବରୁ ଜନସାଧାରଣଙ୍କଠାରୁ ମତାମତ ଆହ୍ୱାନ କରିଛନ୍ତି।

ଚିଠା ସଂଶୋଧନ ନିୟମର ଉପଲବ୍ଧ ବିବରଣୀ ଆଧାରରେ ଆମର ମତ ହେଉଛି, କ୍ରମବର୍ଦ୍ଧିଷ୍ଣୁ ବୈଷୟିକ ଜ୍ଞାନକୌଶଳ ଆଧାରିତ ଅପରାଧ ଦୃଷ୍ଟିରୁ ଏତିକି କଟକଣା ଯଥେଷ୍ଟ ନୁହେଁ। ଏବେ ଭାରତର ପ୍ରାୟ ୯୦କୋଟି ଲୋକଙ୍କ ହାତରେ ଇଣ୍ଟରନେଟ୍ ଯୁକ୍ତ ସ୍ମାର୍ଟଫୋନ୍ ରହିଛି। ଯିଏ ଯେତେବେଳେ ଯାହା ଇଚ୍ଛା କଲା ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଦେଉଛି ଏବଂ ନିମିଷକେ ତାହା ସାରା ବିଶ୍ୱରେ ବ୍ୟାପିଯାଉଛି। ଏହାଛଡ଼ା ଭାରତ ବିରୋଧୀ ବିଦେଶୀ ତତ୍ତ୍ୱଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ସେମାନଙ୍କଠାରୁ 'ଏଆଇ ପ୍ରକ୍ରିୟାକୃତ' ସ୍ୱୀକାରୋକ୍ତି ଓ ସାଧୁତା ଆଶା କରିବା ବୃଥା। ଯଦି ସେମାନେ ସ୍ୱୀକାରୋକ୍ତି ନ କରନ୍ତି ଏବଂ ଉଦ୍ଦିଷ୍ଟ ଲେବଲ୍ ସଂଯୋଗ ନ କରନ୍ତି କିମ୍ବା ଏଆଇ ପ୍ରକ୍ରିୟାକୃତ ହୋଇ ମଧ୍ୟ ଉଦ୍ଦେଶ୍ୟମୂଳକ ଭାବେ ଘୋଷଣାନାମା ପ୍ରକାଶ ନ କରନ୍ତି ସେଥିପାଇଁ ଉତ୍ତରଦାୟୀ ହେବ କିଏ? ଇତିମଧ୍ୟରେ ବିଶ୍ୱସ୍ତରରେ ମେଟା ଏଭଳି କେତେକ ସଂସ୍ଥା କଟକଣା ଜାରି କରିଥିଲେ ମଧ୍ୟ ଡିପ୍‌ଫେକ୍‌ର ସଂଖ୍ୟାରେ ଆଶାନୁରୂପ ହ୍ରାସ ଘଟିନାହିଁ। ଅପରପକ୍ଷରେ ଏଭଳି ଡିପ୍‌ଫେକ୍ ଭିଡିଓ/ଅଡିଓ ଫଟୋ ଯୋଗୁଁ ସାମାଜିକ ଗଣମାଧ୍ୟମ ସଂସ୍ଥାମାନଙ୍କର ଆୟ ବହୁଗୁଣରେ ବଢ଼ିବାରେ ଲାଗିଛି। ତେଣୁ ନିଜକୁ ନିଜେ ନିୟନ୍ତ୍ରଣ କରି ବା ଆତ୍ମସଂଯମ ହୋଇ ସେମାନେ ଅର୍ଥାଗମର ବାଟକୁ ଯେ କାଣ୍ଟଛାଣ୍ଟ କରିବେ ସେ ବିଶ୍ୱାସ ଆସୁନାହିଁ।

ନିୟମକୁ ପ୍ରଭାବଶାଳୀ କରିବାକୁ ହେଲେ ତୃତୀୟ ପକ୍ଷକୁ ଉତ୍ତରଦାୟୀ କଲା ଭଳି ଏକ ସର୍ତ୍ତ ରହିବା ଆବଶ୍ୟକ। ପ୍ରତିମୁହୂର୍ତ୍ତରେ ବିଶ୍ୱସ୍ତରରେ ଲକ୍ଷ ଲକ୍ଷ ସଂଖ୍ୟାରେ ଭିଡିଓ ଫଟୋ ଅପ୍‌ଲୋଡ୍ ହେଉଛି, ଯାହାର ତତ୍କାଳ ତନଖି ସମ୍ଭବ ନୁହେଁ। ତେଣୁ କଣ୍ଟାକୁ କଣ୍ଟାରେ କାଢ଼ିବା ନିୟମ ଭଳି ଏଆଇ ପ୍ରକ୍ରିୟାକୃତ ଭିଡିଓ/ଅଡିଓ/ଫଟୋକୁ ଅପ୍‌ଲୋଡ୍‌ମାତ୍ରେ ଚିହ୍ନଟ କରିବା ପାଇଁ ଏଆଇକୁ ହିଁ ଉପଯୋଗ କରିବାକୁ ପଡ଼ିବ। ସାମାଜିକ ଗଣମାଧ୍ୟମ ସଂସ୍ଥାଗୁଡ଼ିକ ଯେଭଳି ଅତ୍ୟାଧୁନିକ ଜ୍ଞାନକୌଶଳର ଉପଯୋଗକୁ ନିଶ୍ଚିତ କରନ୍ତି ତାହା ସଂଶୋଧିତ ଚିଠା ନିୟମରେ ଉଲ୍ଲେଖ ରହିବା ଆବଶ୍ୟକ। ●

## ତତ୍ପରତା ଓ ଶିଥିଳତା

ଆମ ବ୍ୟବସ୍ଥାର ଏକ ଗତାନୁଗତିକ ଧାରା ହେଉଛି କିଛି ଏକ ଅଘଟଣ ଘଟିଯିବା ପରେ ତତ୍ପରତା ପ୍ରକାଶ ପାଇବା ଏବଂ ସମୟ ସହିତ ସେହି ତତ୍ପରତା ଶିଥିଳ ପଡ଼ିଯିବା। ଯୋଜନାର ସଫଳ ରୂପାୟନରେ ଆନ୍ତରିକତା ଓ ତତ୍ପରତା ଯଦି ରହୁଥା'ନ୍ତା ତେବେ ଆମ ରାଜ୍ୟ ରାଜଧାନୀର ବ୍ୟବସାୟ ପେଣ୍ଠ ୟୁନିଟ୍ ୧ ହାଟରେ ବାରମ୍ବାର ଅଗ୍ନିକାଣ୍ଡ ଘଟି ଧନ ହାନି ଘଟୁନଥା'ନ୍ତା କି ଜୀବନ ପ୍ରତି ଭୟ ସଞ୍ଚାର ହେଉ ନଥା'ନ୍ତା। ଗତ ବୁଧବାର ଦିନଦିପହରେ ରାଜଧାନୀର ଏହି ସର୍ବପୁରାତନ ଓ ସର୍ବବୃହତ୍ ହାଟରେ ପୁଣି ଥରେ ଅଗ୍ନିକାଣ୍ଡ ଘଟି କୋଟିକୋଟି ଟଙ୍କାର ପଣ୍ୟ ସାମଗ୍ରୀ ପୋଡ଼ି ପାଉଁଶ ହୋଇଯାଇଛି।

ଅଗ୍ନିକାଣ୍ଡର କାରଣ ଯାହା ବି ହେଉନା କାହିଁକି ରାଜଧାନୀର ଛାତି ଉପରେ ଏଭଳି ଅଗ୍ନିକାଣ୍ଡ ବାରମ୍ବାର ଘଟୁଥିଲେ ମଧ୍ୟ ନା ପ୍ରଶାସନ ନା ବ୍ୟବସାୟୀ କାହାର ଚେତା ପଶୁନି। ଅଗ୍ନିକାଣ୍ଡରେ ବ୍ୟବସାୟିକ କ୍ଷୟକ୍ଷତିକୁ ହୁଏତ ବୀମା କମ୍ପାନୀ ଭରଣା କରିଦେବ। କିନ୍ତୁ ଏଭଳି ଘଟଣା ଯଦି କୌଣସି ପାର୍ବଣ ଭିଡ଼ରେ ରାତିରେ ଘଟିଥା'ନ୍ତା ଦଳଚକଟାରେ ଅନେକ ଜୀବନହାନିର ଆଶଙ୍କାକୁ ଏଡ଼ାଇ ଦେଇ ହୁଅନ୍ତା ନାହିଁ। ୧ ନମ୍ବର ହାଟର ମୁଖ୍ୟ ସମସ୍ୟା ହେଉଛି ଅଣଓସାରିଆ ଗଳିରେ ପାଖକୁ ପାଖ ଓ ସାମ୍ନାସାମ୍ନି ଦୋକାନଘର ଖୁନ୍ଦି ହୋଇ ରହିଛି। ତେଣୁ କୌଣସି ଅଘଟଣ ଘଟିଲେ ତତ୍କାଳ ମୁକୁଳିବା ସମ୍ଭବ ନୁହେଁ। ଏହି ସମସ୍ୟା ଅଘଟଣ ପରେ କର୍ତ୍ତୃପକ୍ଷଙ୍କ ଦୃଷ୍ଟିକୁ ଆସେ, ତନାଘନା ହୁଏ, ଯୋଜନା ଓ ସମନ୍ୱିତ ଦୋକାନ ଘର ନିର୍ମାଣ ପାଇଁ ଘୋଷଣା ହୁଏ। ଦିନ କେଇଟା ପରେ ତାହା ପୁଣି ଶୀତଳଭଣ୍ଡାରକୁ ଚାଲିଯାଏ। ଏହାଛଡ଼ା ରାଜଧାନୀର ସର୍ବାଧିକ ଜନଗହଳିପୂର୍ଣ୍ଣ ଅଞ୍ଚଳରେ ନିୟମିତ ଅଗ୍ନିକାଣ୍ଡ ଘଟୁଥିଲେ ମଧ୍ୟ ଅଗ୍ନି ନିରାପତ୍ତା ବ୍ୟବସ୍ଥା କିମ୍ବା ନିକଟରେ ଦମ୍‌କଳ କେନ୍ଦ୍ରର ଆବଶ୍ୟକତା କର୍ତ୍ତୃପକ୍ଷ ଏ ପର୍ଯ୍ୟନ୍ତ ଉପଲବ୍ଧି କରିପାରିନାହାନ୍ତି।

ଦିନକୁ ଦିନ ରାଜଧାନୀର ଖୋଲା ସ୍ଥାନ ସଂକୁଚିତ ହେବାରେ ଲାଗିଛି। ଅପରପକ୍ଷରେ ଯାନବାହନ ଓ ଲୋକସଂଖ୍ୟା ବଢୁଛି। ୧ ନମ୍ବର ହାଟରେ କେବଳ ରାଜଧାନୀ ବାସିନ୍ଦା ନୁହନ୍ତି, ରାଜ୍ୟବାସୀଙ୍କ କିଣାବିକା ଓ ଯାତାୟତ ଲାଗି ରହିଛି। ଯାହା କିଛି ଅଘଟଣ ଘଟୁଛି ସେଥିପାଇଁ ନିର୍ଦ୍ଦିଷ୍ଟ ଭାବେ କାହାକୁ ଦାୟୀ କରାଯାଇପାରିବ ନାହିଁ। ତେଣୁ ଦୋଷ ଲଦାଲଦିରୁ ନିବୃତ୍ତ ରହି ସହଯୋଗ ଓ ସମନ୍ୱୟ ଜରିଆରେ ଏ ସମସ୍ୟାର ଦୀର୍ଘସ୍ଥାୟୀ ସମାଧାନ ହେବା ଆବଶ୍ୟକ। ●

# ଓଡ଼ିଶାରେ ଶୀତଳଭଣ୍ଡାର: ସମସ୍ୟା ଓ ସମ୍ଭାବନା

ବିଦ୍ୟାଧର ମହାରଣା

ଆମେ ଖାଉଥିବା ଶସ୍ୟଜାତୀୟ ଖାଦ୍ୟ, ଡାଲି ଓ ତେଲ ଭଣ୍ଡାର ଘରେ ବହୁଦିନ ସାଇତି ରଖିପାରୁଥିଲେ ମଧ୍ୟ ଫଳ, ଆଳୁ, ପିଆଜ, ପନିପରିବା, କ୍ଷୀର, ଅଣ୍ଡା ଇତ୍ୟାଦି ପଚନଶୀଳ ଦ୍ରବ୍ୟ ଉପଯୁକ୍ତ ସାଇତା ଅଭାବରେ ଶୀଘ୍ର ପଚିସଢ଼ି ଯାଏ ଏବଂ ଖାଦ୍ୟ ଉପଯୋଗୀ ହୋଇନଥାଏ। କାରଣ ସାଧାରଣ ତାପମାତ୍ରାରେ ଶ୍ୱସନ କ୍ରିୟା ଚାଲୁଥାଏ ଏବଂ ବୀଜାଣୁ ଓ କବକ ପରି ଅଣୁଜୀବ ଏହିଖାଦ୍ୟଗୁଡ଼ିକୁ ଶୀଘ୍ର ନଷ୍ଟ କରି ଦିଅନ୍ତି। ଶୀତଳୀକରଣ ମାଧ୍ୟମରେ ନିମ୍ନ ତାପମାତ୍ରା ଓ ଆବଶ୍ୟକ ଆପେକ୍ଷିକ ଆର୍ଦ୍ରତା ସୃଷ୍ଟି କରାଗଲେ ଅଣୁଜୀବଗୁଡ଼ିକ ନିଷ୍କ୍ରିୟ ହୋଇ ଖାଦ୍ୟ ଅପଚୟ କରିବାରେ ସକ୍ଷମ ହେବେ ନାହିଁ। ଇ-କୋଲି ଓ ସାଲମୋନେଲା ପରି ଖାଦ୍ୟ ବିନିଷ୍ଟକାରୀ ବୀଜାଣୁ ନିମ୍ନ ତାପମାତ୍ରାରେ କୌଣସି କ୍ଷତିସାଧନ କରିପାରିବେ ନାହିଁ। ଫଳରେ ଆମେ ଅଧିକ ଦିନ ଧରି ପଚନଶୀଳ ଖାଦ୍ୟ ପଦାର୍ଥ ତଟକା ଭାବରେ ବ୍ୟବହାର କରିପାରିବା କିମ୍ବା ଦୂର ଜାଗାକୁ ପରିବହନ କରିପାରିବା। ଏହା ହିଁ ଶୀତଳୀକରଣ ବା ଶୀତଳଭଣ୍ଡାରର ମୌଳିକ ଉଦ୍ଦେଶ୍ୟ। ଶୀତଳଭଣ୍ଡାର ଅଭାବରେ ଖାଦ୍ୟ ନିରାପତ୍ତାରେ କିଭଳି ସମସ୍ୟା ସୃଷ୍ଟି ହୁଏ ତାହା ଏବେ ଆଲୋଚନା କରିବା।

ଓଡ଼ିଶା ସରକାର ରାଜ୍ୟରେ ଆଳୁ ଉତ୍ପାଦନ କ୍ଷେତ୍ରରେ ସ୍ୱାବଲମ୍ବୀ ହେବା ପାଇଁ ୨୦୧୫ ମସିହାରେ 'ଆଳୁ ମିଶନ୍' କାର୍ଯ୍ୟକାରୀ କରିଥିଲେ। ବସ୍ତୁତଃ ଏହି ମିଶନ ବିଫଳ ହୋଇଛି କହିଲେ ଭୁଲ ହେବନି। ରାଜ୍ୟରେ ବାର୍ଷିକ ଆଳୁ ଚାହିଦା ୧୪ ଲକ୍ଷ ଟନ୍ ଥିବା ବେଳେ ବର୍ତ୍ତମାନ ଉତ୍ପାଦନ ହେଉଛି ପ୍ରାୟ ୫ ଲକ୍ଷ ଟନ୍। ଏବେ ଆମ ରାଜ୍ୟ ଆଳୁ ସମେତ ପିଆଜ, ମାଛ, ପନିପରିବା ଓ ଫଳ କ୍ଷେତ୍ରରେ ମଧ୍ୟ ପଡ଼ୋଶୀ ରାଜ୍ୟଗୁଡ଼ିକ ଉପରେ ନିର୍ଭରଶୀଳ। ଏହାର ମୁଖ୍ୟକାରଣ ହେଉଛି ଶୀତଳଭଣ୍ଡାର ଓ ଶୀତଳ ପରିବହନ ବ୍ୟବସ୍ଥାର ଘୋର ଅଭାବ। ଶୀତଳଭଣ୍ଡାରରେ ଆଳୁ, ଫଳ, ପନିପରିବା, ମାଛ ଇତ୍ୟାଦି ପଚନଶୀଳ ଦ୍ରବ୍ୟ ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ସାଇତି ରଖାଯାଏ ଏବଂ ଶୀତଳଭଣ୍ଡାରଠାରୁ ଉପଭୋକ୍ତାଙ୍କ ନିକଟସ୍ଥ ଖୁଚୁରା ବିକ୍ରୟ କେନ୍ଦ୍ର ପର୍ଯ୍ୟନ୍ତ ଶୀତଳୀକୃତ ପରିବହନ ବ୍ୟବସ୍ଥାରେ ଏହି ସମାଗ୍ରୀ ଯୋଗାଣ କରାଯାଏ।

ଆମ ଦେଶରେ ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ, ଗୁଜରାଟ ଓ ପଞ୍ଜାବରେ ସର୍ବାଧିକ(ଦେଶର ୬୦%) ଶୀତଳଭଣ୍ଡାର ରହିଛି। ଉପରୋକ୍ତ ଚାରି ରାଜ୍ୟରେ ଯଥାକ୍ରମେ ୧୫, ୬.୪, ୩.୯ ଓ ୨.୬ ନିୟୁତ ଟନ୍ ଆଳୁ ପ୍ରାୟ ୩୮୬୭ ଶୀତଳଭଣ୍ଡାରରେ ସାଇତି ରଖିବା କ୍ଷମତା ରହିଛି। ଏହାପରେ ମହାରାଷ୍ଟ୍ର, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ, ତେଲଙ୍ଗାନା ଅଧିକ ସଂଖ୍ୟାରେ ଶୀତଳଭଣ୍ଡାର ସ୍ଥାପନ କରିଛନ୍ତି। ୨୦୨୫ ରିପୋର୍ଟ ଅନୁଯାୟୀ ଓଡ଼ିଶାର ୧୩୩ ଶୀତଳଭଣ୍ଡାର ମଧ୍ୟରୁ ୯୭ ଅଚଳାବସ୍ଥାରେ ଅଛି ଏବଂ ୩୬ ଗୋଟି କାର୍ଯ୍ୟକ୍ଷମ, ଯାହାର ସର୍ବାଧିକ ଭଣ୍ଡାରଣ କ୍ଷମତା ମାତ୍ର ୧, ୭୨, ୧୮୦ ଟନ୍। ଏଥିମଧ୍ୟରୁ ଘରୋଇ ଶୀତଳଭଣ୍ଡାର ୩୪ ଓ ସମବାୟସଂସ୍ଥାର ମାତ୍ର ଦୁଇଟି। ଆମ ରାଜ୍ୟର ୧୩ ଜିଲ୍ଲାରେ ଆଦୌ ଶୀତଳଭଣ୍ଡାର ନାହିଁ। ଏତଦବ୍ୟତୀତ ଘରୋଇ ଉଦ୍ୟମରେ ଆଳୁ ଛଡ଼ା ଅନ୍ୟାନ୍ୟ ପଚନଶୀଳ ଦ୍ରବ୍ୟ ସଂରକ୍ଷଣ ପାଇଁ ଅଳ୍ପକେତୋଟି ଶୀତଳଭଣ୍ଡାର କାର୍ଯ୍ୟ କରୁଛି। ଆମର ପଡ଼ୋଶୀ ପଶ୍ଚିମବଙ୍ଗରେ ୫୧୭ ଶୀତଳଭଣ୍ଡାର ଥିବା ବେଳେ ଓଡ଼ିଶାରେ ୩୬ କାର୍ଯ୍ୟକ୍ଷମ ଥିବା କି ସନ୍ଦେଶ ଦେଉଛି? ସୁତରାଂ ଶୀତଳୀକରଣ ବ୍ୟବସ୍ଥା ଓଡ଼ିଶାରେ ନୈରାଶ୍ୟଜନକ ବୋଲି ଧରିନେବାକୁ ହେବ। ଏହାର ପରିଣାମ ସ୍ୱରୂପ ଆମ ରାଜ୍ୟ ପନିପରିବା, ଆଳୁ, ଅଣ୍ଡା, ମାଛ ଓ ଫଳ ପାଇଁ ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ, ଝାଡ଼ଖଣ୍ଡ ଇତ୍ୟାଦି ପଡ଼ୋଶୀ ରାଜ୍ୟ ଉପରେ ନିର୍ଭରଶୀଳ।

ଓଡ଼ିଶାରେ ଶୀତଳଭଣ୍ଡାର ସମସ୍ୟାଗୁଡ଼ିକୁ ଅନୁଧ୍ୟାନ କଲା ବେଳେ ପ୍ରଥମରେ ଆଲୋଚନା କରିବା ଗୋଟିଏ ଶୀତଳଭଣ୍ଡାର ପାଇଁ କେଉଁସବୁ ଭିତ୍ତିଭୂମିର ଆବଶ୍ୟକତା ଅଛି। ଶୀତଳଭଣ୍ଡାରର ତାପମାତ୍ରା ଓ ଆପେକ୍ଷିକ ଆର୍ଦ୍ରତା ବିଭିନ୍ନ ଦ୍ରବ୍ୟ ଅନୁସାରେ ଭିନ୍ନ ହୋଇଥାଏ। ବିଭିନ୍ନ ସତେଜ ପନିପରିବା, ଦୁଗ୍ଧ ଜାତ ଦ୍ରବ୍ୟ ଓ ଫାର୍ମାସ୍ୟୁଟିକାଲ ପାଇଁ ୨ ରୁ ୮ ଡିଗ୍ରୀ ସେଲସିୟସ୍ ତାପ ଆବଶ୍ୟକ। ମାଛ ଓ ମାଂସ ସଂରକ୍ଷଣ ପାଇଁ ବିୟୁକ୍ତ ୧ ରୁ ୧ ଡିଗ୍ରୀ ସେଲସିୟସ ତାପ ଆବଶ୍ୟକ। ଏତଦ୍‌ବ୍ୟତୀତ ଅନୁକୂଳ ଆପେକ୍ଷିକ ଆର୍ଦ୍ରତା, ଉତ୍ତମ ବାୟୁ ଚଳାଚଳ ଏବଂ କୋଠାରିଗୁଡ଼ିକର କାନ୍ଥ, ସିଲିଂ ଓ ଚଟାଣ ତାପରୋଧୀ ବା କୁପରିବାହୀ ହେବା ଆବଶ୍ୟକ। କୋଠରିକୁ ଯେପରି ବାହାରୁ ଗରମ ବାୟୁ ପ୍ରବେଶ ନକରେ ସେଥିପାଇଁ କବାଟ ଫାଙ୍କରେ ଗାସ୍କେଟ୍ ଦିଆଯାଏ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଅବିରତ ବିଦ୍ୟୁତ ଯୋଗାଣ ଓ ଜେନେରେଟର ସ୍ଥାପନା। ଶୀତଳଭଣ୍ଡାର ନିୟମିତ ପରିଦର୍ଶନ ଓ ମରାମତି ନିହାତି ଆବଶ୍ୟକ। ଶୀତଳଭଣ୍ଡାର ଉପଯୁକ୍ତ ସ୍ଥାନରେ ନିର୍ମିତ ହେବା ସହିତ ଦକ୍ଷପୂର୍ଣ୍ଣ ଶକ୍ତି ବିନିଯୋଗ ଶୀତଳଭଣ୍ଡାର ଅର୍ଥନୀତିକୁ ପ୍ରଭାବିତ କରେ। କେବଳ ବିଲାତି ଆଳୁ ରଖିବାକୁ ଶୀତଳଭଣ୍ଡାର ନିର୍ମାଣ କଲେ ଏହା ବର୍ଷରେ ମାତ୍ର ତିନିମାସ କାର୍ଯ୍ୟକ୍ଷମ ରହେ। ଫଳରେ ଏହା ଲାଭଦାୟକ ହୁଏ ନାହିଁ।

ଆଜିକାଲି ବିଭିନ୍ନ ମଡେଲର ଶୀତଳଭଣ୍ଡାର ବାହାରିଲାଣି। ଶୀତଳୀକରଣ କ୍ଷୁଦ୍ର କୋଠରି(ୱାକ୍ ଇନ୍ ୟୁନିଟ୍) ମାତ୍ର ୬୪ ବର୍ଗଫୁଟ କୋଠାରି ବିଶିଷ୍ଟ ଏବଂ ଏଥିରେ ତାପମାତ୍ରା ୦ ରୁ ୧୦ ଡିଗ୍ରୀ ସେଲସିୟସ କିମ୍ବା ବିୟୁକ୍ତ ୧୮ ରୁ ବିୟୁକ୍ତ ୨୫ ଡିଗ୍ରୀ ସେଲସିୟସ ହୋଇପାରେ। ଏଗୁଡ଼ିକ ରେଷ୍ଟୁରାଣ୍ଟ, ଫୁଲ ବ୍ୟବସାୟୀଙ୍କ ପାଇଁ ଉପଯୁକ୍ତ। ମଡ୍ୟୁଲାର ଶୀତଳ କୋଠାରି ୫୧୨ ଘନ ଫୁଟ ଆୟତନରୁ ୫୦,୦୦୦ ବର୍ଗ ଫୁଟ ଆକାର ବିଶିଷ୍ଟ ହୋଇପାରେ। ଏଥିରେ ତାପମାତ୍ରା ବିୟୁକ୍ତ ୫୦ ରୁ ୧୫ ଡିଗ୍ରୀ ସେଲସିୟସ ରଖାଯାଇପାରେ। ଶୀତଳୀକୃତ କଣ୍ଟେନର ବା ରିଫର ଭ୍ୟାନ ଫଳ, ପନିପରିବା ଇତ୍ୟାଦି ଦୂର ସ୍ଥାନକୁ ପରିବହନ ପାଇଁ ବ୍ୟବହାର କରାଯାଏ। ଏଥିରେ ୧୦, ୨୦ କିମ୍ବା ୪୦ ଫୁଟ ଦୈର୍ଘ୍ୟ ବିଶିଷ୍ଟ କୋଠାରି ଟ୍ରକ୍ ଉପରେ ରଖାଯାଏ।

ବହୁମୁଖୀ ଶୀତଳଭଣ୍ଡାରଗୁଡ଼ିକ ଆଜିକାଲି ବେଶୀ ଜନପ୍ରିୟ। କାରଣ ଏହାର ଆକାର ବଡ଼ ଓ ଏଥିରେ ବିଭିନ୍ନ ଦ୍ରବ୍ୟ ଅଲଗା କୋଠରିରେ ସ୍ୱତନ୍ତ୍ର ପରିବେଶରେ ସାଇତି ରଖାଯାଏ। ଏପରି ଶୀତଳଭଣ୍ଡାରରେ କେବଳ ଗୋଟିଏ ଉତ୍ପାଦ ନରଖି ବିଭିନ୍ନ ଫଳ, ପନିପରିବା, ଦୁଗ୍ଧ ଜାତ ପଦାର୍ଥ ମାଂସ ଓ ଔଷଧ ଇତ୍ୟାଦି ବିଭିନ୍ନ କୋଠାରିରେ ବିଭିନ୍ନ ତାପମାତ୍ରାରେ ବର୍ଷସାରା ସାଇତି ରଖାଯାଏ। ବିଭିନ୍ନ ଉତ୍ପାଦ ପାଇଁ ଆବଶ୍ୟକ ତାପମାତ୍ରା ଓ ଆପେକ୍ଷିକ ଆର୍ଦ୍ରତା ବିଭିନ୍ନ କୋଠାରିରେ ନିୟନ୍ତ୍ରିତ କରାଯିବା ଫଳରେ ଶୀତଳଭଣ୍ଡାର ବର୍ଷସାରା କାର୍ଯ୍ୟକ୍ଷମ ରହେ। ଏହି ଶୀତଳଭଣ୍ଡାରରେ ୫୦୦୦ ଟନ୍ କିମ୍ବା ଅଧିକ ଦ୍ରବ୍ୟ ସାଇତି ରଖାଯାଇପାରେ। ଯାନ୍ତ୍ରିକ ଉପାୟରେ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟ କରାଯାଇ ପାରେ।

ମଧ୍ୟପ୍ରଦେଶର ଇନ୍ଦୋର ସହରରେ ବିଭିନ୍ନ କମ୍ପାନୀ ଏପରି ଶୀତଳଭଣ୍ଡାର ସ୍ଥାପନ ପାଇଁ କାର୍ଯ୍ୟ କରୁଛନ୍ତି। ଯେଉଁ ଅଞ୍ଚଳରେ କୃଷକ ଉତ୍ପାଦନ ଗୋଷ୍ଠୀ ଏବଂ କୃଷକ ଉତ୍ପାଦନ ସଂଗଠନ କାର୍ଯ୍ୟ କରୁଛନ୍ତି, ସେହି ଅଞ୍ଚଳ ପାଇଁ ବହୁମୁଖୀ ଶୀତଳଭଣ୍ଡାର ଅତ୍ୟନ୍ତ ଉପାଦେୟ। ଏପରି ଶୀତଳଭଣ୍ଡାର ପ୍ରଥମେ ରାଜସ୍ଥାନର ପାଲି ଅଞ୍ଚଳରେ ଆରମ୍ଭ ହୋଇଥିଲା। ଏଥିରେ ପନିପରିବା, ଫଳ, କ୍ଷୀର, ଅଣ୍ଡା ପରି ପଚନଶୀଳ କୃଷି ଉତ୍ପାଦ ସାଇତି ରଖାଯାଏ। ବିଶେଷ ଭାବରେ ସ୍ଥାନୀୟ ଅଞ୍ଚଳର ଆମ୍ବ, ତରଭୁଜ, ପନିପରିବା ଓ ଦୁଗ୍ଧଜାତ ଦ୍ରବ୍ୟ ଏହି ଶୀତଳଭଣ୍ଡାରରେ ରଖାଯାଏ। ବିଭିନ୍ନ ଦ୍ରବ୍ୟ ପାଇଁ ବିଭିନ୍ନ ଉତ୍ତାପରେ ଅଲଗା କୋଠାରିରେ ଦ୍ରବ୍ୟଗୁଡ଼ିକ ସାଇତି ରଖାଯାଏ। ଏହାଦ୍ୱାରା ଦ୍ରବ୍ୟଗୁଡ଼ିକର ଗୁଣବତ୍ତା ଅକ୍ଷୁଣ୍ଣ ରହେ ଏବଂ କୃଷକମାନେ ଉପଯୁକ୍ତ ମୂଲ୍ୟ ପାଆନ୍ତି। ଓଡ଼ିଶାରେ ଶୀତଳଭଣ୍ଡାରଗୁଡ଼ିକର ବାସ୍ତବ ସମସ୍ୟା ଓ ଏହାର ପ୍ରତିକାର ମାର୍ଗ ବିଷୟରେ ଆଲୋଚନା ଦ୍ୱିତୀୟ ଭାଗରେ କରାଯିବ।(କ୍ରମଶଃ...) ●

ଭୁବନେଶ୍ୱର, ମୋ: ୮୪୩୭୦୭୧୧୯୦

# ଯୁବଶକ୍ତି ବିଶୃଙ୍ଖଳ କାହିଁକି?

ପ୍ରଦୀପ୍ତ ଆଚାର୍ଯ୍ୟ

ମନୁଷ୍ୟ ଜୀବନର ଚାରିଗୋଟି ଅବସ୍ଥା ମଧ୍ୟରୁ ଯୁବାବସ୍ଥା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଏହି ଅବସ୍ଥାରେ ଶକ୍ତି, ଶୌର୍ଯ୍ୟ, ଉଦ୍ଦାମତା, ନିଃସ୍ୱାର୍ଥପରତା, ସେବା, ନିଜକୁ ବିଜ୍ଞାପିତ କରିବାର ଆକାଂକ୍ଷା, ଦୁଃସାହସିକ ପଦକ୍ଷେପ ସେମାନଙ୍କୁ ଏକ ସ୍ୱତନ୍ତ୍ର ପରିଚୟ ପ୍ରଦାନ କରିଥାଏ। ଆଜି ଆମେ ଯେଉଁମାନଙ୍କୁ ମହାମାନବ ଦୃଷ୍ଟିରେ ଅବଲୋକନ କରୁଛେ, ଯେଉଁମାନେ ଆମର ଆଦର୍ଶ, ଯେଉଁମାନଙ୍କ କାର୍ଯ୍ୟଧାରା ଆମ୍ଭମାନଙ୍କୁ ଚମତ୍କୃତ ଓ ବିସ୍ମିତ କରିଛି, ସେମାନେ ଯୁବାବସ୍ଥାରେ ହିଁ ସେମାନଙ୍କର ପ୍ରତିଭା ପ୍ରଦର୍ଶିତ କରିଥିଲେ। ସର୍ବଶେଷ ସର୍ବେକ୍ଷଣ ଅନୁସାରେ ଆମ ମୋଟ ଜନସଂଖ୍ୟାର ୨୭ ପ୍ରତିଶତ ଯୁବଗୋଷ୍ଠୀ, ଯେଉଁମାନଙ୍କର ଜାତୀୟ ଆୟରେ ୩୪ ପ୍ରତିଶତ ଅବଦାନ ରହିଛି। ଯୁବଶକ୍ତି ଦେଶର ରାଷ୍ଟ୍ରୀୟ ସମ୍ପଦ। ଗୋଟିଏ ରାଷ୍ଟ୍ର ବା ସମାଜର ବିନାଶ କିମ୍ବା ବିକାଶ ନିର୍ଭର କରେ ଯୁବଶକ୍ତି ଉପରେ।




ଆଜି କିନ୍ତୁ ଦୃଶ୍ୟପଟ୍ଟ ବଦଳିଯାଇଛି। ଯୁବକମାନଙ୍କ ମଧ୍ୟରେ ଶିଥିଳତା, ଆତ୍ମକୈନ୍ଦ୍ରିକତା, ବିଶୃଙ୍ଖଳା ସର୍ବୋପରି ହିଂସ୍ରତାର ମାତ୍ରା ବୃଦ୍ଧି ପାଇଚାଲିଛି। ନିଶାରାକ୍ଷସ କବଳରେ ଯୁବସମାଜ ଆଜି ପଥଭ୍ରଷ୍ଟ, ହୀନବୀର୍ଯ୍ୟ, ଶକ୍ତିହୀନ ଓ ଅକାଳ ବାର୍ଦ୍ଧକ୍ୟଗ୍ରସ୍ତ। ତେବେ କ'ଣ ପାଇଁ ସେମାନଙ୍କର ଏ ଅଧୋପତନ? ଏଥିପାଇଁ ଦାୟୀ କିଏ? ଏହିସବୁ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ଯେଉଁକେତେକ କାରଣ ସାମ୍ନାକୁ ଆସେ ସେଗୁଡ଼ିକ ମଧ୍ୟରୁ ପ୍ରଥମ ଓ ପ୍ରଧାନ ହେଉଛି ବେକାରୀ ସମସ୍ୟା। ଏହାଛଡ଼ା ପ୍ରଚଳିତ ଶିକ୍ଷା ପଦ୍ଧତି, ଯୁବାବସ୍ଥାରେ ଉପଭୋଗ ନିମନ୍ତେ ଅର୍ଥ ରୋଜଗାରର ଅକ୍ଷମତା, ସହଜ ଉପଲବ୍ଧ ନିଶାଦ୍ରବ୍ୟ, ମୋବାଇଲରେ ନଗ୍ନ ତଥା ଅଶ୍ଳୀଳ ଦୃଶ୍ୟ, ଟିଭି ପରଦାରେ ପ୍ରଦର୍ଶିତ ରାହାଜାନୀ, ଛିନତାଇ ପ୍ରଭୃତି ହିଂସାତ୍ମକ ଦୃଶ୍ୟ, ସଂରକ୍ଷଣ ବ୍ୟବସ୍ଥା, ପ୍ରିୟାପ୍ରୀତି ତୋଷଣ, ପରିବାର ସଦସ୍ୟଙ୍କ ହେୟଜ୍ଞାନ ଓ କଟୁକ୍ତି ଯୁବସମାଜର ମାନସିକତା ଉପରେ ଅତ୍ୟନ୍ତ ନକାରାତ୍ମକ ପ୍ରଭାବ ପକାଉଛି। ପରମ୍ପରା ଓ ଆଧୁନିକତା ମଧ୍ୟରେ ସୃଷ୍ଟ ସଙ୍ଘର୍ଷ ଯୋଗୁଁ ବରିଷ୍ଠମାନେ ଯୁବଗୋଷ୍ଠୀଙ୍କୁ ଅପରିପକ୍ୱ ଓ ଅନଭିଜ୍ଞ ବୋଲି ମନେ କରିବା ବେଳେ ଯୁବଗୋଷ୍ଠୀ ବରିଷ୍ଠମାନଙ୍କ ପ୍ରତି ବେଖାତିର ମନୋଭାବ ଓ ଅବଜ୍ଞା ପ୍ରଦର୍ଶନ କରୁଛନ୍ତି। ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ରୋଜଗାର କ୍ଷମ ହୋଇ ନପାରିବାରୁ ଉପଯୁକ୍ତ ପାତ୍ରରେ ବିବାହ ସମ୍ପନ୍ନ ନହୋଇ ପାରିବା, ଆଜିକାଲି ସମାଜରେ ବହୁଳ ଭାବରେ ଦୃଷ୍ଟିଗୋଚର, ଯାହାକି ଯୁବକ/ଯୁବତୀମାନଙ୍କର ନୈରାଶ୍ୟ ବୃଦ୍ଧିର କାରଣ।

ଏହି ସମସ୍ୟାର ସମାଧାନ ପାଇଁ ସର୍ବପ୍ରଥମେ ଯୁବକମାନଙ୍କୁ ରୋଜଗାରକ୍ଷମ କରାଇବା ଲାଗି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଥରେ ରୋଜଗାର କରିବାର ମାର୍ଗ ପାଇଗଲେ ସେମାନେ ଆଉ ଅସାମାଜିକ କାର୍ଯ୍ୟକଳାପରେ ନିଜକୁ ସାମିଲ କରିବେ ନାହିଁ। ଏହା ନିଜର, ନିଜ ପରିବାରର, ରାଜ୍ୟର ଓ ଦେଶର ପ୍ରଗତି ପଥରେ ସହାୟକ ହେବ। ଦ୍ରୁତଗତିରେ ବର୍ଦ୍ଧିତ ଜନସଂଖ୍ୟାକୁ ନିୟନ୍ତ୍ରଣ କରିବା ନିମନ୍ତେ ଦୃଢ଼ ପଦକ୍ଷେପ ଗ୍ରହଣ ନକଲେ ବେକାରୀ ସମସ୍ୟାର ସମାଧାନ କେବଳ ସ୍ୱପ୍ନରେ ହିଁ ସୀମିତ ରହିଯିବ। ଶିକ୍ଷା ସମାପ୍ତି ପରେ ଯୁବବର୍ଗ କେବଳ ଚାକିରିର ପଶ୍ଚାତ୍‌ଧାବନ ନକରି କିପରି ସ୍ୱାବଲମ୍ବୀ ହୋଇ ପାରିବେ ସେଥିନିମନ୍ତେ ଗୁଣାତ୍ମକ, ଆକର୍ଷଣୀୟ ଧନ୍ଦାମୂଳକ ଶିକ୍ଷା ପ୍ରବର୍ତ୍ତନ କରିବା ସହିତ ଯେଉଁମାନେ କୃଷି, ପଶୁପାଳନ, ବ୍ୟବସାୟ ବା ଉଦ୍ୟୋଗ ପ୍ରତିଷ୍ଠା କରିବାକୁ ଚାହିଁବେ, ସେମାନଙ୍କୁ ବିନା ସୁଧରେ ଋଣ ଓ ବୈଷୟିକ ସହାୟତା ପ୍ରଦାନ କରି ପ୍ରୋତ୍ସାହିତ କରିବା ଆବଶ୍ୟକ। ଯୁବକମାନଙ୍କୁ ଶୃଙ୍ଖଳିତ କରି ଦେଶକୁ ପ୍ରଗତି ପଥରେ ଆଗେଇ ନେବାକୁ ହେଲେ ନିଶାଦ୍ରବ୍ୟର ସହଜଲଭ୍ୟତା ଏବଂ ମୋବାଇଲରେ ପ୍ରଦର୍ଶିତ ଅଶ୍ଳୀଳ ୱେବ୍‌ସାଇଟ ଉପରେ ନିୟନ୍ତ୍ରଣ ନିହାତି ଜରୁରୀ। ଜାତିଭିତ୍ତିକ ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ କରି ଅର୍ଥନୈତିକ ସଂରକ୍ଷଣର ପ୍ରଚଳନ ଏବଂ ନିଯୋଜନ କ୍ଷେତ୍ରରେ ସ୍ୱଚ୍ଛତା ଅନେକାଂଶରେ ଯୁବକମାନଙ୍କର ନୈରାଶ୍ୟ ଦୂରୀକରଣରେ ସହାୟକ ହୋଇପାରିବ। ବରିଷ୍ଠମାନେ ଯୁବକମାନଙ୍କ ପ୍ରତି କଟୁକ୍ତି ପ୍ରୟୋଗପୂର୍ବକ ନିରୁତ୍ସାହିତ ନ କରି ସେମାନଙ୍କୁ ଶ୍ରଦ୍ଧା ତଥା ଆନ୍ତରିକତାର ସହିତ ସତ୍‌ମାର୍ଗରେ ପରିଚାଳିତ ହେବା ପାଇଁ ସର୍ବଦା ଉତ୍ସାହିତ କରିବାର ପ୍ରୟାସ ଜାରି ରଖିବା ଦରକାର। ନିଜର କାର୍ଯ୍ୟସିଦ୍ଧି ନିମନ୍ତେ ଦୁର୍ନୀତିଗ୍ରସ୍ତ ରାଜନୈତିକ ବ୍ୟକ୍ତିମାନେ ଯୁବକମାନଙ୍କୁ ଅସତ୍ କାର୍ଯ୍ୟରେ ଅସ୍ତ୍ର ରୂପେ ବ୍ୟବାହାର କରନ୍ତି। କିନ୍ତୁ କୌଣସି କାରଣରୁ ସେମାନେ ଧରା ପଡ଼ିଗଲେ ନିଜର ସମ୍ମାନ ହାନି ଭୟରେ ସାହାଯ୍ୟ କରନ୍ତି ନାହିଁ। ଏଥିପ୍ରତି ଯୁବଶକ୍ତି ଯଥେଷ୍ଟ ସତର୍କ ରହିବା ଆବଶ୍ୟକ। ଆଜିର ଦୁନିଆରେ ନୈତିକତାର ଦ୍ରୁତ ହ୍ରାସ ଯୋଗୁଁ ଆମେମାନେ ଏକ ଭୟଙ୍କର ପରିସ୍ଥିତିର ସମ୍ମୁଖୀନ ହେବାକୁ ଯାଉଛେ। ତେଣୁ ଯୁବକମାନଙ୍କୁ ଶୃଙ୍ଖଳିତ କରି ସତ୍‌ମାର୍ଗରେ ପରିଚାଳିତ କରିବା ପାଇଁ ବିଦ୍ୟାଳୟସ୍ତରରୁ ନୈତିକଶିକ୍ଷା ବାଧ୍ୟତାମୂଳକ କରିବା ଉଚିତ୍।

ଦେଶର ଭବିଷ୍ୟତ ଯୁବକମାନଙ୍କ ହାତରେ। ସେମାନେ ଚାହିଁଲେ ଦେଶରୁ ଅନେକ ସମସ୍ୟା ଯଥା- ଦୁର୍ନୀତି, ଭ୍ରଷ୍ଟାଚାର, ଅଶିକ୍ଷା, ଆଞ୍ଚଳିକବାଦ, ଜାତିଆଣବାଦ, ସାଂପ୍ରଦାୟିକତା, ଯୌତୁକ ପ୍ରଥା ଇତ୍ୟାଦି ଦୂର କରାଯାଇପାରିବ। ତେଣୁ ଆସନ୍ତୁ ଆମେ ସମସ୍ତେ ସ୍ନେହ ଆନ୍ତରିକତା ପ୍ରଦର୍ଶନ ଏବଂ ସତ୍‌ଉପଦେଶ ପ୍ରଦାନ ପୂର୍ବକ ଯୁବଶକ୍ତିର ଦକ୍ଷତା ବୃଦ୍ଧି କରି ସେମାନଙ୍କୁ ଦେଶପ୍ରେମରେ ବ୍ରତୀ କରାଇ ଏ ପତନୋନ୍ମୁଖୀ ସମାଜକୁ ଏକ ଆସନ୍ନ ବିପଦରୁ ରକ୍ଷା କରିବା। ●

ଈଶାଣୀବ୍ରହ୍ମପୁର(କଟକ), ମୋ: ୬୩୭୧୫୯୩୨୨୦

# ବକାସୁର ମନ୍ଦିର

ଓଜସ୍ୱିନୀ

## ବିଚିତ୍ର ବିଶ୍ୱାସ

ଶ୍ରୀକୃଷ୍ଣଙ୍କ ଜନ୍ମଲୀଳା ସମ୍ପର୍କିତ ପୌରାଣିକ କଥାବସ୍ତୁଗୁଡ଼ିକରେ ବକାସୁର କଂସଙ୍କ ଦ୍ୱାରା ପ୍ରେରିତ ଜଣେ ଅସୁର ଭାବେ ବର୍ଣ୍ଣିତ, ଯାହାକୁ ଶ୍ରୀକୃଷ୍ଣ ବଧ କରିଥିଲେ। କିନ୍ତୁ ମହାଭାରତର କେତେକ ଆଖ୍ୟାନରେ ବନବାସ ସମୟରେ ଭୀମ ବକାସୁରକୁ ବଧ କରିଥିଲେ ବୋଲି ଶୁଣିବାକୁ ମିଳିଥାଏ। ପୌରାଣିକ ଆଖ୍ୟାନିକା ଅନୁସାରେ ବକାସୁର ଜଣେ ପ୍ରଜାବତ୍ସଳ ରାଜା ଥିଲେ ଏବଂ ତାଙ୍କର ରାଜ୍ୟ ସୁଖସମୃଦ୍ଧିରେ ଭରପୂର ଥିଲା; କିନ୍ତୁ ସେ ଅନ୍ୟ ରାଜ୍ୟର ଲୋକମାନଙ୍କୁ ବଧ କରୁଥିଲେ। ତଥାପି ଭାରତର ଅନେକ ସ୍ଥାନରେ ବକାସୁରଙ୍କୁ ସମର୍ପିତ ମନ୍ଦିର ଅଛି।

ପୁରାଣ କଥା ଅନୁଯାୟୀ ବକାସୁର ଉତ୍ତରପ୍ରଦେଶର ପ୍ରତାପଗଡ଼ ଜିଲ୍ଲାର ଦକ୍ଷିଣରେ ଅବସ୍ଥିତ ଦ୍ୱୈତବନରେ ରହୁଥିଲେ। ଏହି ସ୍ଥାନ ବର୍ତ୍ତମାନ ଚକ୍ରନଗରୀର ଚକବଢ଼ ଭାବେ ପରିଚିତ। ଦ୍ୱୈତବନ ଅନ୍ତର୍ଗତ ତିନୋଟି ସ୍ଥାନରେ ବକାସୁରରର ଆଧିପତ୍ୟ ଥିଲା, ଚକ୍ରନଗରୀ, ବକାଗଡ଼ (ବର୍ତ୍ତମାନ ବକାଜଲାଲପୁର) ଓ ଡିହନଗର। ଏହା ପ୍ରତାପଗଡ଼ର ଦକ୍ଷିଣ ଓ ଆହ୍ଲାବାଦର ଉତ୍ତର ଭାଗରେ ବକୁଲାହୀ ନଦୀତଟସ୍ଥ ଅଞ୍ଚଳ। ବର୍ତ୍ତମାନ ଏହା ଉଚ୍ଚଡିହ ଧାମ ଭାବେ ଖ୍ୟାତ ଏବଂ ଜନଶ୍ରୁତି ଅନୁସାରେ ଏହି ସ୍ଥାନରେ ଭୀମ ବକାସୁରକୁ ବଧ କରିଥିଲେ। ତେଣୁ ଉତ୍ତର ପ୍ରଦେଶର ପ୍ରତାପଗଡ଼ସ୍ଥିତ ବକାସୁରଙ୍କ ସମ୍ପର୍କିତ ଗୋଟିଏ ମନ୍ଦିର ଅଛି। ବଳଶାଳୀ ଭୀମ ବକାସୁରର ଭୟ ହରଣ କରିବା ସହିତ ଶିବଲିଙ୍ଗ ସ୍ଥାପନା କରିଥିବାରୁ ଉକ୍ତ ସେଠାରେ ଶିବ 'ଭୟହରଣନାଥ' ଭାବେ ପୂଜା ପାଉଛନ୍ତି ଏବଂ ଉକ୍ତ ଶୈବପୀଠକୁ 'ଭୟହରଣନାଥ ଧାମ' କୁହାଯାଉଛି।

ସେହିପରି ଛତିଶଗଡ଼ର ସୂରଜପୁର ଜିଲ୍ଲା ସ୍ଥିତ ଖୋପା ଗ୍ରାମ ପଞ୍ଚାୟତରେ ଥିବା ରେଣ ନଦୀ କୂଳରେ ଖୋପାଦେବ ମନ୍ଦିରରେ ବକାସୁରଙ୍କ ସହିତ ଛୁରିପାଟ ନାମକ ଜଣେ ଦାନବ ଦେବ, ଖୋପା ଦାଇ ରାଣୀ ଓ ନାଗାବେଗା ଦେବତା ପୂଜା ପାଉଛନ୍ତି। ଏଠାରେ କୌଣସି ମନ୍ଦିର ନାହିଁ। ବକାସୁରଙ୍କ ସହିତ ଅନ୍ୟ ଦେବଦେବୀଙ୍କ ପଥର ନିର୍ମିତ ମୂର୍ତ୍ତି ମୁକ୍ତାକାଶ ତଳେ ପୂଜା ପାଇଥା'ନ୍ତି। ସ୍ଥାନୀୟ ଲୋକଙ୍କ ବ୍ୟତୀତ ଦୂରଦୂରାନ୍ତରୁ ଭକ୍ତମାନେ ଏବଂ ଉଚ୍ଚ ପଦପଦବୀରେ ପ୍ରତିଷ୍ଠିତ ବିଶିଷ୍ଟ ବ୍ୟକ୍ତିମାନେ ମଧ୍ୟ ବିଶ୍ୱାସର ସହିତ ଏଠାକୁ ଆସିଥା'ନ୍ତି। କାରଣ ଏଠାରେ କରାଯାଇଥିବା ମନସ୍କାମନା ବର୍ଷେ ଭିତରେ ପୂରଣ ହୋଇଯାଏ ବୋଲି ଅନେକ ପ୍ରମାଣ ରହିଛି। ଶ୍ରଦ୍ଧାଳୁମାନେ ମାନସିକ କରି ନିକଟସ୍ଥ ବୃକ୍ଷରେ ନଡ଼ିଆ ଓ ଚୁନ୍‌ରୀ ବାନ୍ଧିଥା'ନ୍ତି। ମାନସିକ ପୂରଣ ହେବା ପରେ ଲୋକମାନେ ତାହାକୁ ବୃକ୍ଷରୁ ବାହାର କରନ୍ତି ଏବଂ କୁକୁଡ଼ା, ଛେଳି ଆଦି ବଳି ଦେବା ସହ ସୁରା ଅର୍ପଣ କରିଥା'ନ୍ତି। କିନ୍ତୁ ଖୋପା ଦାଇ ରାଣୀଙ୍କ ନିକଟରେ ନଡ଼ିଆ ଭୋଗ କରାଯାଏ। ଏଠାରେ ବେଗା ସମ୍ପ୍ରଦାୟର ଲୋକମାନେ ବଂଶ ପରମ୍ପରା କ୍ରମେ ବକାସୁରଙ୍କୁ ପୂଜା କରି ଆସୁଛନ୍ତି।

ସ୍ଥାନୀୟ ଜନଶ୍ରୁତି ଅନୁଯାୟୀ ହଜାରହଜାର ବର୍ଷ ପୂର୍ବରୁ ରେଣ ନଦୀର ଗଭୀର ଜଳରାଶିରେ ବକାସୁର ବାସ କରୁଥିଲେ, ଯିଏକି ଗ୍ରାମବାସୀଙ୍କ ରକ୍ଷକ ଥିଲେ। ବେଗା ସମ୍ପ୍ରଦାୟର ଜଣେ ବ୍ୟକ୍ତି ପ୍ରତ୍ୟହ ନଦୀ ଭିତରେ ବୁଡ଼ି ତାଙ୍କର ପୂଜାର୍ଚ୍ଚନା କରୁଥିଲେ। ଏକଦା ଗ୍ରାମବାସୀଙ୍କ ଆକୁଳ ପ୍ରାର୍ଥନା ଓ ବେଗାଙ୍କ ଭକ୍ତିରେ ସନ୍ତୁଷ୍ଟ ହୋଇ ଦେବତା ନଦୀତଟରେ ଆବିର୍ଭୂତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଅସୁର ଦେବ ବକାସୁର ଭାବେ ପୂଜାର୍ଚ୍ଚନା କରିଥିଲେ। କିନ୍ତୁ ସେ କୌଣସି ମନ୍ଦିର ଭିତରେ ଆବଦ୍ଧ ହୋଇ ରହିବେ ନାହିଁ ଏବଂ କେବଳ ବେଗା ସମ୍ପ୍ରଦାୟର ଲୋକମାନେ ତାଙ୍କର ପୂଜା କରିବେ ବୋଲି ସ୍ୱପ୍ନାଦେଶ ହୋଇଥିଲା। ତେଣୁ ସେବେଠାରୁ ଆଜିପର୍ଯ୍ୟନ୍ତ ବକାସୁରଙ୍କ କୌଣସି ମନ୍ଦିର ନିର୍ମାଣ ହୋଇପାରିନାହିଁ ଏବଂ ବେଗା ସମ୍ପ୍ରଦାୟର ଲୋକମାନେ ହିଁ ସେଠାରେ ପୂଜାରୀ ଭାବେ ଅଛନ୍ତି।

ଅନ୍ୟ ଏକ ଲୋକକଥା ଅନୁସାରେ ଜଣେ ମହିଳା ଯାଦୁଗର ଯାଦୁବିଦ୍ୟା ଦ୍ୱାରା ପ୍ରବଳପ୍ରତାପୀ ବକାସୁରକୁ ନିଜ ଖୋପା ବା ଜୁଡ଼ାରେ ବାନ୍ଧି ରଖିଦେଇଥିଲେ। ବକାସୁରଠାରୁ ଲୋକମାନଙ୍କ ପ୍ରାଣ ବଞ୍ଚାଇଥିବାରୁ ଲୋକମାନେ ତାଙ୍କୁ ସେବେଠାରୁ ଖୋପାଦେବୀ ଭାବେ ପୂଜା କରି ଆସୁଛନ୍ତି। ପରମ୍ପରା ଅନୁସାରେ ପୂର୍ବରୁ ମହିଳାମାନେ ଏହି ସ୍ଥାନକୁ ଯିବା ପାଇଁ ଅନୁମତି ନଥିଲା। କିନ୍ତୁ ଏବେ ମହିଳାମାନଙ୍କ ପ୍ରବେଶ ଥିଲେ ମଧ୍ୟ ନିକଟରେ ମହିଳାଙ୍କ ପାଇଁ ଏକ ଭିନ୍ନ କୁଣ୍ଡ ରହିଛି, ଯେଉଁଠି ସେମାନେ ବେଗାଙ୍କ ଦ୍ୱାରା ପୂଜାର୍ଚ୍ଚନା କରିପାରିବେ। କିନ୍ତୁ ବକାସୁରଙ୍କ ଭୋଗ ମହିଳାମାନେ ଗ୍ରହଣ କରିପାରିବେ ନାହିଁ। ବକାସୁର ଓ ଅନ୍ୟ ଅସୁରଦେବଦେବୀଙ୍କ ନିକଟରେ ଅର୍ପଣ ହେଉଥିବା ଆମିଷଭୋଗକୁ ଲୋକମାନେ ଘରକୁ ନେଇ ରାନ୍ଧି ପାରିବେ ନାହିଁ। ଆମିଷକୁ କୌଣସି ଖୋଲା ସ୍ଥାନରେ ରାନ୍ଧି ପ୍ରସାଦ ଭାବେ କେବଳ ପୁରୁଷମାନେ ଗ୍ରହଣ କରିପାରିବେ ବୋଲି ପରମ୍ପରା ରହିଛି।

ଏହାବ୍ୟତୀତ ତେଲେଙ୍ଗାନାର ୱାରାଙ୍ଗଲ୍ ଜିଲ୍ଲା ଅନ୍ତର୍ଗତ ନେନପାକା ନାମକ ଗାଁରେ ବକାସୁରଙ୍କ ଏକ ମନ୍ଦିର ରହିଛି। ଏହି ମନ୍ଦିରରେ ଗୋଲାପୀ ରଙ୍ଗର ଏକ ବିଶାଳ ଶିଳାଖଣ୍ଡ ଅଛି, ଯାହା ଉପରେ ୪ଟି ମୂର୍ତ୍ତି ସ୍ଥାପନା କରାଯାଇଛି। ଏହି ଚାରୋଟି ମୂର୍ତ୍ତି ହେଉଛି - ଯୋଗ ନରସିଂହ, କାଳୀୟମର୍ଦ୍ଦନ କୃଷ୍ଣ, ବଳରାମ ଓ ରାମ, ସୀତା, ଲକ୍ଷ୍ମଣ। ଏହି ବିଶାଳ ଶିଳାଖଣ୍ଡକୁ ବକାସୁର ଭାବେ ପୂଜାର୍ଚ୍ଚନା କରାଯାଉଛି। ଲୋକକଥା ଅନୁସାରେ ଏକଦା ଏଠାରେ ବକାସୁରଙ୍କ ରାଜୁତି ଥିଲା ଏବଂ ସେ ଜଣେ ପ୍ରଜାବତ୍ସଳ ରାଜା ଥିଲେ। ତେଣୁ ତାଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ଲୋକମାନେ ବକାସୁରଙ୍କ ଉଦ୍ଦେଶ୍ୟରେ ଏହି ମନ୍ଦିର ନିର୍ମାଣ କରିଛନ୍ତି, ଯାହାକି ବର୍ତ୍ତମାନ ଜୀର୍ଣ୍ଣ ଅବସ୍ଥାରେ ଅଛି। ●

ଭୁବନେଶ୍ୱର, ମୋ: ୯୦୯୦୧୯୪୯୪୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# କଲରାପତରିଆ ବାଘଛାଲ ଜବତ

## ଶଳା-ଭିଣୋଇ ଗିରଫ

କେନ୍ଦୁଝର, ୨୩।୧୦(ସମିସ): କେନ୍ଦୁଝର ସଦର ରେଞ୍ଜ ଅନ୍ତର୍ଗତ କୁଟ୍ରିଆଘାଟି ମୁଣ୍ଡାସାହିରେ ବନବିଭାଗ ଓ ପୁଲିସ ମିଳିତ ଚଢ଼ଉ କରି ଗୋଟିଏ କଲରାପତରିଆ ବାଘଛାଲ ଜବତ କରିବା ସହ ଏହି ଘଟଣାରେ ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ, ସ୍ଥାନୀୟ ପାଟଣା ଆସନବଣି ଗ୍ରାମର ରବିନ୍ଦ୍ର ମୁଦୁ (୪୦) ଏବଂ ତା'ର ଶଳା ମୁଣ୍ଡାସାହିର ମନୁଆ ହେମ୍ବ୍ରମ(୪୬)। ସମ୍ପର୍କରେ ଦୁହେଁ



ଶଳା-ଭିଣୋଇ। ଉଭୟଙ୍କୁ ଆଜି କୋର୍ଟଚାଲାଣ କରାଯାଇଛି। କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଏହି ସୂଚନା ଦେଇଛନ୍ତି। ମୃତ ବାଘଟିର ବୟସ ୧୦ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। କରଞ୍ଜିଆ ଡିଭିଜନ୍ ଶିମିଳିପାଳ ଜଙ୍ଗଲରେ ଏହି ବାଘକୁ ଶିକାର କରାଯାଇଥିବା ବନ ବିଭାଗ ସନ୍ଦେହ କରୁଛି। ଏ ସମ୍ପର୍କରେ ଅଧିକ ତଦନ୍ତ ଚାଲିଛି ବୋଲି ତଦନ୍ତକାରୀ ଅଧିକାରୀ ତଥା କେନ୍ଦୁଝର ଏସିଏଫ ଅଶୋକ ଦାସ କହିଛନ୍ତି। ସୂଚନାନୁସାରେ, ବିକ୍ରି ଉଦ୍ଦେଶ୍ୟରେ ରବୀନ୍ଦ୍ର ବାଘଛାଲଟିକୁ ନିଜ ପାଖରେ ରଖିଥିଲା। ତେବେ, ଅଭିଯୁକ୍ତଦ୍ୱୟ ଛାଲ ବାନ୍ଧି ଓଜନ କରିବାର ଏକ ମୋବାଇଲ ଭିଡିଓ ମଧ୍ୟ ବନ ବିଭାଗ ହାତରେ ଲାଗିଥିବା ଜଣାପଡ଼ିଛି।

## ମଧ୍ୟାହ୍ନଭୋଜନରେ ଅଣ୍ଡା ଖାଉ ନଥିବା ପିଲାଙ୍କୁ ମିଳିବ ଫଳ

# ଭାତ ସହ ଫଳ କିପରି ଖାଇବେ ପିଲା

ଭୁବନେଶ୍ୱର,୨୩।୧୦(ସମିସ): ମଧ୍ୟାହ୍ନ ଭୋଜନରେ ଛାତ୍ରଛାତ୍ରୀଙ୍କୁ ମିଳିବ ବିଭିନ୍ନ ଫଳ। ଅଣ୍ଡା ଖାଉନଥିବା ପିଲାଙ୍କୁ ଫଳ ପ୍ରଦାନ କରାଯିବ। ଯେଉଁଦିନ ଅଣ୍ଡା ଦିଆଯାଉଥିଲା, ସେହିଦିନ ଫଳ ଯୋଗାଇବାକୁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ହୋଇଛି। ଗତ ଅଗଷ୍ଟ ପ୍ରଥମ ସପ୍ତାହରେ ଏନେଇ ମାର୍ଗଦର୍ଶିକା ମଧ୍ୟ ଜାରି କରାଯାଇଥିଲା। ଏହାକୁ କଡ଼ାକଡ଼ି ଭାବେ ପଳନ କରିବା ପାଇଁ ଗୁରୁବାର ପିଏମ୍ ପୋଷଣ ରାଜ୍ୟ ପ୍ରକଳ୍ପ ପରିଚାଳନା ୟୁନିଟ୍ ପକ୍ଷରୁ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଅଣ୍ଡା ଖାଉ ନଥିବା ପିଲାଙ୍କୁ ଫଳ ପ୍ରଦାନ କରାଯିବ।

**ଶାକାହାରୀ ପିଲାଙ୍କୁ ଦହି ବା ପନୀର ଦେବାକୁ ଦାବି**

ସପ୍ତାହକୁ ୩ଦିନ ଅର୍ଥାତ୍ ସୋମବାର, ବୁଧବାର ଓ ଶୁକ୍ରବାର ଅଣ୍ଡା ଦେବାର ପ୍ରାବଧାନ ରହିଛି। ଆମିଷ ଖାଉନଥିବା ପିଲାଙ୍କୁ ଏହି ଦିନରେ କଦଳୀ, ଆମ୍ବ, ସେଓ ଏବଂ ଉପଲବ୍ଧ ହେଉଥିବା ଅନ୍ୟାନ୍ୟ ଫଳ ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ହେଲେ ମଧ୍ୟାହ୍ନ ଭୋଜନରେ ଭାତ ସହ ଫଳକୁ ପିଲାମାନେ କିପରି ଖାଇବେ ବୋଲି ଅଭିଭାବକମାନେ ପ୍ରଶ୍ନ କରିଛନ୍ତି। ତେଣୁ ଶାକାହାରୀ ପିଲାମାନଙ୍କୁ ଭାତ ସହ ଅଣ୍ଡା ବଦଳରେ ପନିର ବା ଦହି ଦେବାକୁ ଅନେକ ଅଭିଭାବକ ମତ ଦେଇଛନ୍ତି। ଯାହା ଫଳରେ ସେମାନେ ଅଣ୍ଡାର ପ୍ରତିବଦଳ ଭାବରେ ପ୍ରୋଟିନ୍ ପାଇବେ ଓ ସେମାନଙ୍କ ଖାଦ୍ୟ ଖାଇବାରେ ମଧ୍ୟ ସୁବିଧା ହେବ ବୋଲି କିଛି ଅଭିଭାବକ ପ୍ରସ୍ତାବ ଦେଇଛନ୍ତି।

# ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ହେବେ ଅତିଥି ଅଧ୍ୟାପକ

ଭୁବନେଶ୍ୱର, ୨୩।୧୦(ସମିସ): ବେସରକାରୀ ଅନୁଦାନ ପ୍ରାପ୍ତ ମହାବିଦ୍ୟାଳୟରେ ବହୁ ଶିକ୍ଷକ ଓ ଅଣଶିକ୍ଷକ ପଦ ଖାଲି ପଡ଼ିଛି। ଏସବୁ ପଦରେ ଚଳିତ ଶିକ୍ଷାବର୍ଷରୁ ଅବସରପ୍ରାପ୍ତ ଅଧିକାରୀଙ୍କୁ ଅସ୍ଥାୟୀ ନିଯୁକ୍ତି ଦେବା ପାଇଁ ଉଚ୍ଚ ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି। ଅବସରପ୍ରାପ୍ତ ଏକାଡେମିସିଆନ୍‌ଙ୍କୁ ୪୮୮ ଓ ୬୬୨ ବର୍ଗ ଏବଂ ସଂସ୍କୃତ କଲେଜରେ ଅତିଥି ଅଧ୍ୟାପକ ଭାବେ ନିଯୁକ୍ତି ଦିଆଯିବ। ଚଳିତ ଶିକ୍ଷାବର୍ଷ ବା ନୂତନ ନିଯୁକ୍ତି ନ ହେବା ପର୍ଯ୍ୟନ୍ତ ସେମାନଙ୍କ କାର୍ଯ୍ୟକାଳ ରହିବ। କେଉଁ ବିଷୟରେ ଅଧ୍ୟାପକ ପଦ ଫାଙ୍କା ଅଛି, ସେହି ତଥ୍ୟ ହିମ୍‌ସ ପୋର୍ଟାଲ୍‌ରେ କଲେଜଗୁଡ଼ିକ ଅପଲୋଡ୍ କରିବେ। ଏହାସହ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ କରିବେ। ଆଗ୍ରହୀ ପ୍ରାର୍ଥୀମାନେ

**ଶିକ୍ଷକ ଓ ଅଣଶିକ୍ଷକ ପଦ ପୂରଣ ପ୍ରଚେଷ୍ଟା**

କେବଳ ହିମ୍‌ସ ପୋର୍ଟାଲ୍ ମାଧ୍ୟମରେ ହିଁ ଆବେଦନ କରିପାରିବେ। ଆବେଦନ ପାଇଁ ପ୍ରାର୍ଥୀଙ୍କ ସର୍ବାଧିକ ବୟସ ସୀମା ସର୍ବାଧିକ ୬୯ ବର୍ଷ ରଖାଯାଇଛି। କଲେଜ ପରିଚାଳନା କମିଟି ଅଧ୍ୟକ୍ଷଙ୍କ ନେତୃତ୍ୱରେ ଗଠିତ ଚୟନ କମିଟି ସେମାନଙ୍କ ଚୟନ କରିବ। ଅନୁରୂପ ଭାବେ ଅଣଶିକ୍ଷକ ପଦରେ ମଧ୍ୟ ଅବସରପ୍ରାପ୍ତ କର୍ମଚାରୀଙ୍କୁ କଣ୍ଟ୍ରାକ୍ଟୁଆଲ୍ ନିଯୁକ୍ତି ଦିଆଯିବ।

## ନୂଆପଡ଼ା ଉପନିର୍ବାଚନ

# ୮ ଜୋନ୍‌ରେ ୮ ମନ୍ତ୍ରୀଙ୍କୁ ଦାୟିତ୍ୱ ଦେଲା ବିଜେପି

ଭୁବନେଶ୍ୱର,୨୩।୧୦(ସମିସ): ନୂଆପଡ଼ା ଉପ ନିର୍ବାଚନ ପାଇଁ ଶାସକ ବିଜେପି ୮ଟି ଜୋନରେ ସାଂଗଠନିକ କାର୍ଯ୍ୟ ତଦାରଖ ପାଇଁ ୮ଜଣ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛି। ସୂଚନା ଅନୁଯାୟୀ ବଞ୍ଜାରୀ ପାଇଁ ରବି ନାରାୟଣ ନାଏକଙ୍କୁ ଦାୟିତ୍ୱ ମିଳିଥିବାବେଳେ, ସୁନାଦେଶ ପାଇଁ ଗଣେଶ ରାମ ସିଂ ଖୁଣ୍ଟିଆଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ପାତାଳେଶ୍ୱର ପାଇଁ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଜୟଜଙ୍ଗା ପାଇଁ କୃଷ୍ଣଚନ୍ଦ୍ର ପାତ୍ର, କୋନାଭଇରା ପାଇଁ ବିଭୂତି ଭୂଷଣ ଜେନା, ଯୋଗେଶ୍ୱର ପାଇଁ ନିତ୍ୟାନନ୍ଦ ଗଣ୍ଡଙ୍କୁ ଦାୟିତ୍ୱ ଦିଆଯାଇଛି। ନୂଆପଡ଼ା ଏନଏସି ଦାୟିତ୍ୱ ଡ. ମୁକେଶ ମହାଲିଙ୍ଗ ଏବଂ ଖରିଆର ରୋଡ୍ ଏନଏସି ପାଇଁ କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିବା ଦଳୀୟ ସୂତ୍ରରୁ ଜଣାପଡ଼ିଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଦୃଷ୍ଟିଶକ୍ତି ହରାଇଲେ...

ଏହି ବାଣ ବୋମା ଭଳି ବିସ୍ଫୋରଣ କରିଥିଲା। ସାମାଜିକ ଗଣମାଧ୍ୟମରେ ଏହାର ପ୍ରଚାର ହେଉଥିବା ବେଳେ ପିଲା ଓ ଅଭିଭାବକମାନେ ଏହାକୁ କିଣି ଘରକୁ ନେଇଥିଲେ। ଅନେକ ଲୋକ ଭିଡିଓ ଦେଖି ନିଜ ଘରେ ଏହା ତିଆରି କରିଥିଲେ। ଜଣେ ଅଭିଭାବକଙ୍କ କହିବା ଅନୁଯାୟୀ ଏହି ବାଣ ବୋମା ଭଳି ଫୁଟିଥିଲା ଏବଂ ତାଙ୍କ ପିଲାର ଆଖି ଜଳିଯାଇଥିଲା। ତାକୁ ସଙ୍ଗେସଙ୍ଗେ ମେଡିକାଲ ନିଆଯାଇଥିଲା। ତାର ଗୋଟିଏ ଆଖି ନଷ୍ଟ ହୋଇଯାଇଥିବା ବେଳେ ଅନ୍ୟ ଆଖିରେ ବି ଗୁରୁତର ଆଘାତ ଲାଗିଛି। ଭୋପାଳ ସମେତ ଜବଲପୁର, ଇନ୍ଦୋର ଓ ଗୱାଲିୟରରୁ ମଧ୍ୟ ଏଭଳି ରିପୋର୍ଟ ଆସିଛି। ତେବେ ଭିଦିସା ଅଞ୍ଚଳରେ ଏହା ଭୟଙ୍କର ରୂପ ନେଇଛି। ଏଠାରେ ସର୍ବାଧିକ ପିଲା କ୍ଷତିଗ୍ରସ୍ତ ହୋଇଛନ୍ତି। ଅନେକ ପିଲାଙ୍କୁ ଅତ୍ୟନ୍ତ ଗୁରୁତର ଅବସ୍ଥାରେ ଆଇସିୟୁରେ ଭର୍ତ୍ତି କରାଯାଇଛି। ବର୍ତ୍ତମାନ ସୁଦ୍ଧା ୧୪ ପିଲା ଦୃଷ୍ଟିଶକ୍ତି ହରାଇଥିବା ବେଳେ ଏହି ସଂଖ୍ୟା ବୃଦ୍ଧି ପାଇବାର ଆଶଙ୍କା କରାଯାଉଛି।

ଏହି ଘଟଣା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରି ୬ ଜଣଙ୍କୁ ଗିରଫ କରିଛି। ଜଣେ ପୁଲିସ ଅଧିକାରୀ କହିଛନ୍ତି ଯେ 'ଫାୟରକ୍ରାକର ଗନ୍ ଚାଲେଞ୍ଜ ନାମରେ ପିଲାମାନେ ୟୁଟ୍ୟୁବ ସର୍ଟ ଭିଡିଓ ଓ ଇନଷ୍ଟାଗ୍ରାମ ରିଲ୍ସ ଜରିଆରେ ପ୍ରତିଯୋଗିତା ଚଳାଇଥିଲେ। ଏଥିରେ ସେମାନେ କାରବାଇଡ୍ ଗନ୍ ବାଣ ଫୁଟାଉଥିବାର ଭିଡିଓ ରେକର୍ଡିଂ କରିଥିଲେ। ଏହି ସମୟରେ ଏଭଳି ଭୟଙ୍କର ବିସ୍ଫୋରଣ ହୋଇଛି।

### ପ୍ରତିବାଦ ସଭାରେ...

ପୀତବାସ ହତ୍ୟା ମାମଲାରେ ହୋଇଥିବା ନାଟକୀୟ ପରିବର୍ତ୍ତନର ସ୍କ୍ରିପ୍ଟ-ରାଇଟର୍ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ। ଘଟଣାର ବିଚାର ବିଭାଗୀୟ ତଦନ୍ତ ନ ହେଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ନେତ୍ରୀ ବିଧାୟିକା ପ୍ରମିଳା ମଲ୍ଲିକ କହିଥିଲେ, ନୂଆପଡ଼ା ଉପନିର୍ବାଚନରେ ବିଜେଡି ପ୍ରତି ମିଳୁଥିବା ଜନସମର୍ଥନରେ ଅସହ୍ୟ ହୋଇ ବିଜେପି ବିଜେଡି ଉପରେ ଏଭଳି ଦାଉ ସାଧୁଛି। ସାଂସଦ ପ୍ରାର୍ଥୀ ମନ୍ମଥ ରାଉତରାୟ କହିଥିଲେ, ବିଜେପି ବର୍ତ୍ତମାନ ପରିସ୍ଥିତିରେ ବିକ୍ରମଙ୍କୁ ମୋହରା କରି ଯେଭଳି ଭାବେ ଏକ ହତ୍ୟା ମାମଲାରେ ଜଡ଼ିତ କରି ନାଟକୀୟ ପରିସ୍ଥିତି ସୃଷ୍ଟି କରିଛି, ସେଥିରୁ କ୍ଷାନ୍ତ ନହେଲେ ଆଗକୁ ପରିସ୍ଥିତି ଅସମ୍ଭାଳ ହେବ। ରାଜ୍ୟ ବିଜୁ ଛାତ୍ର ସଭାନେତ୍ରୀ ଇପସିତା ସାହୁ କହିଥିଲେ, ନବୀନ ବାବୁ ଗଞ୍ଜାମ ଜିଲ୍ଲାକୁ ଫରୁଆ ଭିତରେ ସଜେଇ ରଖିଥିଲେ। ମାତ୍ର, ୧୬ ମାସର ସରକାରରେ ବିଜେପି ଗଞ୍ଜାମ ଜିଲ୍ଲାରେ ଅସ୍ଥିରତା ସୃଷ୍ଟି କରିସାରିଛି। ଉଦ୍ଦେଶ୍ୟମୂଳକ ତଥା ରାଜନୈତିକ ଅଭିସନ୍ଧି ରଖି ବିକ୍ରମ ପଣ୍ଡାଙ୍କୁ ଗିରଫ କରାଯାଇଛି।

ସେହିପରି ବିଧାୟକ ଗଣେଶ୍ୱର ବେହେରା କହିଥିଲେ, ବିଜେପିର ଜଣେ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଡମ୍ବରୁ ରେଡ୍ଡୀଙ୍କ ଅଭିଯୋଗକୁ ଆଧାର କରି କୌଣସି ତଦନ୍ତ କରାଗଲା ନାହିଁ। ପୁଲିସ ଚାପମୁକ୍ତ ହୋଇ ତଦନ୍ତ ନକରି ଶାସକ ଦଳର ଇଙ୍ଗିତରେ କାର୍ଯ୍ୟ କରୁଛି। ପୂର୍ବତନ ବିଧାୟକ ଡା. ରମେଶଚନ୍ଦ୍ର ଚ୍ୟାଉ ପଟ୍ଟନାୟକ କହିଛନ୍ତି, ବିଜେଡିର ଜଣେ ଉଦୀୟମାନ ନେତାଙ୍କୁ ଆକ୍ରୋଶମୂଳକ ଭାବେ ହତ୍ୟା ଭଳି ସଙ୍ଗୀନ ମାମଲାରେ ଫସାଇ ଦିଆଯାଇଛି। ତାଙ୍କର ଗିରଫଦାରୀ ସମ୍ପୂର୍ଣ୍ଣ ଅନ୍ୟାୟ ଓ ଅମୂଳକ।

ଏହି ପ୍ରତିବାଦ ସଭାରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ପୂର୍ବତନ ସାଂସଦ ଶର୍ମିଷ୍ଠା ସେଠୀ, ଡା. ରାଜଶ୍ରୀ ମଲ୍ଲିକ, ବିଧାୟକ ଇଂ. ରୂପେଶ ପାଣିଗ୍ରାହୀ, ବିଧାୟକ ସୁନୀଲ ମହାନ୍ତି, ବିଧାୟକ ସାରଦା ଜେନା, ବିଧାୟକ ପ୍ରଦୀପ ସାହୁ, ବିଜେଡିର ବରିଷ୍ଠ ପ୍ରବକ୍ତା ଲେନିନ ମହାନ୍ତି, ପୂର୍ବତନ ମନ୍ତ୍ରୀ ଉଷା ଦେବୀ, ପୂର୍ବତନ ସାଂସଦ ପ୍ରମିଳା ବିଶୋୟୀ, ସାଂସଦ ପ୍ରାର୍ଥିନୀ ରଂଜିତା ସାହୁ, ପୂର୍ବତନ ମନ୍ତ୍ରୀ ଶ୍ରୀକାନ୍ତ ସାହୁ, ପୂର୍ବତନ ବିଧାୟକ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, ପୂର୍ବତନ ବିଧାୟକ ସୁବାସ ବେହେରା, ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁ, ଚିକିଟି ବିଧାୟକ ପ୍ରାର୍ଥୀ ଚିନ୍ମୟାନନ୍ଦ ଶ୍ରୀରୁପ ଦେଓ, ଦିଗପହଣ୍ଡି ବିଧାୟକ ପ୍ରାର୍ଥୀ ବିପ୍ଳବ ପାତ୍ର, ଦେବାନନ୍ଦ ମହାପାତ୍ର, ପୂର୍ବତନ ଅଧ୍ୟକ୍ଷ ରାଜ୍ୟ କାଜୁ ନିଗମ ସୁବାସ ମହାରଣା, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଅଜୟ ମହାରଣା, ପୂର୍ବତନ ବିଡିଏ ଉପାଧ୍ୟକ୍ଷ କୈଳାଶ ରଣାଙ୍କ ସମେତ ବହୁ ଯୁବ, ଛାତ୍ର, ମହିଳା ବିଜେଡି ନେତା ଓ କର୍ମୀଙ୍କ ସହିତ ବହୁ କର୍ପୋରେଟର୍ ଓ ବିଭିନ୍ନ ଏନଏସି ଓ ପୌରପାଳିକାର ନିର୍ବାଚିତ ଜନପ୍ରତିନିଧିମାନେ ସାମିଲ ହୋଇଥିଲେ।

### କଟକରୁ ୩୨...

ପୁଲିସ ସୂଚନାନୁସାରେ, କୋଲକାତାର ୨ଜଣ ମାଷ୍ଟରମାଇଣ୍ଡ କ୍ରିପ୍ଟୋ-କରେନ୍ସିରେ ମୋଟା ଅଙ୍କର ଟଙ୍କା ଲଗାଇଥିବା ୩୦ ଜଣ ନିବେଶକାରୀଙ୍କୁ ନେଇ ପ୍ରଥମେ ପୁରୀ ଯାଇଥିଲେ। ସେଠାରେ ବୁଲାବୁଲି କରି କଟକର ଜସ୍ମିନ୍ ହୋଟେଲ୍‌ରେ ଗତକାଲି ବିଳମ୍ବିତ ରାତିରେ ଆସି ପହଞ୍ଚିଥିଲେ। ଏହି ହୋଟେଲ୍‌ରେ ଓଡ଼ିଆ ଲୋକଙ୍କୁ ସେମାନଙ୍କ ଜାଲରେ ଫସାଇବା ପାଇଁ ଚକ୍ରାନ୍ତ କରୁଥିଲେ। ୨ ଦିନ ଏଠାରେ ରହି କଟକ ଓ ଭୁବନେଶ୍ୱରର କେତେକ ଯୁବକଙ୍କୁ ତାଙ୍କ ଜାଲରେ ଫସାଇବା ପାଇଁ ପ୍ଲାନ୍ ପ୍ରସ୍ତୁତ କରାଯାଇଥିଲା।

ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ହେଉଛି, ୨ଜଣ ମାଷ୍ଟରମାଇଣ୍ଡ ୧୦୦ କୋଟିରୁ ଅଧିକ ଟଙ୍କା ପଶ୍ଚିମବଙ୍ଗରେ ଠକେଇ କରିସାରିଥିଲେ। ଏବେ ନୂଆ ଏକ କ୍ରିପ୍ଟୋ ଆପ୍ଲିକେସନ୍ 'ଇକୋ ଇନଭେଷ୍ଟ' ଲଞ୍ଚ କରି ଏଥିରେ ବିନିଯୋଗକାରୀଙ୍କୁ ବିନିଯୋଗ କରିବା ପାଇଁ ପ୍ରଲୋଭିତ କରୁଥିଲେ। ସେମାନେ ପୂର୍ବରୁ 'ଜିରୋ-୨ୱାର୍ଲ୍ଡ' ନାମକ ଏକ ଆପ୍ ଲଞ୍ଚ୍ କରି ଠକେଇ କରିସାରିଥିଲେ। ପଶ୍ଚିମବଙ୍ଗର ସାଧାରଣ ଲୋକମାନେ 'ଜିରୋ-୨ୱାର୍ଲ୍ଡ'ରେ ପ୍ରାୟ ୧୦୦ କୋଟି ଟଙ୍କା ବିନିଯୋଗ କରି ସାରିଥିଲେ। ପରେ ସ୍ଥାନୀୟ କାର୍ଯ୍ୟାଳୟରେ ତାଲା ଝୁଲେଇ ୨ଜଣ ମାଷ୍ଟର୍‌ମାଇଣ୍ଡ ଓଡ଼ିଶାମୁହାଁ ହୋଇଥିଲେ। ତେବେ ୨ଜଣ ମାଷ୍ଟରମାଇଣ୍ଡଙ୍କୁ ବାଦ୍ ଦେଲେ ହୋଟେଲ୍‌ରୁ ଗିରଫ ହୋଇଥିବା ଅନ୍ୟ ୩୦ଜଣ ହେଉଛନ୍ତି ଅର୍ଥ ବିନିଯୋଗକାରୀ। ସେମାନେ ପୂର୍ବରୁ ଲକ୍ଷାଧିକ ଟଙ୍କା ବିନିଯୋଗ କରିବା ପରେ ନିଜ ଟଙ୍କା ଫେରାଇବାକୁ ଜିଦ ଧରିବାରୁ ସମ୍ପୃକ୍ତ ସଂସ୍ଥାର ଅଭିଯୁକ୍ତମାନେ ସେମାନଙ୍କୁ ସାଙ୍ଗରେ ଆଣି ମିଟିଂ କରାଇବା ପରେ ଟଙ୍କା ଫେରସ୍ତ ଦେବାକୁ କହିଥିଲେ। ମାତ୍ର ସମସ୍ତ ଯୋଜନା ପଣ୍ଡ ହୋଇଥିଲା। ଖବର ପାଇ ଜସ୍ମିନ୍ ହୋଟେଲ୍‌ରେ ପୁଲିସ ପହଞ୍ଚି ସେମାନଙ୍କୁ ଥାନାକୁ ନେଇ ପଚରାଉଚରା ଜାରି ରଖିଛି। ଜସ୍ମିନ୍ ହୋଟେଲରେ ଚଢ଼ଉ କରାଯିବା ପରେ ପୁଲିସ ଶିଖରପୁରରେ ଥିବା ଆଉ ୨ଟି ହୋଟେଲ୍‌ରେ ଚଢ଼ଉ କରିଥିଲା। ହେଲେ ସେଠାରୁ ସେମିତି କୌଣସି ବ୍ୟକ୍ତିଙ୍କୁ ଠାବ କରାଯାଇନାହିଁ।

ଡିସିପି ଶ୍ରୀ ଦ୍ୟାନଦେଓଙ୍କୁ ଏ ସମ୍ପର୍କରେ କହିଛନ୍ତି ଯେ କ୍ରିପ୍ଟୋ କାରବାର ନାଁରେ ଠକେଇ ଏବଂ ବିନିଯୋଗକାରୀଙ୍କୁ ଅପହରଣ କରି ହୋଟେଲରେ ରଖିବା ଘଟଣାରେ ୨ଟି ମାମଲା ରୁଜୁ ହୋଇପାରେ। କ୍ରିପ୍ଟୋ-କରେନ୍ସିରେ ଅର୍ଥ ବିନିଯୋଗ କରି ଠକାମିର ଶିକାର ହୋଇଥିବା ୩୦ଜଣ କୋଲକାତା ଲୋକ ୨ଜଣ ଅଭିଯୁକ୍ତଙ୍କ ସହ ହୋଟେଲ୍ ଜସ୍ମିନ୍‌ରେ ମିଟିଂ କରିବାକୁ ଆସିଥିଲେ। ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଅଧିକ ତଦନ୍ତ ଜାରି ରହିଛି। ସେମାନେ କୌଣସି ଦଙ୍ଗାକାରୀ ନୁହଁନ୍ତି। କୌଣସିପ୍ରକାର ଗୁଜବ ସୃଷ୍ଟି ନ କରିବାକୁ ଡିସିପି ଜନସାଧାରଣଙ୍କୁ ନିବେଦନ କରିଛନ୍ତି। ଏହି ଘଟଣାରେ ପୁଲିସ ଅଧିକ ଖୋଳତାଡ଼ ଜାରି ରଖିଛି ବୋଲି ଡିସିପି ସୂଚନା ଦେଇଛନ୍ତି।

# ମାଟିର ମୋହ: ପୂର୍ବପୁରୁଷଙ୍କ ଜନ୍ମସ୍ଥାନ ଖୋଜୁଛନ୍ତି ରାମରୂପ

ଭୁବନେଶ୍ୱର,୨୩।୧୦(ସମିସ): ୧୮୭୦ ଅକ୍ଟୋବର ୨୩ ତାରିଖରେ କଲକତା ବନ୍ଦରରୁ ମରିସସ୍ ଅଭିମୁଖେ ବାହାରିଥିଲା ଗୋଟିଏ ଜାହାଜ। ଜାହାଜର ନାମ ଥିଲା ଆଲୁମ ଘିୟର ଏବଂ ୩ ଜଣ ଶିଶୁଙ୍କ ସହ ଜାହାଜରେ ଥିଲେ ୧୫୪ ଜଣ ଯାତ୍ରୀ ଓ ୪୯ ଜଣ ନାବିକ। ସେମାନଙ୍କ ମଧ୍ୟରେ ଜଣେ ଯାତ୍ରୀ ଥିଲେ ତତ୍‌କାଳୀନ କଟକ ଜିଲ୍ଲାର ଯାଜପୁର ଗ୍ରାମ ନିକଟସ୍ଥ ମୂଳଗାଁର ଜଗନ୍ନାଥ। ସେତେବେଳ ତାଙ୍କ ବୟସ ଥିଲା ୨୫ ବର୍ଷ। ଆଉ ଏବେ ଠିକ୍ ୧୫୫ ବର୍ଷ ପରେ ନିଜ ପୂର୍ବ ପୁରୁଷଙ୍କ ଜନ୍ମମାଟି ଖୋଜିଖୋଜି ୮ହଜାର କିଲୋମିଟର ଦୂର ମରିସସ୍‌ରୁ ଆସି ଆଜି ଓଡ଼ିଶାରେ ପହଞ୍ଚିଛନ୍ତି ସେହି ଜଗନ୍ନାଥଙ୍କ ପଞ୍ଚମ ପିଢ଼ିର ବଂଶଧର ରାମରୂପ ଜଗନ୍ନାଥ।



ରାମରୂପ ଜଗନ୍ନାଥ ମରିସସ ସରକାରଙ୍କ ଜଣେ ପଦସ୍ଥ ଅଧିକାରୀ। ନିଜର ପୂର୍ବ ପୁରୁଷଙ୍କ ଜନ୍ମମାଟି ଛୁଇଁବାକୁ ତାଙ୍କ ମନରେ ଅଦ୍‌ଭୂତ ଅଭିଳାଷା ସୃଷ୍ଟି ହେବା ପରେ ସେ ୨୦୧୨ ମସିହାରେ ପରିବାର ସହ ଓଡ଼ିଶା ଆସିଥିଲେ। ଅନେକ ଖୋଜାଖୋଜି କରିଥିଲେ ମଧ୍ୟ ସଠିକ୍ ଭାବରେ ତାଙ୍କର ପୂର୍ବସୂରୀଙ୍କ ଜନ୍ମସ୍ଥାନର ସନ୍ଧାନ ନ ପାଇ ଫେରି ଯାଇଥିଲେ। ଏବେ ପୁଣିଥରେ ସେ ଓଡ଼ିଶା ଆସିଛନ୍ତି। ତାଙ୍କ ସୂଚନା ଅନୁସାରେ ତାଙ୍କ ପ୍ରପ୍ରପିତାମହ ଅର୍ଥାତ୍ ୧୮୭୦ରେ ମରିସସ ଯାଇଥିବା ତାଙ୍କର ପୂର୍ବ ପୁରୁଷ ଜଗନ୍ନାଥଙ୍କ ସାଙ୍ଗିଆ ଥିଲା ଦାସ। ମରିସସ ଜାତୀୟ ଅଭିଲେଖାଗାରରେ ଥିବା ତଥ୍ୟ ଅନୁସାରେ ଜଗନ୍ନାଥଙ୍କ ପ୍ରବାସୀ ନମ୍ବର ଥିଲା ୩୨୫୦୩୬ ଓ ତାଙ୍କୁ ବ୍ରିଟିଶମାନେ ମସିସସରେ ଆଖୁ

**■ ମରିସସରେ ପ୍ରଶାସନିକ ଅଧିକାରୀ ଅଛନ୍ତି ରାମରୂପ ଜଗନ୍ନାଥ**
**■ ୧୮୭୦ରେ ଓଡ଼ିଶା ଛାଡ଼ିଥିଲେ ରାମରୂପଙ୍କ ପୂର୍ବଜ ଜଗନ୍ନାଥ**

କ୍ଷେତରେ 'ବନ୍ଧୁଆ ଶ୍ରମିକ' ଭାବରେ ନିଯୁକ୍ତି ଦେଇଥିଲେ।

୩୦ ବର୍ଷ ବୟସରେ ଜଗନ୍ନାଥ ସେଠାରେ ଜଣେ ବଙ୍ଗଳାଭାଷୀ ଯୁବତୀ (ବାଙ୍କୁରା ଅଞ୍ଚଳରୁ ମରିସସ୍ ଯାଇଥିବା) ଲକ୍ଷ୍ମୀ (ଲକ୍ଷ୍ମୀ)ଙ୍କୁ ବିବାହ କରିଥିଲେ। ପାଞ୍ଚ ବର୍ଷ ପରେ ତାଙ୍କର ବନ୍ଧକ ଅବଧି ଶେଷ ହୋଇଯିବା ପରେ ଜଗନ୍ନାଥ ଆଉ ଓଡ଼ିଶା ନ ଫେରି ସେଠାରେ ବସବାସ କରିବାକୁ ନିଷ୍ପତ୍ତି ନେଇଥିଲେ। ସେତେବେଳେ ତାଙ୍କର ୨ଟି ପୁଅ ଓ ଦୁଇଟି ଝିଅ ଜନ୍ମ ନେଇ ସାରିଥିଲେ। ଜଗନ୍ନାଥଙ୍କ ପୁଅ ସତ୍‌ବାଜୀ (ସତ୍ୟବାଦୀ)ଙ୍କ ପୁଅ ଶମସୁଦୁନ (ଶ୍ୟାମସୁନ୍ଦର)ଙ୍କ ନାତି ହେଉଛନ୍ତି ରାମରୂପ ଜଗନ୍ନାଥ। ରାମରୂପଙ୍କ ପିତାଙ୍କ ନାମ ପରମେଶ୍ୱର ଓ ସେ ଓଡ଼ିଶାରୁ ପ୍ରବାସ ଯାଇଥିବା ଜଗନ୍ନାଥଙ୍କ ପ୍ରପୁତ୍ର।

ମରିସସ୍‌ରେ ନିଜ ପିତାମହ ଓ ପ୍ରପିତାମହ ରଖିଥିବା ଦଲିଲରୁ ମିଳିଥିବା ତଥ୍ୟରୁ ରାମରୂପ ଜଗନ୍ନାଥ ଅନେକ ସୂଚନା ସଂଗ୍ରହ କରିଛନ୍ତି। ତାଙ୍କର ପୂର୍ବ ପୁରୁଷଙ୍କ ଘର ଯାଜପୁରରେ ବିରଜା ମନ୍ଦିର ଓ ବୈତରଣୀ ନଦୀର ମଧ୍ୟବର୍ତ୍ତୀ ଅଞ୍ଚଳରେ ହୋଇଥିବା ସେ ଅନୁମାନ କରିଛନ୍ତି। ୨୦୧୨, ୨୦୧୫ ଓ ୨୦୧୯ ରେ ସେ ତିନିଥର ଓଡ଼ିଶା ଆସି ନିଜ ପୂର୍ବ ପୁରୁଷଙ୍କ ଗାଁର ସନ୍ଧାନ କରିଥିଲେ ମଧ୍ୟ ସ୍ପଷ୍ଟ ଭାବରେ କୌଣସି ପ୍ରମାଣ ପାଇ ନାହାନ୍ତି। ତେବେ ତାଙ୍କର ଗୋତ୍ର ସାଣ୍ଡିଲ୍ୟ ହୋଇଥିବାରୁ ଯାଜପୁର ନିକଟସ୍ଥ ସାଣ୍ଡିଲ୍ୟ ଗୋତ୍ରଧାରୀ ପରିବାର ସମ୍ପର୍କରେ ଅନୁସନ୍ଧାନ ଜାରି ରଖିଛନ୍ତି। ଯାଜପୁର ଅଞ୍ଚଳର କିଛି ବ୍ୟକ୍ତି ଓ ବିଶ୍ୱ ଓଡ଼ିଆ ପରିବାରର ପ୍ରମୁଖ ସଜ୍ଜନ ଶର୍ମା ଆଜି ରାମରୂପଙ୍କୁ ସ୍ୱାଗତ କରିଛନ୍ତି। ଏହା ସହ ତାଙ୍କ ପୂର୍ବ ପୁରୁଷଙ୍କ ଗ୍ରାମର ଅନୁସନ୍ଧାନରେ ସହଯୋଗ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଅନ୍ୟପକ୍ଷରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଭେଟି ତାଙ୍କୁ ସହାୟତା କରିବାକୁ ଅନୁରୋଧ କରିବେ ବୋଲି ରାମରୂପ କହିଛନ୍ତି।

## ■ ବିଜେଡି ମହିଳା କର୍ମୀଙ୍କୁ ଆକ୍ରମଣ ଘଟଣା

# ଉଭୟ ପକ୍ଷରୁ ଜଣେ ଲେଖାଏଁ ଗିରଫ

ଜଗତସିଂହପୁର, ୨୩।।୧୦ (ସମିସ): ବିଜେଡି ମହିଳା କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ମରଣାନ୍ତକ ଆକ୍ରମଣ ଘଟଣାରେ ପୁଲିସ ଅନିରୁଦ୍ଧ ରାଉତଙ୍କୁ ଗିରଫ କରିଥିବା ବେଳେ ଅପରପକ୍ଷର ପାଲଟା ଅଭିଯୋଗରେ ରଶ୍ମିଙ୍କ ପୁଅ ରାହୁଲଙ୍କୁ ଗିରଫ କରିଛି। ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମରେ ଦୀପାବଳି ରାତିରେ ଦୁଇ ପରିବାର ମଧ୍ୟରେ ବିବାଦକୁ କେନ୍ଦ୍ର କରି ରଶ୍ମିଙ୍କୁ ଆକ୍ରମଣ କରାଯାଇଥିଲା।

**AFFIDAVIT**
I, Sangram Keshori Sahu, S/o- Muralidhar sahu, Resident of Flat No.: B/10, Plot No.: 281, Ghanashyam Enclave, Jayadev Vihar, Regional Reserarch Laboratory, Dist.: Khorda, Odisha, PIN-751013, declared by this Affidavit No.1303/2025 Dated: 23.10.2025. That now onwards I shall be known as **SANGRAM KESHARI SAHU** for all future Purposes.

**AFFIDAVIT**
I, Abutanvir Khan, S/o- Taleb Tajju Khan, Resident of S.No-90,Pavna Nagar, Colony No.: 2, Pune City, PO: Kalewadi, Dist.: Pune, Maharashtra, PIN-411017, declared by this Affidavit No.1305/2025,Dated: 23.10.2025. That now onwards I shall be known as **ABUTANVIR TALEB KHAN** for all future Purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**NAME CHANGE**
By virtue of an affidavit sworn before the Executive Magistrate, Astarang, CF.NO. 2170, dated 23/09/2025, I, **ROHIT KUMAR KANDI**, S/o Sanatan Kandi resident of At: Ananta, Po: Alasahi, Ps - Astaranga, Dist- Puri, State- Odisha declare that I have changed my son's name from **R.LBEDABYASH ROUT** (Old Name) to **RL BEDABYASH ROUT** (New Name). Henceforth, he shall be known as **RL BEDABYASH ROUT** for all future purposes.
(Sd- **ROHIT KUMAR KANDI**)

**AFFIDAVIT**
By virtue of an affidavit before Executive Magistrate on 23.10.2025, Bhubaneswar, I, T. Pratap Patro, S/o. T. Pandab Patro, at Khushi Harmony Apartment, Palasuni, Rasulgarh, Bhubaneswar have changed my minor Son's name from T. Arman Patro to Arman Patro. Henceforth he shall be known **ARMAN PATRO** for all future purposes.

**AFFIDAVIT**
I, Muralidhara Sahu, S/o- Sadhucharan Sahu, Resident of At: Gambharia, PO:Khuntapal, Dist.: Mayurbhanj, Odisha PIN-757020, declared by this Affidavit No.1301/2025 Dated: 23.10.2025. That now onwards I shall be known as **MURALIDHAR SAHU** for all future Purposes.

**AFFIDAVIT**
I, **Mirza Meheboob Alam Baig**, S/o: Mirza Abdul Kalam Baig, Flat No.: 16/8, Block-16, Rangamatia, Gadakan. PS.:Mancheswar, Bhubaneswar-751017 Odisha Declare by this Affidavit No.: 60596 Dated: 23.10.2025,That now onwards I shall be known as **Mirza Mehebub Alam Baig** for all Future Purposes.

**NAME CHANGE**
By virtue of an affidavit sworn before the Executive Magistrate, Astarang, CF.NO. 2080, dated 16/09/2025, I, **SASANKA SEKHAR KANDI**, S/o Siba Kandi resident of At: Ananta, Po: Alasahi, Ps - Astaranga, Dist- Puri, State- Odisha declare that I have changed my son's name from **DEBABRAT KANDI** (Old Name) to **DEBABRAT ROUT** (New Name). Henceforth, he shall be known as **DEBABRAT ROUT** for all future purposes.
(Sd- **SASANKA SEKHAR KANDI**)

**NAME CHANGE**
By virtue of an affidavit sworn before the Executive Magistrate, Bhubaneswar, dated 22nd day of October 2025 I, **SONALIKA SINGH**, Address At: Naragoda, Tamando, Ps - Khandagiri, Dist- Khordha, State- Odisha, Pin- 752054 declare that I have changed my name from **SONALI SINGH** (Old Name) to **SONALIKA SINGH** (New Name). Henceforth, I shall be known as **SONALIKA SINGH** for all future purposes.
(Sd- **SONALIKA SINGH**)

**AFFIDAVIT**
I, Kuntala Kumari Dash, W/O- Late Nrusinha Prasad Das, Resident of At/PO: Old LIC Building, Pujariput, Koraput, Dist.: Koraput, Odisha, PIN- 764020, declared by the Affidavit No: 1215/2025 Dated: 16.10.25, that now onwards I shall be known as **KUNTALA KUMARI DAS** for all future purposes."

**AFFIDAVIT**
By virtue of an affidavit sworn before the Notary Public, Bhubaneswar dated 09.10.2025, I, Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's name from Punya Sankalp Nayak to Purnya Sankalp Nayak, he shall be known as **Purnya Sankalp Nayak** for all purposes.
**Sd/- Bishnu Charan Nayak**

**AFFIDAVIT**
I **RUCHITA,** D/O.: DHANRAJ JAIN RESIDENT AT FLAT NO.: 301, LAXMI VILLA, MAKERABAGH SAHI, CUTTACK, ODISHA DECLARE BY THIS AFFIDAVIT NO.: 75AA314785 DATED 25/8/25 THAT NOW ONWARDS I SHALL BE KNOWN AS **RUCHITA NABARIA** FOR ALL FURTURE PURPOSE

**AFFIDAVIT**
By virtue of an affidavit sworn before Executive Magistrate, Bargarh, I, Padmini Panda, W/o- Harishankar Panda resident of Mastertikra, Ward no.-14, Bargarh, Po./Ps./Tah./ Dist.- Bargarh, Odisha, PIN-768028 state vide affidavit no. 340 dtd.17.10. 2025 that, I have changed my name from **Asha Panda** to **Padmini Panda**. Henceforth I shall be known as **Padmini Panda** for all future purposes.

**AFFIDAVIT**
By virtue of an Affidavit (SL No. 03, Date- 23.10.2025) Sworn Before the Executive Magistrate, Padampur. I, **Minketan Bhoi** (new name), S/o- Nrupa Bhoi, permanent & current resident of AT- Sankri, PO- Bhubaneswarpur, PS- Jharbandh, Dist- Bargarh, PIN- 768039, Odisha declare that I have changed my name from **Miniketan Bhue** (old name) to **Minketan Bhoi** (new name). Henceforth, I shall be known as **Minketan Bhoi** (new name) for all purposes.
**Minketan Bhoi**

**AFFIDAVIT**
I, Sayad Gulam Yahiya, F/o- Arif Rabbani resident of Plot No. VIM-565, At/Po- Sailashree Vihar, Near Durga Mandap, Chandrasekharpur, Bhubaneswar, Dist- Khordha, PIN- 751021, Odisha declared by this affidavit No. 19, dtd- 03/09/2025 that now onwards I shall be known as **SYED GHOLAM YAHIYA** for all future purposes.

**AFFIDAVIT**
By virtue of an affidavit No. 2466 sworn before the Notary Public, Champua on dated- 23/10/2025, I **Saroj Ranjan Giri,** resident of Vill- Fagu, Po-Raikala, Ps- Ghagarbeda, Dist- Mayurbhanj, Pin- 757035, Odisha declare that I have changed my name from **Bablu Pradhan** (old name) To **Saroj Ranjan Giri** (new name). Henceforth I shall be known as **SAROJ RANJAN GIRI** for all future purposes.
**Saroj Ranjan Giri**

**AFFIDAVIT**
I, Asifa Siddiqua, W/o- Arif Rabbani, resident of Plot No. VIM-565, At/Po- Sailashree Vihar, Near Durga Mandap, Chandrasekharpur, Bhubaneswar, Dist- Khordha, PIN- 751021, Odisha declared by this affidavit No. 18, dtd- 03/09/2025 that now onwards I shall be known as **ASIFA SIDDIQAH** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated- 22/10/2025. I, **Nara Nag** (applicant name), S/o Sishu Nag, permanent & current resident of At- Sanpatrapali (Jadamunda), PO- Lenjha, PS- Titilagarh, Dist- Balangir, (Odisha), PIN- 767033 declare that I have changed my minor son's name from **Prashna Nag** (old name) to **Prasanna Nag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Prasanna Nag** (new name) for all purposes.
**Nara Nag**

**In The Hon'ble Court of Civil Judge (SD): Barhampur, Dist-Ganjam, Intestate.No-02/2024**
In the Matter Of:
**Bachu Venkata Subhadra** ...Petitioners
Vs
**Choulapalli Soroja & Others** ...Respondents
**PUBLIC NOTICE**
Take notice that the above- named petitioners have applied for succession certificate to the Saving Bank Pass Book having A/c No.10603505561of State Bank of India, Chandikhol Branch, At/PO: Chandikhol, Dist.: Jajpur in the name of Late Choulapalli Srinivas Ranga Rao (Ch S Ranga Rao).If anybody has any claim or interest over the same, he / she may appear personally or through his / her Advocate before this Hon'ble Court on 31.10.2025 at 10:30 am and file objection, if any, failing which the case will be disposed of according to law.
Given under my hand and seal of the Court this 25th day of September of 2025.
**Sd/- Civil judge(SD)**
**Ganjam, Berhampur**

**LOST**
ମୁଁ ଶ୍ରୀକୃଷ୍ଣ ସାହୁ (ବୟସ-୬୩) ପିତା - ଜଗବନ୍ଧୁ ସାହୁ, ମୌଜା- ଓଡ଼ିଆମୁଣ୍ଡା, ପୋଷ୍ଟ/ଥାନା- ମ.ରାମପୁର, ଥାନା ନଂ-୧୯, ଜିଲ୍ଲା- କଳାହାଣ୍ଡି, ଗତ ତା ୦୫.୦୯.୨୫ ରିଖରେ ମୁଁ ଏକ ଜରୁରୀକାର୍ଯ୍ୟ ସମାପ୍ତକରି ବଲାଙ୍ଗୀର ଠାରୁ ଏକ ଘରୋଇ ବସ ଯୋଗେ ମ.ରାମପୁର ଫେରୁଥଲି, ବସ ଭିତରେ ବହୁତ ଭିଡ଼ ଥିବାରୁ ସେଠାରେ ମୋର ପର୍ଚ୍ଚା (R.O.R) ନଂ- ୩୦୦/୧୬୫ ଥିବା ବ୍ୟାଗଟି ହଜିଯାଇଛି, ପରେ ଆସି ଆମ ଅଞ୍ଚଳର ପୋଲିସ ଷ୍ଟେସନରେ ଏ ବିଷୟରେ ଲିଖିତ ଅଭିଯୋଗ ଫର୍ଦ୍ଦ ଦାଖଲ କରିଅଛି। ଯଦି କୌଣସି ସହୃଦୟ ବ୍ୟକ୍ତି ପାଇଛନ୍ତି ଦୟାକରି ଏହି ନମ୍ବର ରେ ଯୋଗାଯୋଗ କରନ୍ତୁ।
ବିକାଶ କୁମାର ପଧାନ
(advocate)- ୭୯୭୮୩୭୧୦୬୬
ଶ୍ରୀକୃଷ୍ଣ ସାହୁ-୭୬୮୩୮୨୦୬୯

**AFFIDAVIT**
I, Hasimuddin Khan, S/o- Late Jalo Khan, resident of At- Nahalpur, Po- Benirampur, Ps- Nemalo, Cuttack, Pin- 754134, Odisha declare by this affidavit No- 4066, date- 07/09/2025, that now onwards I shall be known as **HASO KHAN** for all future purposes.

### ୩ ମାସ ହେବ 'ବସୁଧା' ପ୍ରକଳ୍ପ ଅଚଳ

# ପାଣି ପାଇଁ ହନ୍ତସନ୍ତ ଶ୍ରୀଗୁଣୀ ଗ୍ରାମବାସୀ

ଫିରିଙ୍ଗିଆ,୨୩।୧୦(ସମିସ):

ଫିରିଙ୍ଗିଆ ବ୍ଲକ ପଲାବୃଡ଼ି ପଞ୍ଚାୟତର ୪ ନମ୍ବର ୱାର୍ଡ ଶ୍ରୀଗୁଣୀ ଗାଁର ୩ ରୁ ଊର୍ଦ୍ଧ୍ୱ ସାହିର ୫୦ରୁ ଅଧିକ ଘର ପାଣି ପାଇଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ୩ ମାସରୁ ଅଧିକ ହେବ ଗାଁରେ ସ୍ଥାପିତ ଉଚ୍ଚ କ୍ଷମତା ସମ୍ପନ୍ନ ପାଣି ଟାଙ୍କିକୁ ପାଣି ଯାଉ ନ ଥିବାରୁ ଏବଂ ପାଣି ପାଇପ ଫାଟି ଯିବାରୁ ଗାଁକୁ ପାଣି ଯାଇପାରୁନାହିଁ। ଏହି କାରଣରୁ ଗ୍ରାମବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗାଁରେ ପିଇବା ପାଣିର ଅନ୍ୟ ବ୍ୟବସ୍ଥା ନଥିବାବେଳେ ନଳକୂପର ପାଣି ପିଇବା ଉପଯୋଗୀ ନୁହେଁ। ପାଣି କଳଙ୍କିଯୁକ୍ତ ଥିବାରୁ କୌଣସି କାମରେ ଲାଗୁନାହିଁ। ବସୁଧା ପ୍ରକଳ୍ପରୁ ପାଣି



ଛାଡ଼ିବାକୁ ଶ୍ରୀଗୁଣୀ ଗାଁର ମିନେଶ୍ୱର କହଁରଙ୍କୁ ଅନୁରୋଧ କରାଯିବାରେ ପ୍ରକଳ୍ପ ଖରାପ ନାହିଁ ଓ କେବଳ ପାଇପ ଫାଟିଥିବାରୁ ଗାଁ ଲୋକେ ପାଣି ପାଇପାରୁନଥିବା କହିଛନ୍ତି। ଦାୟିତ୍ୱରେ ଥିବା ଯନ୍ତ୍ରୀଙ୍କୁ ପ୍ରକଳ୍ପର ପାଇପ ଫାଟିଥିବା ସମ୍ପର୍କରେ ସୂଚନା ଦିଆଯାଇ ମଧ୍ୟ କିଛି ଫଳ ହୋଇନାହିଁ। ବିଭାଗୀୟ ଅଧିକାରୀ ଆସି କେବଳ ଦେଖି ଚାଲିଯାଇଥିଲେ। ଏଥିଯୋଗୁ ପାଣି ପାଇଁ ଅସୁବିଧାର ସମ୍ମୁଖୀନ ହେଉଥିବା ଗ୍ରାମବାସୀ କହିଛନ୍ତି। ପାଣି ପାଇଁ ଅନ୍ୟ ବିକଳ୍ପ ନ ଥିବାରୁ ଗ୍ରାମବାସୀଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ତୁରନ୍ତ ପ୍ରକଳ୍ପ କାର୍ଯ୍ୟକ୍ଷମ କରି ପାଣି ଦେବାକୁ ଶ୍ରୀଗୁଣୀ ଏବଂ ଡ଼ଙ୍ଗାଙ୍ଗପଡ଼ା ଗାଁର ଦେବେନ୍ଦ୍ର କହଁର, ପାଲୁ କହଁର, ମାଡ଼ିଆ ବିନ୍ଧାଣି, ବ୍ରେନ୍ଦ କହଁରଙ୍କ ସହ ଅନ୍ୟ ଗ୍ରାମବାସୀ ଦାବ କରିଛନ୍ତି।

# ଗୁମ୍ମାରେ ବିଜେଡିର ଜନସମ୍ପର୍କ ପଦଯାତ୍ରା




**ଗୁମ୍ମା,୨୩।୧୦(ସମିସ):** ଗଜପତି ବିଜେଡି ପକ୍ଷରୁ ବିଧାୟକ ଇଂ.ରୂପେଶ ପାଣିଗ୍ରାହୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ଗାବରା ତିରୁପତି ରାଓ, ଜିଲ୍ଲା ବିଜେଡି ସଭାପତି ପ୍ରଦୀପ ନାୟକ, ଗୁମ୍ମା ବ୍ଲକ ଅଧ୍ୟକ୍ଷା ସୁନେମି ମଣ୍ଡଳଙ୍କ ନେତୃତ୍ୱରେ ଗୁମ୍ମା ବ୍ଲକରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏକ ବିଶାଳ ଶୋଭାଯାତ୍ରା ବ୍ଲକର ବିଭିନ୍ନ ସ୍ଥାନ ପରିକ୍ରମା କରିଥିଲା। ବିଜେପି ସରକାରଙ୍କ ମିଥ୍ୟା ପ୍ରତିଶ୍ରୁତି, ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ, ନାରୀ ନିର୍ଯାତନା ବୃଦ୍ଧି, ବିକାଶ କାର୍ଯ୍ୟ ଠପ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ମାରଣ ନୀତିକୁ ସମାଲୋଚନା କରିଥିଲେ ବିଧାୟକ ଶ୍ରୀ ପାଣିଗ୍ରାହୀ। ଗୁମ୍ମା ଆଦର୍ଶ ବିଦ୍ୟାଳୟ ଠାରୁ ଆରମ୍ଭ କରି ମାର୍କେଟ ଛକ, ବ୍ଲକ ଛକ, ପାଇକ ସାହି ଛକ ଓ ଖ୍ରୀଷ୍ଟିଆନ ସାହିଛକ ନିକଟରେ ଲୋକଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ କ୍ଷମତା ହାତେଇବା ପରେ ସରକାର ଚଳାଇବାରେ ବିଜେପି ବିଫଳ ହୋଇଛି ବୋଲି ତିରୁପତି ରାଓ କହିଥିଲେ। ବିଜେପି ସରକାର ଆସିବା ପରଠାରୁ ଏଯାଏ ଉନ୍ନୟନମୂଳକ କାର୍ଯ୍ୟରେ କଡ଼େଇଏ ବାଲିଗୋଡ଼ି ପଡିଲାନି ବୋଲି ପ୍ରଦୀପ ନାୟକ କହିଥିଲେ। ଶୋଭାଯାତ୍ରାରେ ସରପଞ୍ଚ/ସମିତିସଭ୍ୟଙ୍କ ସମେତ ଶତାଧିକ ବିଜେଡି କର୍ମୀ ଉପସ୍ଥିତ ଥିଲେ।

# ରାଇକିଆ ମହାଲକ୍ଷ୍ମୀ ପୂଜା କମିଟି କର୍ମକର୍ତ୍ତା ଚୟନ



**ରାଇକିଆ,୨୩।୧୦(ସମିସ):** ରାଇକିଆ ମହାଲକ୍ଷ୍ମୀ ପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ବୈଠକ ବୁଧବାର ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀବଜାର ସ୍ଥିତ ମଣ୍ଡପରେ ଆଗାମୀ ଲକ୍ଷ୍ମୀପୂଜା ପାଳନ ନେଇ ଆଲୋଚନା ପରେ କମିଟିର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ବୈଠକରେ ସହମତି କ୍ରମେ ସଭାପତି ଭାବେ ଦେବୀପ୍ରସାଦ ପଣ୍ଡା, ଉପସଭାପତି ବିରୁପାକ୍ଷ ପାତ୍ର ଏବଂ ବନମାଳୀ ପଣ୍ଡା , ସାଧାରଣ ସଂପାଦକ ବାଦଲ ସାହୁ , ସହ ସମ୍ପାଦକ ବେନୁପାଣି ଆଚାର୍ଯ୍ୟ ଓ କୋଷାଧ୍ୟକ୍ଷ ଭାବେ ଭରତଭୂଷଣ ପାଣିଗ୍ରାହୀଙ୍କୁ ମନୋନୀତ କରାଯାଇଥିଲା। ସେହିପରି ଉପଦେଷ୍ଟା ଭାବେ ପୂର୍ବତନ ସଭାପତି ତଥା ବରିଷ୍ଠ ସଦସ୍ୟ ବି.ତ୍ରିପତି ସୁବୁଦ୍ଧି, ଶ୍ରୀଧର ଦାଶ, ବିଜୟ କୁମାର ଆଚାର୍ଯ୍ୟ ଓ ମଙ୍ଗୁଲୁ ପାତ୍ରଙ୍କୁ ମନୋନୀତ କରାଯାଇଥିଲା।

# ୪ ବିଦ୍ୟାଳୟରେ ଗବେଷଣା କାର୍ଯ୍ୟକ୍ରମ 'ସଗ୍ନୀ' ସମ୍ପନ୍ନ

**ଟିକାବାଲି,୨୩।୧୦(ସମିସ):** ଜାତୀୟ ଶିକ୍ଷକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ (ଏନ୍‌ସିଇଆରଟି) ଦ୍ୱାରା ଗୁଣାତ୍ମକ ଶିକ୍ଷାର ବିକାଶ ଏବଂ ଜାତୀୟ ଶିକ୍ଷାନୀତି-୨୦୨୦ର ଲକ୍ଷ୍ୟକୁ ସୁଦୃଢ଼ କରିବାକୁ ଓଡ଼ିଶାର କନ୍ଧମାଳ ସମେତ ପାଞ୍ଚଟି ଜିଲ୍ଲାରେ ଅନୁଭବ ଆଧାରିତ ଶିକ୍ଷା ଉପରେ ଏକ ଗବେଷଣା କାର୍ଯ୍ୟକ୍ରମ 'ସଗ୍ନୀ' ସମାପ୍ତ ହୋଇଛି। ଶିକ୍ଷକ ଶିକ୍ଷା ବିଭାଗ ଦ୍ୱାରା ପରିଚାଳିତ ଏହି ଅଧ୍ୟୟନରେ ମାଧ୍ୟମିକ ଅର୍ଥାତ ଷଷ୍ଠରୁ ଅଷ୍ଟମ ଶ୍ରେଣୀର ମୋଟ ୨୫ ସ୍କୁଲ ଚୟନ କରାଯାଇଛି। କନ୍ଧମାଳ ଜିଲ୍ଲାରେ ତଥ୍ୟ ସଂଗ୍ରହ କାର୍ଯ୍ୟ ଗତ ଅକ୍ଟୋବର ୧୩ରୁ ଆରମ୍ଭ ହୋଇ ୧୬ ପର୍ଯ୍ୟନ୍ତ ଚାଲିଥିଲା। ଏହି କାର୍ଯ୍ୟ ପାଇଁ ଜିଲ୍ଲାର କେବଳ ପାଞ୍ଚଟି ବିଦ୍ୟାଳୟକୁ ମନୋନୀତ କରାଯାଇଥିଲା। ସେଗୁଡ଼ିକ ମଧ୍ୟରେ କେବଳ ଟିକାବାଲି ବ୍ଲକର ୩ଟି ଏବଂ ଫୁଲବାଣୀ ବ୍ଲକର ଦୁଇଟି ବିଦ୍ୟାଳୟ ରହିଛି। ସେହି ବିଦ୍ୟାଳୟ ହେଲା ପେନାଗୋବେରି ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ, ଟିକାବାଲି ସରକାରୀ ଅଭ୍ୟାସ ମଧ ଇଂରାଜୀ ବିଦ୍ୟାଳୟ, ସରକାରୀ ଉଚ୍ଚ ବିଦ୍ୟାଳୟ, ପି.ଏମ.ଶ୍ରୀ. କେନ୍ଦ୍ରୀୟ ବିଦ୍ୟାଳୟ, ଫୁଲବାଣୀସ୍ଥିତ କନ୍ଧମାଳ ଜବାହର ନବୋଦୟ ବିଦ୍ୟାଳୟ ରହିଛି। ସୂଚନା ଅନୁସାରେ ଉପରୋକ୍ତ ବିଦ୍ୟାଳୟରେ ଗବେଷଣା କାର୍ଯ୍ୟ ସୁଚାରୁରୂପେ ସମାପନ ହୋଇଥିବା ବେଳେ କନ୍ଧମାଳ ଜବାହର ନବୋଦୟ



ବିଦ୍ୟାଳୟରେ ଆସନ୍ତା ଅକ୍ଟୋବର ୨୮ ତାରିଖ ଦିନ ତଥ୍ୟ ସଂଗ୍ରହ ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ଏହି ତଥ୍ୟ ସଂଗ୍ରହ କାର୍ଯ୍ୟରେ ସହଯୋଗ କରିବାକୁ ଶିକ୍ଷକ ପ୍ରଶିକ୍ଷଣ ଏବଂ ରାଜ୍ୟ ଶିକ୍ଷକ ଅନୁସନ୍ଧାନ ପ୍ରଶିକ୍ଷଣ ପରିଷଦ ତରଫରୁ କନ୍ଧମାଳ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ଓ ଶିକ୍ଷା ପ୍ରତିଷ୍ଠାନର ଶିକ୍ଷକ ପ୍ରଶିକ୍ଷିକା ବାଣୀରୂପା ପ୍ରଧାନ ଓ ସସ୍ମିତା ପ୍ରଧାନଙ୍କୁ ଚୟନ କରାଯାଇଥିଲା। ନୂଆଦିଲ୍ଲୀର ଆସୋସିଏଟ ପ୍ରଫେସର ଡ଼. ଭାବଗ୍ରାହୀ ପ୍ରଧାନ ଏହି କାର୍ଯ୍ୟରେ ସହାୟତା କରିଥିଲେ। ଏହି ଗବେଷଣାର ମୁଖ୍ୟ ସମନ୍ୱୟକ ଭାବେ ଜାତୀୟ ଶିକ୍ଷକ ଅନୁସନ୍ଧାନ ଓ ପ୍ରଶିକ୍ଷଣ ପରିଷଦ ଶିକ୍ଷକ ଶିକ୍ଷା ବିଭାଗର ମୁଖ୍ୟ ପ୍ରଫେସର ଶରଦ ସିହ୍ନା ଦାୟିତ୍ୱ ନିର୍ବାହ କରିଥିଲେ। ଏହି ସକାରତ୍ମକ ପ୍ରୟାସ ଶିକ୍ଷାକୁ ଅଧିକ ଗୁଣାତ୍ମକ, ଅଭିଜ୍ଞତା ମୂଳକ ଏବଂ ବାସ୍ତବତା ଆଧାରିତ ଏବଂ ଗବେଷଣାତକ କାର୍ଯ୍ୟକୁ ଆଗେଇ ନେବା ସହିତ ଶିକ୍ଷାନୀତିକୁ ଦୃଢ଼ କରିବ ବୋଲି ଏହି ଅବସରରେ ଜିଲ୍ଲା ଶିକ୍ଷକ ପ୍ରଶିକ୍ଷଣ ଓ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷ ଡ଼. ଶିବ ପ୍ରସାଦ ପଣ୍ଡା କହିଥିଲେ।

# ସମସ୍ୟା ଘେରରେ ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର

### ■ ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଦାବିପତ୍ର



ଜି.ଉଦୟଗିରି,୨୩।୧୦(ସମିସ): ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅନେକ ସମସ୍ୟାରେ ରହିଛି। ଜି.ଉଦୟଗିରି ବ୍ଲକ ଓ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପ୍ରାୟ ୫୦ ହଜାରରୁ ଅଧିକ ଜନସାଧାରଣ ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ନିର୍ଭରଶୀଳ। ହେଲେ ଉତ୍ତମ ସ୍ୱାସ୍ଥ୍ୟ ସେବା ନ ପାଇ ଅଞ୍ଚଳବାସୀ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କୁ ଭେଟି ଅଞ୍ଚଳବାସୀ ଦାବିପତ୍ର ପ୍ରଦାନ କରିଛନ୍ତି। ଜି.ଉଦୟଗିରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ତ୍ରୀ ଓ ପ୍ରସୂତି ବିଭାଗର ବିଶେଷଜ୍ଞ ଡାକ୍ତର ଅଛନ୍ତି। କିନ୍ତୁ ଆଲଟ୍ରାସାଉଣ୍ଡ ମେସିନ୍ ନାହିଁ। ଦୀର୍ଘଦିନ ହେଲା ଫିଜିଓଥେରାପି ଯନ୍ତ୍ରପାତି ଅଛି କିନ୍ତୁ ତାହା କାର୍ଯ୍ୟକାରୀ କରାଯାଉନାହିଁ, ରକ୍ତଭଣ୍ଡାର ଓ ସିକଲସେଲ୍ ୟୁନିଟ ନାହିଁ। ସେହିପରି ଅକ୍ସିଜେନ ସିଲିଣ୍ଡର ଠିକ୍ ଭାବେ କାର୍ଯ୍ୟ ନ କରିବା ଓ ରୋଗୀଙ୍କୁ ନିୟମିତ ଭାବେ ବେଡସିଟ୍ ଦିଆଯାଉନଥିବା ନେଇ ମଧ୍ୟ ଅଭିଯୋଗ ହୋଇଛି। ଏଥିସହିତ ଶିଶୁ ବିଭାଗ ଓ ଭେଷଜ ବିଶେଷଜ୍ଞ ଡାକ୍ତର ପଦ ଶିଘ୍ର ପୂରଣ ଓ ସ୍ୱତନ୍ତ୍ର ଟ୍ରମା କେୟାର ସେଣ୍ଟର ସ୍ଥାପନ କରିବା ମଧ୍ୟ ଦାବି ହୋଇଛି। ଦାବିପତ୍ର ପ୍ରଦାନ ବେଳେ ବ୍ଲକ ଅଧ୍ୟକ୍ଷା ସୁଷମା ପ୍ରଧାନ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ ଚନ୍ଦ୍ର ମଲ୍ଲିକ, ଏଇଇ ଅସିତ୍ କୁମାର ସେଠୀ, ଯୁବସମାଜସେବୀ ଆମନ୍ ଚନ୍ଦ୍ର ନାୟକ, ସାମନ୍ତ ଶେଖର ନାୟକ, ଗ୍ରେସିଙ୍ଗିଆ ସରପଞ୍ଚ ତ୍ରିଶିଳା ପ୍ରଧାନ, ଲିଙ୍ଗାଗଡ ସରପଞ୍ଚ ଅବଲାକର ପ୍ରଧାନ, ତାଲାରିମାହା ସମିତିସଭ୍ୟ ଉମେଶ ପ୍ରଧାନ, ସସ୍ମିତା ମଲ୍ଲିକଙ୍କ ସମେତ ଉପାଧ୍ୟକ୍ଷ ଏନ୍ ଲୁକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ଗୋଷାଣି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'




**ପାରଳାଖେମୁଣ୍ଡି,୨୩।୧୦(ସମିସ):** ଗଜପତି ଜିଲ୍ଲା ଗୋଷାଣି ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଉପଲଡ଼ାସ୍ଥିତ ସରକାରୀ ଟାଗୋର ମେମୋରିଆଲ ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଗୋଷାଣି ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ଏନ୍.ବିମଳ, ସୋମେଶ୍ୱର ରାଓ ଓ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ୱାଇ.ଧର୍ମାରାଓ ମଞ୍ଚାସୀନ ଥିଲେ। ଅତିଥିମାନେ ପିଲା ମାନଙ୍କ ପାଖରେ ବହୁ ପ୍ରତିଭା ରହିଛି, ଏହାକୁ 'ସୁରଭି' କାର୍ଯ୍ୟକ୍ରମ ଦ୍ୱାରା ପ୍ରସ୍ଫୁଟିତ ହୋଇ ପାରିବ ବୋଲି ବକ୍ତବ୍ୟରେ କହିଥିଲେ। କାର୍ଯ୍ୟକ୍ରମରେ ୮ କ୍ଲଷ୍ଟରରୁ ପ୍ରାୟ ୧୨୦ ଜଣ ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। କୃତି ଛାତ୍ରଛାତ୍ରୀଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଅଧ୍ୟକ୍ଷ ଶ୍ରୀରାଜୁଙ୍କ ସମେତ ଭାବେ ଆରଏମସି ସଭାପତି ଏସ୍. ଗଜପତି ରାଓ ଓ ଜିଲ୍ଲାପରିଷଦ ସଭ୍ୟ ଏସ୍. ବାଲାରାଜୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସିଆରସିସି ରସ୍ମିତା ସାମଲ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ସିଆର୍‌ସିସିମାନେ ପରିଚାଳନା କରିଥିବା ବେଳେ ସମସ୍ତ ଶିକ୍ଷକ/ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।

# ଦୁର୍ନୀତି ନିବାରଣ ସପ୍ତାହ ପାଳନ ପାଇଁ ପ୍ରତିଯୋଗିତା

**ପାରଳାଖେମୁଣ୍ଡି,୨୩।୧୦(ସମିସ):** ଗଜପତି ଜିଲ୍ଲା ସଦର ମହକୁମା ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଦୁର୍ନୀତି ନିବାରଣ ସପ୍ତାହ ପାଳନ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ବିଭିନ୍ନ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ଓଡିଆ ବକ୍ତୃତା, ପ୍ରବନ୍ଧ ଓ ଚିତ୍ରାଙ୍କନରେ ପ୍ରତିଯୋଗିତାରେ ଭାଗ ନେଇଥିଲେ। ଏଥିରେ କୃତି ପ୍ରତିଯୋଗୀଙ୍କୁ ଆସନ୍ତା ୩୦ ତାରିଖ ଦିନ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ମୁଖ୍ୟ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯିବ। ଚଳିତ ଅକ୍ଟୋବର ୨୭ରୁ ୨ ନଭେମ୍ବର ୨୦୨୫ ମଧ୍ୟରେ ଜିଲ୍ଲାର ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଆଜିର ଏହି ପ୍ରତିଯୋଗିତାରେ ବିଚାରକ ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼.ମାୟାଧର ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଏସ୍.ଗିରିଧାରୀ ଓ ପ୍ରଧାନ ଶିକ୍ଷୟିତ୍ରୀ ମୋନାଲିସା ଦାସ ଦାୟିତ୍ୱ ତୁଲାଇଥିଲେ।




# କଳିଙ୍ଗାରୁ ୧୨ ଫୁଟିଆ ଅଜଗର ଉଦ୍ଧାର



ଜି.ଉଦୟଗିରି,୨୩।୧୦(ସମିସ): ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ଡୁଗୁଡିପାରୀ ନିକଟରୁ ଏକ ୧୨ଫୁଟିଆ ଅଜଗର ଉଦ୍ଧାର କରିଛି ସ୍ନେକ ହେଲ୍ପଲାଇନ ଟିମ। ଅଜଗରକୁ ଦେଖି ଲୋକେ ଭୟଭୀତ ହୋଇପଡିଥିଲେ। ଏନେଇ ସ୍ନେକ୍ ହେଲ୍‌ଲାଇନ୍‌କୁ ଫୋନ୍ କରି ଜଣାଇଥିଲେ। ଖବର ପାଇ ସ୍ନେକ ହେଲ୍ପଲାଇନ ଟିମ୍ ସଦସ୍ୟ ଜଗନ୍ନାଥ ନାୟକ ଓ ଲାଲୁ ପରିଚ୍ଛା ପହଞ୍ଚି ସାପଟିକୁ ଉଦ୍ଧାର କରିଥିଲେ। ଏହାକୁ ଦେଖିବାକୁ ଲୋକଙ୍କ ଭିଡ଼ ଜମିଥିଲା। ପରେ ସ୍ନେକ୍ ହେଲ୍‌ପଲାଇନ୍‌ର ସଦସ୍ୟମାନେ ଏହାକୁ ନେଇ ନିକଟସ୍ଥ କଳିଙ୍ଗା ଜଙ୍ଗଲ ମଧ୍ୟରେ ଛାଡ଼ି ଦେଇଥିଲେ।

# ପାରଳାରେ ସାଇବର ସୁରକ୍ଷା ଅଭିଯାନ




**ପାରଳାଖେମୁଣ୍ଡି,୨୩।୧୦(ସମିସ):** ଗଜପତି ଜିଲ୍ଲା ପୁଲିସ ତରଫରୁ ପାରଳାଖେମୁଣ୍ଡିରେ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଗୁଣ୍ଡିଚାବାଡିରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ମଧୁମିତା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଯତୀନ୍ଦ୍ର କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାଇବର ଠକେଇରୁ କିଭଳି ନିଜକୁ ଦୂରେଇ ରଖିବେ ସେନେଇ ଉପସ୍ଥିତ ଜନସାଧାରଣଙ୍କୁ ସଚେତନତା କରାଯାଇଥିଲା। ବିଶେଷ କରି ମୋବାଇଲ ଫୋନ୍ ବ୍ୟବହାର ବେଳେ ଲୋଭନୀୟ ଅଫର ଦେଉଥିବା ଆପ୍ ଗୁଡିକୁ ବ୍ୟବହାର ନ କରିବାକୁ ପରାମର୍ଶ ଦିଆଯାଇଥିଲା। ଅଜଣା କଲ୍, ଆର୍ଥିକ କାରବାର ସମ୍ବନ୍ଧୀୟ କଲ୍, ଲଟେରୀ, ଅନ୍‌ଲାଇନ୍ ଗେମ୍ସ, ଅଶ୍ଳୀଳ ଭିଡିଓ କଲ୍, ଏପିକେ ଫାଇଲ୍ ଡାଉନଲୋଡ୍ ନକରିବା ସମେତ ମୋବାଇଲରେ ଆସୁଥିବା ଆକର୍ଷଣୀୟ ଓ ପ୍ରଲୋଭନୀୟ କଲ୍ ଜାଲରେ ନ ପଡିବାକୁ କୁହାଯାଇଥିଲା। ଯଦି କୌଣସି ବ୍ୟକ୍ତି ବିଶେଷ ସାଇବର ଠକାମୀର ଶିକାର ହୁଅନ୍ତି ତେବେ ସାଇବର କ୍ରାଇମ୍ ହେଲ୍ପଲାଇନ ନମ୍ବର ୧୯୩୦କୁ ଡାଏଲ କରିବାକୁ ପରାମର୍ଶ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ କେ.ନାଗରାଜୁ ଓ ଜିଲ୍ଲା ଶିକ୍ଷାଅଧିକାରୀ ଡ. ମାୟାଧର ସାହୁ ମଞ୍ଚାସୀନ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ପବ୍ଲିକ ପ୍ରସିକ୍ୟୁଟର ରାଜେଶ କୁମାର ମିଶ୍ର, ପାରଳାଖେମୁଣ୍ଡି ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ମାଧବାନନ୍ଦ ନାୟକ ଓ ପାରଳାଖେମୁଣ୍ଡି ଆଦର୍ଶ ଥାନା ଅଧିକାରୀ ପ୍ରଶାନ୍ତ କୁମାର ଭୂପତିଙ୍କ ସମେତ ବିଭିନ୍ନ ବର୍ଗର ଶତାଧିକ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

### ଗଞ୍ଜେଇ ଚାଷ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

# ଗାଁ ଗାଁରେ ପୋଷ୍ଟର ମାରିଲା ପୁଲିସ



ଫିରିଙ୍ଗିଆ,୨୩।୧୦(ସମିସ):

କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ ଚାଷ ସହ ଗଞ୍ଜେଇ ଚାଲାଣ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ପୁଲିସ ପକ୍ଷରୁ ବାରମ୍ବାର ଧରପଗଡ଼ ସତ୍ତ୍ୱେ ଏବଂ ଗଞ୍ଜେଇ ଚାଲାଣକାରୀଙ୍କୁ ଗିରଫ କରି ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଉଥିଲେ ମଧ୍ୟ କମ ପରିଶ୍ରମରେ ଅଧିକ ରୋଜଗାର ଆଶାରେ ଏବଂ କାମଧନ୍ଦା ଅଭାବରୁ ଲୋକେ ଗଞ୍ଜେଇ ଚାଷ କିମ୍ବା ଗଞ୍ଜେଇ ଚାଲାଣରୁ ନିବୃତ ହେଉନାହାନ୍ତି। ଜିଲ୍ଲା ପୁଲିସ, ଫିରିଙ୍ଗିଆ ଥାନା ଓ ଗୋଚ୍ଛାପଡ଼ା ପୁଲିସ ପକ୍ଷରୁ ଗଞ୍ଜେଇ ଚାଷ ଏବଂ ଗଞ୍ଜେଇ ଚାଲାଣରୁ ନିବୃତ ରହିବାକୁ ବାରମ୍ବାର ସଚେତନ କଲେ ମଧ୍ୟ ଲୋକେ ସଚେତନ ହେଉନାହାନ୍ତି। ଗଞ୍ଜେଇ ଚାଷୀ ଓ ଗଞ୍ଜେଇ ଚାଲାଣକାରୀ ଜେଲ ଭୋଗିବା ଦ୍ୱାରା ପରିବାରର ଅବସ୍ଥା ଜଟିଳ ହେଉଥିବା ବେଳେ ଛୋଟ ଛୋଟ ପିଲାଙ୍କ ଭବିଷ୍ୟତ ଅନ୍ଧାର ହୋଇଯାଉଛି।

ସଚେତନତା ଅଭାବରୁ ନିଶା, ଦ୍ରୁତଗତିରେ ଗାଡି ଚାଳନା, ଚୋରି, ଡକାୟତି ଭଳି ବିପଥଗାମୀ ହୋଇ ନିଜ ଜୀବନକୁ ନର୍କ କରୁଛନ୍ତି। ବର୍ତ୍ତମାନ ଗଞ୍ଜେଇକୁ ନେଇ ଆଇନ କଡାକଡ଼ି ହୋଇଥିବା ବେଳେ କନ୍ଧମାଳ ଜିଲ୍ଲା ପୁଲିସ ଏବଂ ଫିରିଙ୍ଗିଆ ଥାନା, ଗୋଚ୍ଛାପଡ଼ା ଥାନା ପୁଲିସ ତରଫରୁ ଗାଡ଼ିରେ ଡାକବାଜି ଯନ୍ତ୍ରଦ୍ୱାରା ପ୍ରତ୍ୟେକ ପଞ୍ଚାୟତ ଏବଂ ଗାଁ ଗାଁରେ ଗଞ୍ଜେଇ ଚାଷ କଲେ କାର୍ଯ୍ୟାନୁଷ୍ଠାନ ପାଇଁ ରହିଥିବା ଆଇନ ସମ୍ପର୍କରେ ସଚେତନ କରାଯାଉଛି। ଏଥିସହ ଗଞ୍ଜେଇ ଚାଷରୁ ନିବୃତ ରହିବାକୁ ବିଭିନ୍ନ ସ୍ଥାନରେ ସଚେତନତା ପୋଷ୍ଟର ଲଗାଯାଇଛି। ଗୋଚ୍ଛାପଡ଼ା ଥାନା ଅନ୍ତର୍ଗତ ସମସ୍ତ ପଞ୍ଚାୟତରେ ଏବଂ ଗାଁ ଗାଁରେ ସଚେତନତା ପୋଷ୍ଟର ଲାଗିଥିବା ବେଳେ ଫିରିଙ୍ଗିଆ ଥାନାର ସମସ୍ତ ପଞ୍ଚାୟତ କାର୍ଯ୍ୟାଳୟ ଏବଂ ଗାଁରେ ମଧ୍ୟ ସଚେତନତା ପୋଷ୍ଟର ପୁଲିସ ଲଗାଇଛି।

# ଡୁମ୍ବା ଗ୍ରାମବାସୀଙ୍କ ଜୀବନରେଖା ପାଲଟିଛି ଭଙ୍ଗା କାଠପୋଲ

ରାୟଗଡ,୨୩।୧୦(ସମିସ)



ଲୋକଙ୍କ ଜୀବନ ରେଖା ପାଲଟିଛି କାଠ ପୋଲ। ଏହି ପୋଲ ଉପରେ ନିର୍ଭର କରୁଛନ୍ତି ଗୋଟିଏ ଗାଁର ପ୍ରାୟ ଦୁଇ ଶହରୁ ଅଧିକ ପରିବାର। ଏଭଳି ଚିତ୍ର ଦେଖିବାକୁ ମିଳିଛି ଗଜପତି ଜିଲ୍ଲା ରାୟଗଡ ବ୍ଲକ ଜଲାଙ୍ଗ ପଞ୍ଚାୟତ ଡୁମ୍ବା ଗାଁରେ। ଏହି ଗାଁର ଲୋକେ ଦୈନନ୍ଦିନ କାର୍ଯ୍ୟ ପାଇଁ ମଧ୍ୟ ଭରାନଈ ଉପରେ ଥିବା ଏହି ପୋଲ ଉପରେ ନିର୍ଭରଶୀଳ। ଏଭଳି ବିପଦପୂର୍ଣ୍ଣ ଯାତାୟତରୁ ନିସ୍ତାର ପାଇବା ପାଇଁ ନଦୀ ଉପରେ ପୋଲ ନିର୍ମାଣ ପାଇଁ ଗାଁ ଲୋକେ ବାରମ୍ବାର ଦାବି କରୁଥିଲେ ମଧ୍ୟ କେହି କର୍ଣ୍ଣପାତ କରୁନଥିବା ଅଭିଯୋଗ ହୋଇଛି। ଏପଟେ ଅତିଶୀଘ୍ର ପୋଲ ନିର୍ମାଣ କରାଯିବ ବୋଲି କହିଛି ପ୍ରଶାସନ।

ପ୍ରକାଶ ଯେ, ଗଜପତି ଜିଲ୍ଲା ରାୟଗଡ ବ୍ଲକ ଜଲାଙ୍ଗ ପଞ୍ଚାୟତର ଡୁମ୍ବା ଗାଁ। ୨ଶହ ରୁ ଅଧିକ ପରିବାର ରହୁଥିବା ଏହି ଆଦିବାସୀ ଗାଁକୁ ଆଜି ଯାଏଁ ମୌଳିକ ସୁବିଧା କଥା ଦୂରରେ ଥାଉ ଯାତାୟତ ପାଇଁ ନିତିଦିନିଆ ରାସ୍ତା ମଧ୍ୟ ନିର୍ମାଣ ହୋଇନାହିଁ। ତେଣୁ ଏହି ଗାଁର ଲୋକେ ନିଜସ୍ୱ ଉଦ୍ୟମରେ ଜଲାଙ୍ଗ ନଦୀର ଦୁଇ କୂଳରେ ଥିବା ଦୁଇ ଗଛ ଉପରେ କାଠଗଣ୍ଡି ପକାଇ ତାହା ଉପରେ ଯାତାୟତ କରିବାକୁ ବାଧ ହେଉଛନ୍ତି। ବର୍ଷା ଦିନରେ ଏହି ନଦୀର ଜଳସ୍ତର ବୃଦ୍ଧି ପାଉଥିବା ବେଳେ ଭରା ନଦୀ ଉପରେ ଥିବା ଏହି କାଠ ଗଣ୍ଡି ଦେଇ ବିପଦପୂର୍ଣ୍ଣ ଭାବେ ଯାତାୟତ କରିବା ଛଡ଼ା ସେମାନଙ୍କ ଅନ୍ୟ ଉପାୟ ନଥାଏ। ଚାଉଳ ଠାରୁ ଆରମ୍ଭ କରି ତେଲ ଲୁଣ ପାଇଁ ମଧ୍ୟ ଏହି କାଠ ପୋଲ ଭରସା।

ଗାଁରେ କାହାର ଦେହ ଖରାପ କିମ୍ବା କୌଣସି ଗର୍ଭବତୀ ମହିଳାଙ୍କ ପ୍ରସବ ପାଇଁ ମଧ୍ୟ ଏଠାକାର ଲୋକଙ୍କ ପାଖରେ ପହଞ୍ଚି ପାରୁନାହିଁ ଆମ୍ବୁଲାନ୍ସ। ଏଭଳି ସ୍ଥିତିରେ ସୁଧାର ଆଣିବାକୁ ଏକ ପୋଲ ନିର୍ମାଣ ପାଇଁ ଦୀର୍ଘଦିନ ହେଲା ଦାବି କରିଆସୁଥିଲେ ମଧ୍ୟ ଆଜି ଯାଏ ତାହା ଫଳପ୍ରଦ ହୋଇନଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି।

କେନ୍ଦ୍ର ସରକାର ବିକଶିତ ଭାରତ ଓ ରାଜ୍ୟ ସରକାର ବିକଶିତ ଓଡ଼ିଶାର ପରିକଳ୍ପନା କରୁଥିବା ବେଳେ ଆଜି ବି ଏଭଳି ଗାଁକୁ ଦେଖିଲେ ଏହାର ସଫଳ ରୂପାୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୁଏ।

ଏହି ଗାଁର ସମସ୍ୟା ସମ୍ପର୍କରେ ପ୍ରଶାସନ ଅବଗତ ଅଛି ଏବଂ ଅତିଶୀଘ୍ର ପୋଲ ନିର୍ମାଣ କରାଯିବ ବୋଲି ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଶଙ୍କର କେରକେଟା କହିଛନ୍ତି। ପୋଲ ନିର୍ମାଣ ପାଇଁ ୪୦ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି ବୋଲି ସେ କହିଛନ୍ତି। ଦୀର୍ଘ ଦିନର ଦାବି ପରେ ମଧ୍ୟ ନିତିଦିନିଆ ଯାତାୟାତ ପାଇଁ ଲୋକେ ଆଜି ବି ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ସ୍ଥିତିରେ କେବେ ପରିବର୍ତ୍ତନ ହେଉଛି ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ବାଇକ୍ ଧକ୍କାରେ ଜଣେ ଗୁରୁତର

**ଆସିକା,୨୩।୧୦(ସମିସ):** ଆସିକା ଥାନା ଅନ୍ତର୍ଗତ କର୍ପୁର ନୂଆଗାଁ ଛକ ନିକଟରେ ବାଇକ ଧକ୍କାରେ ଉକ୍ତ ଗ୍ରାମର ନାରାୟଣ ପୋଲାଇ ଗୁରୁତର ଆହତ ହୋଇଛନ୍ତି। ବାଇକ ଚାଳକ ମଧ୍ୟ ଆହତ ହୋଇଛନ୍ତି। ନାରାୟଣ ଘରକୁ ଚାଲି ଚାଲି ଯାଉଥିବା ବେଳେ ଏକ ବାଇକ ତାଙ୍କୁ ପଛପଟୁ ଧକ୍କା ଦେଇଥିଲା। ଫଳରେ ଉଭୟ ବାଇକ୍ ଆରୋହୀ ଓ ନାରାୟଣ ଆହତ ହୋଇଥିଲେ। ଅଗ୍ନିଶମ ବାହିନୀ ଉଭୟଙ୍କୁ ଆସିକା ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ତେବେ କୌଣସି ମାମଲା ରୁଜୁ ହୋଇନଥିବା ଜଣାପଡିଛି।

## ମୃତକଙ୍କ ପରିବାରକୁ ଭେଟିଲେ ମନ୍ତ୍ରୀ



**ପୋଲସରା,୨୩।୧୦(ସମିସ):** ପୋଲସରା ସହର ମାଷ୍ଟରକଲୋନୀ ବାସିନ୍ଦା ଜଗନ୍ନାଥ ମହାପାତ୍ରଙ୍କ ପତ୍ନୀ କନକଲତା ମହାପାତ୍ର(୭୬)ଙ୍କ ମୃତ୍ୟୁ ଘଟିଛି। ଖବର ପାଇ ମତ୍ସ୍ୟ ଓ ପଶୁ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଗୁରୁବାର ମୃତକଙ୍କ ପରିବାରକୁ ଭେଟି ସମବେଦନା ଜଣାଇବା ସହ ପରିବାର ଲୋକଙ୍କ ସହ ଆଲୋଚନା କରିଥିଲେ। ଗସ୍ତ ବେଳେ ମନୋଜ କୁମାର ଖଟୁଆ, ମୋତିରାମ ସାହୁ, କାମ୍ପ ବଡ଼େଇ, ବୁଲୁ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭଞ୍ଜ ସଙ୍ଗୀତ ଆସର ଅନୁଷ୍ଠିତ

**ଭଞ୍ଜନଗର, ୨୩।୧୦(ସମିସ):** ଭଞ୍ଜ ସଂଗୀତ ଆସର ବାସୁଦେବପୁର କପିଳେଶ୍ୱର ଯୁବକ ସଙ୍ଘ ଦ୍ୱାରା ୯୩ ତମ ସଂଗୀତ ସନ୍ଧ୍ୟା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଂସ୍କୃତି ବିକାଶ ସଂସଦ ଆୟୋଜନ କରିଥିଲା ବେଳେ ବାସୁଦେବପୁର କପିଳେଶ୍ୱର ଯୁବକ ସଙ୍ଘ ସଭାପତି ସବ୍ୟସାଚୀ ନାୟକ ଏବଂ ସୁଶାନ୍ତ ଜେନା ଏବଂ ଅନ୍ୟ ଅତିଥିମାନେ ସଂଗୀତ ସନ୍ଧ୍ୟାକୁ ଉଦ୍‌ଘାଟନ କରିଥିଲେ। ଅନୁଷ୍ଠାନର ଶିଳ୍ପୀ ଶୁଭସ୍ମିତା ମହାରଣା, ରଶ୍ମିତା ଭୂୟାଁ, ଉତ୍ତମ ଦଳବେହେରା, ରାହୁଲ ବିଶୋଇ ପ୍ରମୁଖ ଭଞ୍ଜ ସଂଗୀତ ପରିବେଷଣ କରିଥିଲେ। ମର୍ଦ୍ଦଳ ଏବଂ ତବଲା ବାଦନରେ ଅଭିଷେକ ମହାପାତ୍ର, ଦିବାକର ପ୍ରଧାନ ସହଯୋଗ କରିଥିଲେ। ରାଜେଶ ମହାରଣା ଏବଂ ରାହୁଲ ତଥା ଯୁବକ ସଙ୍ଘର କର୍ମକର୍ତ୍ତା ମଞ୍ଚ ପରିଚାଳନା କରିଥିଲେ।

## ସମାଜସେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା

**ରମ୍ଭା,୨୩।୧୦(ସମିସ):** ରମ୍ଭାର ବରିଷ୍ଠ ଯୁବନେତା, ତଥା ସମାଜସେବି ନାରାୟଣ ପଟ୍ଟନାୟକଙ୍କ ଦ୍ୱାଦଶାହରେ ଏକ ଶ୍ରଦ୍ଧାଞ୍ଜଳି ସଭା ରମ୍ଭା ସହର ସ୍ଥିତି ବାସଭବନରେ ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ପଞ୍ଚାନନ ଖଟୁଆଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ରପଣ୍ଡା ଯୋଗଦେଇ ରମ୍ଭା ସହରର ବିକାଶରେ ସ୍ୱର୍ଗତ ନାରାୟଣଙ୍କ ଅବଦାନକୁ ମନେପକାଇଥିଲେ। ରମ୍ଭା ଏନଏସି ଅଧ୍ୟକ୍ଷାଙ୍କ ପ୍ରତିନିଧି ଯୁବନେତା କାହ୍ନା ସ୍ୱାଇଁ, ଗଞ୍ଜାମ ମିଡ଼ିଆ ହାଉସର ଉପଦେଷ୍ଟା ତଥା ବରିଷ୍ଠ ନେତା ଲକ୍ଷ୍ମୀଚରଣ ପାଢ଼ୀ, ପୂର୍ବତନ ବ୍ଲକ ଅଧକ୍ଷ ସୁରଥ ପ୍ରଧାନ, ରମ୍ଭା ଏନଏସିର ଉପାଧ୍ୟକ୍ଷ କାଳିଆ ତରେଇ, ରମ୍ଭା ନଗର ବିଜେପି ସଭାପତି ଘନଶ୍ୟାମ ବେହେରା, ବିଜେଡି ସଭାପତି ରାଜେନ୍ଦ୍ର ପାତ୍ର, ପୂର୍ବତନ ଉପନଗରପାଳ ଗଦାଧର ପରିଡା, ଭରସାର ସମ୍ପାଦକ ଦୁର୍ଗା ମାଧବ ପାଣିଗ୍ରାହୀ, ପୂର୍ବତନ କାଉନଶୀଲର ମନୋଜ ତରାଇ, ବିଜେପି ନେତା ଭୀମସେନ ବେହେରା, ସୁରେନ୍ଦ୍ର ପରିଡା, ବାନାମ୍ବର ବେହେରା, ସମାଜସେବୀ ମହେନ୍ଦ୍ର ସେନାପତି, ଲୋକନାଥ ଗୌଡ଼, ଉମେଶ ମହାନ୍ତି, ଭାସ୍କର ପାତ୍ର, ଡମ୍ବୁର ପାତ୍ର, ତାରିଣୀ ପାତ୍ର, ବାବାଜୀ ପାତ୍ର, ଜିତେନ୍ଦ୍ର ପଟ୍ଟନାୟକ, ସହଦେବ ଗୌଡ଼, ଦୁର୍ଗା ପଟ୍ଟନାୟକ, ଟିକିଲି ପଟ୍ଟନାୟକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ।

## କାଳୀପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ

**ଭଞ୍ଜନଗର,୨୩।୧୦(ସମିସ):** ଭଞ୍ଜନଗର ହାର୍ଟ ନଗର ଏବଂ ଜଳସମ୍ପଦ ବିଭାଗ ପକ୍ଷରୁ ଡହରେ କାଳୀପୂଜା ଧୁମ୍‌ଧାମରେ ଚାଲିଛି। ଦୁଇଦିନ ହେବ ଉଭୟ ପୂଜା ମଣ୍ଡପ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେଉଛି। ଗୁରୁବାର ପୁଣି ବଡ଼ ଧରଣର ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ କନ୍ଧମାଳ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ, ସୋରଡା ବିଧାୟକ ନୀଳମଣି ବିଶୋୟୀ, ଘୁମୁସର ନର୍ଥ ଡିଏଫ୍‌ଓ ହିମାଂଶୁ ଶେଖର ମହାନ୍ତି, ଘୁମୁସର ସାଉଥ ଡିଏଫ୍‌ଓ ବିପାସା ପାରୁଲ, ଏନ୍‌ଏସି ଅଧ୍ୟକ୍ଷ ଗୋପବନ୍ଧୁ ମହାପାତ୍ର ପ୍ରମୁଖ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବନ ବିଭାଗର ଅବସରପ୍ରାପ୍ତ ଏବଂ ବର୍ତ୍ତମାନର କର୍ମଚାରୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା।

## କବିସୂର୍ଯ୍ୟନଗରରେ ଗୋବର୍ଦ୍ଧନ ଉତ୍ସବ

**କବିସୂର୍ଯ୍ୟନଗର,୨୩।୧୦(ସମିସ):** କବିସୂର୍ଯ୍ୟନଗର କାଳିଆଲୁଣ୍ଡା ପାହାଡ଼ସ୍ଥିତ ହନୁମାନ ମନ୍ଦିର, କମକ୍ଷରାମଚନ୍ଦ୍ରପୁର ଶାସନସ୍ଥିତ ଗୋପୀନାଥ ମହାପ୍ରଭୁ, ଜୋଗୀପାହାଡ଼ସ୍ଥିତ ହନୁମାନ ମନ୍ଦିର ଆଦି ସ୍ଥାନରେ ଗୋବର୍ଦ୍ଧନ ଉତ୍ସବ ମହାସମାରୋହରେ ପାଳିତ ହୋଇଛି। କାଳିଆଲୁଣ୍ଡାପାହାଡ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ପୂଜାରେ କର୍ତ୍ତା ଭାବେ ଅଶୋକ କୁମାର ଜେନା ଓ ସହଧର୍ମିଣୀ ମାନଶ୍ରୀ ବେହେରା ଯୋଗ ଦେଇଥିଲେ। ମୁଖ୍ୟ ପୂଜକ ବିନାୟକ ଶତପଥୀ ଓ ସହଯୋଗୀ ବିଶ୍ୱରଂଜନ ଶତପଥୀ ପୂଜାକର୍ମ ସମ୍ପାଦନ କରିଥିଲେ। ସେହିପରି କମାରାମଚନ୍ଦ୍ରପୁର ଶାସନ ସ୍ଥିତ ଗୋପୀନାଥ ମନ୍ଦିର ପରିସରରେ ଗୋବର୍ଦ୍ଧନ ଉତ୍ସବ ଶାସନବାସୀଙ୍କ ସହଯୋଗରେ ସମ୍ପାଦିତ ହୋଇଥିଲା। ଭଜନ କୀର୍ତ୍ତନରେ ଭକ୍ତଗଣ ମଜ୍ଜିବା ସହ ଗୋପୀନାଥଙ୍କ ପୂଜା ଯଥାରୀତି ସମ୍ଭବ ସମ୍ପନ୍ନ ହୋଇଛି।

## ବରିଷ୍ଠ ସାମ୍ବାଦିକଙ୍କ ଶୋକସଭାରେ ବିଧାୟକ



**ଛତ୍ରପୁର,୨୩।୧୦(ସମିସ):** ସ୍ଥାନୀୟ ଶିବକୁମାର ପଟ୍ଟନାୟକ ରିଡିଙ୍ଗ ରୁମ ପରିସରରେ ଛତ୍ରପୁର ପ୍ରେସ୍ କ୍ଲବର ପୂର୍ବତନ ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ପାଢ଼ୀଙ୍କ ଅକାଳ ବିୟୋଗରେ ଏକ ଶୋକସଭା ଛତ୍ରପୁର ନାଗରିକ କମିଟି ପକ୍ଷରୁ ସଭାପତି ଗୋକୁଳ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ବ୍ରହ୍ମପୁର ସାଂସଦ ପ୍ରତିନିଧି ରୁଇନା ପଟ୍ଟନାୟକ, ନାଗରିକ କମିଟି ସମ୍ପାଦକ ସୁଧୀର କୁମାର ସାହୁ, ଛତ୍ରପୁରର ପୂର୍ବତନ ବିଧାୟକ ଅଶୋକ କୁମାର ଚୌଧୁରୀ, ଛତ୍ରପୁର ଓକିଲ ସଂଘ ସଭାପତି ପ୍ରଦୀପ କୁମାର ପାଢ଼ୀ, ଛତ୍ରପୁର ସରକାରୀ ବିଜ୍ଞାନ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼ଃ ଅଜୟ କୁମାର ତ୍ରିପାଠୀ, ପିଏନୟୁଏ କଲେଜ ଅଧ୍ୟକ୍ଷ ଡ଼ଃ ରାଜେନ୍ଦ୍ର ଦାଶ, କ୍ୟୁୟସ ଅନୁଷ୍ଠାନର ସମ୍ପାଦକ ଅରୁଣ ଶତପଥି, ୧୦ନଂ ୱାର୍ଡ କାଉନସିଲର ଦେବାଶିଷ ମିଶ୍ର, ଛତ୍ରପୁର ପ୍ରେସ୍ କ୍ଲବ ସଭାପତି ସରୋଜ କୁମାର ସାମଲ, ଶଙ୍କର ଚକ୍ଷୁ ଚିକିତ୍ସାଳୟର ଉପଦେଷ୍ଟା ବି. ଶ୍ରୀନିବାସ, ଆଇନଜୀବୀ ଡ଼ଃ ପ୍ରଶାନ୍ତ କୁମାର ଶତପଥି, ପ୍ରାଧ୍ୟାପକ ଭି. ରାଜେନ୍ଦ୍ର ରାଜୁ, ସିପିଆଇ ଛତ୍ରପୁର ଜୋନାଲ ସମ୍ପାଦକ ଡି. ଆଦିନାରାୟଣ ରେଡ୍ଡୀ, ଶ୍ରମିକ ନେତା ଶଙ୍କର ପ୍ରସାଦ ଦାଶ, ଋଷିକୂଲ୍ୟା ରୟତ ମହାସଭା ସମ୍ପାଦକ ସୀମାଞ୍ଚଳ ନାହାକ, ପୂର୍ବତନ ସମିତିସଭ୍ୟ ଏନ. ଦୁର୍ଯ୍ୟୋଧନ ରେଡ୍ଡୀ, ପୂର୍ବତନ କାଉନସିଲର ବି. ରାଜୁବାବୁ, ଯୁବନେତା ଅଟଳ ବିହାରୀ ପଟ୍ଟନାୟକ, ରିକପଲ୍ଲୀ ବ୍ୟବସାୟୀ ସଂଘ ସଭାପତି ଲକ୍ଷ୍ମୀଚରଣ ପଣ୍ଡା, ଶିକ୍ଷାବିତ ସୋମନାଥ ସାହୁ, କାଳୁ ଚରଣ ତ୍ରିପାଠୀ, ଶିକ୍ଷକ ଅଜିତ କୁମାର ସେଠି, ମନ୍ମଥ ପାଢ଼ୀ, ଶତ୍ରୁଘ୍ନ ମହାକୁଡ, ଦିଲେଶ୍ୱର ରେଡ୍ଡୀ, ଯୁବନେତା ବନୋଜ କୁମାର ନାହାକ ପ୍ରମୁଖ ଯୋଗଦେଇ ସ୍ୱର୍ଗତ ପାଢ଼ୀଙ୍କ ସ୍ମୃତିଚାରଣ କରିଥିଲେ। ନାଗରିକ କମିଟି ସମ୍ପାଦକ ସୁଧୀର କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକ ସମସ୍ୟାର ସମାଧାନ ପାଇଁ ବୈଠକ



**ଧରାକୋଟ,୨୩।୧୦(ସମିସ):** ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ନିଷ୍ପତ୍ତି ଅନୁଯାୟୀ ସଂପ୍ରତି ଆବଶ୍ୟକତା ଅନୁଯାୟୀ ବିଭିନ୍ନ ବିଦ୍ୟାଳୟରୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ଅନ୍ୟତ୍ର ବଦଳି କରାଯାଇଛି। ଏହାକୁ ନେଇ ଧରାକୋଟ ସ୍ଥିତ ମଝିସାହି ପ୍ରାଥମିକ ବିଦ୍ୟାଳୟ ଓ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ହରିଜନସାହି ରୁଗୁମୁର ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିବା ପରେ ଗୁରୁବାର ଧରାକୋଟ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ବିଆରସିସି ତଥା ଏବିଇଓ ସୌରୀ ଶଙ୍କର ବେହେରା, ସିଆରସିସି ଜଗନ୍ନାଥ ପଡ଼ିହାରି, କାଳୁ ଚରଣ ଗୌଡ଼ଙ୍କ ଉପସ୍ଥିତିରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ସାମ୍ବାଦିକ ହୃଦାନନ୍ଦ ଜେନା, ପୂର୍ଣ୍ଣଚନ୍ଦ୍ର ନାୟକ, ମଝିସାହି ବିଦ୍ୟାଳୟର ପିଟିଏ ସଭାପତି କୃଷ୍ଣଚନ୍ଦ୍ର ଭୂୟାଁ, ରୁଗୁମୁ ପିଟିଏ ସଭାପତି କାଳୁ ନାୟକ, ସଭ୍ୟ ମନୋଜ ନାୟକ, ଦିଲୀପ ମହାନ୍ତି, ବାସନ୍ତୀ ପ୍ରଧାନ, ସୁଚରିତା ନାୟକ, ସସ୍ମିତା ନାୟକ, ରୁଗୁମୁ ବିଦ୍ୟାଳୟର ପିଟିଏ ସଭ୍ୟ ପାଣ୍ଡବ ନାୟକ, ଅଧମ ନାୟକ, ପ୍ରଭାକର ନାୟକ, ଭିକାରୀ ନାୟକ, ସୁନିତା ନାୟକ, ଝୁମୁରୀ ନାୟକ, ପ୍ରତିମା ନାୟକ, ଜାନକୀ ନାୟକ ପ୍ରମୁଖ ଉପସ୍ଥିତ ରହି ବଦଳି ପରେ ଲାଗି ରହିଥିବା ଶିକ୍ଷକ ସମସ୍ୟା ଉପରେ ଆଲୋଚନା କରିଥିଲେ। ମଝିସାହି ବିଦ୍ୟାଳୟରୁ ଜଣେ ଶିକ୍ଷୟିତ୍ରୀଙ୍କୁ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟକୁ ବଦଳି ପରେ ଅଫିସ କାର୍ଯ୍ୟ ସହ ଶିକ୍ଷାଦାନରେ ଯେପରି କୌଣସି ବାଧା ଉପୁଜିବନାହିଁ ସେ ସମ୍ପର୍କରେ ଆଲୋଚନା କରାଯାଇ ସମାଧାନ କରାଯାଇଥିଲା। ସେହିପରି ରୁଗୁମୁ ହରିଜନ ସାହି ବିଦ୍ୟାଳୟରୁ ବରଡ଼ାବାଲିକୁ ବଦଳି ହୋଇଥିବା ଶିକ୍ଷକ ସମସ୍ୟାର ସମାଧାନ ପାଇଁ ଶିକ୍ଷ୍ୟା ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ ପାଇଁ ସହମତି ଭିତ୍ତିରେ ନିଷ୍ପତ୍ତି ନିଆଯାଇଥିଲା।

## ବ୍ଲକସ୍ତରୀୟ ଶିଶୁ ମହୋତ୍ସବ ‘ସୁରଭି’



**ଭଞ୍ଜନଗର,୨୩।୧୦(ସମିସ):** ଗାଲେରୀ ସରକାରୀ ହାଇସ୍କୁଲ ପରିସରରେ ଭଞ୍ଜନଗର ବ୍ଲକସ୍ତରୀୟ ଶିଶୁ ଉତ୍ସବ ‘ସୁରଭି’ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଶିଶୁ ପ୍ରତିଭାର ବିକାଶ ପାଇଁ ଶିଶୁ ଉତ୍ସବ "ସୁରଭି’ ହେଉଛି ଏକ ଉପଯୁକ୍ତ ମାଧ୍ୟମ ବୋଲି କହିଥିଲେ। ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀ ଲୋପମୁଦ୍ରା ରଥଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ ଉତ୍ସବରେ ସମ୍ମାନିତ ଅତିଥିଭାବେ ଭଞ୍ଜନଗର ଦୀନବନ୍ଧୁ ବେହେରା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସ୍ୱରାଜ କହଁର, ଗାଲେରୀ ସରପଞ୍ଚ ସୁମିତ୍ରା ଗୌଡ଼, ସମିତିସଭ୍ୟା ମାମାଜିନି ନାୟକ, ହରିଗଡ ହାଇସ୍କୁଲ ପ୍ରଧାନଶିକ୍ଷକ ସରୋଜ ଶତପଥୀ ଓ ଗାଲେରୀ ହାଇସ୍କୁଲ ପ୍ରଧାନ ଶିକ୍ଷକ ଆଦିତ୍ୟ ତ୍ରିପାଠୀ ପ୍ରମୁଖ ମଞ୍ଚାସୀନ ଥିଲେ। କୁଲାଡ କବିସମ୍ରାଟ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୌରୀ ନନ୍ଦନ ହୋତା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ୪୯୨ ଜଣ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। ବରିଷ୍ଠ ଶିକ୍ଷକ ସତ୍ୟ ନାରାୟଣ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।



**ଗଞ୍ଜାମ,୨୩।୧୦(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ପାଳିବନ୍ଧ କ୍ଲଷ୍ଟରର ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ନୀଳାଦ୍ରୀପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସିଆରସିସି ସନ୍ତୋଷ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲବଣ ଶ୍ରମିକ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶୁଭଲକ୍ଷ୍ମୀ ମହାନ୍ତିଙ୍କ ସଭାପତିତ୍ୱରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ମୁଖ୍ୟଅତିଥି ଭାବେ ସ୍ଥାନୀୟ ସରପଞ୍ଚ ସଂଯୁକ୍ତା ପ୍ରଧାନ, ମୁଖ୍ୟବକ୍ତା ଭାବେ ଏବିଇଓ ସଂଯୁକ୍ତା ବେହେରା, ଏବିଇଓ ବିନିତା କୁମାରୀ ମିଶ୍ର, ସମ୍ମାନିତ ଅତିଥିଭାବେ ପୂର୍ବତନ ସରପଞ୍ଚ ଦିଲ୍ଲୀପ ଛୋଟରାୟ, ସିଆରସିସି ରବୀନ୍ଦ୍ର କୁମାର ପଣ୍ଡା, ସୀମାଞ୍ଚଳ ପାଣି, ସିଆରସିସି ସନ୍ତୋଷ କୁମାର ତ୍ରିପାଠୀ, ଧର୍ମରାଜ ସ୍ୱାଇଁ, ୱାର୍ଡସଭ୍ୟ ବିରଞ୍ଚି ନାରାୟଣ ସ୍ୱାଇଁ, ୱାର୍ଡ ସଭ୍ୟା ରଙ୍ଗବତୀ ପ୍ରଧାନ, ସ୍କୁଲ ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ବାରିକ ପ୍ରମୁଖ ରହିଥିଲେ। ମୋଟ ୧୨ଟି ବିଦ୍ୟାଳୟର ପ୍ରାୟ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ମଞ୍ଚ ପରିଚାଳନା କରିଥିଲେ ସହକାରୀ ଶିକ୍ଷକ ବିପିନ ଚନ୍ଦ୍ର ପଟ୍ଟନାୟକ ଏବଂ ସହକାରୀ ଶିକ୍ଷୟିତ୍ରୀ ପ୍ରିୟଙ୍କା ପଲାଇ।

● ଧନ୍ୱନ୍ତରୀ ସମାରୋହ ଅବସରରେ ଆଲୋଚନାଚକ୍ର

## ‘ଏକବିଂଶ ଶତାବ୍ଦୀରେ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଏବଂ ଆହ୍ୱାନ’



**ବ୍ରହ୍ମପୁର,୨୩।୧୦(ସମିସ):** ଅଖିଳ ଭାରତ ସାହିତ୍ୟ ପରିଷଦ ପକ୍ଷରୁ ଧନ୍ୱନ୍ତରୀ ସମାରୋହ ଅବସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି। ଅନୁଷ୍ଠାନ ସଭାପତି ହରେକୃଷ୍ଣ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟବକ୍ତା ଭାବେ ଆୟୁର୍ବେଦ ଚିକିତ୍ସକ ତଥା ସାହିତ୍ୟିକ ଡାକ୍ତର ସାଗର ରଞ୍ଜନ ତ୍ରିପାଠୀ ଯୋଗଦେଇ ଚରକଙ୍କ ଦ୍ୱାରା ଉଲ୍ଲେଖ ଥିବା ଅନୁଶାସନପୂର୍ଣ୍ଣ ଜୀବନ ପାଳନ କରି ଏବଂ ଆମ ବ୍ୟବହାରିକ ଜୀବନଶୈଳୀରେ ସଂଯମତା ରକ୍ଷା କରି ପାରିଲେ ଜଣେ ମଣିଷ ପୂର୍ଣ୍ଣ ଜୀବନ ବିତାଇ ଶତାୟୁ ହେବ। ହଜାର ହଜାର ବର୍ଷ ଧରି ଆୟୁର୍ବେଦ ଚିକିତ୍ସା ମାନବ ଜାତିର କଲ୍ୟାଣ କରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଉଲ୍ଲେଖନୀୟ ଯୋଗଦାନ ଦେଇ ଆସୁଛି ବୋଲି କହିଥିଲେ। କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ଆୟୁର୍ବେଦ ମହାବିଦ୍ୟାଳୟର ପ୍ରାଧ୍ୟାପକ ଡ଼ାକ୍ତର ଅଶ୍ୱିନୀ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସରକାରଙ୍କ ଆୟୁଷ ବିଭାଗ ଦ୍ୱାରା ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ଗବେଷଣା କ୍ଷେତ୍ରରେ ସରକାରଙ୍କ ନୀତି ଗୁଡିକ ସମ୍ପର୍କରେ ଆଲୋଚନା କରିଥିଲେ। ଏକବିଂଶ ଶତାବ୍ଦୀରେ ବିଶ୍ୱବାସୀଙ୍କ ପାଇଁ ଆୟୁର୍ବେଦ ଚିକିତ୍ସା ବିଜ୍ଞାନ ବହୁ ଗୁରୁତ୍ୱ ବହନ କରିବ ବୋଲି କହିଥିଲେ। ଅଖିଳ ଭାରତୀୟ ସାହିତ୍ୟ ପରିଷଦ ଉପଦେଷ୍ଟା ଡ ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି, ବରିଷ୍ଠ କାର୍ଯ୍ୟକର୍ତ୍ତା ଡ. ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ ଆଲୋଚନାଚକ୍ରର ଭାଗ ନେଇଥିଲେ। ଗୋପାଳକୃଷ୍ଣ ପାଢ଼ୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ବୃଷକେତୁ ଦାଶ, ହୃଷୀକେଶ ଦାସ, ସନତ ପଣ୍ଡା, ଡ. ଲକ୍ଷ୍ମୀ ନାରାୟଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ମନରେଗା ନାଁରେ ଲକ୍ଷାଧିକ ଟଙ୍କା ଖାଇଗଲେ

# ସୂଚନା ଫଳକରେ ଚାଲିଛି ପୋଖରୀ କାମ

ସାନଖେମୁଣ୍ଡି,୨୩।୧୦(ସମିସ)



ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ବୁଡ଼ଙ୍ଗପୁର ପଞ୍ଚାୟତ ପଳାଶପୁର ଗ୍ରାମ ନିକଟରେ ରହିଛି ଉପର ସାମନ୍ତରା ପୋଖରୀ। ଏହି ପୋଖରୀ ଆଖପାଖ ଗ୍ରାମ ଓ ବାଟୋଇଙ୍କ ପାଇଁ ଏକ ପ୍ରମୁଖ ଜଳଉତ୍ସ ଥିଲେ ମଧ୍ୟ କେତେକ ପ୍ରଭାବଶାଳୀ ଲୋକଙ୍କ ପାଇଁ ଉକ୍ତ ପୋଖରୀ ନଷ୍ଟ ହେବାକୁ ଲାଗିଲାଣି। ପ୍ରଥମତଃ ଦଳ ଓ ପଙ୍କ ସଫେଇ କରି ପୋଖରୀ ଜଳକୁ ସ୍ୱଚ୍ଛ କରିବାକୁ ଯୋଜନା କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନଥିବା ଅଭିଯୋଗ କରିଛନ୍ତି ଗ୍ରାମବାସୀ। ସ୍ଥାନୀୟ ଲୋକଙ୍କ ଅଭିଯୋଗ ପ୍ରତ୍ୟେକ ବର୍ଷ ଉକ୍ତ ପୋଖରୀ ପୁନରୁଦ୍ଧାର ପାଇଁ ମନରେଗା ଯୋଜନାରେ ଲକ୍ଷାଧିକ ଟଙ୍କା ମଞ୍ଜୁର ହୋଇଥିଲେ ମଧ୍ୟ କାମ ନକରି କେତେକ ପ୍ରଭାବଶାଳୀ ବ୍ୟକ୍ତି ଓ ପ୍ରଶାସନିକ ଅଧିକାରୀ ଏହି ଟଙ୍କା ଚଳୁ କରୁଛନ୍ତି। ଚଳିତ ବର୍ଷ ପଳାଶପୁର ଗ୍ରାମରେ ଉପର ସାମନ୍ତରା ପୋଖରି ପୁନରୁଦ୍ଧାର ନିର୍ମାଣ ନାମରେ ୭ ଲକ୍ଷ ୮୮ ହଜାର ୫୧୪ ଟଙ୍କା ମଞ୍ଜୁର ହୋଇଥିବା ବେଳେ କୌଣସି କାମ ନକରି ୧ ଲକ୍ଷ ୬୪ ହଜାର ୯୧୨ ଟଙ୍କା ଚଳୁ କରାଯାଇଥିବା ଅଭିଯୋଗ ହୋଇଥିଲେ ମଧ୍ୟ ସାନଖେମୁଣ୍ଡି ବ୍ଲକ ପ୍ରଶାସନ କୌଣସି ପଦକ୍ଷେପ ନେଉନଥିବା କହିଛନ୍ତି ଗ୍ରାମବାସୀ। ଏନେଇ ବୁଡ଼ଙ୍ଗପୁର ସରପଞ୍ଚ ଜାଗିଲି ସେଠୀ କହିଛନ୍ତି, ଉକ୍ତ ପୋଖରି ନିର୍ମାଣ ନାଁରେ ଡିମାଣ୍ଡ ଚାଲିଥିବା ମୁଁ ଜାଣିନଥିଲି। କିନ୍ତୁ ଯେଉଁଦିନ ଜାଣିଲି ସେହିଦିନ ଡିମାଣ୍ଡ ବନ୍ଦ କରିବାକୁ ଯନ୍ତ୍ରୀକୁ କହିଥିଲି। ହେଲେ ପୁନଶ୍ଚ କିଭଳି ଡିମାଣ୍ଡ ଚାଲିଛି ତାହା ଜଣାପଡିନାହିଁ। ଏନେଇ କନିଷ୍ଠ ଯନ୍ତ୍ରୀଙ୍କୁ ପଚାରିବାବାରୁ ସେ କହିଛନ୍ତି ଉକ୍ତ ପୋଖରୀ ପୁନରୁଦ୍ଧାର ନିର୍ମାଣ ନାମରେ ମୋତେ ନ ଜଣାଇ କିଛି ପ୍ରଭାବଶାଳୀ ଲୋକ ଏପିଓଙ୍କୁ ଧରି ଡିମାଣ୍ଡ ମାରୁଛନ୍ତି। ଏନେଇ ସାନଖେମୁଣ୍ଡି ବିଡିଓ ଜିତେନ୍ଦ୍ର କୁମାର ମିଶ୍ରଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଅଭିଯୋଗ ହୋଇଛି ଏବଂ ଖୁବଶୀଘ୍ର ତଦନ୍ତ କରାଯିବ।

## ସ୍ନାତକ କଲେଜରେ ଓଡ଼ିଆ ଆଲୋଚନାଚକ୍ର



**ସୋରଡା,୨୩।୧୦(ସମିସ):** ସ୍ଥାନୀୟ କେଶବ ପଣ୍ଡା ମହିଳା ସ୍ନାତକ ମହାବିଦ୍ୟାଳୟରେ”ଶାନ୍ତିର ବର୍ତ୍ତାବହ ଭୂମିକାରେ ନନ୍ଦିକା କେଶରୀ ଏକ ଅଧ୍ୟୟନ’ ଶୀର୍ଷକ ଓଡ଼ିଆ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରିୟସୀତା ପଣ୍ଡା ଓ ମହାବିଦ୍ୟାଳୟ ପ୍ରତିଷ୍ଠାତା କେଶବ ପଣ୍ଡା ପ୍ରମୁଖ ମଞ୍ଚାସିନ ହୋଇଥିଲେ। ମୁଖ୍ୟ ଅତିଥି ଭାବେ ଚିକିଟି ଡିଗ୍ରୀ କଲେଜର ପ୍ରଫେସର ଡ.ସଞ୍ଜୟ କୁମାର ପଣ୍ଡା ଯୋଗ ଦେବା ସହ ସମ୍ମାନୀତ ଅତିଥି ଭାବେ ସାମନ୍ତିଆପଲ୍ଲୀ କଲେଜର ଅଧ୍ୟାପକ ଡାକ୍ତର ଅଶୋକ କୁମାର ପଣ୍ଡା ଯୋଗ ଦେଇଥିଲେ। ଅଞ୍ଚଳର ବରିଷ୍ଠ ଆଇନଜୀବୀ ତଥା ସାହିତ୍ୟିକ ପ୍ରଦୀପ କୁମାର ସିଂ, ସାହିତ୍ୟ ପ୍ରେମୀ ନୃସିଂହ ଚରଣ ଗୌଡ଼, ବିଶିଷ୍ଟ କବି ଧୋବା ବେହେରା ଓ କିଛି ସାମ୍ବାଦିକ ଯୋଗ ଦେଇ ସମ୍ପୃକ୍ତ ବିଷୟ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ପ୍ରକାଶ ଚନ୍ଦ୍ର ପଣ୍ଡା ମାଧ୍ୟମିକ ଉଚ୍ଚ ବିଦ୍ୟାଳୟର ସାହିତ୍ୟ ଅଧ୍ୟାପିକା ସୁପ୍ରଭା ସେଠୀ ସଂଯୋଜନା କରିଥିଲେ । ମଧୁସ୍ମିତା ସେଠୀ ଓ ଜ୍ୟୋତ୍ସ୍ନା ରାଣୀ ସେଠୀ ପରିଚାଳନା କରିଥିବାବେଳେ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଚେତାବନୀ ଦେଲା ପୂର୍ବତଟ ରେଳପଥ

# ଟ୍ରାକ୍ କିମ୍ବା ଟ୍ରେନ୍‌ରେ ରିଲ୍ସ କଲେ କଡ଼ା କାର୍ଯ୍ୟାନୁଷ୍ଠାନ

ଭୁବନେଶ୍ୱର,୨୩।୧୦(ସମିସ): ରାତାରାତି ଭାଇରାଲ ହେବା ନିଶାରେ ଯୁବପିଢ଼ି ନିଜ ଜୀବନକୁ ବିପଦରେ ପକାଉଛନ୍ତି। କିଏ ଚଳନ୍ତା ଟ୍ରେନ୍ ଭିତରେ ରିଲ୍ସ କଲାଣି ତ, ଆଉ କିଏ ରେଲୱେ ଟ୍ରାକ୍ ଉପରେ ଭିଡିଓ କରୁଛି। ଅନେକ ଯୁବକ ମଧ୍ୟ ଟ୍ରେନ୍ ଉପରେ ଚଢି ଭିଡିଓ କରୁଛନ୍ତି। କିନ୍ତୁ ଏବେ ତାହା ଆଉ ହେବ ନାହିଁ। ଯେଉଁମାନେ ଏଭଳି ରେଲୱେ ଟ୍ରାକ୍, ଟ୍ରେନ୍ ଭିତର ଏବଂ ଟ୍ରେନ ଉପରେ ଭିଡିଓ କରିବେ, ସେମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୂର୍ବତଟ ରେଳପଥ କର୍ତ୍ତୃପକ୍ଷ କଡ଼ା ଚେତାବନୀ ଦେଇଛନ୍ତି।

ପୂର୍ବତଟ ରେଳପଥ ସ୍ପଷ୍ଟ କରିଛି ଯେ, ଏପରି ବେପରୁଆ କାର୍ଯ୍ୟ କେବଳ ଜୀବନ ପାଇଁ ବିପଦପୂର୍ଣ୍ଣ ନୁହେଁ; ବରଂ ରେଳବାଇ ଆଇନ, ୧୯୮୯ ଅନୁଯାୟୀ ଦଣ୍ଡନୀୟ ଅପରାଧ। ଏହି ପଦକ୍ଷେପ ଏକ ଚିନ୍ତାଜନକ ବିଷୟ। ସୋସିଆଲ ମିଡିଆରେ ଖ୍ୟାତି ପାଇବା ପାଇଁ ଯୁବପିଢ଼ି ଭିଡିଓ କରି ରେଳ ପରିଚାଳନାର ସୁରକ୍ଷାକୁ ବିପଦରେ ପକାଉଛନ୍ତି। ଏଥିପାଇଁ ରେଳ ସୁରକ୍ଷା ବଳ ଏବଂ ସରକାରୀ ରେଳ ପୁଲିସକୁ ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ "ଶୂନ୍ୟ ସହନଶୀଳତା' ନୀତି ଅନୁସରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆଇନଗତ କାର୍ଯ୍ୟାନୁଷ୍ଠାନ ଶୀଘ୍ର ଏବଂ କଠୋର ହେବ। ଚଳନ୍ତା ଟ୍ରେନ୍ ନିକଟରେ ଫଟୋ କିମ୍ବା ଭିଡିଓ ଧାରଣ କରିବା, କିମ୍ବା ରେଳପଥ ଉପରେ ଅନଧିକୃତ ପ୍ରବେଶ କରୁଥିବା ଯେକୌଣସି ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ ପଦକ୍ଷେପ ନେବାକୁ କୁହାଯାଇଛି। ଏହିପରି ଉଲ୍ଲଂଘନକାରୀଙ୍କ ବିରୁଦ୍ଧରେ ରେଳ ଆଇନ ୧୯୮୯ର ଧାରା ୧୪୭ ଏବଂ ୧୫୩ ଅନୁଯାୟୀ ମାମଲା ରୁଜୁ ହେବ। ଯେଉଁଥିରେ ଜେଲ୍ ଦଣ୍ଡ ସହିତ ଆର୍ଥିକ ଦଣ୍ଡ ମଧ୍ୟ ଲାଗୁ ହେବ। ପୂର୍ବତଟ ରେଳପଥ ସମସ୍ତ ନାଗରିକଙ୍କୁ ବିଶେଷକରି ଛାତ୍ର ଏବଂ କିଶୋରମାନଙ୍କୁ ସୁରକ୍ଷା ନିର୍ଦ୍ଦେଶାବଳୀ ବୁଝିବା ଏବଂ ପାଳନ କରିବାକୁ ଅନୁରୋଧ କରାଯାଇଛି।

ଏଥିସହିତ ଫଟୋଗ୍ରାଫି ସମେତ କୌଣସି କାରଣ ପାଇଁ ରେଳ ଟ୍ରାକ୍ ଉପରକୁ ନ ଯିବା ପାଇଁ କୁହାଯାଇଛି। ଚଳନ୍ତା ଟ୍ରେନରୁ ଝୁଙ୍କି ପଡ଼ିବା, ଫୁଟ୍‌ବୋର୍ଡରେ ଯାତ୍ରା କରିବା କିମ୍ବା ଭିଡିଓ କରିବା ପାଇଁ ଛାତ କିମ୍ବା ଇଞ୍ଜିନରେ ଚଢ଼ିବା ଭଳି ବିପଦପୂର୍ଣ୍ଣ ଷ୍ଟଣ୍ଟ ପ୍ରଦର୍ଶନରୁ ଦୂରେଇ ରହିବା ମଧ୍ୟ କୁହାଯାଇଛି। କାରଣ ଏପରି କାର୍ଯ୍ୟ ଉଚ୍ଚ-ଶକ୍ତିସମ୍ପନ୍ନ ଓଭରହେଡ୍ ଇଲେକ୍ଟ୍ରିକ୍ ଲାଇନ ସହିତ ଘାତକ ସଂସ୍ପର୍ଶରେ ଆସିପାରନ୍ତି। ତେଣୁ ଯାତ୍ରୀମାନେ ପ୍ଲାଟଫର୍ମ ଧାରରୁ ନିରାପଦ ଦୂରତା ବଜାୟ ରଖିବାକୁ କୁହାଯାଇଛି। ଚାଲୁଥିବା ଟ୍ରେନରୁ ଚଢ଼ିବା କିମ୍ବା ଓହ୍ଲାଇବା ମଧ୍ୟ ଏକ ଦଣ୍ଡନୀୟ ଅପରାଧ। ବିପଦପୂର୍ଣ୍ଣ ରେଳ ଷ୍ଟଣ୍ଟ ମାଧ୍ୟମରେ ସାମାଜିକ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିବାର ବାସ୍ତବ ବିପଦ ଏବଂ କଠୋର ଆଇନଗତ ପରିଣାମ ବିଷୟରେ ଯୁବପିଢ଼ିଙ୍କୁ ପରାମର୍ଶ ଦେବାକୁ ଅଭିଭାବକ ଏବଂ ଶିକ୍ଷକମାନଙ୍କୁ ଅନୁରୋଧ କରାଯାଇଛି। ପିଲାମାନଙ୍କୁ ଏ ବିଷୟରେ ସଚେତନ କରିବା ପାଇଁ ଅଭିଭାବକ ଓ ଶିକ୍ଷକମାନଙ୍କୁ ମଧ୍ୟ ରେଳବାଇ ଅନୁରୋଧ କରିଛି।

## ମାନହାନୀ ଓ କୁତ୍ସାରଟନା

# ସିଇଓଙ୍କ ନିକଟରେ ଫେରାଦ ହେଲା କଂଗ୍ରେସ

ଭୁବନେଶ୍ୱର,୨୩।୧୦(ସମିସ): ପିସିସି ସଭାପତି ଭକ୍ତ ଚରଣ ଦାସ, ତାଙ୍କ ପୁତ୍ର ତଥା ଭବାନୀପାଟଣା ବିଧାୟକ ସାଗର ଚରଣ ଦାସ ଓ କଂଗ୍ରେସ ଦଳକୁ ବଦ୍‌ନାମ କରିବା ପାଇଁ ମନଗଢ଼ା କାହାଣୀ ପ୍ରଚାର କରାଯାଉଛି। ଏ ସବୁ ଶାସକ ଦଳକୁ ସୁହାଉଥିବାରୁ ସ୍ୱଚ୍ଛ ନିର୍ବାଚନର ଦ୍ୱାହି ଦେଉଥିବା ନିର୍ବାଚନ ଅଧିକାରୀ ଓ ସାଇବର-ଅପରାଧ ସଂସ୍ଥାମାନ ସବୁ ଜାଣି ନ ଜାଣିଲା ପରି ରହୁଥିବା କଂଗ୍ରେସ ଅଭିଯୋଗ କରିଛି। ଏହାକୁ ଆଧାର କରି

### ରାଜ୍ୟବ୍ୟାପୀ ଜିଲ୍ଲା କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ

ଗୁରୁବାର ପିସିସିର ବରିଷ୍ଠ ଆଇନଜୀବୀମାନଙ୍କର ଏକ ପ୍ରତିନିଧି ଦଳ ଭୁବନେଶ୍ୱରସ୍ଥିତ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଏହି ମର୍ମରେ ଏକ ସ୍ମାରକପତ୍ର ଦାଖଲ କରିଛନ୍ତି। ଅନ୍ୟପକ୍ଷରେ ରାଜ୍ୟର ସମସ୍ତ ୩୫ ସାଙ୍ଗଠନିକ ଜିଲ୍ଲାର କଂଗ୍ରେସ ସଭାପତିମାନଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ ସହ ଶତାଧିକ କର୍ମୀଙ୍କ ଗହଣରେ ନିଜନିଜ ସଦର ମହକୁମା ସାଇବର ଥାନା ଅଧିକାରୀମାନଙ୍କୁ ଉକ୍ତ ଚାନେଲଗୁଡ଼ିକ ତୁରନ୍ତ ବନ୍ଦ କରିବା ସହ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଛି।

ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅନୁପସ୍ଥିତିରେ ଦାବି ଗ୍ରହଣ କରିଥିବା ଅଧିକାରୀଙ୍କୁ ସବିଶେଷ ତଥ୍ୟ ଓ ପ୍ରମାଣ ଉପସ୍ଥାପନ କରିଥିଲେ।



ଦାବିପତ୍ରରେ ପ୍ରଦେଶ କଂଗ୍ରେସ ସଭାପତିଙ୍କ ବିରୋଧରେ ବିନା ପ୍ରମାଣ, ବିନା ତଥ୍ୟ ଆଧାରରେ ସମ୍ମାନହାନି କରିଥିବା ଗଣମାଧ୍ୟମ ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦାବି କରାଯାଇଥିଲା। ଏଥିସହିତ କିଛି ଅସାମାଜିକ ବ୍ୟକ୍ତିତ୍ୱ କଂଗ୍ରେସ ବିରୋଧରେ କରୁଥିବା ଅପପ୍ରଚାର ଉପରେ ରୋକ ଲଗାଇବା ପାଇଁ ଅନୁରୋଧ କରାଯାଇଥିଲା। ଉକ୍ତ ପ୍ରତିନିଧି ଦଳରେ ବରିଷ୍ଠ ଆଇନଜୀବୀ ତଥା ରାଜ୍ୟ ସଂଖ୍ୟାଲଘୁ ବିଭାଗର ଅଧ୍ୟକ୍ଷ ଜିଆ-ଉଲ-ହକ୍ ଆଇନଜୀବୀ ତଥା ବରିଷ୍ଠ ମୁଖପାତ୍ର ଲଲାଟେନ୍ଦୁ ଦାସ, ନିଶିକାନ୍ତ ମିଶ୍ର, ଡ.ମନିଷା ଦାସପଟ୍ଟନାୟକ, ବରିଷ୍ଠ ମୁଖପାତ୍ର ତଥା ପ୍ରଦେଶ କଂଗ୍ରେସ ତଥ୍ୟ, ଗବେଷଣା ଓ ଅନୁସଂଧାନର ମୁଖ୍ୟ ଜଗଦାନନ୍ଦ ପ୍ରଧାନ, ଆଇନଜୀବୀ ତଥା କଂଗ୍ରେସ ନେତା ମନୋଜ ନାୟକ, ପିସିସି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ରାଜ୍ୟରେ ବିଜେପି ଆକ୍ରୋଶମୂଳକ ରାଜନୀତି ଆରମ୍ଭ କରିଛି: ବିଜେଡି

ଭୁବନେଶ୍ୱର,୨୩।୧୦(ସମିସ): ଗଞ୍ଜାମର ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାରେ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କ ଗିରଫକୁ କଡ଼ା ଆଭିମୁଖ୍ୟ ପ୍ରକାଶ କରିଛି ବିଜେଡି। ଗତ ୧୬ ମାସର ରାଜ୍ୟରେ ଶାସନ ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡି ପଡ଼ିଥିବା ବେଳେ ବିଜେପି ହତାଶ ହୋଇ ବିଜେଡି ନେତାମାନଙ୍କୁ ଟାର୍ଗେଟ କରିବା ଆରମ୍ଭ କରିଛି ବୋଲି ଦଳ ପକ୍ଷରୁ କୁହାଯାଇଛି। ଦେଶର ଅପରାଧ ତାଲିକାରେ, ୮ମ ସ୍ଥାନରେ ରହିଛି। ରାଜ୍ୟରେ ହତ୍ୟା, ଦୁଷ୍କର୍ମ, ଗଣଦୁଷ୍କର୍ମ, ରାହାଜାନି ଇତ୍ୟାଦି ଘଟଣାମାନ ଅହେତୁକ ବୃଦ୍ଧି ପାଇଛି। ରାଜ୍ୟର ଆଇନ ଶୃଙ୍ଖଳା ସ୍ଥିତି ଉପରେ ସରକାରଙ୍କ ନିୟନ୍ତ୍ରଣ ନାହିଁ ବୋଲି ଜନସାଧାରଣଙ୍କ ହୃଦବୋଧ ହୋଇଛି। ରାଜ୍ୟର ସରକାରୀ କାର୍ଯ୍ୟାଳୟ ବ୍ଲକ ଓ ପଞ୍ଚାୟତ ଅଫିସ ଆଦିରେ ବିଜେପି କର୍ମୀ ମାନଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଇଛି। ରାଜ୍ୟର ଥାନାଗୁଡିକ ବିଜେପି ନେତା ଓ କର୍ମୀମାନଙ୍କ ଆଡ୍ଡାସ୍ଥଳୀ ପାଲଟିଛି। ବିଜେପି କର୍ମୀମାନଙ୍କ ସହାଭାଗିତାରେ ଚୋରା ବାଲି, ଚୋରା ଚିପ୍ସ ଓ ଚୋରା ମଦ କାରବାର ମଧ୍ୟ ଅହେତୁକ ବୃଦ୍ଧି ପାଇଛି। ବିଜେପି ନେତା, କର୍ମୀ ଓ ଅପରାଧୀଙ୍କ ସହିତ ଏକ ଅସାଧୁ ମେଣ୍ଟ ମାଧ୍ୟମରେ ଏହି ସବୁ ଚୋରା କାରବାର ବୃଦ୍ଧି ପାଇଛି। ଏହାଛଡ଼ା ସରକାରୀ ଚାକିରୀକୁ ବିକ୍ରୟ କରିବା ପାଇଁ ଏକ ପ୍ରକାରର ନିଲାମ ଡକାଯାଉଛି। ଏହି ସବୁ ବିଫଳତାକୁ ଲୁଚାଇବା ପାଇଁ ବିଜେପି ସରକାର ଏବେ ରକ୍ତମୁଖା ହୋଇ ବିରୋଧୀ ଦଳକୁ ଟାର୍ଗେଟ କରିବା ଆରମ୍ଭ କରିଛି। ସେହି ନ୍ୟାୟରେ ପୂର୍ବତନ ବିଧାୟକ ତଥା ଗଞ୍ଜାମ ଜିଲ୍ଲା ବିଜେଡି ସଭାପତି ବିକ୍ରମ ପଣ୍ଡାଙ୍କୁ ପୀତବାସ ପଣ୍ଡାଙ୍କ ହତ୍ୟା ଘଟଣାରେ ଗିରଫ କରାଯାଇଛି। ଏହି ଘଟଣାରେ ବିକ୍ରମଙ୍କ ସମ୍ପୃକ୍ତି ନେଇ କୌଣସି ପ୍ରମାଣ ନଥିଲେ ମଧ୍ୟ ତାଙ୍କୁ ଗିରଫ କରାଯାଇଛି।

- ମିଥ୍ୟା କେସରେ ରାଜନେତାଙ୍କୁ ଗିରଫ କରିବା ବିଜେପିର ପୁରୁଣା ଅଭ୍ୟାସ
- ବିଜେପି ନେତାଙ୍କ ସମ୍ପୃକ୍ତିରେ ରାଜ୍ୟରେ ଚୋରା କାରବାର ଅହେତୁକ ବୃଦ୍ଧି

ଦେଶରେ ପ୍ରତିପକ୍ଷ ଦଳର ନେତା ମାନଙ୍କୁ ମିଥ୍ୟା ମାମଲାରେ ଗିରଫ କରିବା ବିଜେପିର ପୁରୁଣା ଅଭ୍ୟାସ ରହିଛି। ଓଡ଼ିଶାରେ ବିଜେପି ଶାସନକୁ ଆସିବା ପରେ ଏହି ପ୍ରକ୍ରିୟା ଏଠାରେ ମଧ୍ୟ ଆରମ୍ଭ ହୋଇଛି। ବିଜୁ ଜନତା ଦଳ ଏହି ଅନ୍ୟାୟ ବିରୋଧରେ ଲଢେଇ ଜାରି ରଖିବ। ଆଇନଗତ ଲଢେଇ ସହିତ ରାଜରାସ୍ତାରେ ମଧ୍ୟ ବିଜେଡି ଏହି ଲଢେଇ ଜାରି ରଖିବ ବୋଲି ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡ.ଲେନିନ ମହାନ୍ତି ପ୍ରକାଶ କରିଛନ୍ତି।

ସେ କହିଛନ୍ତି ଯେ ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି ଓ ମହିଳା ନିର୍ଯାତନା ବୃଦ୍ଧି ପାଇଛି। ଓଡ଼ିଶା

# ଓଏଚ୍‌ଆର୍‌ସିରେ ଏଣିକି ଭିଡିଓ କନ୍‌ଫରେନ୍ସିଂରେ ଶୁଣାଣି

ଭୁବନେଶ୍ୱର, ୨୩।୧୦(ସମିସ): ଦୂରଦୂରାନ୍ତରୁ ରାଜ୍ୟ ମାନବାଧିକାର କମିସନ (ଓଏଚ୍‌ଆର୍‌ସି)ଙ୍କ କାର୍ଯ୍ୟାଳୟକୁ ଅଭିଯୋଗ ନେଇ ଆସୁଥିବା ଲୋକଙ୍କ ପାଇଁ ଖୁସି ଖବର। ଶୁଣାଣି ବେଳେ ଓଏଚ୍‌ଆର୍‌ସି କାର୍ଯ୍ୟାଳୟରେ ପ୍ରତ୍ୟକ୍ଷ ହାଜର ନ ହୋଇ ଭିଡିଓ କନଫରେନ୍ସିଂ ମାଧ୍ୟମରେ ମଧ୍ୟ ହାଜର ହୋଇପାରିବେ। ଓଡ଼ିଶା ମାନବାଧିକାର କମିସନ, ଭୁବନେଶ୍ୱରଙ୍କ ଦ୍ୱାରା ସମସ୍ତ ବେଞ୍ଚମାନଙ୍କ ଦ୍ୱାରା ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କରିବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟାକୁ ଏକୀକୃତ ଏବଂ ସୁବ୍ୟବସ୍ଥିତ କରିବା ପାଇଁ କମିସନ ନିୟମ ଓ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଆସନ୍ତା ୨୭ ତାରିଖ (ସୋମବାର)ଠାରୁ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଶୁଣାଣି କାର୍ଯ୍ୟକାରୀ କରାଯିବ।

କମିସନଙ୍କ ସମସ୍ତ ବେଞ୍ଚ "ଗୁଗୁଲ ମିଟ୍" ପ୍ଲାଟଫର୍ମ ମାଧ୍ୟମରେ ଭିଡିଓ କନଫରେନ୍ସିଂ ଏବଂ ପ୍ରତ୍ୟକ୍ଷ୍ୟ, ଉଭୟ ଭାବେ କାର୍ଯ୍ୟ ସଂପାଦନ କରିବେ। ଯେଉଁ ପକ୍ଷ ବା ପରାମର୍ଶଦାତାମାନେ ଦୂରଦୂରାନ୍ତରୁ ଆଭାସୀ ମାଧ୍ୟମରେ ଉପସ୍ଥିତ ହେବାକୁ ଇଚ୍ଛୁକ ଥିବେ, ସେମାନେ ଅଭିଯୋଗକାରୀଙ୍କ ନାମ, ମାମଲା, ନମ୍ବର, ବେଞ୍ଚ ନାମ ଏବଂ ଭିସି ମାଧ୍ୟମରେ ହାଜର ହେବାକୁ ଇଚ୍ଛୁକ ବ୍ୟକ୍ତିଙ୍କ ବିବରଣୀ ଫର୍ମ ପୂରଣ କରି ଶୁଣାଣି ପୂର୍ବ ତାରିଖ ଅପରାହ୍ଣ ୪ଟା ସୁଦ୍ଧା କମିସନଙ୍କ ଇ-ମେଲ୍‌ରେ ପଠାଇବାକୁ ପଡ଼ିବ। ଶୁଣାଣି ଦିନ ପଠାଯାଇଥିବା କୌଣସି ଇ-ମେଲ ଅନୁରୋଧକୁ ଗ୍ରହଣ କରାଯିବ ନାହିଁ ବୋଲି କମିସନ ସ୍ପଷ୍ଟ କରିଛନ୍ତି।

ସମସ୍ତ ମାମଲା ସୂଚୀବଦ୍ଧ ଥିବା କ୍ରମିକ ସଂଖ୍ୟା ଅନୁଯାୟୀ ବିଚାର କରାଯିବ। ପକ୍ଷ ଓ ଓକିଲମାନେ ଶୁଣାଣି ଦିନ ସକାଳ ୧୧ଟାରୁ କମିସନଙ୍କ ୱେବସାଇଟ୍‌ରେ ଭିଡିଓ ଲିଙ୍କ୍ ଏବଂ ସମୟ ଦେଖିପାରିବେ। ନିର୍ଦ୍ଦିଷ୍ଟ ସମୟର ୫ମିନିଟ୍ ପୂର୍ବରୁ ଭିଡିଓ କନଫରେନ୍ସିଂରେ ଯୋଗ ଦେବାକୁ ପଡ଼ିବ। ସମସ୍ତ ପକ୍ଷ ଓ ଅଂଶଗ୍ରହଣକାରୀମାନେ ଭିଡିଓ କନଫରେନ୍ସିଂ ସମୟରେ ଯଥୋଚିତ ସୌଜନ୍ୟ ଓ ମର୍ଯ୍ୟାଦା ଅନୁସରଣ କରିବେ।

## ଏସିଏଫ୍ ସୌମ୍ୟରଂଜନ ମୃତ୍ୟୁ ମାମଲା

# ତତ୍କାଳୀନ ଡିଏଫ୍‌ଓ ଓ ରୋଷେୟାଙ୍କ ଆଗୁଆ ଜାମିନ ଆବେଦନ ଖାରଜ

କଟକ, ୨୩।୧୦ (ସମିସ): ବହୁଚର୍ଚ୍ଚିତ ପାରଳା ଆସିଷ୍ଟାଣ୍ଟ କନଜରଭେଟର୍ ଅଫ୍ ଫରେଷ୍ଟ (ଏସିଏଫ) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମୃତ୍ୟୁ ଘଟଣାରେ ଅଭିଯୁକ୍ତ ପାରଳାଖେମୁଣ୍ଡିର ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ଆଗୁଆ ଜାମିନ ଆବେଦନକୁ ହାଇକୋର୍ଟ ଆଜି ଖାରଜ କରିବା ସହ ପୂର୍ବରୁ ଜାରି ଅନ୍ତରୀଣ ସୁରକ୍ଷାକୁ ହଟାଇ ଦେଇଛନ୍ତି। ଜଷ୍ଟିସ ଭି.ନରସିଂହ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଏଥିସହ ଆବେଦନକାରୀ ଚାହିଁଲେ ନିମ୍ନ ଅଦାଲତରେ ଆତ୍ମସମର୍ପଣ କରି ନିୟମିତ ଜାମିନ ଆବେଦନ କରିପାରିବେ ଓ ଯୋଗ୍ୟତା ଆଧାରରେ ଏହି ଆବେଦନର ବିଚାର ସମ୍ପୃକ୍ତ ଅଦାଲତ କରିବେ ବୋଲି କହିଛନ୍ତି ହାଇକୋର୍ଟ।

ଉଭୟଙ୍କ ବିରୋଧରେ ନିମ୍ନ ଅଦାଲତ ଜାମିନ ବିହୀନ ଗିରଫ ପରୱାନା (ଏନବିଡବ୍ଲୁ) ଗତ ଅଗଷ୍ଟ ୧୪ରେ ଜାରି କରିଥିଲେ। ଗିରଫଦାରୀ ଏଡ଼ାଇବାକୁ ସେମାନେ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଥିଲେ। ହାଇକୋର୍ଟ ଗତ ଅକ୍ଟୋବର ୧୬ ତାରିଖରେ ଏନ୍‌ବିଡବ୍ଲୁ ଆଧାରରେ କାର୍ଯ୍ୟାନୁଷ୍ଠାନ ଉପରେ ଅନ୍ତରୀଣ ରୋକ୍ ଲଗାଇଥିଲେ। ଯାହା ହଟିବା ପରେ ସେମାନଙ୍କ ଅଡୁଆ ବଢ଼ିଛି। ଗତ ୨୦୨୧, ଜୁଲାଇ ୧୨ ତାରିଖ ରାତିରେ ଫରେଷ୍ଟ କଲୋନିସ୍ଥିତ ନିଜ ସରକାରୀ କ୍ୱାର୍ଟର୍ସରେ ବନବିଭାଗରେ କାର୍ଯ୍ୟରତ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ସନ୍ଦେହଜନକ ଅବସ୍ଥାରେ ପୋଡ଼ି ହୋଇ ପ୍ରାଣ ହରାଇଥିଲେ। ପୁଲିସ ଓ କ୍ରାଇମବ୍ରାଞ୍ଚର ତଦନ୍ତରେ ୨୦୨୨ ମସିହାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ହତ୍ୟା ମାମଲାରୁ କ୍ଲିନ୍‌ଚିଟ୍ ମିଳିଥିଲା। ଆବେଦନକାରୀଙ୍କ ବିରୋଧରେ ଆଇପିସିର ଧାରା ୨୮୫ ଓ ୩୦୪-ଏ ଅନୁସାରେ ପୁଲିସ ଚୂଡ଼ାନ୍ତ ଚାର୍ଜସିଟ୍ ଦାଖଲ କରିସାରିଥିବା ବେଳେ ପ୍ରତିପକ୍ଷ ମୃତ ଏସିଏଫ ସୌମ୍ୟରଂଜନଙ୍କ ବାପା ଅଭିରାମ ମହାପାତ୍ରଙ୍କ ପ୍ରୋଟେଷ୍ଟ ପିଟିସନ୍ ଆଧାରରେ ପାରଳା ଏସଡିଜେଏମ ଅଦାଲତ ଆଇପିସିର ଦଫା ୩୦୨ (ହତ୍ୟା) ଓ ୧୨୦ (ବି) ଅନୁସାରେ ସାନି ମାମଲା ଗ୍ରହଣ କରିଥିଲେ।

# ଚଳିତ ବର୍ଷ ୫୦ ହଜାର ଏକରରେ ଆଳୁଚାଷ ଯୋଜନା

ଭୁବନେଶ୍ୱର, ୨୩।୧୦(ସମିସ): ଆଳୁ ଉତ୍ପାଦନରେ ଓଡ଼ିଶାକୁ ଆତ୍ମନିର୍ଭରଶୀଳ ହେବ। ଏଥିପାଇଁ ସରକାର ରୋଡ୍ ମ୍ୟାପ୍ ପ୍ରସ୍ତୁତ କରିଛନ୍ତି। ଚାଷୀଙ୍କୁ ଆଗୁଆ ବିହନ ଯୋଗାଇ ଦିଆଯିବ। ରାଜ୍ୟର ପ୍ରାୟ ୫୦ ହଜାରରୁ ଅଧିକ ଏକର ଜମିରେ ଆଳୁଚାଷ କରାଯିବ। ଏଥିପାଇଁ ପ୍ରାୟ ୩ ଲକ୍ଷ କୁଇଣ୍ଟାଲ୍ ବିହନ ଚାଷୀଙ୍କୁ ଯୋଗାଇ ଦିଆଯିବ।

### ୩ଲକ୍ଷ କୁଇଣ୍ଟାଲ ବିହନ ଯୋଗାଇବାକୁ ଉପମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ

ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ଏନେଇ ନିଷ୍ପତ୍ତି ହୋଇଛି। ସେହିପରି ଆବଶ୍ୟକ ଅନୁଯାୟୀ ରାଜ୍ୟର ସମସ୍ତ ଜିଲ୍ଲାକୁ ବିହନ ଯୋଗାଇ ଦିଆଯିବ। ନଭେମ୍ବର ପ୍ରଥମ ସପ୍ତାହରୁ ବିହନ ଯୋଗାଣ ଆରମ୍ଭ ହେବ। ଏହା ସହିତ ପ୍ରାୟ ୬ହଜାର ହେକ୍ଟର ଜମିରେ ପିଆଜ ଚାଷ, ହଜାରେ ହେକ୍ଟରରେ ଲଙ୍କା, ୩ଶହ ହେକ୍ଟରରେ ରସୁଣ ଚାଶ ପାଇଁ ବିହନ ପ୍ରଦାନ କରାଯିବ ବୋଲି ଯୋଜନା ରହିଛି। ବୈଠକରେ ବିଭାଗୀୟ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀଙ୍କ ସମେତ ନିର୍ଦ୍ଦେଶକ ଶୁଭମ ସକ୍ସେନା, ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱାମନ ଓ କୃଷି ବିଭାଗ, ଉଦ୍ୟାନ କୃଷି ଅଧିକାରୀ ତଥା ଓଡ଼ିଶା ବିହନ ନିଗମର ଅଧିକାରୀମାନେ ଉପସ୍ଥିତ ଥିଲେ।

# ଡାଲି ଜାତୀୟ ଫସଲର 'ବିହନ ହବ୍' ହେବ ଓଡ଼ିଶା

ଭୁବନେଶ୍ୱର, ୨୩।୧୦(ସମିସ): ଡାଲି ଜାତୀୟ ଶସ୍ୟ ଉତ୍ପାଦନରେ ଆତ୍ମନିର୍ଭରଶୀଳ ହେବ ଓଡ଼ିଶା। ଓଡ଼ିଶା କ୍ଲଷ୍ଟର ପଦ୍ଧତିରେ ହରଡ଼, କଳା ଚଣା ଏବଂ ଅନ୍ୟାନ୍ୟ ଡାଲି ଜାତୀୟ ଫସଲ ଚାଷକୁ ପ୍ରୋତ୍ସାହିତ କରିବେ ରାଜ୍ୟ ସରକାର। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଗୁରୁବାର ଅନୁଷ୍ଠିତ ସଘନ କୃଷି କାର୍ଯ୍ୟକ୍ରମ ବୈଠକରେ ଏନେଇ ଆଲୋଚନା ହୋଇଛି। ସବୁ ଋତୁରେ ଚାଷ କରାଯାଇପାରୁଥିବା ଆଇସିପିଭି-୨୫୪୪୪ ପ୍ରଜାତିର ହରଡ଼ ବିହନକୁ ବିକଶିତ କରାଯାଇଛି। ଏହାକୁ ୪୫ ଡିଗ୍ରୀ ସେଲସିୟସ୍ ପର୍ଯ୍ୟନ୍ତ ଉତ୍ତାପ ଏବଂ ୧୨୦ ଦିନ ମଧ୍ୟରେ ଉତ୍ପାଦନ କରାଯାଇପାରିବ। ସେହିପରି ଓଡ଼ିଶା ରାଜ୍ୟ ବିହନ ନିଗମ ଲିମିଟେଡ୍ ଦ୍ୱାରା ବିଲୁପ୍ତ ପ୍ରାୟ କିସମ ବର୍ଗରେ ଆସୁଥିବା ଡଙ୍ଗରରାଣୀ ଏବଂ କାନ୍ଦୁଲ ଭଳି ପାରମ୍ପରିକ ହରଡ଼ କିସମ ମଧ୍ୟ ଚାଷ କରିବା ପାଇଁ ଉପମୁଖ୍ୟମନ୍ତ୍ରୀ ପରାମର୍ଶ ଦେବା ସହ ଡାଲିରେ ଆଲନିର୍ଭର ହେବାକୁ ପ୍ରଥମେ "ବିହନ କେନ୍ଦ୍ର'ରେ ରାଜ୍ୟକୁ ପରିଣତ କରିବାକୁ ଗୁରୁତ୍ୱାରୋପ କରିଛନ୍ତି।

# ଲାଞ୍ଚ ମାମଲାରେ କିରାଣିଙ୍କୁ ୪ ବର୍ଷ ଜେଲ୍ ଦଣ୍ଡ

ଭୁବନେଶ୍ୱର,୨୩।୧୦(ସମିସ): ଏକ ଲାଞ୍ଚ ମାମଲାର ବିଚାର କରି ଭୁବନେଶ୍ୱର ଭିଜିଲାନ୍ସ କୋର୍ଟର ସ୍ୱତନ୍ତ୍ର ବିଚାରପତି ଜଣେ ପୂର୍ବତନ କନିଷ୍ଠ କିରାଣିଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ୪ ବର୍ଷ ଜେଲ୍ ଦଣ୍ଡାଦେଶ ଦେଇଛନ୍ତି। ଅଭିଯୁକ୍ତ ଜଣକ ହେଉଛନ୍ତି ଶରତ କୁମାର ରାଉତ। ସେ ଯାଜପୁର ରୋଡ ଔଷଧ ନିରୀକ୍ଷକ କାର୍ଯ୍ୟାଳୟରେ କନିଷ୍ଠ କିରାଣି ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ବ୍ୟକ୍ତିଙ୍କୁ ଔଷଧ ଲାଇସେନ୍ସ କରାଇଦେବା ଲାଗି ୬ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଲାଞ୍ଚ ନେବା ସମୟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଗିରଫ କରିଥିଲେ।

# ଆସନ୍ତା ଡିସେମ୍ବରରେ ଓଡ଼ିଶାରେ ଦୁଇଦିନିଆ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ

ଭୁବନେଶ୍ୱର,୨୩।୧୦(ସମିସ): ଟୋନି ବ୍ଲେୟାର ଇନଷ୍ଟିଚ୍ୟୁଟ ଏବଂ ଓଡ଼ିଶା ସରକାରଙ୍କ ମିଳିତ ଆନୁକୂଲ୍ୟରେ ଆସନ୍ତା ଡିସେମ୍ବର ମାସ ୬-୭ ରେ ଓଡ଼ିଶାରେ ଆୟୋଜିତ ଗ୍ଲୋବାଲ ଏନର୍ଜି ଲିଡର୍ସ ସମ୍ମିଳନୀ ଆୟୋଜିତ ହେବାକୁ ଯାଉଛି। ଏଥିରେ ଦେଶବିଦେଶରୁ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେବେ। ଏମାନଙ୍କ ମଧ୍ୟରେ ୟୁକେର ପୂର୍ବତନ ପ୍ରଧାନମନ୍ତ୍ରୀ ଟୋନି ବ୍ଲେୟାର, ଫିନ୍‌ଲ୍ୟାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ଟିବିଆଇର ଷ୍ଟ୍ରାଟେଜିକ୍ କାଉନସେଲର୍ ସନା ମରିନ, ୟୁଏଇ, ସିଙ୍ଗାପୁର, ଭୁଟାନର ଶକ୍ତି ମନ୍ତ୍ରୀ ପ୍ରମୁଖ ଯୋଗଦେବା ଯୋଜନା ରହିଛି। ଏହି ସମ୍ମିଳନୀରେ ଭାରତର ସମସ୍ତ ରାଜ୍ୟର ଶକ୍ତିମନ୍ତ୍ରୀମାନେ ଯୋଗଦେବେ ଏବଂ ଅଧିବେଶନକୁ ସମ୍ବୋଧିତ ମଧ୍ୟ କରିବେ।

- କେନ୍ଦ୍ର ଶକ୍ତିମନ୍ତ୍ରୀଙ୍କ ସମେତ ସବୁ ରାଜ୍ୟର ଶକ୍ତିମନ୍ତ୍ରୀଙ୍କ ଯୋଗଦାନ
- ଭାରତର ଶକ୍ତି କ୍ଷେତ୍ରକୁ ମିଳିବ ଅଧିକ ନିବେଶ ଓ ପ୍ରୋତ୍ସାହନ

ଏହି ପରିପ୍ରେକ୍ଷୀରେ ଉପମୁଖ୍ୟମନ୍ତ୍ରୀ ତଥା ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ସମ୍ମିଳନୀ ଭାରତର ଶକ୍ତି କ୍ଷେତ୍ରରେ ନିବେଶ ତଥା ପ୍ରୋତ୍ସାହନ ପାଇଁ ଏକ ସୁନ୍ଦର ପ୍ଲାଟଫର୍ମ ଯୋଗାଇଦେବ ଏବଂ ପରିବେଶ ସହିତ ଅର୍ଥନୀତିର ସାମଞ୍ଜସ୍ୟ ରଖି ଉତ୍କୃଷ୍ଟ ଓଡ଼ିଶା ଗଠନ ଦିଗରେ ସହାୟକ ହେବ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ କହିଛନ୍ତି। ଏହି ଦୁଇଦିନିଆ ସମ୍ମିଳନୀରେ ବିଭିନ୍ନ ଅଧିବେଶନ ରହିଛି। ଏଥିରେ ଓଡ଼ିଶାର କଳା, ସଂସ୍କୃତି ଓ ଐତିହ୍ୟର ପ୍ରଦର୍ଶନ ମଧ୍ୟ ହେବ। ବୈଠକରେ ଶକ୍ତି ବିଭାଗ ପ୍ରମୁଖ ଶାସନ ସଚିବ ବିଶାଳ କୁମାର ଦେବ, ସିଏମଡି, ଓପିଟିସିଏଲ ଭାସ୍କର ଜ୍ୟୋତି ଶର୍ମା, ଗ୍ରୀଡ୍‌କୋର ପରିଚାଳନା ନିର୍ଦ୍ଦେଶକ ସତ୍ୟପ୍ରିୟ ରଥ, ଟିବିଆଇ ପକ୍ଷରୁ ବିବେକ ଅଗ୍ରୱାଲ, ନିନାଦ ସାଗର ଓ ପିଏରେ ୱାଲ୍‌ସ (ଆଭାସୀ) ପ୍ରମୁଖ ଉପସ୍ଥିତ ଥିଲେ।

# ଦୁଇ ଦିନିଆ ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୫ ଆରମ୍ଭ

ଭୁବନେଶ୍ୱର, ୨୩।୧୦ (ସମିସ): ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ଦ୍ୱାରା ଆୟୋଜିତ ଦୁଇଦିନିଆ "ଓଡ଼ିଶା ସହରାଞ୍ଚଳ ସମ୍ମିଳନୀ ୨୦୨୫" ଭୁବନେଶ୍ୱରରେ ଉଦଘାଟିତ ହୋଇଛି। ଏଥିରେ ଓଡ଼ିଶାର ସହରଗୁଡ଼ିକୁ ସ୍ମାର୍ଟ, ସମାବେଶୀ ଏବଂ ସ୍ଥାୟୀ ସହରାଞ୍ଚଳ ଭବିଷ୍ୟତ ଦିଗରେ ଆଗେଇ ନେବାର ଲକ୍ଷ୍ୟ ରହିଛି। ଏହି ସମ୍ମିଳନୀ ହେଉଛି ଏକ ରଣନୈତିକ ପଦକ୍ଷେପ ଯାହା ୨୦୩୬ ସୁଦ୍ଧା ଏକ ବିକଶିତ ଓଡ଼ିଶା ଏବଂ ୨୦୪୭ ସୁଦ୍ଧା ଏକ ବିକଶିତ ଭାରତର ଦୀର୍ଘକାଳୀନ ବିକାଶ ଲକ୍ଷ୍ୟ ସହିତ ମେଳ ଖାଉଛି। ଏହି ସମ୍ମିଳନୀରେ ସହରାଞ୍ଚଳ ସ୍ଥାନୀୟ ସଂସ୍ଥା, ସରକାରୀ ବିଭାଗ, ନୀତିଗତ ଅନୁଷ୍ଠାନ, ସହରାଞ୍ଚଳ ଯୋଜନାକାରୀ, ପ୍ରଯୁକ୍ତି ପ୍ରଦାନକାରୀ, ଆର୍ଥିକ ଅନୁଷ୍ଠାନ ଏବଂ ଏକାଡେମିକ୍ ବିଶେଷଜ୍ଞଙ୍କ ପ୍ରମୁଖ ଅଂଶୀଦାରମାନଙ୍କୁ ଏକାଠି କରାଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ପ୍ରମୁଖ ସଚିବ ଉଷା ପାଢୀ ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରି ସମ୍ମିଳନୀ ଆୟୋଜନ ଲକ୍ଷ୍ୟ ଉପରେ ଆଲୋକପାତ କରି ରାଜ୍ୟର ସହରାଞ୍ଚଳ ବିକାଶ ରୋଡମ୍ୟାପ ଏବଂ ଭବିଷ୍ୟତ ପ୍ରସ୍ତୁତ ସହର ହାସଲ ପାଇଁ ସହଯୋଗୀ ଶାସନ, ନାଗରିକ-କୈନ୍ଦ୍ରିକ ଯୋଜନା ଏବଂ ବୈଷୟିକ ଜ୍ଞାନକୌଶଳ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଗୃହନିର୍ମାଣ ଓ ନଗରଉନ୍ନୟନ ମନ୍ତ୍ରୀ ଡା କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ସମ୍ମିଳନୀକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ତାଙ୍କ ବକ୍ତବ୍ୟରେ ଡା ମହାପାତ୍ର ସ୍ଥାୟୀ ସହରାଞ୍ଚଳ ଭିତ୍ତିଭୂମି, ଦକ୍ଷ ସେବା ପ୍ରଦାନ ଏବଂ ଜୀବନ୍ତ ସହରାଞ୍ଚଳ କେନ୍ଦ୍ର ନିର୍ମାଣରେ ସ୍ଥାନୀୟ ଶାସନକୁ ସଶକ୍ତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଉପରେ ଗୁରୁତ୍ୱାରୋପ କରିଥିଲେ। ୟୁଏଲ୍‌ବି ଗୁଡ଼ିକରେ ଆର୍ଥିକ ପରିଚାଳନା ପୌରପାଳିକାଗୁଡ଼ିକର ଆର୍ଥିକ ଉନ୍ନତି ଆଣିବା, ରାଜସ୍ୱ ସୃଷ୍ଟି, ବଜେଟ୍ ସ୍ୱଚ୍ଛତା ଏବଂ ସହରଗୁଡ଼ିକର ଋଣ ଯୋଗ୍ୟତା। ପିଏମ ସ୍ୱନିଧି ଏବଂ ସହରାଞ୍ଚଳ ଜୀବିକା ପିଏମ ଷ୍ଟ୍ରିଟ୍ ଭେଣ୍ଡର୍ ଆତ୍ମନିର୍ଭର ନିଧି (ପିଏମ୍‌ସ୍ୱନିଧି) ଯୋଜନାର କାର୍ଯ୍ୟକାରିତା ବୃଦ୍ଧି ଏବଂ ସହରାଞ୍ଚଳର ଅନୌପଚାରିକ ଶ୍ରମିକମାନଙ୍କୁ ସଶକ୍ତ କରିବା ପାଇଁ ଲାଭପ୍ରଦ ପଦକ୍ଷେପ। ପ୍ରାରମ୍ଭରେ ପୌର ପ୍ରଶାସନ ନିର୍ଦ୍ଦେଶକ ଅରିନ୍ଦମ ଡାକୁଆ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅଂଶଗ୍ରହଣକାରୀମାନେ ଓଡ଼ିଶାର ସହରାଞ୍ଚଳ ମିଶନକୁ ଜାତୀୟ ଏବଂ ବିଶ୍ୱସ୍ତରୀୟ ସ୍ଥିରତା ଲକ୍ଷ୍ୟ ସହିତ ଯୋଡ଼ିବାର ଆବଶ୍ୟକତାକୁ ଦୋହରାଇଥିଲେ।

# ନଭେମ୍ବର ୭ରୁ ଭୁବନେଶ୍ୱରରେ ଭାରତୀୟ ରୋଡ୍‌ସ କଂଗ୍ରେସର ୮୪ତମ ବାର୍ଷିକ ସମ୍ମେଳନ

ଭୁବନେଶ୍ୱର,୨୩।୧୦(ସମିସ): ଇଣ୍ଡିଆନ ରୋଡ୍‌ସ କଂଗ୍ରେସ (ଆଇଆର୍‌ସି)ର ୮୪ତମ ବାର୍ଷିକ ସମ୍ମେଳନ ଆସନ୍ତା ନଭେମ୍ବର ୭ରୁ ଭୁବନେଶ୍ୱରରେ ଆୟୋଜିତ ହେବ। ଜନତା ମୈଦାନଠାରେ ଆୟୋଜନ ହେବାକୁ ଥିବା ଆଇଆର୍‌ସିର ଏହି ୪ ଦିନିଆ ବାର୍ଷିକ

### ଯୋଗଦେବେ କେନ୍ଦ୍ରମନ୍ତ୍ରୀ ନିତିନ ଗଡ଼କରୀ

କାର୍ଯ୍ୟକ୍ରମରେ କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନିତିନ ଗଡ଼କରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମେଳନରେ ଦେଶର ବିଭିନ୍ନ ସ୍ଥାନରୁ ୨,୦୦୦ରୁ ଅଧିକ ପ୍ରତିନିଧି ସାମିଲ ହେବେ। ଯେଉଁଥିରେ ସଡକ ଇଞ୍ଜିନିୟର୍ସ, ପ୍ରଯୁକ୍ତି ବିଶେଷଜ୍ଞ, ନୀତି ନିର୍ଦ୍ଦେଶକ, ଶିଳ୍ପ ଜଗତର ପେଶାଦାର ଓ ଆଇଆଇଟି, ଏନଆଇଟି ଓ ବିଭିନ୍ନ ଇଞ୍ଜିନିୟରିଂ କଲେଜର ଛାତ୍ର ଓ ଗବେଷକମାନେ ଯୋଗଦେବେ ବୋଲି ଗୁରୁବାର ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ସୂଚନା ଦେଇଛନ୍ତି। ଓଡ଼ିଶା ଷଷ୍ଠ ଥର ପାଇଁ ଏହି ମହତ୍ତ୍ୱପୂର୍ଣ୍ଣ ଜାତୀୟ ସଭାର ଆୟୋଜନ କରୁଛି। ପୂର୍ବରୁ ୨୦୧୫ ମସିହାରେ ୭୫ତମ ଅଧିବଶେନର ଆୟୋଜନ ଏଠାରେ ହୋଇଥିଲା।

## 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ସମାରୋହ

# ସାମ୍ବାଦିକତା ବୃତ୍ତି ନୁହେଁ; ଏକ ବ୍ରତ

ଭୁବନେଶ୍ୱର,୨୩।୧୦(ସମିସ): ସାମ୍ବାଦିକତା ବୃତ୍ତି ନୁହେଁ; ଏକ ବ୍ରତ, ଧନ୍ଦା ନୁହେଁ; ଏକ ଧର୍ମ। ସାହିତ୍ୟ ଓ ସାମ୍ବାଦିକତା ପରସ୍ପର ପରିପୂରକ। ବର୍ତ୍ତମାନ ଦେଶରେ ସାମ୍ବାଦିକତା ଉପରେ ବିପଦ ରହିଛି। ଏହାସତ୍ତ୍ୱେ ବି ସାମ୍ବାଦିକତା ବଞ୍ଚିଛି ଓ ବଞ୍ଚିଥିବ ବୋଲି ଦୈନିକ ଓଡ଼ିଆ ଖବରକାଗଜ 'ସମୟ'ର ୨୯ତମ ପ୍ରତିଷ୍ଠା ଦିବସ ସମାରୋହରେ ବିଶିଷ୍ଟ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।




ଏହି ଅବସରରେ ଗୁରୁବାର ଭୁବନେଶ୍ୱର ଜୟଦେବ ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, 'ସମୟ'କୁ ଇତିମଧ୍ୟରେ ୨୯ ବର୍ଷ ବିତିଛି। 'ସମୟ'ର ପ୍ରତିଷ୍ଠାତା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କର ଦୂରଦୃଷ୍ଟି ଥିଲା ଓ ସେ ଉତ୍ସର୍ଗୀକୃତ ମନୋଭାବରେ କାର୍ଯ୍ୟ କରୁଥିଲେ। ତାଙ୍କୁ ଆଧୁନିକ ଓଡ଼ିଶାର ବାଇମୁଣ୍ଡି ବୋଲି କୁହାଯାଉଥିଲା। ସଂଯୋଗକ୍ରମେ ୧୯୩୬ ମସିହାରେ ଓଡ଼ିଶା ପ୍ରଦେଶର ଶତବାର୍ଷିକୀ ସହ ସ୍ୱର୍ଗତ ବିଶ୍ୱାଳଙ୍କର ମଧ୍ୟ ଜନ୍ମଶତବାର୍ଷିକୀ ପଡୁଥିବାରୁ ଏବେଠାରୁ ପ୍ରସ୍ତୁତି ଆରମ୍ଭ କରିବାକୁ ମନ୍ତ୍ରୀ ଅନୁଷ୍ଠାନର କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ।

ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଫକୀରମୋହନ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର କୁମରବର ଦାସ ନିର୍ଭୀକ, ନିରପେକ୍ଷ ଓ ମାନବଧର୍ମୀ ସାମ୍ବାଦିକତା ଉପରେ ମତ ରଖିଥିଲେ। 'ସମୟ'ର ପରିଚାଳନା ସମ୍ପାଦକ, ତଥା ପୂର୍ବତନ ସାଂସଦ ରଞ୍ଜୀବ ବିଶ୍ୱାଳ କହିଥିଲେ ଯେ ଅନେକ ଘାତପ୍ରତିଘାତ ଭିତରେ ଗତିକରି 'ସମୟ' ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏହି ସଂସ୍ଥା କାହାକୁ କେବେ ବ୍ୟକ୍ତିଗତ ଆକ୍ଷେପ କରିନାହିଁ। ଆଗକୁ ମଧ୍ୟ ଏହି ପ୍ରୟାସ ଜାରି ରହିବ ବୋଲି ଶ୍ରୀ ବିଶ୍ୱାଳ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

ଅନ୍ୟମାନଙ୍କ ମଧ୍ୟରେ 'ସ୍ୱାଭିମାନ'ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଡଃ ଶ୍ରୁତି ମହାପାତ୍ର ଓ ବରିଷ୍ଠ ସାମ୍ବାଦିକ ମନୋରଞ୍ଜନ ଯୋଶୀ ଯୋଗ ଦେଇଥିଲେ। 'ସମୟ'ର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

## ଆଜିର ରାଶିଫଳ

**ମେଷ:** ଅଫିସ୍‌ରେ ସମସ୍ୟା ଦେଖା ଦେବ। ଗୁରୁଜନଙ୍କ ସହ ଉତ୍ତମ ବୁଝାମଣା ରହିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଉତ୍ତମ। ରୋଜଗାର ବୃଦ୍ଧି ହେବ। ମନ ପ୍ରସନ୍ନ ରହିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କୌଣସି କାର୍ଯ୍ୟ ବିଗିଡ଼ିଯାଇପାରେ। ଧାର୍ମିକ କାର୍ଯ୍ୟ ପ୍ରତି ଆଗ୍ରହ ବଢ଼ିବ। ଆଚରଣରେ ନିୟନ୍ତ୍ରଣ ରକ୍ଷା କରିବେ। ଆତ୍ମବିଶ୍ୱାସର ସହ କାର୍ଯ୍ୟ କରିବେ। ନିବେଶ ଲାଗି ଉପଯୁକ୍ତ ସମୟ।

**ମିଥୁନ:** ବିରୋଧୀଙ୍କ ସହ ମତାନ୍ତର ଦୂର ହେବ। ଆଇନ ସମ୍ବନ୍ଧୀୟ ମାମଲା ଆପଣଙ୍କ ସପକ୍ଷରେ ଯିବ। ଭୁଲ୍ କାମରୁ ଦୂରେଇ ରହିବେ। ପାରିବାରିକ ଜୀବନରେ ସୁଖଶାନ୍ତି ରହିବ। ପ୍ରେମିକ ପ୍ରେମିକାଙ୍କ ପାଇଁ ଦିନଟି ଭଲ।

**କର୍କଟ:** ବିଦ୍ୟାର୍ଥୀ ବିଦେଶ ଯାତ୍ରା କରିବେ। ଗରିବଙ୍କୁ ସାହାଯ୍ୟ କରିବେ। ମାନସିକ ଶାନ୍ତି ମିଳିବ। କାର୍ଯ୍ୟ କ୍ଷେତ୍ରରେ ବରିଷ୍ଠ ଅଧିକାରୀଙ୍କ ମାର୍ଗଦର୍ଶନରେ ପରିଚାଳିତ ହେବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**ସିଂହ:** ଆର୍ଥିକ ସମସ୍ୟା ସୃଷ୍ଟି ହେବ। ସେଲ୍‌ସ ମାର୍କେଟିଂ କ୍ଷେତ୍ରରେ ସଫଳତା ମିଳିବ। କାର୍ଯ୍ୟକ୍ଷେତ୍ରରେ ବିଶେଷ ଧ୍ୟାନ ଦେବେ। ଦୁର୍ଗା ଚାଳିଶା ପାଠ କରିବା ଭଲ। କାର୍ଯ୍ୟ ଧାରାରେ ପରିବର୍ତ୍ତନ ଆଣିବେ।

**କନ୍ୟା:** ସମାଜରେ ମାନ ସମ୍ମାନ ବୃଦ୍ଧି ପାଇବ। ବନ୍ଧୁଙ୍କ ସହାୟତାରେ କାମ ପୂରା କରିବେ। ଛାତ୍ରଛାତ୍ରୀ ପଢ଼ାକୁ ନେଇ ଚିନ୍ତାରେ ରହିବେ। ସ୍ୱାସ୍ଥ୍ୟ ସମସ୍ୟା ଉପୁଜିବ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

**ତୁଳା:** ଦିନଟିରେ ସଫଳତା ମିଳିବ। ପୈତୃକ ବ୍ୟବସାୟରୁ ଲାଭବାନ ହେବେ। ସକାରାତ୍ମକ ଚିନ୍ତାଧାରାରେ ସମସ୍ତ କାର୍ଯ୍ୟ କରିବେ। ଆର୍ଥିକ ଲାଭ ମିଳିବ। ବଚନରେ ମଧୁରତା ରକ୍ଷା କରିବେ।

**ବିଛା:** ବାଦବିବାଦରୁ ଦୂରେଇ ରହିବେ। ତରବରିଆ ଭାବେ ନିଷ୍ପତ୍ତି ନେବେ ନାହିଁ। କାମରୁ ଲାଭ ଓ ସଫଳତା ମିଳିବ। ବ୍ୟବସାୟରେ ଦୂରସ୍ଥାନକୁ ଯାତ୍ରା କରିବେ। ପ୍ରେମ ସମ୍ପର୍କ ସୁଖମୟ ହେବ।

**ଧନୁ:** କାର୍ଯ୍ୟକ୍ଷେତ୍ରରେ ଆତ୍ମବିଶ୍ୱାସର ଅଭାବ ରହିବ। କୌଣସି ସମସ୍ୟାରେ ପଡ଼ିପାରନ୍ତି। ପରିଶ୍ରମ ଅନୁସାରେ ସଫଳତା ମିଳିବ। ମହାଦେବଙ୍କ ପୂଜାର୍ଚ୍ଚନାରେ ସମୟ ବିତିବ।

**ମକର:** ବିବାହ ପ୍ରସ୍ତାବ ଆସିବ। ଧନଲାଭ ଯୋଗ ଅଛି। କୌଣସି କଥାକୁ ନେଇ ଅଧିକ ଚିନ୍ତା କରିବେ ନାହିଁ। ଭାଇ,ଭଉଣୀଙ୍କ ସହ ହସ ଖୁସିରେ ଦିନ କାଟିବେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କୁ ନିଯୁକ୍ତି ସୁଯୋଗ ମିଳିବ।

**କୁମ୍ଭ:** ପରନିନ୍ଦାରୁ ଦୂରେଇ ରହିବେ। ପ୍ରେମିକ-ପ୍ରେମିକାଙ୍କ ମଧ୍ୟରେ ମତାନ୍ତର ଦେଖା ଦେବ। ରଣନୀତିରେ କାମ କରିବେ ଏବଂ ସଫଳତା ପ୍ରାପ୍ତି ହେବ। ସନ୍ତାନଙ୍କ କ୍ୟାରିୟରକୁ ନେଇ ଉପଯୁକ୍ତ ନିର୍ଣ୍ଣୟ ନେବେ।

**ମୀନ:** ଅଫିସ୍‌ରେ ପ୍ରତିଷ୍ଠା ବଢ଼ିବ। ଆର୍ଥିକ ଦୃଷ୍ଟିରୁ ଦିନଟି ଶୁଭ। କାମ ଆରମ୍ଭ ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସମସ୍ତ କାମ ସହଜରେ ପୂରା କରିବେ। ବ୍ୟବସାୟୀ କୌଣସି ଶୁଭ ଖବର ପାଇବେ।

## ଆଜିର ଇତିହାସ

- ୧୭୭୫- ଭାରତର ଶେଷ ମୋଗଲ ଶାସକ ବାହାଦୁର ଶାହ ଜାଫରଙ୍କ ଜନ୍ମ।
- ୧୯୧୪- ସ୍ୱାଧୀନତା ସଂଗ୍ରାମୀ ଲକ୍ଷ୍ମୀ ସେହଗଲଙ୍କ ଜନ୍ମ।
- ୧୯୪୫- ମିଳିତ ଜାତିସଂଘର ସ୍ଥାପନା।
- ୧୯୮୪- ଭାରତରେ ପ୍ରଥମେ ମେଟ୍ରୋ ରେଳ ସେବା ଆରମ୍ଭ ହେଲା।
- ୨୦୧୭- ପ୍ରସିଦ୍ଧ ଠୁମ୍ରୀ ଗାୟିକା ଗିରିଜା ଦେବୀଙ୍କ ପରଲୋକ।

## ବିଶ୍ୱ ପୋଲିଓ ଦିବସ



ଆଜି ବିଶ୍ୱ ପୋଲିଓ ଦିବସ। ପ୍ରତିବର୍ଷ ଅକ୍ଟୋବର ମାସ ୨୪ ତାରିଖକୁ ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିନ ପୋଲିଓ ଟିକାର ଗୁରୁତ୍ୱ ବିଷୟରେ ଲୋକଙ୍କୁ ସଚେତନ କରାଯାଏ। ପୋଲିଓ ବିରୁଦ୍ଧରେ ପ୍ରଥମ ଟିକା ପ୍ରସ୍ତୁତ କରିଥିବା ଜୋନାସ୍ ସାଲ୍‌କଙ୍କ ସ୍ମୃତିରେ ତାଙ୍କ ଜନ୍ମଦିନ ୨୪ ଅକ୍ଟୋବରକୁ ରୋଟାରୀ ଇଣ୍ଟରନ୍ୟାସନାଲ୍ ଦ୍ୱାରା ବିଶ୍ୱ ପୋଲିଓ ଦିବସ ଭାବେ ପାଳନ କରାଯାଇ ଆସୁଛି। ଏକଦା ପୋଲିଓ ଏକ ମହାମାରୀ ଭାବେ ବ୍ୟାପି ଥିଲା। ପୋଲିଓରେ ଜଣେ ସଂକ୍ରମିତ ହେଲେ ପକ୍ଷାଘାତ ଭଳି ସମସ୍ୟା ହୋଇପାରେ, ଫଳରେ ଜଣେ ବ୍ୟକ୍ତି ଚିରକାଳ ଭିନ୍ନକ୍ଷମ ହୋଇଯାଏ। ଏହା ପ୍ରାୟତଃ ୫ ବର୍ଷରୁ କମ୍ ପିଲାମାନଙ୍କ କ୍ଷେତ୍ରରେ ଦେଖାଯାଏ। ଏହା ଏକ ଭୂତାଣୁଜନିତ ରୋଗ, ଯାହା ଦୂଷିତ ଖାଦ୍ୟ ଏବଂ ଜଳ ଦ୍ୱାରା ବ୍ୟାପିଥାଏ। ଏହାକୁ ନିୟନ୍ତ୍ରଣ କରିବାକୁ ଟିକା ଅଭିଯାନ ଆରମ୍ଭ ହୋଇଥିଲା। ୧୯୫୫ରେ ପ୍ରଥମ ଥର ପାଇଁ ପୋଲିଓ ଟିକା ବାହାର କରାଯାଇଥିଲା। ଟିକା ଯୋଗୁଁ ଏହାକୁ ନିୟନ୍ତ୍ରଣ କରାଯାଇ ପାରିଥିଲା। ୧୯୮୦ରେ ପ୍ରଥମ ଥର ପାଇଁ ପୋଲିଓର ସର୍ବାଧିକ ମାମଲା ଦେଖାଯାଇଥିଲା। ଏହି ସମୟରେ ସାରା ବିଶ୍ୱର ଏକ ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁ ପୋଲିଓରେ ଆକ୍ରାନ୍ତ ହୋଇଥିଲେ। ଏହାପରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ପୋଲିଓ ଟିକାକରଣ ଆରମ୍ଭ ହୋଇଥିଲା। ଏଥିରେ ପାଞ୍ଚବର୍ଷରୁ କମ୍ ବୟସର ଶିଶୁଙ୍କୁ ପୋଲିଓ ଟିକା ଦିଆଗଲା। ପୋଲିଓ କବଳରୁ ଶିଶୁଙ୍କୁ ରକ୍ଷା କରିବା ପାଇଁ ପୋଲିଓ ଟିକା ଦିଆଯାଏ। ଦୁଇ ପ୍ରକାର ପୋଲିଓ ଟିକା ରହିଛି। ଓପିଭି ଓ ଆଇପିଭି। ଓପିଭି ପିଲାଙ୍କ ପାଟିରେ ଦିଆଯାଏ। ପିଲାଟି ଜନ୍ମ ହେବାର ୬, ୧୦ ଓ ୧୩୪ ସପ୍ତାହରେ ଏହାର ତିନୋଟି ଡୋଜ ଦିଆଯାଏ। ୧୬-୨୪ ମାସରେ ଗୋଟିଏ ବୁଷ୍ଟର୍ ଡୋଜ୍ ଦିଆଯାଏ। ଆଇପିଭି ଇଞ୍ଜେକ୍ସନ ମାଧ୍ୟମରେ ଦିଆଯାଏ। ୬ରୁ ୧୪ ସପ୍ତାହ ବୟସରେ ପିଲାଙ୍କୁ ଦିଆଯାଇଥାଏ। ଡାହାଣ ହାତ ବାହୁ ଇଣ୍ଟ୍ରାଡର୍ମାଲ ରୁଟରେ ଏହି ଟିକା ଦିଆଯାଏ। ଆଶା, ଅଙ୍ଗନବାଡି କର୍ମୀ ଓ ସ୍ୱାସ୍ଥ୍ୟକର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥାନ୍ତି। ଏବେ ବି ପିଲାମାନଙ୍କୁ ପୋଲିଓର ଦୁଇ ବୁନ୍ଦା ଦିଆଯାଉଛି। ସାରା ବିଶ୍ୱକୁ ପୋଲିଓ ମୁକ୍ତ ପାଇଁ ୧୯୮୮ରେ ଗ୍ଲୋବାଲ ପୋଲିଓ ଏରାଡିକେସନ ଇନିସିଏଟିଭ ଗଠନ ହୋଇଥିଲା। ଏଥିରେ ରୋଟାରୀ, ଡବ୍ଲୁଏଚ୍‌ଓ, ୟୁନିସେଫ୍ ଏବଂ ବିଭିନ୍ନ ଦେଶର ସରକାର ସାମିଲ ହୋଇ ବିଶ୍ୱକୁ ପୋଲିଓ ମୁକ୍ତ କରିବା ପାଇଁ ଅଭିଯାନ ଆରମ୍ଭ କରିଥିଲେ। ଭାରତରେ ପୋଲିଓ ପ୍ରତିକାର ପାଇଁ ବିଭିନ୍ନ ସଚେତନତା କାର୍ଯ୍ୟକମ କରାଯାଉଛି। ସବୁ ପିଲାଙ୍କୁ ପୋଲିଓ ବୁନ୍ଦା ଓ ଟିକା ଦେବାପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଉଛି। ୨୦୧୪ରୁ ଭାରତ ପୋଲିଓ ମୁକ୍ତ ରାଷ୍ଟ୍ର ଭାବେ ପରିଗଣିତ ହୋଇଛି। ଭାରତ ପୋଲିଓ ମୁକ୍ତ ହୋଇଥିଲେ ବି ବିଶ୍ୱରୁ ଏହି ଜୀବାଣୁର ମୂଳୋତ୍ପାଟନ ହୋଇନାହିଁ। ତେଣୁ ବିପଦ ମୁକ୍ତ ପାଇଁ ଜନ୍ମରୁ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ପିଲାମାନଙ୍କୁ ପୋଲିଓ ଟିକା ଦେବା ଉପରେ ଗୁରୁତ୍ୱ ଦିଆଯାଏ। ଯେପରି କୌଣସି ପିଲା ଏହି ଭୟଙ୍କର ରୋଗର ଶିକାର ନ ହୁଏ ସେଥିପାଇଁ ବିଶ୍ୱ ପୋଲିଓ ଦିବସ ପାଳନ ଗୁରୁତ୍ୱ ବହନ କରେ।

## ମିଳିତ ଜାତିସଂଘ ଦିବସ



ପ୍ରତିବର୍ଷ ଅକ୍ଟୋବର ୨୪ ତାରିଖକୁ 'ମିଳିତ ଜାତିସଂଘ ଦିବସ' ଭାବେ ପାଳନ କରାଯାଉଛି। ବିଶ୍ୱରେ ଶାନ୍ତି, ସୁରକ୍ଷା, ସୌହାର୍ଦ୍ଦ୍ୟ,ମାନବିକ ସହାୟତା ବୃଦ୍ଧି ଦିଗରେ ଜାତିସଂଘର କାର୍ଯ୍ୟକୁ ସମ୍ମାନ ଜଣାଇ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଏ। ମିଳିତ ଜାତିସଂଘ ପ୍ରତିଷ୍ଠାର ମୁଖ୍ୟ ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ଦିଗରେ ଲୋକଙ୍କୁ ସଚେତନ କରିବା ହେଉଛି ଉକ୍ତ ଦିବସର ଉଦ୍ଦେଶ୍ୟ। ମିଳିତ ଜାତିସଂଘ ଦେଶଗୁଡ଼ିକ ମଧ୍ୟରେ ମୈତ୍ରୀପୂର୍ଣ୍ଣ ସମ୍ବନ୍ଧ ବିକଶିତ କରିବା, ଅନ୍ତର୍ଜାତୀୟ ସହଯୋଗ ପ୍ରାପ୍ତ କରିବା, ରାଷ୍ଟ୍ର ଲାଗି ସମନ୍ୱୟ କେନ୍ଦ୍ର ହେବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହାବାଦ୍ ଏହାର ଅନ୍ୟତମ ମୂଳ ଲକ୍ଷ୍ୟ ହେଲା ମାନବିକ ଅଧିକାରର ଅଗ୍ରାଧିକାର, ସାମାଜିକ ଓ ଅର୍ଥନୈତିକ ସନ୍ତୁଳନ ରଖିବା, ପରିବେଶ ସୁରକ୍ଷା ଓ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ମାନିବକ ସହଯୋଗ ପ୍ରଦାନ କରିବା ତଥା ସାମରିକ ଦ୍ୱନ୍ଦ୍ୱର ସମାଧାନ କରିବା। ପୃଥିବୀରେ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ପାଇଁ ମିଳିତ ଜାତିସଂଘର ସ୍ଥାପନା ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ହୋଇଥିଲା। ୨୪ ଅକ୍ଟୋବର ୧୯୪୫ରେ ମିଳିତ ଜାତିସଂଘ ପ୍ରତିଷ୍ଠା ହୋଇଥିଲା। ୧୯୪୭ରେ ଜାତିସଂଘ ସାଧାରଣ ସଭା ଏହି ଦିବସକୁ ପ୍ରତିଷ୍ଠା ଦିବସ ଭାବେ ଘୋଷଣା କରିଥିଲା। ମିଳିତ ଜାତିସଂଘ ପ୍ରତିଷ୍ଠା ସମୟରେ ଏହାର ସଦସ୍ୟ ସଂଖ୍ୟା ୫୧ ଥିଲା, କିନ୍ତୁ ଏବେ ଏଥିରେ ୧୯୩ ଦେଶର ସଦସ୍ୟ ଅଛନ୍ତି। ସେହିପରି ୧୯୭୧ ମସିହାରେ ମିଳିତ ଜାତିସଂଘ ମହାସଭାରେ ଗୃହୀତ ଅନ୍ୟ ଏକ ପ୍ରସ୍ତାବ ଅନୁସାରେ, ଏହି ଦିବସକୁ ମିଳିତ ଜାତିସଂଘର ସମସ୍ତ ସଦସ୍ୟ ଦେଶଗୁଡ଼ିକ ପାଳନ କରିବେ ଏବଂ ଏହା ସାଧାରଣ ଛୁଟି ଦିବସ ହେବ ବୋଲି ପ୍ରସ୍ତାବ ରଖାଯାଇଥିଲା। ଅନ୍ୟପଟେ ଏହି ସଂଘ ପ୍ରତିଷ୍ଠା ପରଠୁ ଏହାର ଯେତେ ସବୁ ଉପଲବ୍ଧି ଅଛି,ସେସବୁ ବିଷୟରେ ଜନ ସଚେତନତା ସୃଷ୍ଟି କରିବା ଏହି ଦିବସର ଅନ୍ୟତମ ଉଦ୍ଦେଶ୍ୟ। ସେହିପରି ସବୁ ବିକଶିତ ଓ ବିକାଶଶୀଳ ଦେଶ ପାଇଁ ଏହା ହେଉଛି ଏକ ମଞ୍ଚ ଏବଂ ଏଠାରେ ବିଶ୍ୱର ବିଭିନ୍ନ ସମସ୍ୟା ବାବଦରେ ଆଲୋଚନା କରାଯାଇ ତାହାର ସମାଧାନ କରାଯାଏ। ଭାରତରେ ଏହି ଦିବସ ପାଳନ ଅବସରରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଭା, ସମିତି ତଥା ପ୍ରଦର୍ଶନୀର ଆୟୋଜନ ହୋଇଥାଏ।

## 'ଧୂମ୍-୪' ଛାଡ଼ିଲେ ଅୟାନ୍




ହୃତିକ୍ ରୋଶନ ଓ ଜୁନିୟର୍ ଏନ୍‌ଟିଆର୍‌ଙ୍କ ଫିଲ୍ମ 'ୱାର୍ ୨'ର ନିର୍ଦ୍ଦେଶନା ଦାୟିତ୍ୱରେ ଅୟାନ୍ ମୁଖାର୍ଜୀ ଥିଲେ। ବିଗ୍ ବଜେଟ୍‌ର ଏହି ଆକ୍ସନ୍ ଫିଲ୍ମଟି କିନ୍ତୁ ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଥିଲା। 'ୱାର୍ ୨'ର ବିଫଳତାକୁ ଦେଖି ଅୟାନ୍ ଯଶରାଜ୍ ବ୍ୟାନରର ଆଉ ଏକ ଆକ୍ସନ୍ ଭିତ୍ତିକ ଫିଲ୍ମ 'ଧୂମ୍ ୪'ରୁ ଓହରି ଯାଇଛନ୍ତି। ଏବେ ଯଶରାଜ୍ ବ୍ୟାନର୍ ଏହି ଫିଲ୍ମ ପାଇଁ ଜଣେ ନୂଆ ନିର୍ଦ୍ଦେଶକ ସନ୍ଧାନରେ ଅଛି। ରଣବୀର କପୁର 'ଧୂମ୍ ୪'ରେ ଲିଡ୍ ରୋଲରେ ନଜର ଆସିବେ। ଏନେଇ ଅୟାନ୍‌ଙ୍କ କହିବା କଥା, 'ୱାର୍ ୨', 'ଧୂମ୍ ୪' ଭଳି ଫିଲ୍ମ ତାଙ୍କ ପାଇଁ ନୁହେଁ। ରୋମାନ୍ସ, ଡ୍ରାମା, ଆକ୍ସନ୍ ଛାଡ଼ି ସେ କିଛି ବଡ଼ ଧରଣର କରିବାକୁ ଚାହୁଁଛନ୍ତି। ଅୟାନ୍ ଏବେ 'ବ୍ରହ୍ମାସ୍ତ୍ର ୨' ଉପରେ କାମ କରୁଛନ୍ତି। ଏହାର ସୁଟିଂ ୨୦୨୬ରୁ ଆରମ୍ଭ ହେବ। ଏଥିରେ ଲିଡ୍ ରୋଲରେ ରଣବୀର କପୁର ଓ ଆଲିଆ ଭଟ୍ଟ ନଜର ଆସିବେ।

## ସଞ୍ଜୀବନୀ




## କର୍କଟ ଚିକିତ୍ସାରେ ପ୍ରଭାବୀ ହେବ ଟିକା




କର୍କଟ ଏକ ମାରାତ୍ମକ ରୋଗ। ଅନିୟନ୍ତ୍ରିତ ଜୀବନଶୈଳୀ, ବଂଶାନୁଗତ, ଚିନ୍ତା ଆଦି କର୍କଟ ସୃଷ୍ଟିର ମୂଳ କାରଣ। ପ୍ରାରମ୍ଭିକ ଅବସ୍ଥାରୁ କର୍କଟ ଚିହ୍ନଟ କରି ଚିକିତ୍ସା ଯୋଗାଇଲେ ରୋଗର ତୀବ୍ରତା ହ୍ରାସ ପାଇପାରେ। କର୍କଟ ଚିକିତ୍ସା ପାଇଁ ସର୍ଜରୀ, ଥେରାପି, ଔଷଧ ଆଦି ବ୍ୟବସ୍ଥା ରହିଛି। ହେଲେ ଏବେ ମାସାଚୁସେଟ୍‌ସ ଏମହର୍ଷ୍ଟ ବିଶ୍ୱବିଦ୍ୟାଳୟର ବୈଜ୍ଞାନିକମାନେ ଏକ 'ସୁପର ଟିକା' ବିକଶିତ କରିଛନ୍ତି। ଖୁସିର ବିଷୟ, ମୂଷା ଶରୀରରେ ଏହି ଟିକା ପ୍ରଥମେ ପ୍ରୟୋଗ କରାଯାଇଥିବାବେଳେ ସେଥିରୁ ସକାରାତ୍ମକ ଫଳାଫଳ ମିଳିଛି। ଏହି ଟିକାଟି ଏକ ସ୍ୱତନ୍ତ୍ର ଇମ୍ୟୁନ-ବୁଷ୍ଟିଂ ଫର୍ମୁଲା ଆଧାରିତ। ଏହା ପ୍ରାଣୀମାନଙ୍କର ରୋଗପ୍ରତିରୋଧକ ଶକ୍ତିକୁ କର୍କଟ କୋଷଗୁଡ଼ିକ ଟ୍ୟୁମରରେ ପରିଣତ ହେବା ପୂର୍ବରୁ ଚିହ୍ନଟ କରି ନଷ୍ଟ କରିବାରେ ସାହାଯ୍ୟ କରିଥିଲା। ଟିକାର ପ୍ରଭାବକୁ ବୁଝିବାକୁ ବୈଜ୍ଞାନିକମାନେ ଯେଉଁ ମୂଷାଙ୍କୁ ଟିକା ପ୍ରଦାନ କରିଥିଲେ ସେମାନେ ଏକ ମାସ ଧରି ସୁସ୍ଥ ଥିଲେ। ଯେଉଁ ମୂଷାମାନଙ୍କୁ ଏହି ଟିକା ଦିଆଯାଇ ନ ଥିଲା ସେମାନଙ୍କଠାରେ କର୍କଟ ବୃଦ୍ଧି ପାଇଯାଇଥିଲା। ତେଣୁ ଭବିଷ୍ୟତରେ ଏହି ଟିକା କେବଳ ନିର୍ଦ୍ଦିଷ୍ଟ କର୍କଟ ରୋଗ ଠିକ୍ କରିବ ତାହା ନୁହେଁ, ବରଂ ତ୍ୱଚା କର୍କଟ, ଅଗ୍ନାଶୟ କର୍କଟ, ସ୍ତନ କର୍କଟ ଚିକିତ୍ସା ପାଇଁ ପ୍ରଭାବୀ ହେବ। ଶରୀରର ଅନ୍ୟ ଅଙ୍ଗକୁ କର୍କଟ ବ୍ୟାପିବାକୁ ଏହା ଦେବ ନାହିଁ। ସାମାନ୍ୟ ଟିକା ଫର୍ମୁଲା ତୁଳନାରେ ପ୍ରତିରକ୍ଷା ପ୍ରତିକ୍ରିୟାକୁ ଏହା ଅଧିକ ମଜଭୁତ କରିଥାଏ। ମୂଷା ଉପରେ ଏହି ପରୀକ୍ଷଣ କରାଯାଇଥିବାବେଳେ ମନୁଷ୍ୟ ଶରୀରରେ ଏହି ଟିକା ପ୍ରଭାବୀ ହେଲେ ଆଗାମୀ ଦିନରେ ଚିକିତ୍ସା କ୍ଷେତ୍ରରେ ନୂତନ ପରିବର୍ତ୍ତନ ଆଣିବ।

## ସେଣ୍ଟ୍ରାଲ ଲାଇନ୍



**ଦୀର୍ଘ କାଳୀନ ଚିକିତ୍ସା ଲାଗି ଔଷଧ ବା ପୋଷଣ ଦେବାକୁ ସେଣ୍ଟ୍ରାଲ ଲାଇନ୍ ଏକ ସହଜ ଉପାୟ। ଯେତେବେଳେ ରୋଗୀର ବାହ୍ୟଶିରା ଦୃଶ୍ୟ ହୁଏ ନାହିଁ ସେହି ସ୍ଥିତିରେ ସେଣ୍ଟ୍ରାଲ ଲାଇନ୍ କରାଯାଏ। ଏହା ମୁଖ୍ୟତଃ ବେକ, ଜଙ୍ଘ ଓ ଛାତିର ଉପରପାର୍ଶ୍ୱରେ ଥିବା ମୁଖ୍ୟ ଶିରାରେ ଦିଆଯାଇ ରୋଗୀଙ୍କୁ ଆପାତକାଳୀନ ଚିକିତ୍ସା ଯୋଗାଯାଏ। ଏହି ପ୍ରକ୍ରିୟା କ'ଣ, କେଉଁ ମାନଙ୍କ ପାଇଁ ଏହାର ଆବଶ୍ୟକତା ରହିଛି ତାହାକୁ ନେଇ ସ୍ୱତନ୍ତ୍ର ଉପସ୍ଥାପନା।**


**ସେଣ୍ଟ୍ରାଲ ଲାଇନ୍‌ର ଆବଶ୍ୟକତା:** ବିପଜ୍ଜନକ ଭାବେ ରକ୍ତଚାପ କମ୍ ବେଶୀ ହେଉଥିବା ସମୟରେ ଯେତେବେଳେ ରକ୍ତଚାପ ଗୁରୁତର ଭାବେ ହ୍ରାସ ପାଇଥାଏ ସେତେବେଳେ ସାଧାରଣ ଶିରାମାନ ସଙ୍କୁଚିତ ହୋଇ ତାହା ମଧ୍ୟରେ କ୍ୟାଥେଟର ଦେବା ସମ୍ଭବ ହୁଏ ନାହିଁ। ସେହିପରି ନର୍ମାଲ ଲାଇନ୍ ପାଖେ ସଂକ୍ରମଣ ହେଲେ ଡାକ୍ତର ରୋଗର ତୀବ୍ରତା, ରୋଗୀର ଶାରୀରିକ ସ୍ଥିତି ଅନୁସାରେ ସେଣ୍ଟ୍ରାଲ ଲାଇନ୍ କରିଥାନ୍ତି। ଆଇସିୟୁରେ ସକ୍‌ରେ ଥିବା ବ୍ୟକ୍ତି, ବହୁ ରୋଗରେ ପୀଡ଼ିତ ବ୍ୟକ୍ତି, ବୃକ୍‌କଜନିତ ରୋଗୀଙ୍କ ଡାଏଲିସିସ୍, ଦୁର୍ଘଟଣାରେ ଗୁରୁତର ଆହତ, ଶରୀରର ଅଧିକାଂଶ ଭାଗ ପୋଡି ଯାଇଥିଲେ, ଦୀର୍ଘକାଳୀନ ଚିକିତ୍ସାରେ ଔଷଧ ଓ ପୋଷଣ ଦେବାକୁ ଏହା ପ୍ରଭାବୀ। କର୍କଟ ପୀଡ଼ିତଙ୍କୁ ଦୀର୍ଘ ସମୟ ଧରି କେମୋଥେରାପି କିମ୍ବା ଆଣ୍ଟିବାୟୋଟିକ୍ସ ଔଷଧ ଦେବାକୁ ସେଣ୍ଟ୍ରାଲ ଲାଇନ୍ କରାଯାଏ। ହୃଦ୍‌ସ୍ପନ୍ଦନ କିମ୍ବା ରକ୍ତବାହୀ ନଳୀ ସଂକୁଚିତ ପାଇଁ ବ୍ୟବହୃତ ଔଷଧ ପାଇଁ ଏହା ଉପଯୋଗୀ ବୋଲି ଶ୍ରୀରାମଚନ୍ଦ୍ର ମେଡିକାଲ କଲେଜ ଏଣ୍ଡ ହସ୍‌ପିଟାଲ, ହୃଦ୍‌ରୋଗ ବିଭାଗର ଡା. ଦୀପକ ରଞ୍ଜନ ଦାସ କୁହନ୍ତି।

**କେଉଁଠି ଦିଆଯାଏ:** ଏହି ପ୍ରକ୍ରିୟାରେ ବେକ (ଜୁଗୁଲାର), ଜଙ୍ଘ ଉପର ପାର୍ଶ୍ୱରେ (ଫେମୋରାଲ), ଛାତିର ଉପରପାର୍ଶ୍ୱ (ସବ୍‌କ୍ଲାଭିଆନ୍) କିମ୍ବା ବାହୁର ବଡ଼ ଶିରାରେ ଏକ ଲମ୍ବା ନମନୀୟ ଟ୍ୟୁବ୍‌କୁ ପ୍ରବେଶ କରାଇ ହୃତ୍‌ପିଣ୍ଡ ପାଖକୁ ପହଞ୍ଚାଯାଏ। ତାହା ଜରିଆରେ ରୋଗୀଙ୍କୁ ତରଳ ପଦାର୍ଥ, ପୋଷଣ ତଥା ଔଷଧ ଆଦି ଦିଆଯାଏ।

**ବାରମ୍ବାର ଛୁଞ୍ଚି ଫୋଡିବାକୁ ପଡ଼େନି:** ସାଧାରଣ ଭାବେ ସାଲାଇନ ବା ଯେଉଁ ଲାଇନ୍ ଦିଆଯାଏ ତାହା ୩ରୁ ୪ ଦିନ ରହିପାରିବ। କାରଣ ଏଥିରୁ ଅଧିକ ଦିନ ହେଲେ ଚାରିପାର୍ଶ୍ୱରେ ପ୍ରଦାହ ବା ସଂକ୍ରମଣ ହୁଏ। ହେଲେ ସେଣ୍ଟ୍ରାଲ ଲାଇନ୍ ଦେଲେ ତାହା ୧୦ରୁ ୧୪ ଦିନ ରଖିହେବ। ଏଥିରେ ପୀଡ଼ିତଙ୍କୁ ବାରମ୍ବାର ଛୁଞ୍ଚି ଫୋଡ଼ିବାକୁ ପଡ଼େନାହିଁ। ଔଷଧ ତଥା ତରଳ ପଦାର୍ଥ ଖୁବ୍ ସହଜରେ ରୋଗୀର ଶରୀରରେ ପହଞ୍ଚାଯାଇପାରେ। ପୀଡ଼ିତଙ୍କୁ କମ୍ ଯନ୍ତ୍ରଣା ଅନୁଭୂତ ହୁଏ।

**ସତର୍କତା ଅବଲମ୍ବନ ଜରୁରି :** ଯେକୌଣସି ଶିରାଭ୍ୟନ୍ତରୀଣ କ୍ୟାଥେଟର ପରି ଜୀବାଣୁ କିମ୍ବା ରୋଗାଣୁ ରକ୍ତପ୍ରବାହରେ ପ୍ରବେଶ କରିପାରେ। ଏହାଦ୍ୱାରା ସଂକ୍ରମଣ ବୃଦ୍ଧି ପାଏ। ସେଣ୍ଟ୍ରାଲ ଲାଇନ୍ ପ୍ରକ୍ରିୟା ଯୋଗୁ ବେଳେ ବେଳେ ରକ୍ତସ୍ରାବ କିମ୍ବା ଆଘାତ ଲାଗିବାର ଆଶଙ୍କା ଅଧିକ ଥାଏ। ତେଣୁ ତାହା ଯେମିତି ସଂକ୍ରମଣ ନହୁଏ ସେନେଇ ଧ୍ୟାନ ଦେବା ଦରକାର। ଡାକ୍ତରଙ୍କ ପରାମର୍ଶରେ ସତର୍କତା ଅବଲମ୍ବନ କରିବା ଜରୁରି।

## ଜୀବନଶୈଳୀଜନିତ ବିକାରରୁ ଆଲଜାଇମର୍



**ଆଲଜାଇମର୍ ଏକ ବୟସାଧିକ୍ୟ ରୋଗ। ଏହା ୬୦ରୁ ୬୫ ବର୍ଷ ପରେ ଆରମ୍ଭ ହୋଇଥାଏ। ପ୍ରଥମେ ସ୍ମରଣଶକ୍ତି କମିଯାଏ। ଧୀରେ ଧୀରେ ଜଣେ ନିତିଦିନିଆ କାମ କରିବାରେ ଅସୁବିଧା ଭୋଗନ୍ତି। ଏହା ମସ୍ତିଷ୍କର ଏକ ଜଟିଳ ପ୍ରକ୍ରିୟାଯୋଗୁଁ ସ୍ନାୟୁ ନଷ୍ଟ ହେଲେ ହୋଇଥାଏ। ତାଛଡ଼ା ମସ୍ତିଷ୍କରେ ଆଘାତ ହୋଇଥିଲେ ମାନସିକ ଅବସାଦ ଓ ଉଚ୍ଚ ରକ୍ତଚାପ ରୋଗର ସମ୍ଭାବନାକୁ ବଢ଼ାଇଦିଏ। ଏବେ କିନ୍ତୁ ୩୦ରୁ ୪୦ ବର୍ଷର ବ୍ୟକ୍ତି ଆଲଜାଇମର୍‌ରେ ପୀଡ଼ିତ ହେଉଛନ୍ତି।**

ଯେଉଁମାନଙ୍କ ପରିବାରରେ କେହି ଆଲଜାଇମର୍‌ରେ ପୀଡ଼ିତ ଥାଆନ୍ତି, ସେମାନଙ୍କୁ ଏହି ରୋଗ ହେବାର ଆଶଙ୍କା ଅଧିକ ଥାଏ। କାରଣ ଜେନେଟିକ୍ ମ୍ୟୁଟେସନ୍ ଏହି ରୋଗକୁ କମ୍ ବୟସରୁ ଆରମ୍ଭ କରିପାରେ। ଜୀବନଶୈଳୀଜନିତ ବିକାର ଯଥା- ଚିନ୍ତା, ନିଦ୍ରାହୀନତା, ଭିଟାମିନ୍ ବି- ୧୨ ଅଭାବ, ଶାରୀରିକ ନିଷ୍କ୍ରିୟତା ଆଦି ଯୋଗୁ ବେଳେ ବେଳେ ଜଣେ କିଛି କଥାକୁ ଭୁଲି ଯାଆନ୍ତି। ଉଚ୍ଚରକ୍ତଚାପ, ମଧୁମେହ, ଧୂମପାନ ଆଦି ଏହି ରୋଗ ଆଶଙ୍କାକୁ ବଢ଼ାଇ ଦିଏ। ଯାହାଫଳରେ ଆଜିକାଲିର ଯୁବପିଢ଼ି ବହୁତ ଛୋଟ ଛୋଟ କଥା ଭୁଲିଯାଆନ୍ତି। ସହଜରେ କାହାକୁ ଚିହ୍ନି ପାରନ୍ତିନି। ଗୋଟିଏ ପ୍ରଶ୍ନକୁ ବାରମ୍ବାର ପଚାରନ୍ତି।

ଉପରୋକ୍ତ ଲକ୍ଷଣ ଅନୁସାରେ ଡାକ୍ତରଙ୍କ ପରାମର୍ଶରେ ଚିକିତ୍ସା ଜରୁରି। ପୀଡ଼ିତଙ୍କୁ ଅଳ୍ପ ଅଳ୍ପ ଖାଇବାକୁ ଦେବା, ପରିବାର ଲୋକଙ୍କ ସହଯୋଗ ଆବଶ୍ୟକ ହୋଇଥାଏ। ଦୈନିକ ବ୍ୟାୟାମ କରିବା ହିତକର। କ୍ରସୱାର୍ଡ ପଜଲ, ସୁଡ଼ୋକୁ ସମାଧାନ କରିପାରିବେ। ଧୂମପାନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଖାଦ୍ୟରେ ଫଳ, ପରିବା ସାମିଲ କରି ପର୍ଯ୍ୟାପ୍ତ ପାଣି ପିଇବା ଆବଶ୍ୟକ।

## ଓଜନ ନିୟନ୍ତ୍ରଣକାରୀ ଧନିଆ

**ଧନିଆ ମସଲା ଭାବେ ବ୍ୟବହାର ହୁଏ। ତରକାରି ହେଉ କି ସାଲାଡରେ ଧନିଆ ପତ୍ର ବ୍ୟବହାର କରାଯାଏ। ଧନିଆପତ୍ର ଓ ଏବଂ ମଞ୍ଜିରେ ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ୍ ସି ଆଦି ଔଷଧୀୟ ଗୁଣ ରହିଛି। ଏହା ନାନା ରୋଗ ଦୂର କରେ। ଓଜନ ନିୟନ୍ତ୍ରଣ ପାଇଁ ଧନିଆ ଏକ ପ୍ରଭାବୀ ବିକଳ୍ପ।**

ଧନିଆରେ ଆଣ୍ଟିଅକ୍ସିଡାଣ୍ଟ ଥିବାରୁ ନିୟମିତ ଏହାକୁ ଖାଇଲେ ଶରୀରରୁ ବିଷାକ୍ତ ତତ୍ତ୍ୱ ବାହାରିଯାଏ। ଏଥିରେ ଥିବା ଫାଇବର ଯୋଗୁଁ କମ୍ ଭୋକ ଲାଗେ। ଚର୍ବି କମାଇବାରେ ମୁଖ୍ୟ ଭୂମିକା ନିଭାଇଥାଏ। ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିବା ସହିତ ପାଚନତନ୍ତ୍ରକୁ ସକ୍ରିୟ ରଖେ ଧନିଆ। ତେଣୁ ଏକ ଗ୍ଲାସ ପାଣିରେ ଧନିଆ ପତ୍ର କିମ୍ବା ମଞ୍ଜିକୁ ଧୋଇ ରାତିସାରା ଭିଜାଇ ସକାଳୁ ଖାଲି ପେଟରେ ତାହାକୁ ଛାଣି ପିଇ ପାରିବେ। ଆଣ୍ଠୁଗଣ୍ଠିଜନିତ ସମସ୍ୟା ଥିଲେ ଧନିଆ ବହୁତ ଉପକାରୀ। ହୃଦୟକୁ ସୁସ୍ଥ ରଖିବାରେ ଏହା ସାହାଯ୍ୟ କରେ। ଧନିଆ ସେବନ ଦ୍ୱାରା କୋଲେଷ୍ଟ୍ରଲ ଓ ରକ୍ତ ଶର୍କରା ନିୟନ୍ତ୍ରଣରେ ରୁହେ। ଦୃଷ୍ଟିଶକ୍ତି ପାଇଁ ଏହା ବହୁତ ଭଲ। ତେଣୁ ଧନିଆ ଚଟଣୀ, ସାଲାଡ଼ରେ ଧନିଆ ପତ୍ର ଆଦି ଖାଇବା ହିତକର।



ସକାଳ THE SAKALA
www.sakalaepaper.com

■ ବର୍ଷାରେ ଧୋଇଲା ୩ୟ ଟି-୨୦

## ସିରିଜ ଜିତିଲା ଇଂଲଣ୍ଡ

**ଅକ୍‌ଲାଣ୍ଡ, ୨୩।୧୦ (ଏଜେନ୍ସି):** ଘରୋଇ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ମଧ୍ୟରେ ଗୁରୁବାର ଏଠାରେ ଖେଳାଯିବାକୁ ଥିବା ଅନ୍ତିମ ତଥା ୩ୟ ଟି-୨୦ ବର୍ଷା ଯୋଗୁ ବାତିଲ ହୋଇଛି। ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ୩.୪ ଓଭରରେ ଗୋଟିଏ ୱିକେଟ୍ ହରାଇ ୩୮ ରନ କରିଥିବାବେଳେ ବର୍ଷା ହୋଇଥିଲା। ବର୍ଷା ଲାଗି ରହିବାରୁ ଶେଷରେ ଏହାକୁ ବାତିଲ କରାଯାଇଥିଲା। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚ୍ ମଧ୍ୟ ବର୍ଷାରେ ଧୋଇଯାଇଥିଲା। ତେବେ ଦ୍ୱିତୀୟ ଟି-୨୦କୁ ୬୫ ରନରେ ଜିତିଥିବା ଭ୍ରମଣକାରୀ ଇଂଲଣ୍ଡ ଶେଷରେ ୧-୦ରେ ସିରିଜ ବିଜୟୀ ହୋଇଛି। ଦୁଇ ଦଳ ମଧ୍ୟରେ ତିନି ମ୍ୟାଚ୍‌ବିଶିଷ୍ଟ ଦିନିକିଆ ସିରିଜ ଅକ୍ଟୋବର ୨୬ରୁ ଆରମ୍ଭ ହେବ।

## ବାଂଲାଦେଶଠାରୁ ଦିନିକିଆ ସିରିଜ୍ ହାରିଲା ୱେଷ୍ଟଇଣ୍ଡିଜ୍

**ଢାକା,୨୩।୧୦(ଏଜେନ୍ସି):** ସୌମ୍ୟ ସରକାର ଓ ସୈଫ ହାସନଙ୍କ ଅର୍ଦ୍ଧଶତକ ପରେ ସ୍ପିନରଙ୍କ ସଫଳତା ଯୋଗୁଁ ଏଠାରେ ଗୁରୁବାର ଖେଳାଯାଇଥିବା ତୃତୀୟ ତଥା ଶେଷ ଦିନିକିଆରେ ବାଂଲାଦେଶ ୧୭୯ ରନ୍‌ର ବିରାଟ ବ୍ୟବଧାନରେ ୱେଷ୍ଟଇଣ୍ଡିଜ୍‌କୁ ପରାସ୍ତ କରିଛି। ନିକଟରେ ଭାରତଠାରୁ ହାରିଥିବା ୱେଷ୍ଟଇଣ୍ଡିଜ୍ ଆଉ ଏକ ପରାଜୟର ସମ୍ମୁଖୀନ ହୋଇଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ସୌମ୍ୟଙ୍କ ୯୧ ଓ ହାସନଙ୍କ ୮୦ ରନ୍ ବଳରେ ପ୍ରଥମେ ବ୍ୟାଟିଂ କରି ୮ ୱିକେଟରେ ୨୯୬ ରନ୍ କରିଥିଲା। ଆକିଲ ହୋସେନ ସର୍ବାଧିକ ୪ଟି ୱିକେଟ ପାଇଥିଲେ। ଜବାବରେ ୱେଷ୍ଟଇଣ୍ଡିଜ୍ ବାଂଲା ସ୍ପିନରଙ୍କୁ ଉଚିତ ମୁକାବିଲା କରି ନ ପାରି ୩୦.୧ ଓଭରରେ ମାତ୍ର ୧୧୭ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲେ। ବାଂଲାର ସ୍ପିନରମାନେ ସମସ୍ତ ଓଭର ବୋଲିଂ କରିବା ସହ ୧୦ଟି ଯାକ ୱିକେଟ ନେଇଥିଲେ। ସୌମ ସରକାରଙ୍କୁ ମ୍ୟାଚ୍‌ର ଓ ରିଶାଦ ହୋସେନଙ୍କୁ ସିରିଜ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୭ରୁ ଦୁଇ ଦେଶ ମଧ୍ୟରେ ଟି-୨୦ ସିରିଜ୍ ଆରମ୍ଭ ହେବ।

## ୧୮ ବର୍ଷ ପରେ ପାକିସ୍ତାନରେ ଟେଷ୍ଟ ଜିତିଲା ଦ.ଆଫ୍ରିକା

**ରାୱଲପିଣ୍ଡି, ୨୩।୧୦ (ଏଜେନ୍ସି):** ଏଠାରେ ଘରୋଇ ପାକିସ୍ତାନ ବିପକ୍ଷରେ ଅନୁଷ୍ଠିତ ଅନ୍ତିମ ତଥା ୨ୟ ଟେଷ୍ଟ ମ୍ୟାଚକୁ ବିଶ୍ୱ ଚାମ୍ପିଅନ ଦକ୍ଷିଣ ଆଫ୍ରିକା ୮ ୱିକେଟରେ ବିଜୟୀ ହୋଇଛି। ଏହି ମ୍ୟାଚରେ ପାକିସ୍ତାନ ପକ୍ଷରୁ ଧାର୍ଯ୍ୟ ୬୮ ରନର ଛୋଟିଆ ଲକ୍ଷ୍ୟକୁ ଦକ୍ଷିଣ ଆଫ୍ରିକା ଚତୁର୍ଥ ଦିବସରେ ଗୁରୁବାର ଦ୍ୱିତୀୟ ଇନିଂସରେ ୨ ୱିକେଟ୍ ହରାଇ ହାସଲ କରିନେଇଥିଲା। ଅଧିନାୟକ ଆଇଡେନ ମାର୍କରମ ସର୍ବାଧିକ ୪୨ ରନ କରିଥିଲେ। ଏଥିସହ ଦକ୍ଷିଣ ଆଫ୍ରିକା ଦୀର୍ଘ ୧୮ ବର୍ଷର ବ୍ୟବଧାନ ପରେ ପାକିସ୍ତାନ ମାଟିରେ ଏକ ଟେଷ୍ଟ ମ୍ୟାଚ୍ ଜିତିଛି। ଶେଷଥର ଲାଗି ଦକ୍ଷିଣ ଆଫ୍ରିକା ୨୦୦୭ରେ କରାଚିରେ ୧୬୦ ରନରେ ପାକିସ୍ତାନକୁ ହରାଇଥିଲା। ଏହାପରେ ଦକ୍ଷିଣ ଆଫ୍ରିକା ୨୦୨୧ରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜ ଖେଳିବାକୁ ପାକିସ୍ତାନ ଗସ୍ତରେ ଯାଇଥିଲା। ଏହି ସିରିଜକୁ କିନ୍ତୁ ପାକିସ୍ତାନ ୨-୦ରେ କ୍ଲିନସୁଇପ କରିଥିଲା। ରାୱଲପିଣ୍ଡିରେ ବିଜୟ ସହ ଦକ୍ଷିଣ ଆଫ୍ରିକା ଦୁଇ ମ୍ୟାଚ୍‌ବିଶିଷ୍ଟ ଟେଷ୍ଟ ସିରିଜକୁ ୧-୧ରେ ଡ୍ର ରଖିଛି। ପୂର୍ବରୁ ପ୍ରଥମ ଟେଷ୍ଟକୁ ପାକିସ୍ତାନ ୯୩ ରନରେ ବିଜୟୀ ହୋଇଥିଲା।

## ୧୭ ବର୍ଷ ପରେ ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଆଜିଠୁ

**ରାଞ୍ଚି, ୨୩।୧୦ (ଏଜେନ୍ସି):** ଦୀର୍ଘ ୧୭ ବର୍ଷର ବ୍ୟବଧାନ ପରେ ପୁଣିଥରେ ଆୟୋଜିତ ହେବାକୁ ଯାଉଛି ସାଉଥ୍ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍। ଏହି ସମ୍ମାନଜନକ ପ୍ରତିଯୋଗିତାର ୪ର୍ଥ ସଂସ୍କରଣ ଶୁକ୍ରବାରଠାରୁ ରାଞ୍ଚିର ବିର୍ସା ମୁଣ୍ଡା ଆଥ୍‌ଲେଟିକ୍ସ ଷ୍ଟାଡିୟମରେ ଆରମ୍ଭ ହେବ। ଚଳିତ ୪ର୍ଥ ସଂସ୍କରଣରେ ଦକ୍ଷିଣ ଏସିଆର ୬ଟି ଦେଶ (ଭାରତ, ବାଂଲାଦେଶ, ଶ୍ରୀଲଙ୍କା, ନେପାଳ, ଭୁଟାନ ଓ ମାଳଦୀପ)ର ପାଖାପାଖି ୩୦୦ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଯେଉଁଥିରେ ଆୟୋଜକ ଭାରତର ୮୦ଜଣ ପୁରୁଷ ଓ ମହିଳା ଆଥ୍‌ଲେଟ୍ ରହିଛନ୍ତି। ସେହିଭଳି ଓଡ଼ିଶାର ଧାବକ ପ୍ରତୀକ ମହାରଣା ଓ ସରୁନ ପାୟାସିଂ ମଧ୍ୟ ଏଥିରେ ସେମାନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଲକ୍ଷ୍ୟରେ ରହିଛନ୍ତି। ପ୍ରତୀକ ପୁରୁଷ ୨୦୦ ମିଟର ଓ ୪ ଗୁଣା ୧୦୦ ମିଟର ରିଲେ ରେସରେ ଭାଗନେବେ। ସେହିଭଳି ସରୁନ ଲଙ୍ଗଜମ୍ପ ଇଭେଣ୍ଟରେ ଅଂଶଗ୍ରହଣ କରିବେ।

**ପ୍ରତୀକ, ସରୁନଙ୍କ ଉପରେ ନଜର**

ଆଇସିସି ମହିଳା ଦିନିକିଆ ବିଶ୍ୱକପ: ମନ୍ଧାନା-ପ୍ରତୀକାଙ୍କ ରେକର୍ଡ ଶତକ

# ନ୍ୟୁଜିଲାଣ୍ଡକୁ ହରାଇ ସେମିରେ ଭାରତ

**ନଭି ମୁମ୍ବଇ, ୨୩।୧୦ (ଏଜେନ୍ସି):**

ଆୟୋଜକ ଭାରତ ଅନ୍ତିମ ତଥା ୪ର୍ଥ ଦଳ ଭାବେ ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ର ସେମିଫାଇନାଲରେ ପ୍ରବେଶ କରିଛି। ଗୁରୁବାର ଏଠାରେ ଅନୁଷ୍ଠିତ ଏକ ହାଇସ୍କୋରିଂ ବର୍ଷା ବାଧାପ୍ରାପ୍ତ ମ୍ୟାଚରେ ଭାରତୀୟମହିଳାଦଳ ଡିଏଲ୍‌ପଦ୍ଧତିରେ ୫୩ ରନରେ ନ୍ୟୁଜିଲାଣ୍ଡକୁ ପରାସ୍ତ କରିଥିଲା। ଦୁଇ ଓପନର୍ ସ୍ମୃତି ମନ୍ଧାନା ଓ ପ୍ରତୀକା ରାୱଲ ଦମ୍‌ଦାର ଶତକୀୟ ପାଳି ଖେଳି ଭାରତକୁ ସେମିଫାଇନାଲରେ ପ୍ରବେଶ କରାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏଥିସହ ହରମନ୍‌ପ୍ରୀତ୍ କୌରଙ୍କ ନେତୃତ୍ୱାଧୀନ ଭାରତ ୬ଷ୍ଠ ମ୍ୟାଚରୁ ୩ୟ ବିଜୟ ହାସଲ କରି ୬ ପଏଣ୍ଟ ସହ ସେମିଫାଇନାଲ ଟିକଟ୍ ହାସଲ କରିଛି। ଅପରପକ୍ଷରେ ନ୍ୟୁଜିଲାଣ୍ଡ ସମାନ ସଂଖ୍ୟକ ମ୍ୟାଚରୁ ୩ୟ ପରାଜୟ ସହ ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିଛି। ପୂର୍ବରୁ ଅଷ୍ଟ୍ରେଲିଆ (୧୧ ପଏଣ୍ଟ), ଦକ୍ଷିଣ ଆଫ୍ରିକା (୧୦ ପଏଣ୍ଟ) ଓ ଇଂଲଣ୍ଡ (୯) ଯଥାକ୍ରମେ ପଏଣ୍ଟ ଟେବଲର ପ୍ରଥମ ୩ଟି ସ୍ଥାନରେ ରହି ସେମିଫାଇନାଲରେ ପହଞ୍ଚି ସାରିଛନ୍ତି। ଭାରତ ଏହାର ଶେଷ ଲିଗ୍ ମ୍ୟାଚରେ ୨୮ରେ ବାଂଲାଦେଶକୁ ଭେଟିବ।

ବର୍ଷା ବାଧାପ୍ରାପ୍ତ ୪୯ ଓଭରବିଶିଷ୍ଟ ଏହି ମ୍ୟାଚରେ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଭାରତ ଦୁଇ ଓପନର୍ ମନ୍ଧାନା ଓ ପ୍ରତୀକାଙ୍କ ଶତକ ବଳରେ ୩ ୱିକେଟ୍ ହରାଇ ୩୪୦ ରନର ବିଶାଳ ସ୍କୋର କରିଥିଲା। ପ୍ରତୀକା ୧୩୪ ବଲରେ ୧୨୨ (୧୩ ଚୌକା ଓ ୨ ଛକା) ଓ ମନ୍ଧାନା ୯୫ ବଲରେ ୧୦୯ (୧୦ ଚୌକା ଓ ୪ ଛକା) ରନ କରିଥିଲେ। ଓପନିଂ ୱିକେଟ୍‌ରେ ଏହି ଯୋଡ଼ି ୨୦୦ ବଲରୁ ୨୧୨ ରନ ସଂଗ୍ରହ କରି ଦୃଢ଼ ମୂଳଦୁଆ ପକାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜେମିମା ରୋଡ୍ରିଗ୍ସେଜ ଅପରାଜିତ ୭୬ ରନ କରିଥିଲେ। ବର୍ଷା ଯୋଗୁ ମ୍ୟାଚ୍ ବାଧାପ୍ରାପ୍ତ ହୋଇଥିବାରୁ ଡିଏଲ୍ ପଦ୍ଧତିରେ ନ୍ୟୁଜିଲାଣ୍ଡ ସାମ୍ନାରେ ୪୪ ଓଭରରେ ୩୨୫ ରନର ପୁନଃଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ଏହାକୁ ପିଛା କରିଥିବା ନ୍ୟୁଜିଲାଣ୍ଡ ପାଇଁ ମଧ୍ୟକ୍ରମରେ ବ୍ରୁକ୍ ହଲିଡେ (୮୧ ରନ), ଇଜାବେଲ୍ ଗାଜେ (ଅପରାଜିତ ୬୫), ଆମେଲିଆ କେର୍ (୪୫) ଉପଯୋଗୀ ପାଳି ଖେଳିଥିଲେ ମଧ୍ୟ ଦଳ ୮ ୱିକେଟ୍‌ରେ ୨୭୧ ରନ କରି ପାରିଥିଲା। ବିଜୟୀ ଭାରତ ପକ୍ଷରୁ ରେଣୁକା ସିଂହ ଠାକୁର ଓ କ୍ରାନ୍ତି ଗୌଡ଼ଙ୍କୁ ୨ଟି ଲେଖାଏ ୱିକେଟ୍ ମିଳିଥିଲା। ୧୩ତମ ଦିନିକିଆ ଶତକ ହାସଲ କରିଥିବା ମନ୍ଧାନା ମ୍ୟାଚର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ।



ମନ୍ଧାନା ୧୦୯



ପ୍ରତୀକା ୧୨୨

**ମ୍ୟାଚ୍ ରେକର୍ଡ**

**୧୫୫୭ ରନ:** ଚଳିତ ବର୍ଷ ମନ୍ଧାନା ଓ ପ୍ରତୀକା ଯୋଡ଼ି ଦିନିକିଆରେ ମୋଟ୍ ୧୫୫୭ ରନ ପାର୍ଟନରସିପ୍ କରିଛନ୍ତି। ପୁରୁଷ ଓ ମହିଳା ଦିନିକିଆ କ୍ରିକେଟରେ ଗୋଟିଏ କ୍ୟାଲେଣ୍ଡରରେ ପାର୍ଟନରସିପରୁ ସର୍ବାଧିକ ରନ ସଂଗ୍ରହ ସଚିନ ଓ ଗାଙ୍ଗୁଲି (୧୬୩୫ ରନ, ୧୯୯୮ ମସିହା) ଯୋଡ଼ିଙ୍କ ନାମରେ ରହିଛି।

**୨୧୨ ରନ:** ମନ୍ଧାନା ଓ ପ୍ରତୀକା ଓପନିଂ ୱିକେଟ୍‌ରେ ୨୧୨ ରନ ସଂଗ୍ରହ କରିଥିଲେ। ଯାହାକି ମହିଳା ଦିନିକିଆ ବିଶ୍ୱକପରେ ଭାରତର ଯେକୌଣସି ୱିକେଟ୍‌ରେ ରେକର୍ଡ ପାର୍ଟନରସିପ୍। ପୂର୍ବରୁ ୨୦୨୨ ବିଶ୍ୱକପରେ ମନ୍ଧାନା ଓ ହରମନପ୍ରୀତ୍ ଯୋଡ଼ି ୱେଷ୍ଟଇଣ୍ଡିଜ ବିପକ୍ଷରେ ୧୮୪ ରନ ସଂଗ୍ରହ କରିଥିଲେ।

**୭ମ:** ମନ୍ଧାନା ଓ ପ୍ରତୀକା ୨୩ଟି ଇନିଂସରେ ଏକାଠି ଓପନିଂ କରି ୭ମଥର ଲାଗି ଶତକୀୟ ଭାଗୀଦାରି କରିଛନ୍ତି। ଯାହାକି ମହିଳା ଦିନିକିଆରେ ଓପନିଂ ଯୋଡ଼ିରେ ଦ୍ୱିତୀୟ ଯୁଗ୍ମ ସର୍ବାଧିକ ଶତକୀୟ ଭାଗୀଦାରି। ୧୦ଟି ଶତକୀୟ ଭାଗୀଦାରି ସହ ବେଲିଣ୍ଡା କ୍ଲାର୍କ-ଲିସା କେଟଲୀ ଯୋଡ଼ି ଏହି ତାଲିକାର ଶୀର୍ଷରେ ରହିଛି।

**୩ୟ:** ମହିଳା ଦିନିକିଆ ବିଶ୍ୱକପ ଇତିହାସରେ କୌଣସି ଦଳର ଉଭୟ ଓପନର୍ ଗୋଟିଏ ମ୍ୟାଚରେ ଶତକ ହାସଲ କରିବାରେ ଏହା ୩ୟ ଘଟଣା। ୧୯୭୩ରେ ଇଂଲଣ୍ଡ ଓପନର୍ ଲିନୀ ଥୋମାସ ଓ ଏନିଡ୍ ବାକୱେଲ ଓ ୧୯୮୮ ବିଶ୍ୱକପ୍‌ରେ ଅଷ୍ଟ୍ରେଲିଆର ଲିଣ୍ଡସେ ରିଲର୍ ଓ ରଥ୍ ବକଷ୍ଟେଇନ ଏହି ସଫଳତା ପାଇଥିଲେ।

**୧୦୦୦ ରନ:** ୨୩ଟି ଇନିଂସରେ ପ୍ରତୀକା ଦିନିକିଆରେ ୧୦୦୦ ରନ ପୂରଣ କରିଛନ୍ତି। ଏଥିସହ ଏକ ହଜାର ରନ ପୂରଣ କରିବାରେ ଅଷ୍ଟ୍ରେଲିଆର ଲିଣ୍ଡସେ ରିଲର୍‌ଙ୍କ ସହ ଯୁଗ୍ମ ଭାବେ ସେ ବିଶ୍ୱର ଦ୍ରୁତତମ ମହିଳା କ୍ରିକେଟର୍ ହୋଇଛନ୍ତି। ଲିଣ୍ଡସେ ମଧ୍ୟ ୨୩ଟି ଇନିଂସରେ ଏହି ମାଇଲଖୁଣ୍ଟ ଛୁଇଁଥିଲେ।

**୧୪ତମ:** ଦିନିକିଆରେ ମନ୍ଧାନାଙ୍କ ଏହା ୧୪ତମ ଶତକ ଥିଲା। ମହିଳା ଦିନିକିଆ କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ସେ ମେଗ୍ ଲାନ୍ନିଂ (୧୫ଟି) ପଛକୁ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

**୧୭ତମ:** ଅନ୍ତର୍ଜାତୀୟ ମହିଳା କ୍ରିକେଟ୍‌ରେ ମନ୍ଧାନାଙ୍କ ଏହା ୧୭ତମ ଶତକୀୟ ପାଳି ଥିଲା। ମହିଳା କ୍ରିକେଟ୍‌ରେ ସର୍ବାଧିକ ଶତକ ହାସଲ କରିବାରେ ମନ୍ଧାନା ଏବେ ଲାନ୍ନିଂ (୧୭ଟି) ସହ ସମକକ୍ଷ ହୋଇଛନ୍ତି। ସୁଜି ବେଟ୍ସ ଓ ବିଉମଣ୍ଟ ୧୪ଟି ଶତକ ସହ ତାଲିକାର ଦ୍ୱିତୀୟ ସ୍ଥାନରେ ରହିଛନ୍ତି।

## ଜାତୀୟ ସବ୍‌ଜୁନିୟର ବାଳକ ଫୁଟବଲ୍‌ରେ ଭାଗନେବ ଓଡ଼ିଶା

**କଟକ, ୨୩।୧୦ (ସମିସ):** ଚଳିତମାସ ୨୭ ତାରିଖରୁ ସବଜୁନିୟର ବାଳକ ଜାତୀୟ ଫୁଟବଲ ଚାମ୍ପିଅନସିପ୍ ଆରମ୍ଭ ହେବ। ଗ୍ରୁପ-ଏରେ ସ୍ଥାନ ପାଇଥିବା ଓଡ଼ିଶା ଦଳ ପଞ୍ଜାବର ଅମ୍ରିତସରରେ ସମସ୍ତ ଲିଗ୍ ମ୍ୟାଚ୍ ଖେଳିବ। ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଘୋଷିତ ୨୦ ଜଣିଆ ରାଜ୍ୟ ଦଳ ଆଜି ପଞ୍ଜାବ ଯାତ୍ରା କରିଛି। ଗୋଲକିପର ଭାବେ ଅନୁଗ୍ରହ ଚକ୍ରବର୍ତ୍ତୀ ଓ ଗୁମନ ଭୂମିଜ ଦଳରେ ରହିଛନ୍ତି। ଡିଫେଣ୍ଡର ଓମପ୍ରକାଶ ସାହୁ, ଶୁଭମ ଦେହୁରୀ, ସାଇ ରୁଦ୍ର ନାରାୟଣ ସ୍ୱାଇଁ, ନବୀନ ଏକ୍କା, ଆଦିତ୍ୟ ବରାଳ, ନକୁଳ ଭୂମିଜ, ହାର୍ଦ୍ଦିକ ବରାଳ, ମିଡଫିଲ୍ଡର ସଂଗ୍ରାମ ବେହେରା, ଅମନଜିତ ମାରାଣ୍ଡି, ତ୍ରୟମ୍ବକମ ବେହେରା, ଅଜିତ ମାଝୀ, ସତ୍ୟଜିତ ସିଂହ, ଅଙ୍ଗଦ କଲସେର, ଫରୱାର୍ଡ ସେଖ ତମିମ, ଆୟନ ଖାନ, ଆଶୁତୋଷ ରାଉତ, ତ୍ରିବନ ପୂର୍ତ୍ତି, ଆର୍ଯ୍ୟନ ଓରାମ ଦଳରେ ସ୍ଥାନ ପାଇଛନ୍ତି। ମୁଖ୍ୟ କୋଚ୍ ହୃଷିକେଶ ବେହେରା, ସହକାରୀ କୋଚ୍ ସାଇ ପ୍ରସାଦ, ମ୍ୟାନେଜର ସେହନୱାଜ ଆଲାମ ଓ ଫିଜିଓ ସେହବାଜ ଅହମ୍ମଦ ଦଳ ସହ ଯାତ୍ରା କରିଛନ୍ତି। ଓଡ଼ିଶା ପ୍ରଥମ ମୁକାବିଲାରେ ମିଜୋରାମକୁ ଭେଟିବ।

## ବହୁତୁଲେ ପଞ୍ଜାବ କିଙ୍ଗ୍‌ସ ବୋଲିଂ କୋଚ୍

**ନୂଆଦିଲ୍ଲୀ,୨୩।୧୦(ଏଜେନ୍ସି):** ଭାରତୀୟ କ୍ରିକେଟ ଦଳର ପୂର୍ବତନ ସ୍ପିନର ସାଇରାଜ ବହୁତୁଲେ ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଆସନ୍ତା ସିଜନ ଲାଗି ପଞ୍ଜାବ କିଙ୍ଗ୍‌ର ବୋଲିଂ କୋଚ୍ ନିଯୁକ୍ତ ହୋଇଛନ୍ତି। ଏହା ପୂର୍ବରୁ ସେ ରାଜସ୍ଥାନ ରୟାଲ୍ସର ବୋଲିଂ କୋଚ୍ ରହିଥିଲେ। ଏବେ ସୁନିଲ ଯୋଶିଙ୍କ ସ୍ଥାନରେ ବହୁତୁଲେ ଦାୟିତ୍ୱରେ ରହିବେ। ଯୋଶି ୨୦୨୩ରୁ ୨୫ ଯାଏ ପଞ୍ଜାବ କିଙ୍ଗ୍‌ସର ବୋଲିଂ କୋଚ୍ ରହିଥିଲେ। ରିକି ପଣ୍ଟିଂ ଏବେ ପଞ୍ଜାବର ହେଡ୍ କୋଚ୍ ରହିଥିଲାବେଳେ ବ୍ରାଡ ହାଡିନ୍ ଓ ଜେମ୍ସ ହୋପ୍ସ ସହକାରୀ କୋଚ୍ ଦାୟିତ୍ୱ ତୁଲାଉଛନ୍ତି।



୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି

## ରାଜ୍ୟ ଦଳର ଛତିଶଗଡ଼ ଯାତ୍ରା

**କଟକ,୨୩।୧୦(ସମିସ):** ୧୯ ବର୍ଷରୁ କମ୍ ମହିଳା ଟି-୨୦ ଟ୍ରଫି ଆସନ୍ତା ୨୬ ତାରିଖରୁ ଆରମ୍ଭ ହେବ। ରାୟପୁରର ଆରଡିସିଏ ଗ୍ରାଉଣ୍ଡରେ ସୌରାଷ୍ଟ୍ର ବିପକ୍ଷରେ ଓଡ଼ିଶା ପ୍ରଥମ ମ୍ୟାଚ୍ ଖେଳିବ। ଏହି ପରିପ୍ରେକ୍ଷୀରେ ଓସିଏ ଦ୍ୱାରା ଘୋଷିତ ୧୬ଜଣିଆ ରାଜ୍ୟ ଦଳ ଗୁରୁବାର ଛତିଶଗଡ଼ ଅଭିମୁଖେ ଯାତ୍ରା କରିଛି। ପ୍ରିୟଙ୍କାରୀ ମୁଦୁଲିଙ୍କୁ ଦଳର ନେତୃତ୍ୱ ମିଳିଛି। ଅନନ୍ୟା ପ୍ରିୟଦର୍ଶିନୀ ରାଉତ, ଆଞ୍ଜେଲ ରାଜ(ୱିକେଟ କିପର), ଅନୁଷ୍କା ମହାନ୍ତି(ୱିକେଟ କିପର), ଅନ୍ୱେଷା ବିଶ୍ୱାଳ, ଅର୍ଚ୍ଚନା ରାଉତ, ବିଜୟଲକ୍ଷ୍ମୀ ବେହେରା, ଇପସିତା ପରିଡା, ଯଶମୁନି ମୁର୍ମୁ, ମେଘା ପ୍ରଧାନ, ଶୁଭଶ୍ରୀ ପ୍ରିୟଦର୍ଶିନୀ ପରମାଣିକ, ଶୀତଲ ରାଉତ, ଶ୍ରେୟା ପ୍ରିୟଦର୍ଶିନୀ, ଶୁଭଲକ୍ଷ୍ମୀ ସିଂହ, ସ୍ୱାତିକା ବେହେରା, ଯୁବଲିପି ପରିଡା ଦଳରେ ସ୍ଥାନ ପାଇଛନ୍ତି। କୋଚ୍ କାଦମ୍ବିନୀ ମହାକୁଡ, ମ୍ୟାନେଜର ତିଳୋତ୍ତମା ସାହୁ, ଫିଜିଓ ସ୍ୱାତୀ ସୁମନ ବେହେରା ଓ ଷ୍ଟ୍ରେନ୍ଥ ଆଣ୍ଡ କଣ୍ଡିସନିଂ କୋଚ୍ ସସ୍ମିତା ବେହେରା ଦଳ ସହ ଯାତ୍ରା କରିଛନ୍ତି।



**ଭାରତ ୧୭ ବର୍ଷ ପରେ ଆଡିଲେଡ୍‌ରେ ହାରିଲା**

# ଅଷ୍ଟ୍ରେଲିଆର ଆଗୁଆ ସିରିଜ୍ କବ୍‌ଜା

**ଆଡିଲେଡ ଓଭାଲ,୨୩।୧୦(ଏଜେନ୍ସି):**

ଏଠାରେ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ଦିନିକିଆ ମ୍ୟାଚ୍‌ରେ ଅଲରାଉଣ୍ଡ ଖେଳ ପ୍ରଦର୍ଶନ କରି ଅଷ୍ଟ୍ରେଲିଆ ୨ ୱିକେଟରେ ଭାରତକୁ ପରାସ୍ତ କରିଛି। ଏହା ଫଳରେ ଦୀର୍ଘ ୧୭ ବର୍ଷ ପରେ ସମସ୍ତ ପ୍ରକାର କ୍ରିକେଟ ଫର୍ମାଟରେ ଭାରତ ଏଠାରେ ପ୍ରଥମଥର ପରାଜିତ ହୋଇଛି। ଏହି ବିଜୟ ପରେ ଦୁଇ ଦେଶ ମଧ୍ୟରେ ଚାଲିଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜରେ ଘରୋଇ ଦଳ ୨-୦ରେ ଅପରାଜେୟ ଅଗ୍ରଣୀ ରହିବା ସହ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ କବ୍‌ଜା କରିଛି। ପର୍ଥରେ ଖେଳାଯାଇଥିବା ପ୍ରଥମ ଦିନିକିଆକୁ ଅଷ୍ଟ୍ରେଲିଆ ୭ ୱିକେଟରେ ଜିତିଥିଲା। ସେହିପରି ସିରିଜ୍‌ର ତୃତୀୟ ତଥା ଶେଷ ଦିନିକିଆ ମ୍ୟାଚ୍ ସିଡ୍‌ନୀରେ ଗୋଟିଏ ଦିନ ପରେ ଅର୍ଥାତ୍ ଶନିବାର ଖେଳାଯିବ। ଏହି ମ୍ୟାଚ୍‌ରେ ୧୦ ଓଭର ବୋଲିଂ କରି ୬୦ ରନ୍ ବିନିମୟରେ ଭାରତର ମିଡିଲ ଅର୍ଡର ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିବା ଅଷ୍ଟ୍ରେଲିଆ ଲେଗ୍ ସ୍ପିନର ଆଦାମ ଜାମ୍ପାଙ୍କୁ ଦ୍ୱିତୀୟ ଦିନିକିଆର ଶ୍ରେଷ୍ଠ ଖେଳାଳି ବିବେଚିତ କରାଯାଇଛି। ୨୦୦୮ ରୁ ଏଠାରେ ଭାରତ ୬ଟି ଦିନିକିଆ ମ୍ୟାଚ୍ ଖେଳିବା ପରେ ପ୍ରଥମଥର ପରାଜିତ ହୋଇଛି।

ଅଷ୍ଟ୍ରେଲିଆ ଅଧିନାୟକ ମିଚେଲ ମାର୍ଶ କ୍ରମାଗତ ଦ୍ୱିତୀୟ ଟସ୍ ଜିତିବା ପରେ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲେ। କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ମଧ୍ୟ ଅଷ୍ଟ୍ରେଲୀୟ ଫାଷ୍ଟ ବୋଲରଙ୍କ ଆଗରେ ଭାରତୀୟ ବ୍ୟାଟର ରନ୍ ସଂଗ୍ରହ କରିବାକୁ ସଂଘର୍ଷ କରିଥିଲେ। ଫଳରେ ପାୱାରପ୍ଲେ ବା ପ୍ରଥମ ୧୦ ଓଭରରେ ଦଳ ୨୯ ରନ୍ କରି ଦୁଇ ତାରକା ଖେଳାଳି ଯଥା ଅଧିନାୟକ ଶୁବମନ ଗିଲ୍ (୮) ଓ ବିରାଟ କୋହଲି (୦)ଙ୍କ ୱିକେଟ ହରାଇଥିଲା। କୋହଲି କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଖାତା ଖୋଲିବାକୁ ଅସମର୍ଥ ହୋଇଥିଲେ। ୧୭ ରନ୍‌ରେ ଦଳ ୨ ୱିକେଟ ହରାଇବା ପରେ ସଂଘର୍ଷ କରୁଥିବା ରୋହିତ ଶର୍ମା ଓ ଶ୍ରେୟସ ଆୟର ଦମ୍‌ର ସହ ବ୍ୟାଟିଂ କରି ତୃତୀୟ ୱିକେଟରୁ ୧୧୮ ରନ୍ ଉଠାଇଥିଲେ। ରୋହିତ ୯୭ ବଲ୍‌ରୁ ୭ ଚୌକା ଓ ୨ ଛକା ସହ ୭୪ ଏବଂ କିଛି ସମୟ ପରେ ଆୟର ୭୭ ବଲ୍‌ରୁ ୭ ଚୌକା ସହ ୬୧ ରନ୍‌ରେ ଆଉଟ ହୋଇଥିଲେ। ଏମାନଙ୍କ ବ୍ୟତୀତ ଅକ୍ଷର ପଟେଲ ୪୧ ବଲ୍‌ରେ ୪୪, ଶେଷ ଭାଗରେ ହର୍ଷିତ ରାଣା ୧୮ ବଲ୍‌ରେ ୨୪ ଓ ଅର୍ଶଦୀପ ସିଂହ ୧୪ ବଲ୍‌ରେ ୧୩ ରନ୍ କରିବା ଫଳରେ ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୯ ୱିକେଟ ହରାଇ ୨୬୪ ରନ୍ କରିଥିଲା। ଅଷ୍ଟ୍ରେଲିଆ ପକ୍ଷରୁ ଲେଗ୍ ସ୍ପିନର ଜାମ୍ପାଙ୍କ ୪ ୱିକେଟ୍‌କୁ ବାଦ୍ ଦେଲେ ଜାଭିୟର ବାର୍ଟଲେଟ ୩୯ ରନ୍‌ରେ ୩ଟି ଓ ମିଚେଲ ଷ୍ଟାର୍କ ୬୨ ରନ୍‌ରେ ୨ଟି ୱିକେଟ ପାଇଥିଲେ। ଫାଷ୍ଟ ବୋଲର ଜୋଶ ହାଜ୍‌ଲେଉଡ୍ ୱିକେଟ ପାଇ ନ ଥିଲେ ମଧ୍ୟ ଅତ୍ୟନ୍ତ କଞ୍ଜୁସ ବୋଲିଂ କରି ୧୦ ଓଭରରେ ୨ଟି ମେଡେନ ସହ ମାତ୍ର ୨୯ ରନ୍ ବ୍ୟୟ କରିଥିଲେ।

ଜବାବରେ ୨୬୫ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ଆରମ୍ଭରୁ ଶେଷଯାଏ ଖେଳକୁ ନିୟନ୍ତ୍ରଣରେ ରଖି ୪୬.୨ ଓଭରରେ ୮ ୱିକେଟ ହରାଇ ମ୍ୟାଚ୍ ଜିତିନେଇଥିଲା। ନଂ-୩ ମାଥ୍ୟୁ ସର୍ଟ ସର୍ବାଧିକ ୭୪, କୁପର କନୋଲି ଅପରାଜିତ ୬୧, ମିଚେଲ ଓଏନ ୨୩ ବଲ୍‌ରେ ୩୬, ମ୍ୟାଟ ରେନ୍‌ସା ୩୦ ରନ୍ କରିଥିଲେ। ଭାରତ ପକ୍ଷରୁ ଅର୍ଶଦୀପ ସିଂହ, ହର୍ଷିତ ରାଣା ଓ ୱାଶିଂଟନ ସୁନ୍ଦର ୨ଟି ଲେଖାଏଁ ୱିକେଟ ପାଇଥିଲେ। କିନ୍ତୁ ଅଷ୍ଟ୍ରେଲିଆ ଇନିଂସରେ କେହି ପ୍ରଭାବଶାଳୀ ସାବ୍ୟସ୍ତ ହୋଇପାରି ନ ଥିଲେ। ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ ୧୦ ବଲ୍‌ରେ ୮ ରନ୍ ଓ ବୋଲିଂରେ ୩ ଓଭରରେ ୨୪ ରନ୍ ବ୍ୟୟ କରିଥିଲେ। ଭାରତୀୟ ସ୍ପିନର ପ୍ରଭାବଶାଳୀ ହେଉ ନ ଥିଲାବେଳେ କୁଲଦୀପ ଯାଦବଙ୍କୁ ବାହାରେ ବସାଇବାକୁ ନେଇ ସମାଲୋଚନା ତୀବ୍ର ହୋଇଛି। ଏଭଳି ସ୍ଥଳେ ତୃତୀୟ ଦିନିକିଆରେ ଭାରତୀୟ ଦଳରେ କିଛି ପରିବର୍ତ୍ତନ ହେବାର ସମ୍ଭାବନା ସୃଷ୍ଟି ହୋଇଛି। ସେହିପରି ଅଷ୍ଟ୍ରେଲିଆର ଟପ୍ ସ୍କୋରର ମାଥ୍ୟୁ ସର୍ଟଙ୍କୁ ଦୁଇଥର ଡ୍ରପ୍ କରିବା ମଧ୍ୟ ଦଳ ଲାଗି ମହଙ୍ଗା ସାବ୍ୟସ୍ତ ହୋଇଛି।



## ଭାରତୀୟ ରଗ୍‌ବୀ ଦଳରେ ୪ ଓଡ଼ିଆ

**ଭୁବନେଶ୍ୱର, ୨୩।୧୦ (ସମିସ):** ଓମାନର ରାଜଧାନୀ ମସ୍କଟରେ ଚଳିତ ମାସ ୨୫ରୁ ଏସିଆ ରଗ୍‌ବୀ ଏମିରେଟ୍ସ ସେଭେନ୍ସ ଟ୍ରଫି ପ୍ରତିଯୋଗିତା ଖେଳାଯିବ। ଏଥିଲାଗି ଭାରତୀୟ ରଗ୍‌ବୀ ଫୁଟ୍‌ବଲ ୟୁନିୟନ (ଆଇଆର୍‌ଏଫ୍ୟୁ) ପକ୍ଷରୁ ୧୩ ଜଣିଆ ଭାରତୀୟ ସିନିଅର ପୁରୁଷ ରଗ୍‌ବୀ ଦଳ ଘୋଷଣା କରାଯାଇଛି। ଯେଉଁଥିରେ ଓଡ଼ିଶାର ୪ଜଣ ଖେଳାଳି ସ୍ଥାନ ପାଇଛନ୍ତି। ସେମାନେ ହେଲେ ଯୁଗଳ ମାଝି, ଗଣେଶ ମାଝି, ଆଶିଷ ଶବର ଓ ଶନୱାଜ ଅହମଦ। ଏମାନଙ୍କ ମଧ୍ୟରୁ ଯୁଗଳ, ଗଣେଶ ଓ ଆଶିଷ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ (କିସ୍)ର ଛାତ୍ର। ନିକଟରେ କୋଲକାତାରେ ଭାରତୀୟ ରଗ୍‌ବୀ ଦଳର ଚୟନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାବୀ ପ୍ରଦର୍ଶନ କରି ଏହି ୪ ଓଡ଼ିଆ ଖେଳାଳି ଜାତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି। ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତଙ୍କ ସମେତ ରାଜ୍ୟ ରଗ୍‌ବୀ ଫୁଟ୍‌ବଲ ସଂଘ ପକ୍ଷରୁ ସମସ୍ତ ଖେଳାଳିଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଯାଇଛି।

ଓସିଏ ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍

## ମୃତ୍ୟୁଞ୍ଜୟ ଭୁବନେଶ୍ୱର-ବି'ର ଅଧିନାୟକ

**ଭୁବନେଶ୍ୱର, ୨୩।୧୦ (ସମିସ):** ଓଡ଼ିଶା କ୍ରିକେଟ୍ ଆସୋସିଏସନ (ଓସିଏ) ଆନୁକୂଲ୍ୟରେ ଚାଲିଥିବା ୧୬ ବର୍ଷରୁ କମ୍ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଶୁକ୍ରବାରଠାରୁ ଆରମ୍ଭ ହେବ। ଦ୍ୱିତୀୟ ପର୍ଯ୍ୟାୟରେ ୧୯ଟି ଦଳକୁ ୩ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏଥିରେ ଭୁବନେଶ୍ୱର-ବି ଦଳ ଗ୍ରୁପ୍-ଇ'ରେ ସ୍ଥାନ ପାଇଛି। ସ୍ପିନ ବୋଲିଂ ଅଲ୍‌ରାଉଣ୍ଡର ମୃତ୍ୟୁଞ୍ଜୟ ରାୟଙ୍କୁ ଭୁବନେଶ୍ୱର-ବି' ଦଳର ଅଧିନାୟକ ନିଯୁକ୍ତ କରାଯାଇଛି। ଶୁକ୍ରବାର ବିଡ଼ାନାସୀ ଗ୍ରାଉଣ୍ଡରେ ଗଜପତି ସହ ଖେଳି ଭୁବନେଶ୍ୱର-ବି ଅଭିଯାନ ଆରମ୍ଭ କରିବ। ନିକଟରେ ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି।



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS